

ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-76 ◆TUESDAY ◆9 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୬ ◆ମଙ୍ଗଳବାର ◆୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନେପାଳ ଅଶାନ୍ତ

# ସେନା ଗୁଳିରେ ୨୦ ମୃତ

## ଓଲି ସରକାର ବିରୋଧୀ ଆନ୍ଦୋଳନ ଉଗ୍ର; ସଂସଦରେ ପଶିଲେ ବିକ୍ଷୋଭକାରୀ

■ **କାଠମାଣ୍ଡୁ, ୮।୯(ଏଜେନ୍ସି):** ନେପାଳରେ ଭୟଙ୍କର ଅଶାନ୍ତି ଦେଖାଦେଇଛି। ଓଲି ସରକାରଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସହିତ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଯୁବ ଆନ୍ଦୋଳନକାରୀ ଆଜି ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂସଦ ଆଡ଼କୁ ମାର୍ଚ୍ଚ କରିଛନ୍ତି। ସେମାନଙ୍କୁ ଅଟକାଇବା ଲାଗି ସରକାର ଜାରି କରିଥିବା ନିଷେଧାଜ୍ଞାକୁ ଖାତିର ନକରି ସେମାନେ ସଂସଦ ଭବନ ଆଡ଼କୁ ମାଡ଼ିଯାଇଛନ୍ତି। ଅନେକ ଆନ୍ଦୋଳନକାରୀ ସଂସଦରେ ପଶିଥିବାର ଖବର ମଧ୍ୟ ମିଳିଛି। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯାଇଛି। କର୍ଫ୍ୟୁ କଟକଣା ଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦେଶରେ ଅଶାନ୍ତି ପାଇଁ ନୈତିକତା ଦୃଷ୍ଟିରୁ ଓଲି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଗୃହ ମନ୍ତ୍ରୀ ରମେଶ ଲେଖାକ୍।

**ଇସ୍ତଫା ଦେଲେ ଗୃହମନ୍ତ୍ରୀ**

**ବିହାରର ୭ ଜିଲ୍ଲା ସୀମା ସିଲ୍**

ମିଳିଥିବା ସୂଚନା ଅନୁଯାୟୀ ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ କେପି ଓଲିଙ୍କ ସରକାର ବିରୋଧରେ ଦେଶବ୍ୟାପୀ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଦୁର୍ନୀତି ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଥିବାରୁ ଏହାକୁ ହଟାଇବା ଲାଗି ବିରୋଧୀ ଦଳ ପକ୍ଷରୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି। ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ ସରକାର ବିରୋଧରେ ▶ପୃଷ୍ଠା-୭





# ଉପରାଷ୍ଟ୍ରପତି ନିର୍ବାଚନ ଆଜି

## ସିପି ରାଧାକୃଷ୍ଣନ ବନାମ୍ ବି ସୁଦର୍ଶନ ରେଡ୍ଡୀ



■ **ନୂଆଦିଲ୍ଲୀ, ୮।୯(ଏଜେନ୍ସି):** କିଏ ହେବେ ଭାରତର ନୂଆ ଉପରାଷ୍ଟ୍ରପତି? ଏନ୍‌ଡିଏର ସିପି ରାଧାକୃଷ୍ଣନ ନା ଇଣ୍ଡିଆ ବ୍ଲକ୍‌ର ବି ସୁଦର୍ଶନ ରେଡ୍ଡୀ? ଆସନ୍ତାକାଲି ହେବାକୁ ଯାଉଥିବା ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ହୋଇଯିବ। ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଭୋଟଗଣତି ହେବ ଏବଂ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷଣା ହୋଇଯିବ।

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜର ସଦସ୍ୟମାନେ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଏବେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୧ ଥିବାବେଳେ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୯୧ଟି ଭୋଟ୍ ଆବଶ୍ୟକ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୪୨୫ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ବିଜୟୀ ହେବାର ସମ୍ଭାବନା ଅଧିକ। ୱାଇଏସ୍‌ଆର୍‌ପିର ୧୧ ଜଣ ସାଂସଦ ମଧ୍ୟ ରାଧାକୃଷ୍ଣନଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସମର୍ଥକଙ୍କ ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସଭ୍ୟସଂଖ୍ୟା ୩୧୨ ରହିଥିବା ବେଳେ ଆପ୍‌ର ୧୨ ଜଣ ସାଂସଦ ସୁଦର୍ଶନ ରେଡ୍ଡୀଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ୩୨୪ ସଭ୍ୟଙ୍କ ସମର୍ଥନ ରହିଛି। ସୁତରାଂ, ସରକାରୀ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକତା ଠାରୁ ୪୫ଟି ଅଧିକ ଭୋଟ୍ ଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କ ପାଖରେ ୬୭ଟି ଭୋଟ୍ କମ୍ ରହିଛି। ଏହି ନିର୍ବାଚନରେ ବିଜେଡି ଏବଂ ବିଆରଏସ୍ ମତଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି। ସଂସଦରେ ବିଜେଡିର ୭ ଜଣ ଏବଂ ବିଆର୍‌ଏସ୍‌ର ୪ ଜଣ ସଦସ୍ୟ ଅଛନ୍ତି।

ଉଭୟ ସରକାରୀ ଓ ବିରୋଧୀ ଦଳ ନିର୍ବାଚନ ପୂର୍ବରୁ ମକଡ୍ରିଲ୍ କରିଛନ୍ତି। ଭୋଟ୍ ଯେମିତି ନାକଚ ନ ହୁଏ, ସେଥିଲାଗି ସାଂସଦମାନଙ୍କୁ ତାଲିମ୍ ଦେଇଛନ୍ତି। ୨୦୧୭ରେ ୧୧ଟି ଭୋଟ୍ ନାକଚ ହୋଇଥିବା ବେଳେ ୨୦୨୨ରେ ୧୫ ଏବଂ ୧୯୯୭ରେ ସର୍ବାଧିକ ୪୬ଟି ଭୋଟ୍ ନାକଚ ହୋଇଥିଲା। ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନ ପାଇଁ ଦଳମାନଙ୍କ ପକ୍ଷରୁ ହୁଇପ୍ ଜାରି କରାଯିବାର ବ୍ୟବସ୍ଥା ନାହିଁ। ତେଣୁ ମତଦାନ ବେଳେ କ୍ରସ୍‌ଭୋଟିଂ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ▶ପୃଷ୍ଠା-୭



| ମୋଟ୍ ସାଂସଦ ସଂଖ୍ୟା | ୭୮୧ |
|---|---|
| ଏନ୍‌ଡିଏ | ୪୨୫ |
| ଇଣ୍ଡିଆ ମେଣ୍ଟ | ୩୧୨ |
| ଅନ୍ୟ ଦଳ | ୪୪ |
| ମ୍ୟାଜିକ୍ ନମ୍ବର | ୩୯୧ |

**ଉପରାଷ୍ଟ୍ରପତି ନିର୍ବାଚନ** ନବୀନ ନେଲେ ବଡ଼ ନିଷ୍ପତ୍ତି

# ମତଦାନରୁ ବିରତ ରହିବ ବିଜେଡି

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ବିଜେଡି। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏପରି ବଡ଼ ନିଷ୍ପତ୍ତି ନେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜେଡି ସଂସଦୀୟ ଦଳ, ପିଏସି ସଦସ୍ୟ ତଥା ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ନବୀନ ଏହି ନିଷ୍ପତ୍ତି ନେଇଛନ୍ତି। ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୋମବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଏବଂ ସାଂସଦମାନଙ୍କ ସହ ବିଚାରବିମର୍ଶ କରିବା ପରେ ଦଳର ସଭାପତି ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ୭ ଜଣ ରାଜ୍ୟସଭା ସାଂସଦ ମତଦାନ କରିବେ ନାହିଁ। ଉଭୟ ଏନ୍‌ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟଠାରୁ ବିଜେଡି ସମଦୂରତ୍ୱ ରକ୍ଷା କରି ଆସିଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକସ୍ଥଳେ ବିଜେଡି ପ୍ରସଙ୍ଗଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି। ତେଣୁ ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ରାଜ୍ୟସ୍ୱାର୍ଥକୁ ଆଗରେ ରଖି ନବୀନ ଏପରି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ବିକାଶ ସହ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ସର୍ବଦା ଚେଷ୍ଟିତ ବୋଲି ।।ସେ କହିଛନ୍ତି। ଡ. ପାତ୍ର କହିଛନ୍ତି, ରାଜ୍ୟର ସ୍ୱାର୍ଥ ▶ପୃଷ୍ଠା-୭



**ଏନ୍‌ଡିଏ-ଇଣ୍ଡିଆ ମେଣ୍ଟ ଠାରୁ ସମଦୂରତ୍ୱ ନୀତି ବଜାୟ**

**ରାଜ୍ୟସ୍ୱାର୍ଥ ଆଗ; ଆବଶ୍ୟକ ହେଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ**

# ପରଲୋକରେ ବିଧାୟକ ରାଜେନ୍ଦ୍ର ଢୋଲକିଆ

■ **ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ତଥା ବିଜେଡି ନେତା ରାଜେନ୍ଦ୍ର ଢୋଲକିଆ ଆଉ ନାହାନ୍ତି। ୬୯ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସୋମବାର ପୂର୍ବାହ୍ନ ୧୦ଟାରେ ଚେନ୍ନାଇସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲା ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସମେତ ▶ପୃଷ୍ଠା-୭



**ଆଜି ଚେନ୍ନାଇରୁ ଆସିବ ମରଶରୀର**

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

**ଆସୁଛି ଆଉ ଏକ ଲଘୁଚାପ**

# ୧୧ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୩-୧୪ ତାରିଖ ବେଳକୁ କେନ୍ଦ୍ରୀୟ ତଥା ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ମାତ୍ରାଧିକ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୧୧ ତାରିଖରେ ମାଲକାନଗିରି ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ଆଶଙ୍କା ରହିଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ।



ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍ ସହିତ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ସ୍ଥିତି ସୃଷ୍ଟି ହେଉଛି। ଆଜି ପାରଳାଖେମୁଣ୍ଡିରେ ସର୍ବାଧିକ ୫୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧ମିମି ଓ ଚାନ୍ଦବାଲିରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଏହି ସ୍ଥିତି ଆଗକୁ ମଧ୍ୟ ଜାରି ▶ପୃଷ୍ଠା-୭

# ‘ଉତ୍କଳ’ ହଷ୍ଟେଲ୍‌ରୁ ବିଦାହେଲେ ଅଣଛାତ୍ର

■ **ଭୁବନେଶ୍ୱର, ୮।୯ (ସମିସ):** ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅଣ୍ଟା ଭିଡ଼ିଛି। କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣଛାତ୍ରଙ୍କ ଦଖଲରେ ଥିବା ୧୬୦ରୁ ଅଧିକ ରୁମ୍‌କୁ ସୋମବାର ଖାଲି କରାଯାଇଛି।

**ମୁତୟନ ହୋଇଥିଲେ ୭ ପ୍ଲାଟୁନ ପୁଲିସ୍ ଫୋର୍ସ ଓ ୨୦ ଅଫିସର**

**ପୁଣି ହଷ୍ଟେଲ୍ ଫେରିଲେ ଅଣଛାତ୍ରଙ୍କୁ ବାନ୍ଧିବ ପୁଲିସ୍**

ପ୍ରଥମେ ସର୍ବାଧିକ ପ୍ରଭାବିତ ୩ ନମ୍ବର ବା ଫକୀରମୋହନ ଛାତ୍ରାବାସକୁ ଖାଲି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ୨ନମ୍ବର, ୧ନମ୍ବର ଓ ୫ନମ୍ବର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି। ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରି ଜବରଦଖଲ ହୋଇଥିବା ସମସ୍ତ ରୁମ୍‌କୁ ଖାଲି କରାଯାଇଛି। ଆଗକୁ ଅଣଛାତ୍ରଙ୍କ କବ୍‌ଜାରୁ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏକାଧିକ ପଦକ୍ଷେପ ସହ ହଷ୍ଟେଲ୍‌ରେ ସଂସ୍କାର ଆଣିବାକୁ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ଗୁରୁତ୍ୱାରୋପ କରିଛନ୍ତି। ଅଣଛାତ୍ରଙ୍କୁ ହଷ୍ଟେଲ୍ ଖାଲି କରିବାକୁ ଏକାଧିକଥର ନୋଟିସ୍ ଦେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ▶ପୃଷ୍ଠା-୭

**ଖାଲି ହେଲା ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍**







# ଆଜିଠୁ ଏସିଆ କପ୍ କ୍ରିକେଟ

■ **ଦୁବାଇ, ୮।୯(ଏଜେନ୍ସି):** ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲି(ମଙ୍ଗଳବାର)ଠାରୁ ୟୁଏଇରେ ଆରମ୍ଭ ହେବ। ସେପ୍ଟେମ୍ବର ୨୮ ତାରିଖ ଯାଏଁ ଦୁବାଇ ଓ ଆବୁଧାବିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ଗ୍ରୁପ୍ ଏ'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ ଏବଂ ଗ୍ରୁପ୍-ବି'ରେ ଭାରତ, ପାକିସ୍ତାନ, ୟୁଏଇ, ଓମାନ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ଦଳ ସହ ଥରେ ଲେଖାଏଁ ଖେଳିବ। ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଶ୍ରେଷ୍ଠ ଦଳ ସୁପର-୪'କୁ ଯିବେ। ସୁପର-୪ରେ ୪ଟି ଦଳ ଥରେ ଲେଖାଏଁ ଅନ୍ୟ ଦଳ ସହ ଖେଳିବେ। ଏଥିରେ ଶ୍ରେଷ୍ଠ ବିବେଚିତ ଦୁଇ ଦଳ ସେପ୍ଟେମ୍ବର ୨୮ରେ ଫାଇନାଲ ମ୍ୟାଚ୍ ଖେଳିବେ।

ଆଫଗାନିସ୍ତାନ ଓ ହଂକଂ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଟୁର୍ଣ୍ଣାମେଣ୍ଟର ସିଧାପ୍ରସାରଣ ହେବ। ସୋନି ଲାଇଭ୍ ଓ ଜିଓହଟ୍‌ଷ୍ଟାରରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖିହେବ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ପ୍ରଥମେ ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ ତାରିଖରେ ଓମାନ ସହ ଖେଳିବ।

# ‘ଦାଦନ’ ଫାଶରୁ ମୁକୁଳି ପାରୁନି ଗଞ୍ଜାମ

■ **ବ୍ରହ୍ମପୁର, ୮।୯ (ସମିସ):** ପେଟପାଟଣା ପାଇଁ ଗଞ୍ଜାମରୁ ପ୍ରତିଦିନ ଶହଶହ ଶ୍ରମିକ ପଡ଼ୋଶୀ ରାଜ୍ୟମାନଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ହେଲା, ଗଞ୍ଜାମ ପାଇଁ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହାକୁ ରୋକା ଯାଇପାରୁନାହିଁ। ଗତ ନିର୍ବାଚନ ସମୟରେ ଦାଦନ ରୋକିବା ପାଇଁ ବିଜେପି ନେତାମାନେ ବଡ଼ବଡ଼ ପ୍ରତିଶ୍ରୁତି ଦେଇଥିଲେ। ଦାଦନମୁକ୍ତ ଗଞ୍ଜାମ ଗଠନ ପାଇଁ ଭାଷଣରେ କହି ବୁଲିଥିଲେ। ଖାଲି ସେତିକି ନୁହେଁ; ବିଭିନ୍ନ ସମୟରେ ମନ୍ତ୍ରୀ ଓ ବିଧାୟକମାନେ ଗଞ୍ଜାମକୁ ଦାଦନମୁକ୍ତ କରିବା ସହ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଲାଘବ କରିବା ପାଇଁ ଭାଷଣ ମଧ୍ୟ ଦେଉଛନ୍ତି। ହେଲେ, ‘ଦାଦନମୁକ୍ତ ଗଞ୍ଜାମ’ କେବଳ ଭାଷଣ ଓ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ ନ ଥିବାରୁ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଦାଦନ ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ବିଶେଷକରି ଗଞ୍ଜାମର ଯୁବପିଢ଼ିମାନେ ଅଧିକ ଦାଦନ କଷଣ ▶ପୃଷ୍ଠା-୭



**ଦୁଇ ବର୍ଷରେ ଗଲାଣି ୫୪ରୁ ଅଧିକ ପ୍ରବାସୀ ଶ୍ରମିକଙ୍କ ଜୀବନ**

**ଶ୍ରମ ବିଭାଗ ନିକଟରେ ନାହିଁ ପ୍ରବାସୀ ଶ୍ରମିକଙ୍କ ସଠିକ ତଥ୍ୟ**

## ହାଇଦ୍ରାବାଦରେ ପୁଣି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



■ **ପାତ୍ରପୁର, ୮।୯ (ସମିସ):** ହାଇଦ୍ରାବାଦରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ, ପାତ୍ରପୁର ବ୍ଲକ୍ ବାଦପୁର ପଞ୍ଚାୟତ ରାଜପୁର ଗ୍ରାମର ବାୟା ଦଳେଇଙ୍କ ପୁଅ ବିଜୟ ଦଳେଇ। ସୂଚନାନୁସାରେ, ବିଜୟ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ରବିବାର କମ୍ପାନୀ ବନ୍ଦ ଥିଲା। ବିଜୟ ନିତ୍ୟକର୍ମ ▶ପୃଷ୍ଠା-୭

ସକାଳ
THE SAKALA



## ଉତ୍କଳ ସମ୍ମିଳନୀ ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜର ଭେଟ୍‌ଘାଟ୍

# ‘ନୂଆଁଖାଇ କେବଳ କୃଷିଭିତ୍ତିକ ନୁହଁ, ବରଂ ଭାଇଚାରାର ପର୍ବ’

ରାଉରକେଲା, ୮।୯ (ସମିସ)



ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଉତ୍କଳ ସମ୍ମିଳନୀ ପକ୍ଷରୁ ‘ଆସ ଓଡ଼ିଆ ଲେଖିବା, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର କରିବା’ ଉପରେ ଏକ ସଚେତନଭିତ୍ତିକ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରା ରାଉରକେଲା ସହର ପରିକ୍ରମା କରିବା ସହ ସମସ୍ତ ବ୍ୟବସାୟୀଙ୍କୁ ସେମାନଙ୍କ ବ୍ୟବସାୟିକ ନାମଫଳକକୁ ଓଡିଆ ଭାଷାରେ ଲେଖିବା ପାଇଁ ଅନୁରୋଧ କରିବ ବୋଲି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ବିଶ୍ରା ଷ୍ଟାଚ୍ୟୁ ପାଖରୁ ଏହି ପଦଯାତ୍ରା ଆରମ୍ଭ ହୋଇ ସହରର ମୁଖ୍ୟରାସ୍ତା ଦେଇ ସହର ପରିକ୍ରମା କରିବ। ସ୍ଥାନୀୟ ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘରେ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜ ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ୍ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ନାୟକ ଏପରି ସୂଚନା ଦେଇଛନ୍ତି। ଏହି ଅବସରରେ ବିଧାୟକ ଓଡ଼ିଶାର ଗଣପର୍ବ ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ ନୁହଁ ବରଂ ଏକ ଭାଇଚାରାର ପର୍ବ ବୋଲି କହିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆୟୋଜିତ ହେବାକୁ ଥିବା ଏହି ପଦଯାତ୍ରାରେ ସମସ୍ତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସାମିଲ ହୋଇ ସହଯୋଗ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ଓଡ଼ିଶାର ସଂସ୍କୃତି ଭିତ୍ତିକ ପର୍ବପର୍ବାଣୀ ଆମକୁ ଏକତ୍ର ସୂତ୍ରରେ ବାନ୍ଧି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମିଳନୀର ଉପସଭାପତି ଡକ୍ଟର କିଶୋରୀ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଉତ୍କଳ ଶିଳ୍ପ ପରିଚାଳକ ସମାଜର ସଭାପତି ତଥା ଉତ୍କଳ ସମ୍ମିଳନୀର ଉପସଭାପତି ଚିତ୍ତରଞ୍ଜନ ଦାଶ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ବେକାରୀ ସମସ୍ୟାର ସମାଧାନ, ରାଉରକେଲାରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ମେଡିକାଲ କଲେଜ ପ୍ରତିଷ୍ଠା, ବନ୍ଧାମୁଣ୍ଡା ଠାରେ ରେଳ ଡିଭିଜନ ପ୍ରତିଷ୍ଠା, ବିମାନବନ୍ଦର ସାମ୍ପ୍ରସାରଣ ଆଦି ଦାବି ଉପସ୍ଥାପନ କରିଥିଲେ। ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ପୀତବାସ ମିଶ୍ର ନୂଆଁଖାଇ ପର୍ବ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ବାର୍ତ୍ତା ଦିଏ ବୋଲି କହିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମା’ ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ନବାନ୍ନ ଅର୍ପଣ ସହ କଣ୍ଠ ଶିଳ୍ପୀ ରାଜକୁମାରୀ ଦେବୀଙ୍କ ଦ୍ୱାରା ଉତ୍କଳ ଜନନୀଙ୍କ ବନ୍ଦନା ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶାଖାର ସଭ୍ୟ ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ନମ୍ରତା ଡ୍ୟାନ୍ସ ଏକାଡେମୀ ଓ ଶିବାୟନ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶାଖାର ସଦସ୍ୟ ଅନିଲ ଦାସ, ବାଳକୃଷ୍ଣ ସ୍ୱାଇଁ, ହରିହର ଶତପଥୀ, ଉତ୍ତମ କୁମାର ମହାନ୍ତି, ସୁନୀଲ ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା, ବୈକୁଣ୍ଠ ସାମଲ, ଅଭିମନ୍ୟୁ ସ୍ୱାଇଁ, ନିରୁପମା ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିଳନୀ ପକ୍ଷରୁ କଳାକାରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁବାସ ବାରିକ, କଣ୍ଠ ଶିଳ୍ପୀ ରାଜକୁମାରୀ ଦେବୀ, ନୃତ୍ୟ ଶିଳ୍ପୀ ନମ୍ରତା ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀର କୋଷାଧ୍ୟକ୍ଷ ଭଗବାନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**୧୩ରେ ଓଡ଼ିଆ ଫଳକ ଲେଖିବା ନେଇ ସଚେତନତା ପଦଯାତ୍ରା**

## ହଟ୍ ଷ୍ଟ୍ରିପ୍ ମିଲ୍-୨ର ନୂଆ ଉତ୍ପାଦନ ରେକର୍ଡ

**ରାଉରକେଲା, ୮।୯ (ସମିସ):** ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ସେପ୍ଟେମ୍ବର ୭ ତାରିଖରେ କଏଲ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ମୋଟ ୯, ୪୪୪ ଟନ ରେକର୍ଡ ଓଜନର ସମୁଦାୟ ୪୧୬ଟି କଏଲ୍ ରୋଲିଂ ସହିତ ୨୦୨୫ ମାର୍ଚ୍ଚ ୨୪ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯, ୪୩୦ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ପିପିସି, ଇଏମଡି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ୍, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ସହିତ ଏଚଏସଏମ-୨ ବିଭାଗର ନିରବିଚ୍ଛିନ୍ନ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉତ୍କୃଷ୍ଟ ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମୂହିକ ଏବଂ ନେତୃତ୍ୱ ସହିତ ସମସ୍ତ ସମ୍ପୃକ୍ତ ବିଭାଗକୁ ଅଭିନନ୍ଦନ ଜଣାଇ, ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେମାନଙ୍କୁ ଏହି ଉତ୍କର୍ଷ ଧାରା ବଜାୟ ରଖିବା ସହ ଏପରି ଅଧିକ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଛନ୍ତି।

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ



**ରାଉରକେଲା, ୮।୯ (ସମିସ):** ଭାଗବତ ଜୀବନ ଦର୍ଶନର କଥା କହିବା ସହ ଏହି ଗ୍ରନ୍ଥରେ ନୀତିକଥା, ସାମାଜିକ, ସଚେତନତା ବାର୍ତ୍ତା ଓ ଆଧ୍ୟାତ୍ମିକତାଭାବ ଭରି ରହିଛି ବୋଲି ରାଉରକେଲା ସାରନଗରୀର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶାଖା ତରଫରୁ ଭାଗବତ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସାରନଗରୀ ଆଇଡିଏଲ ସ୍ଥିତ ଚିନ୍ମୟ ଏକାଡେମୀର ସମ୍ମିଳନୀ କକ୍ଷରେ ଶାଖାର ସାଂଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ତଥା କବୟିତ୍ରୀ ବିଜୟିନୀ ଜେନା ଯୋଗଦେଇଥିଲେ। ଶାଖାର ସଭାପତି ଡକ୍ଟର ସୁରେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାସ ଯୋଗଦେଇଥିଲେ। କବି ରବୀନ୍ଦ୍ର ବେହୁରିଆ, ଶିକ୍ଷାବିତ ଆଦିତ୍ୟ କୁମାର ଷଡଙ୍ଗୀ, କବୟିତ୍ରୀ ଶ୍ୱେତଲୀନା ଶତପଥୀ ପ୍ରମୁଖ ଅତିବଡ଼ିଙ୍କ ସହ ଭାଗବତର ସମ୍ପର୍କ, ଭାଗବତର ଜନ୍ମ ମୃତ୍ୟୁର ରହସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆବାହକ ସୁଭାଷ ଚନ୍ଦ୍ର ପାତ୍ର ରାଜ୍ୟରେ ଅବଲୁପ୍ତ ହେଉଥିବା ଭାଗବତ ଟୁଙ୍ଗିଗୁଡ଼ିକୁ ଉଦ୍ଧାର କରିବା ପାଇଁ ସରକାର ଉଦ୍ୟମ କରନ୍ତୁ ବୋଲି କହିବା ଧନ୍ୟବାଦ ଅର୍ପଣ କରିଥିଲେ। ଶାଖାର ସମ୍ପାଦକ ମନୋଜ ଚୌଧୁରୀ, ଚିନ୍ମୟ ଏକାଡେମୀର ସାଧାରଣ ସମ୍ପାଦିକା ପ୍ରଭାତୀ ଦାସମୋହିନୀ, ଅକ୍ରୁର ମାର୍ଥା, ସୁବର୍ଣ୍ଣ ବେହେରା, ପ୍ରବୀର ଦୁବେ, ଅଶୋକ କୁମାର ସାମଲ, ସାହିଲ ପ୍ରଧାନ, ସରୋଜ ବେହେରା, ଶ୍ରୀନାଥ ଚନ୍ଦ୍ର ନାୟକ, ପ୍ରଭାତୀ ନାୟକ, ଶୁଚିସ୍ମିତା ପଣ୍ଡା, ପଦ୍ମାବତୀ ସାହୁ, ପ୍ରତିଭା ଦାଶ ମୋହନୀ, ମାଧୁରୀ ପ୍ରଧାନ, ଜୟନ୍ତୀ, ରଞ୍ଜିତ ସାମନ୍ତରାୟ, ରାଜକୁମାର ଜେନା, ଲୀଳାବତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ପୂର୍ବତନ ମନ୍ତ୍ରୀ



**ରାଉରକେଲା, ୮।୯ (ସମିସ):** ଆଜି ରାଜଗାଙ୍ଗପୁରର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ମଙ୍ଗଳା କିଷାନ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ରାଜଗାଙ୍ଗପୁରର ଲାଇଫ୍ ଲାଇନ କୁହାଯାଉଥିବା ଫ୍ଲାଏ ଓଭର ବ୍ରିଜ୍‌ର କାମ ଅତ୍ୟନ୍ତ ଧିମା ହୋଇଯାଇଥିବାରୁ ସେଥିପ୍ରତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିବେଦନ କରିଥିଲେ। ଏଥିସହ ରାଜଗାଙ୍ଗପୁର ସହରରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା ଗୁଡିକର ମରାମତି, ସରକାରୀ ଡାକ୍ତରଖାନାରେ ଡାକ୍ତରର ଅଭାବ, ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଡୁକୁପଡ଼ା, ଢୁଡ଼ି, ମାଲିଡ଼ିହ, ଜରେଇକେଲା, ବୁଡ଼ାମ ରାସ୍ତାକୁ ଶୀଘ୍ର କରିବା ପାଇଁ ସେ ଅନୁରୋଧ କରିଛନ୍ତି। କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ନିର୍ମାଣ ସହ ନିର୍ମାଣାଧୀନ ସିବିଏସଇ ବୋର୍ଡ଼ର ସ୍କୁଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ କିଷାନ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ରାଜଗାଙ୍ଗପୁରର ବିଜେଡି ନେତା ଅମରେଶ ପଣ୍ଡା ଉପସ୍ଥିତ ଥିଲେ।

## ଆରଏସ୍‌ପି ଷ୍ଟିଲ ମେଲ୍ଟିଂ ସପ୍-୧ ବିଭାଗରେ ମକ୍ ଡ୍ରିଲ୍



**ରାଉରକେଲା, ୮।୯ (ସମିସ):** ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗର କାଷ୍ଟର ଅଞ୍ଚଳରେ ପାଇଲଟ ବର୍ନର, ଗ୍ୟାସ ଲାଇନରେ ଅଗ୍ନି ନିରାପତ୍ତା ଉପରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି ଅଭ୍ୟାସଟି ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବିଏସ୍ କାର୍ଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଏସ୍‌ଏ ଠାକୁରଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମୀ ଏବଂ ଏସଇଡି ବିଭାଗର ଡେପୁଟି ମ୍ୟାନେଜର ସିକେ ସାହୁ ଏହି ଅଭ୍ୟାସ ସମ୍ପନ୍ନ ଆବଶ୍ୟକୀୟ ସହଯୋଗ ଦେଇଥିଲେ। ଏହି ସୁରକ୍ଷା ଅଭ୍ୟାସରେ ଏସ୍‌ଏମ୍‌ଏସ୍-୧ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ସୁରକ୍ଷା ଅଭ୍ୟାସରେ ମିଶ୍ରିତ ଗ୍ୟାସ ଲିକେଜ୍ ଯୋଗୁଁ ନିଆଁ ଲାଗିବାର ଏକ କାଳ୍ପନିକ ଦୃଶ୍ୟ ସୃଷ୍ଟି କରାଯାଇଥିଲା ଏବଂ ଦୁଇ ଜଣ ଆହତ କର୍ମଚାରୀଙ୍କ ଉଦ୍ଧାର ଏଥିରେ ସାମିଲ କରାଯାଇଥିଲା। ଏହି କାଳ୍ପନିକ ସ୍ଥିତି ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ (ଇଏମଡି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ଏକ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ବହୁ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଉଦ୍ଧାର, ସହାୟକ ଏବଂ ସମର, ସିମୁଲେଟେଡ୍ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ। ମୂଲ୍ୟାଙ୍କନ ଅଧିବେଶନ ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ମକ୍ ଡ୍ରିଲ୍ ଶେଷ ହୋଇଥିଲା। ଏହି ସୁରକ୍ଷା ଅଭ୍ୟାସକୁ ଏସ୍‌ଏମ୍‌ଏସ-୧ ବିଭାଗର ଡିଏସଓ ତଥା ଏନ୍ ବେହେରା ସଂଯୋଜନା କରିଥିଲେ।

## ଠିକା ଶ୍ରମିକଙ୍କୁ ‘ସୁରକ୍ଷୀ ସାଥି’ ଉପରେ ତାଲିମ



**ରାଉରକେଲା, ୮।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ‘ସୁରକ୍ଷୀ ସାଥୀ’ ଉପରେ ସେପ୍ଟେମ୍ବର ୫ ଓ ୬ ତାରିଖରେ ପ୍ରାକ୍ ଜ୍ଞାନାର୍ଜନ ସ୍ୱୀକୃତି (ଆରପିଏଲ୍) ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଲ୍ ଆଣ୍ଡ ଡି ବିଭାଗର ଜିଏମ୍ ଏଚଏନ୍ ପତି ଉପସ୍ଥିତ ଥିଲେ। କାରଖାନାର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ୩୯ ଜଣ ଠିକା ଶ୍ରମିକ ଏହି ୨ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହାର ବୈଷୟିକ ଅଧିବେଶନଗୁଡିକ ଇଣ୍ଡିଆନ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ସେକ୍ଟର ସ୍କିଲ୍ କାଉନସିଲ୍‌ର ବିଶେଷଜ୍ଞ ପ୍ରଶିକ୍ଷକ ତଥା ସୁରକ୍ଷା ପରିଷଦ ଓଡ଼ିଶା ଶାଖାର ସଚିବ ମଧୁସୂଦନ ମୋହିନୀ ସମ୍ପନ୍ନ କରିଥିଲେ। ଏହି ଅଧିବେଶନରେ ଇସ୍ପାତ ଶିଳ୍ପରେ ମାନକ ଅଭ୍ୟାସ, ବୃତ୍ତିଗତ ତଥା ସ୍ୱାସ୍ଥ୍ୟ ନିରାପତ୍ତା, ଅଗ୍ନି ନିରାପତ୍ତା, ଗ୍ୟାସ ସୁରକ୍ଷା, ବୈଦ୍ୟୁତିକ ସୁରକ୍ଷା, ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣରେ ବୃତ୍ତିଗତ ବିକାଶ ଓ ଅପ୍‌ସ୍କିଲିଂ କାର୍ଯ୍ୟକଳାପକୁ ପ୍ରାଧାନ୍ୟ ଦିଆଯାଉଛି। ଏଚଆର ଏଲ ଆଣ୍ଡ ଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏ ଆର୍ ବେହେରା ତାଲିମ ଅଧିବେଶନ ପରିଚାଳନା କରିଥିଲେ।

## ଅନ୍‌ଲାଇନ୍ ଜୁଆ ଆଡ୍ଡାରେ ଚଢ଼ଉ: ୫ ଗିରଫ

**ରାଉରକେଲା, ୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଷ୍ଟେସନପଡ଼ା ଅଞ୍ଚଳରେ ଚାଲିଥିବା ଅନ୍‌ଲାଇନ ଜୁଆ ଆଡ୍ଡାରେ ପୁଲିସ ଆଜି ରାତିରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଭୋପାଳ କୋଲାର ରୋଡ ଥାନା ଅଞ୍ଚଳର ସୋଣ୍ଡୁପାଲି ଜଗଜିଶ, ଛତିଶଗଡ଼ ଦୁର୍ଗ ଅନ୍ତର୍ଗତ ଖୁରସିପାର ଅଞ୍ଚଳର ମାଡୁ କାର୍ତ୍ତିକ, ଛତିଶଗଡ଼ ରାଜ୍ୟ ରାୟପୁର ଗୁଡିଆରି ଥାନା ଅଞ୍ଚଳର ଆୟୁଷ ବମ୍ବେକର, ଛତିଶଗଡ଼ ରାଜ୍ୟ ଦୁର୍ଗ ଅନ୍ତର୍ଗତ ଭିଲାଇ ଅଞ୍ଚଳର ମହେନ୍ଦ୍ର ଗେଡ଼ମ୍ ଓ ସୁନ୍ଦରଗଡ଼ ବଡଗାଁ ଥାନା ଗଙ୍ଗାଜଳ ଅଞ୍ଚଳର ପ୍ରଦୀପ ଯାଦବ। ଏହି ଯୁବକମାନେ ରାଜଗାଙ୍ଗପୁରର ଷ୍ଟେସନପଡ଼ାସ୍ଥିତ ମଧୁ ବିଲଡିଂର ଏକ ଭଡ଼ା ଘରେ ଅନଲାଇନ୍ ଜୁଆ ବ୍ୟବସାୟ ଚଳାଉଥିଲେ। ସେମାନେ ଲୋକମାନଙ୍କ ଜମା ଅର୍ଥରୁ ବହୁ ଗୁଣ ଅଧିକ ଲାଭର ପ୍ରଲୋଭନ ଦେଖାଇ ଗ୍ରାହକଙ୍କୁ ଠକି ଚାଲିଥିଲେ। ଖବର ପାଇ ରାଜଗାଙ୍ଗପୁର ଆଇଆଇସି ବିଜୟ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ଚଢ଼ଉ କରି ଉପରୋକ୍ତ ୫ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ଲାପଟପ ଓ ୧୯ଟି ମୋବାଇଲ ଫୋନ ଜବତ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ‘ମହାଦେବ ବୁକ୍ ଆପ୍ ’ ନାମକ ଆପ୍ ତିଆରି କରି ରେଡ୍ଡୀ ଆନ୍ନା, ଫେୟାର ପ୍ଲେ, ଗୋଲ୍ଡ ୬୫ ଏବଂ ଲାସର ୨୪୭ ପରି ବେଆଇନ ପ୍ଲାଟଫର୍ମ ଜରିଆରେ ଏହି ଅନଲାଇନ ଜୁଆ ତଥା ବେଟିଂ କରୁଥିଲେ।

## କୁଆଁରମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




**ରାଉରକେଲା, ୮।୯ (ସମିସ):** କୁଆଁରମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୩୫ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୫୧ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୪ ଟି ସାମୁହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ଆଇଏଏସ ଶିକ୍ଷା ନବୀଶ ଫାବୀ ରସୀଦ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିପୁଳ ମଦ ଜବତ; ୧୧ ଗିରଫ

**ରାଉରକେଲା, ୮।୯ (ସମିସ):** ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ରାତିରେ ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ବଜାର ଓ କୋଏଲନଗର ବିଦେଶୀ ମଦ ଦୋକାନରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିବା ସହ କୋଏଲନଗର ପାର୍କ ନିକଟ ମଦ ଦୋକାନ ନିକଟରେ ମଦ୍ୟପାନ କରି ଗଣ୍ଡଗୋଳ କରିବା ଅଭିଯୋଗରେ ୧୧ ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେହିପରି ସ୍କୁଟି ଯୋଗେ ମହୁଲି ମଦ ଚାଲାଣ ବେଳେ ଆଇଜି ପାର୍କ ନିକଟରୁ ଅବକାରୀ ବିଭାଗ ଆକାଶ ଗୁପ୍ତା ଓ ବଜରଙ୍ଗ ନାଏକ ନାମକ ଦୁଇ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୮୦ ଲିଟର ମଦ ଓ ୨ଟି ସ୍କୁଟି ଜବତ କରାଯାଇଛି।

## ବଣାଇଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ରାଉରକେଲା/ବଣାଇଁ, ୮।୯ (ସମିସ):** ବଣାଇଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ପରିସ୍ଥିତି ଉଗ୍ର ହୋଇଛି। ଗୋଟିଏ ଗୋଷ୍ଠୀର କିଛି ଯୁବକ ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କୁ ନିସ୍ତୁକ ମାଡ ମାରିବା ପରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇପଡ଼ିଥିଲା। ଏହାପରେ ପ୍ରତିଶୋଧ ପରାୟଣ ହୋଇ ମାଡ ଖାଇଥିବା ଯୁବକଙ୍କ ସମର୍ଥକମାନେ ଏକ ଦୋକାନ ଭଙ୍ଗାରୁଜା କରିବା ସହ ମାର୍‌ପିଟ କରିଥିଲେ। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଘଟଣା ସ୍ଥଳରେ ବିଳମ୍ବିତ ରାତିରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏବଂ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ପହଞ୍ଚ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗତ ଦୁଇ ଦିନ ତଳେ ବଣାଇଁ ସହର ରଥ ଛକ ନିକଟରେ ଥିବା ଏକ ଜିମ ବା ଫିଟନେସ କ୍ଲବ୍‌ରେ ଶନିବାର ଦିନ ଦୁଇ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଜିମ ଟ୍ରେନର ଏହା ଦେଖି ଉଭୟ ଗୋଷ୍ଠୀଙ୍କୁ ବାହାରକୁ ପଠାଇ ଦେଇଥିଲେ। ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଭୀଷଣ ରୂପ ନେବା ସହ କିଛି ଯୁବକଙ୍କୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକମାନେ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକ ଓ ମୋବାଇଲ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚିବା ପରେ ସମସ୍ତେ ସେଠାରୁ ପଳାଇଥିଲେ। ରବିବାର ମଧ୍ୟାହ୍ନ ପୂର୍ବରୁ ବିଗତ ରାତିରେ ମାଡ ଖାଇଥିବା ଯୁବକମାନଙ୍କ ସହିତ ଶତାଧିକ ସ୍ୱଳ୍ପ ବୟସ୍କ ଯୁବକ ବଣାଇଁର ଭିନ୍ନ ସମ୍ପ୍ରଦାୟ ବସ୍ତିରେ ଆକ୍ରମଣ କରିଥିବା ଯୁବକଙ୍କୁ ଖୋଜିଥିଲେ। କାହାକୁ ନପାଇ ଜଣେ ଯୁବକକୁ ମାଡମାରି ମୁଖ୍ୟ ରାସ୍ତାରେ ଘୁରି ବୁଲୁଥିବା ଦେଖାଯାଇଥିଲା। ପୁଣି ସନ୍ଧ୍ୟାରେ ଜଣଙ୍କୁ ଏକ ଦୋକାନ ସମ୍ମୁଖରେ ପ୍ରବଳ ମାଡ ମାରି ଛାଡି ଦେଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଯୁବକ ବଣାଇଁ ଭିନ୍ନ ସମ୍ପ୍ରଦାୟର ବସ୍ତିରେ ପଶି ଏକ ଦୋକାନ ଘରକୁ ଭାଙ୍ଗି ଦେଇ ଆକ୍ରମଣକାରୀଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଖବରପାଇ ପୁଲିସ ପହଞ୍ଚି ବସ୍ତିକୁ ଘେରଓ କରିଥିଲା। ପୁଲିସ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ବଣାଇଁରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ପାଞ୍ଚ ଜଣ ଇନ୍ସପେକ୍ଟର, ତିନି ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

**ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ**

## ‘ନୀଳ ଆକାଶ ପାଇଁ ନିର୍ମଳ ବାୟୁ’ ଅନ୍ତର୍ଜାତୀୟ ଦିବସ

# ‘ସୁସ୍ଥ ପରିବେଶର ବିକାଶ ଧାରାରେ ସାମିଲ ହୁଅନ୍ତୁ ଯୁବପିଢ଼ି’

ରାଉରକେଲା, ୮।୯ (ସମିସ)




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ ଶାଖା ଏବଂ ଏନ୍‌ଆଇଟି ରାଉରକେଲା ଓ ଆରଏମସିର ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ‘ନୀଳ ଅକାଶ ପାଇଁ ନିର୍ମଳ ବାୟୁ’ ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ସ୍ଥାନୀୟ ଏନଆଇଟିର ଅଡିଟୋରିୟମଠାରେ ଆୟୋଜିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ ପରିବେଶ ଅନୁକୂଳ ‘ଇ’ ବାଇକ ପ୍ରଚଳନ, ଅଭିନବ ପ୍ରକଳ୍ପକୁ ପ୍ରୋତ୍ସାହନ, ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି କହିଥିଲେ। ଛାତ୍ର ଓ ଯୁବ ବର୍ଗ ଅଭିନବ ପ୍ରଣାଳୀ ଉଦ୍ଭାବନ କରି ସୁସ୍ଥ ପରିବେଶର ବିକାଶ ଧାରାରେ ସାମିଲ ହେବାକୁ ଡ. ମହାପାତ୍ର ଆହ୍ୱାନ ଦେଇଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନ ସହଭାଗିତା ଦ୍ୱାରା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିବା ସହ ଅଧିକରୁ ଅଧିକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ଏନ୍‌ଆଇଟିର ଆଲୁମିନି ବିଭାଗ ଡିନ୍ ପ୍ରଫେସର ଡ. ହିମାଂଶୁ ଭୂଷଣ ସାହୁ, ଢେଙ୍କାନାଳ ମୀରାମୁଣ୍ଡୁଳି ସ୍ଥିତ ଟାଟା ଷ୍ଟିଲର ପରିବେଶ ବିଭାଗ ମୁଖ୍ୟ ସଞ୍ଜୀବ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଏନ୍‌ଆଇଟି ପ୍ରଫେସର ଡକ୍ଟର ଭୀଷ୍ମ ତ୍ୟାଗୀ ବାୟୁର ସ୍ଥିତ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଏନଆଇଟି ଏବଂ ୱାଇଏମ୍‌ଏଫଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଆର୍‌ଆର୍ ଦାସ, ଚନ୍ଦ୍ରଶେଖର ଚୌହ୍ୱାନ, ରଜତ କୁମାର ସେଠି, ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି, ଏଇଏସ୍ ସୌମ୍ୟ ରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତି, ଓଏସ୍‌ଡି ବିଭୁତି ଭୂଷଣ ମହନ୍ତଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ମିଶନ ଲାଇଫ୍ ଅନ୍ତର୍ଗତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବା ନେଇ ଶପଥ ପାଠ କରାଇଥିଲେ। ଶେଷରେ ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଆଇଟି ଛାତ୍ର ରଘୁରାଜ ସମାନୀ ଓ ଛାତ୍ରୀ ରୀତିକା ମଲ୍ଲିକ ସଂଯୋଜନା କରିଥିଲେ।

## ପୂର୍ତ୍ତ ବିଭାଗ ରାସ୍ତାରେ ବଡ଼ ବଡ଼ ଗାତ

କିଶୋରନଗର,୮।୯(ସମିସ): ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରି ପିଚୁ ରାସ୍ତା ତିଆରି କରୁଛନ୍ତି। ହେଲେ କିଛି ଠିକାଦାର ଓ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଓ ନିମ୍ନମାନର କାମ ଯୋଗୁଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ପିଚୁ ରାସ୍ତା ଶୀଘ୍ର

- ବିପଦ ଆଶଙ୍କାରେ ପଥଚାରୀ ଓ ଯାନବାହାନ
- କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ନିମ୍ନମାନର କାମ



ନଷ୍ଟ ହୋଇଯାଉଛି। ୪୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରଣିଆକଟା-ଠାକୁରଗଡ଼ ପୂର୍ତ୍ତ ରାସ୍ତାରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ରାସ୍ତାରେ ପ୍ରତିଦିନ ଶହଶହ ଯାନବାହାନ, ଛାତ୍ରଛାତ୍ରୀ ଓ ପଥଚାରୀ ଯାତାୟାତ କରନ୍ତି। ରଣିଆକଟା-ବଳରାମ ପଦର ନିକଟରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ପଥଚାରୀ ତଥା ଯାନବାହାନଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରୁଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଧର୍ମପରାୟଣାଙ୍କ ପରଲୋକ

କିଶୋରନଗର,୮।୯(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗ୍ରାମର ଧର୍ମପରାୟଣା ମହିଳା ପ୍ରେମଲତା ବେହେରା(୬୫)ଙ୍କର ରବିବାର ପରଲୋକ ଘଟିଛି। ଅସୁସ୍ଥତା ଯୋଗୁଁ ଦୀର୍ଘଦିନ ହେଲା ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିକଟରେ ଘରକୁ ଆସିଥିଲେ। ସେ ଜଣେ ମେଳାପୀ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁଅ ଗୋପବନ୍ଧୁ, ବୋହୂ, ନାତୁଣୀ, ବନ୍ଧୁ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ; ତିନି ଗିରଫ

ବଅଁରପାଳ,୮।୯(ସମିସ): ଆଲୁମିନିୟମ ପାର୍କ ନିକଟରେ ବ୍ରାଉନସୁଗର କାରବାର ହେଉଥିବା ସୂଚନା ପାଇ ବଅଁରପାଳ ଥାନା ପୁଲିସ ସୋମବାର ଅପରାହ୍ନରେ ଚଢ଼ଉ କରି ତିନି ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୫ଗ୍ରାମ୍ ୧୫୦ ମିଲି ଗ୍ରାମ ବ୍ରାଉନସୁଗର ସହ ଦୁଇଟି ମୋବାଇଲ, ଆଲୁମିନିୟମ ଫଏଲ, ଗୋଟିଏ ଲାଇଟର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ କରଡ଼ାଗାଡ଼ିଆର ଯଜ୍ଞ ପାତ୍ର (୨୨), ହେମସରପଡ଼ାର ରଞ୍ଜନ ପ୍ରାଧାନ (୩୦) ଓ ବିଭୁ ବେହେରା (୨୯)। ଏମାନେ ଆଲୁମିନିୟମ ପାର୍କ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଏସଆଇ କମଳାକ୍ଷ ପ୍ରାସାଦ ନାୟକ କହିଛନ୍ତି।

## ଜନଶୁଣାଣିରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ବିରୋଧରେ ଅଭିଯୋଗ



ତାଳଚେର,୮।୯(ସମିସ): ସୋମବାର ତାଳଚେର ପଞ୍ଚାୟତ ସମିତି ଗୃହରେ ଅନୁଗୋଳ ଜିଲ୍ଲାପାଳଙ୍କ ଜଣାଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ରାଜେଶ ଦାସ କେନ୍ଦ୍ରୀୟ ଗଣେଶ ପୂଜା କମିଟି ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଚଳିତବର୍ଷ ତାଳଚେରର ପ୍ରସିଦ୍ଧ ଗଣେଶ ପୂଜାରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ବିଶୃଙ୍ଖଳା କରିବା ସହ ଆଞ୍ଚାଲଡୁ ପ୍ରସ୍ତୁତିରେ ସ୍ୱଚ୍ଛତା ଓ ମାନ ବଜାୟ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରସିଦ୍ଧ ଆଞ୍ଚାଲଡୁ ପ୍ରସ୍ତୁତି ସ୍ଥାନରେ ଅନାମଧେୟ ବ୍ୟକ୍ତି ପ୍ରବେଶ କରିବା ସହ ଲଡୁ କାରିଗର ମୁହଁରେ ମାସ୍କ, ହାତରେ ଗ୍ଲୋଭ୍ସ ନ ପିନ୍ଧି ଲଡୁ ପ୍ରସ୍ତୁତ କରିବା ଏବଂ ସେହି ନିକଟରେ ଆମିଷ ରାନ୍ଧିବା ଦ୍ୱାରା ଏହାର ଗାରିମା ନଷ୍ଟ ହୋଇଛି। ଲଡୁ ନିଲାମରେ ଅବ୍ୟବସ୍ଥା ଯୋଗୁଁ ସଭା ମଞ୍ଚରେ ଉଭୟ ତାଳଚେର ଉପଜିଲ୍ଲାପାଳ ଓ ଏସ୍‌ଡିପିଓ ନିଜ ପଦବୀରୁ ଅବ୍ୟାହତି ନେବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସମ୍ପୂର୍ଣ୍ଣ ଦାୟୀ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନଜୀବୀ ଦାସ ଦାବି କରିଛନ୍ତି। ଏହାସହିତ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ଆୟବ୍ୟୟ ହିସାବ ଜଣେ ସରକାରୀ ଅଡିଟରଙ୍କ ଦ୍ୱାରା କରାଯାଇ ସର୍ବସାଧାରଣରେ ପ୍ରକାଶ କରାଯିବାକୁ ଦାବି ଜଣାଇଛନ୍ତି।

## ଶ୍ରୀ ଭାଗବତ ସଂସ୍ଥାନର କାର୍ଯ୍ୟକର୍ତ୍ତା ଚୟନ

ବଅଁରପାଳ,୮।୯(ସମିସ): ବଅଁରପାଳ ବାଦୁଡ଼ିସାହି ରାଧାକୃଷ୍ଣ ମନ୍ଦିର ପରିସରରେ ଶ୍ରୀ ଲକ୍ଷ୍ମୀନାରାୟଣ ଭାଗବତ ସଂସ୍ଥାନର ନୂତନ କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ସଭାପତି ଭାବେ ହରିହର ପରିଡ଼ା ନିର୍ବାଚିତ ହୋଇଛନ୍ତି। ସେହିପରି ସତ୍ୟାନନ୍ଦ ସେନାପତି, ସୁମନ୍ତ ରାଉତ, ତ୍ରିଲୋଚନ ଭୂତିଆ, ଦେବାର୍ଚ୍ଚନ ପରିଡ଼ା ଯଥାକ୍ରମେ ଉପସଭାପତି, ସାଧାରଣ ସମ୍ପାଦକ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବିଦାୟୀ ସଭାପତି ଉମେଶ ଚନ୍ଦ୍ର ପରିଡ଼ା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନୂତନ ସଭାପତି ସଂଗଠନର ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ।

**ଅନୁଗୋଳ ଜିଲ୍ଲା ଉଷୁ ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତା**

# ରାଜ୍ୟସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ଲିଗ୍‌ରେ ୯ ପଦକ

ଅନୁଗୋଳ,୮।୯(ସମିସ)

ବାରିପଦାରେ ଆୟୋଜିତ ରାଜ୍ୟସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ଲିଗ୍‌ର ମହିଳା ଉଷୁ ଖେଳରେ ଅନୁଗୋଳ ଜିଲ୍ଲା ଉଷୁ ଆସୋସିଏସନ୍ ପକ୍ଷରୁ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନୁଗୋଳର ଖେଳାଳି ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ସହ ମୋଟ ୯ଟି ଜିତି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ଏହି କୃତୀ ଖେଳାଳି ଆଗାମୀ ଦିନରେ ଜାତୀୟ ସ୍ତରରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରିବେ।



ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ରାଜ୍ୟ ଉଷୁ ସଂଘ ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରତିଷ୍ଠାତା ଏସ୍‌ଏସ୍ ହରିଚନ୍ଦନ, ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା, ଅନୁଗୋଳ ଜିଲ୍ଲା ଉଷୁ ସଂଘ ସଭାପତି ତଥା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦୀନେଶ ପ୍ରଧାନ, ଅନ୍ତର୍ଜାତୀୟ ଜଜ୍ ତଥା ଜିଲ୍ଲା ଉଷୁ ସଂଘ ସାଧାରଣ ସମ୍ପାଦକ ସୁସାନ୍ତ ନାଏକ, ଜିଲ୍ଲା କୋଚ୍ ବିନୋଦ କୁମାର ନାଏକ, ଦୋଳଗୋବିନ୍ଦ ଦଳେଇ, ତପନ କୁମାର ସାମଲ, ଅରୁଣ କୁମାର ନାଏକ, ରାଜେଶ ମିଶ୍ର, ଚିତ୍ତରଞ୍ଜନ ମହାନ୍ତ, ଅମରଜିତ୍ ଗଡ଼ନାୟକଙ୍କ ସମେତ ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୮।୯(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗର ଶୁଣାଣି



ହୋଇଥିଲା। ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ନିରୋଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୮।୯(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଓ ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ବଅଁରପାଳ ବ୍ଲକ ସିମିଳିଛୁଇଁ ଗ୍ରାମର ଗିରୀଶ ଚନ୍ଦ୍ର ଦାସଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା।



# ବିକା ନାଏକଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ



କଣିହାଁ,୮।୯(ସମିସ): ତାଳଚେର ଉପଖଣ୍ଡ କଣିହାଁ ବ୍ଲକରେ ଶନିବାର ୮୮ତମ ପ୍ରଜାମଣ୍ଡଳ ପ୍ରତିଷ୍ଠା ଦିବସ ପାଳିତ ହେଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦଲ ଏମ୍ ଅଖତର, ଏନଟିପିସି କାର୍ଯ୍ୟନିର୍ବାହୀ ନରସିଂହ ରେଡ୍ଡୀ, କଣିହାଁ ଏମସିଏଲର ଜିଏମ୍ ଦୀନେଶ ମାଳି, ଉପଜିଲ୍ଲାପାଳ ସମୀର ଜେନା, ମୁଖ୍ୟବକ୍ତା ଭାବେ ଧରଣୀଧର ନାଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡ. ଦୀନେଶ ମାଳିଙ୍କ ରଚିତ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ କନିଷ୍ଠ ସହିଦ ବିକା ନାଏକଙ୍କ ଜୀବନୀ ଆଧାରିତ ପୁସ୍ତକ 'ବିକା ନାଏକ କି ଖୋଜ୍'ର ଉନ୍ମୋଚନ ହୋଇଥିଲା। ସେହିପରି ସ୍ମରଣିକା 'ଆମେ ସଂଗ୍ରାମୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ଡ. ମାଳିଙ୍କ ଦ୍ୱାରା ରଚିତ ସନ୍ଥ ଭୀମ ଭୋଇ ଓ ପଦ୍ମଶ୍ରୀ ହଳଧର ନାଗଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ପୂର୍ବରୁ ଅନ୍ୟ ପ୍ରଦେଶରେ ପ୍ରକାଶିତ ହୋଇଛି। ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ବିଷୟରେ ବର୍ତ୍ତମାନ ସେ ଗବେଷଣା ଜାରି ରଖିଛନ୍ତି। କଣିହାଁ କ୍ଷେତ୍ରର ମହାପ୍ରବନ୍ଧକ ଡ. ମାଳି ଜଣେ ଅଣଓଡ଼ିଆ ଅଧିକାରୀ ହୋଇଥିଲେ ମଧ୍ୟ ଓଡ଼ିଶାର ଅସ୍ମିତାକୁ ଉଜ୍ଜୀବିତ ରଖିଥିବା ନେଇ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟର ୮୮ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ସଭାପତି ବିଧାୟକ ମହାନ୍ତି ପ୍ରକାଶ କରିଥିଲେ। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ କର୍ଣ୍ଣ କୁମାର ଭୁତିଆ, କାର୍ଯ୍ୟକର୍ତ୍ତା ଦୟାନିଧି ନାଏକ, ଉକାଳୁ ସାହୁ, ଚନ୍ଦନ ସ୍ୱରାଜ, ଆଇନଜୀବୀ ତ୍ରିପୁରାରି ପ୍ରଧାନ, ବିଜେପି ମଣ୍ଡଳ ସଭାପତି ସୁଶାନ୍ତ କୁମାର ସାମଲ, ସାମ୍ବାଦିକ କଷ୍ଟୁ ଚରଣ ସାମଲ, ଜ୍ୟୋତିରଞ୍ଜନ ଧର, ଟୁନା ସାହୁ, ମହେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

■ ସିପିପି ପ୍ଲାଣ୍ଟ ପରିସରରେ ବେପରୁଆ ଟ୍ରକ ଚାଳକଙ୍କ ପାଇଁ ବଢୁଛି ଦୁର୍ଘଟଣା

# ବାଇକ୍ ଉପରେ ଚଢ଼ିଗଲା କୋଇଲା ଟ୍ରକ

ଅନୁଗୋଳ/ନାଲକୋ ନଗର,୮।୯(ସମିସ): ନାଲକୋ ସିପିପି ପ୍ଲାଣ୍ଟ ପରିସରରେ ବେପରୁଆ ଟ୍ରକ ଚାଳକଙ୍କ ପାଇଁ ବଢୁଛି ଦୁର୍ଘଟଣା। ସୋମବାର ପ୍ଲାଣ୍ଟ ଗେଟ ସମ୍ମୁଖରେ ବାଇକ୍ ଉପରେ ଏକ କୋଇଲା ଟ୍ରକ ଚଢ଼ିଯାଇଛି। ତେବେ ବାଇକ୍ ଆରୋହୀ ଅଳ୍ପେକେ ରକ୍ଷା ପାଇଯାଇଛନ୍ତି। ଦୁର୍ଘଟଣା ଠିକ୍ ପୂର୍ବରୁ ସେ ବାଇକ୍‌ରୁ ଡେଇଁ ଜୀବନ ବଞ୍ଚାଇଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଟ୍ରକ ଚାଳକଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ବେପରୁଆ ଗାଡ଼ି ଚାଳନାକୁ ପ୍ରଶାସନ ନିୟନ୍ତ୍ରଣ କରିବା ଦାବିରେ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ନାଲକୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ପୁଲିସ ଏ ନେଇ ତଦନ୍ତ କରୁଛି।



ସିପିପି ପ୍ଲାଣ୍ଟକୁ ମୈତ୍ରୀ କମ୍ପାନୀର ପ୍ରାୟତଃ ଦୈନିକ ୩ଶହ ହାଇୱାରେ କୋଇଲା ପରିବହନ ହେଉଛି। ଗାଡ଼ି ଚାଳକଙ୍କ ବେପରୁଆ ମନୋଭାବ ଯୋଗୁଁ ଖଣିଠାରୁ ପ୍ଲାଣ୍ଟ ପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି। ଦ୍ରୁତଗତି ଓ ଓଭରଟେକିଂ ଯୋଗୁଁ ଦୁର୍ଘଟଣା ବଢୁଛି। ପୁଲିସ ପ୍ରଶାସନ ଦ୍ୱାରା ଜାରି ନୋ-ଏଣ୍ଟ୍ରି କଟକଣାକୁ ଚାଳକମାନେ ଖାତିର କରୁନାହାନ୍ତି। ଗତ ମାସରେ ନାଲକୋ ପୁଲିସ ନୋ-ଏଣ୍ଟ୍ରି କଟକଣା ଉଲ୍ଲଘଂନକାରୀଙ୍କୁ ଜରିମାନା କରିଥିଲା। ଚଳିତ ବର୍ଷ ପରଙ୍ଗ, ଜରାସିଂହା, ପିଟିସି, କାଣ୍ଡସର ପ୍ରଭୃତି ସ୍ଥାନରେ ପୃଥକ ଦୁର୍ଘଟଣାରେ ପ୍ରାୟ ୫ ଜଣଙ୍କ ଜୀବନ ଯାଇଛି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ପ୍ରଶାସନ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରେଙ୍ଗାଳି ଓ ବଜ୍ରକୋଟରେ ସାର କଳାବଜାରୀ

ରେଙ୍ଗାଳି,୮।୯(ସମିସ): କଣିହାଁ ବ୍ଲକ ପବିତ୍ରନଗରର ବିରୁ, ସିପୁର, ବିଜୁଗୋଳ, ରେଙ୍ଗାଳି, ବଡ଼ତ୍ରିବିଡା, ଡେରଙ୍ଗ, ଓ ବଜ୍ରକୋଟ ସମେତ ବିଭିନ୍ନ ପଞ୍ଚାୟତରେ ସାର କଳାବଜାରୀ ସହ ଚଢ଼ା ଦରରେ ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ସାର ବିକ୍ରି ପାଇଁ କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦର ଓ ନିୟମ ଥିଲେ ମଧ୍ୟ ରେଙ୍ଗାଳି ଓ ବଜ୍ରକୋଟ ପଞ୍ଚାୟତରେ ଲାଇସେନ୍ସପ୍ରାପ୍ତ ଡିଲରମାନେ ଏହାକୁ ପାଳନ କରୁନାହାନ୍ତି। ଇଚ୍ଛା ଅନୁସାରେ ଦର ନେଉଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ସାର ବିକ୍ରି ବେଳେ ପିଓଏସ୍ ମେସିନ ବ୍ୟବହାର କରିବା ସହ ଦୋକାନ ସାମନାରେ ଡିସପ୍ଲେ ବୋର୍ଡରେ ଦର ଓ ଗଚ୍ଛିତ ଥିବା ସାର ବିଷୟରେ ଦର୍ଶାଇବାକୁ ନିୟମ ରହିଛି। ମାତ୍ର ଏଠାରେ ଏସବୁ ଦେଖିବାକୁ ମିଳେନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲ୍ଲା କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ବର୍ତ୍ତମାନ ଚାଷୀ ବେଉଷଣ କରୁଥିବାରୁ ସାର ଓ ଔଷଧର ଢେର୍ ଆବଶ୍ୟକତା ରହିଥିବା ବେଳେ କଳାବଜାରରେ ସାର ବିକ୍ରି ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ବଜ୍ରକୋଟର ଡମଜୁରରେ ଥିବା ଡିଲର ୟୁରିଆ ସାରକୁ କିଲୋପ୍ରତି ୨୦ ଟଙ୍କା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସହକାରୀ କୃଷି ଅଧିକାରୀ ଅବିନାଶ ନାହାକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ସେହିପରି ସମ୍ପୃକ୍ତ ଡିଲର ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ସରକାରୀ ନିୟମ ଅନୁସାରେ ଚାଷୀଙ୍କୁ କିପରି ସୁଲଭ ଦରରେ ସାର ମିଳିପାରିବ ସେ ଦିଗରେ ବିଭାଗ ଯତ୍ନବାନ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଚୋରା ମାଦକଦ୍ରବ୍ୟ ବିରୋଧରେ ପୁଲିସର ସ୍ୱତନ୍ତ୍ର ଅଭିଯାନ 'ପ୍ରହାର'

ଅନୁଗୋଳ,୮।୯(ସମିସ): ଚୋରା ମାଦକଦ୍ରବ୍ୟ କାରବାରରେ ରୋକ୍ ଲଗାଇବାକୁ ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ପୁଲିସର ସ୍ୱତନ୍ତ୍ର ଅଭିଯାନ 'ପ୍ରହାର' ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ଅନୁଗୋଳ ଟାଉନ ଥାନା ଅଞ୍ଚଳ ଏବଂ ରବିବାର ବଅଁରପାଳ ଥାନା ଅଞ୍ଚଳରେ ଚଢ଼ଉ କରି ଦୁଇଟି ଘଟଣାରେ ବ୍ରାଉନସୁଗର କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସୋମବାର ମଧ୍ୟାହ୍ନରେ ନାଲକୋନଗର ଥାନା ଅନ୍ତର୍ଗତ ଟାଉନସିପ, ଗିରାଙ୍ଗ ଛକ, ମେନ୍‌ଗେଟ ଆଦି ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ପାନ ଦୋକାନ, ମସଲା ଦୋକାନରେ ଚଢ଼ଉ କରାଯାଇଥିଲା। ଏଫସିଆଇ ଛକ ଅଞ୍ଚଳରୁ ବିପୁଳ ଗୁଟ୍‌ଖା ଜବତ କରାଯାଇଛି। ଏଥିସହ ବ୍ୟବସାୟୀ ବିଶ୍ୱଜିତ୍ ନାୟକ (୪୨), ସୁବଳ ଦେହୁରୀ (୩୨), ପବିତ୍ର ସାହୁ (୪୮)ଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଚଢ଼ଉରେ ଥାନା ଏସଆଇ ଗଙ୍ଗାଧର ବେହେରା, ଏଏସଆଇ ପବିତ୍ର କୁମାର ନାଗ, ସୁବ୍ରତ କୁମାର ପାଢ଼ୀ, ସରୋଜିନୀ ସାହୁ, ନରେନ୍ଦ୍ର କିସାନ ପ୍ରମୁଖ ସାମିଲ ହୋଇଥିଲେ।

## ଶଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ,୮।୯(ସମିସ): ଶଶୁର ଘରେ ଜ୍ୱାଇଁର ମୃତ୍ୟୁ ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ନିଶା ଥାନାରେ ଅଭିଯୋଗ କରିଛନ୍ତି। ଡଅଁରା ଗ୍ରାମର ବାବାଜୀ ଗୋଚ୍ଛାୟତଙ୍କ ପୁଅ ସଞ୍ଜୟ ଗୋଚ୍ଛାୟତ (୨୫) କିଛିବର୍ଷ ପୂର୍ବେ ନିଶା ଥାନା ପରଙ୍ଗ ଗ୍ରାମର ମୁଚି ଗୋଛୟତଙ୍କ ଝିଅ ରୁପାଙ୍କୁ ବିବାହ କରିଥିଲେ। ମୁଚିଙ୍କର ପୁଅ ନ ଥିବାରୁ ସଞ୍ଜୟ ଶଶୁର ଘରେ ଘରଜ୍ୱାଇଁ ଭାବେ ରହି ଆସୁଥିଲେ। ସଞ୍ଜୟ ଏକ ଘରୋଇ କାରଖାନାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ କିଛିଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ତେବେ ରବିବାର ମୁଚି ଅଚାନକ ବାବାଜୀଙ୍କୁ ଫୋନ୍ କରି ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ବାବାଜୀଙ୍କ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ପୁଅର ମୃତଦେହ ପଡ଼ିଥିବା ଦେଖିଥିଲେ। ସଞ୍ଜୟଙ୍କୁ ହତ୍ୟା କରାଯାଇଛି ବୋଲି ବାବାଜୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ରବିବାର ଘରକୁ ଆସି ଟଙ୍କା ମାଗିବା ସହ ଝଗଡ଼ା କରିଥିଲେ। ପରେ ଘର କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା ସଞ୍ଜୟଙ୍କ ସ୍ତ୍ରୀ ରୁପା କହିଛନ୍ତି। ହତ୍ୟା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

**୫ମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଘଟଣା**

# ଅପରାଧୀଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦେବାକୁ ଦାବି

କଣିହାଁ,୮।୯(ସମିସ)

ଅନୁଗୋଳ ଜିଲ୍ଲା ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ପଞ୍ଚମ ଶ୍ରେଣୀ ଛାତ୍ରୀ ଜସ୍ମିନ ସେଠଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ଅପରାଧୀମାନଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦାବିରେ ଏଆଇଡିଏସଓ, ଏଆଇଡିୱାଇଓ, ଏଆଇଏମଏସଏସ ପକ୍ଷରୁ ଏନଟିପିସି ବାଇପାସ ଛକରେ ସୋମବାର ଅପରାହ୍ନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଭଳି ହୃଦୟ ବିଦାରକ ଘଟଣାକୁ ଏହି ସଭାରେ ଦୃଢ଼ ନିନ୍ଦା କରାଯାଇଛି। ରାଜ୍ୟରେ ନାବାଳିକା, ଛାତ୍ରୀ, ଯୁବତୀ, ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ବହୁଗୁଣିତ ହୋଇଥିବା




ବେଳେ ସରକାର ଓ ପୁଲିସ ତାହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ କରାଯାଉ ନ ଥିବା ଓ ପୁଲିସର ଅପାରଗତା ଯୋଗୁଁ ଏଭଳି ଅପରାଧ ଘଟାଇବାକୁ ଅପରାଧୀମାନେ ସାହସ କରୁଛନ୍ତି ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ଛାତ୍ରୀଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସମସ୍ତ ଅପରାଧୀଙ୍କୁ ଗିରଫ କରି କଠୋରରୁ କଠୋର ଦଣ୍ଡବିଧାନ କରିବା, ମୃତ ଛାତ୍ରୀଙ୍କ ପରିବାରକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ଆନ୍ଦୋଳନରେ ସାମିଲ ପ୍ରଗତି ନାୟକ, ମିନତୀ ସାମଲ, ପଙ୍କଜିନୀ ସିଂହ, ପରମାନନ୍ଦ ସାହୁ, ଟୁନା ନାଏକ, ବିଜୟ ସାହୁ, ଖୁଲଣା ନାଏକ, ବାବୁଲା ନାଏକ, ମିନା ନାଏକ ପ୍ରମୁଖ ଦାବି କରିଛନ୍ତି।

## ଓଲଟିଲା ଅଟୋ; ୩ ଗୁରୁତର

ଛେଣ୍ଡିପଦା,୮।୯(ସମିସ): ୬୩ନଂ ରାଜ୍ୟ ରାଜପଥର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଛେଣ୍ଡିପଦା ହନୁମାନ ମନ୍ଦିର ନିକଟରେ ଅଟୋ ଓଲଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରିଆମାଳ ଗାଁର ଅଲେଖ ଚନ୍ଦ୍ର ସାହୁ, ତାଙ୍କ ପୁଅ ଘନଶ୍ୟାମ ସାହୁ ଏବଂ ଅଟୋ ଚାଳକ ରେଢ଼ାଖୋଲ ଅଞ୍ଚଳର ବିକାଶରାମ ସାହୁ। ଅଲେଖ ଓ ଘନଶ୍ୟାମ ଅଟୋ ଯୋଗେ ଅନୁଗୋଳରୁ ରିଆମାଳ ଫେରିବା ସମୟରେ ଭାରସାମ୍ୟ ହରାଇ ଅଟୋ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିବା ସହ ତଦନ୍ତ କରୁଛି।

## ପିତୃ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଯାଜପୁର,୮।୯ (ସମିସ): ବାପାକୁ ହତ୍ୟା କରିଥିବା ଅଭିଯୋଗରେ ପୁଅକୁ ସୋମବାର ଦିନ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ସହିତ ୨୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଶୁଣାଇଛନ୍ତି ଅଦାଲତ। ସୂଚନା ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ଗ୍ରାମର ବାଇଧର ବେହେରା ତାର ୨ ପୁଅ ସନାତନ ବେହେରା ଓ ଗୁରୁଚରଣ ବେହେରାଙ୍କ ସହ ରହିଆସୁଥିଲେ। ବାଇଧର ବେହେରା ତାଙ୍କ ସାନପୁଅ ଗୁରୁଚରଣକୁ ରାସନ୍ ଚାଉଳ ନଦେବାରୁ ସେମାନଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଗତ ୨୦୨୦ ମସିହା ସେପ୍ଟେମ୍ବର ୨୯ ତାରିଖ ରାତିରେ ଗୁରୁଚରଣ ଗୋଟିଏ ଧାରୁଆ ଅସ୍ତ୍ରରେ ତାର ବାପା ବାଇଧର ବେହେରାକୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ବାଇଧରଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବଡପୁଅ ସନାତନ ବେହେରା ବିଞ୍ଝାରପୁର ଥାନାରେ ଏକ ଲିଖିତ ଏତଲା ଦେବାପରେ ବିଞ୍ଝାରପୁର ଥାନା କେସ୍ ନଂ ୩୦୬/୨୦୨୦ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅପରପକ୍ଷରେ ବାପାକୁ ହତ୍ୟା କରି ଅଭିଯୁକ୍ତ ଗୁରୁଚରଣ ଫେରାର ହୋଇଯାଇଥିବା ବେଳେ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସୋମବାର ଏହି ମାମଲାର ଚୁଡାନ୍ତ ଶୁଣାଣି କରି ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଯାଜପୁର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତ ଗୁରୁଚରଣକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି। ଏହି ଜରିମାନା ଅର୍ଥ ଅନାଦେୟରେ ଅଭିଯୁକ୍ତ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସ୍ୟୁକୁଟର ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।

## ଲୁଟ୍ ଘଟଣାରେ ଦୁଇ ଗିରଫ




ଦାନଗଦି,୮।୯ (ସମିସ): ଗତକାଲି ରାତିରେ ମାନପୁର ଓଭର ବ୍ରିଜ ଉପରେ ସିଙ୍ଗାଗାଡ଼ିଆ ଗାଁ ର ଦୁଇଜଣ ଦାନଗଦି ଆଡ଼କୁ ଆସୁଥିବା ଜଣେ ଯୁବକଙ୍କୁ ଅଟକାଇ ମୋବାଇଲ ଫୋନ ଓ ଏକ ବାଇକ ଲୁଟି ନେଇଥିଲେ। ଯୁବକ ଜଣକ ଦାନଗଦି ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଜଣେଇଥିଲେ, ଖବର ପାଇ ଫାଣ୍ଡି ଆଦିକାରୀ ଅମୂଲ୍ୟ କୁମାର ମିଶ୍ର ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫମାନେ ହେଲେ ତ୍ରିଜଙ୍ଗା ପଞ୍ଚାୟତ ସିଙ୍ଗାଗାଡ଼ିଆ ଗାଁର ସୁବଳ ମଣ୍ଡଳଙ୍କ ପୁଅ କ୍ରିଷ୍ଣା ମଣ୍ଡଳ (୨୯) ଓ ସେହି ଗାଁର ଦିଲ୍ଲୀପ ରାୟଙ୍କ ପୁଅ ସିଦ୍ଧାର୍ଥ ରାୟ (୨୨)। ସେମାନଙ୍କ ନିକଟରୁ ୫ଟି ଦାମି ମୋବାଇଲ ଫୋନ ଗୋଟିଏ ୟାମାହା ଗାଡିକୁ ଜବତ କରିଥିଲେ। ପୁଲିସ କେସ ନମ୍ବର ୫୨୮/୨୦୨୫ ରେ ମାମଲା ରୁଜୁକରି ଆଜି ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ଟ୍ରେଲର ଧକ୍କାରେ ୨ ମୃତ; ଜଣେ ଗୁରୁତର

କବାଟବନ୍ଧ/ଜେନାପୁର,୮।୯ (ସମିସ):ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କୁସୁନପୁର ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକ ଦୁଇ ଜଣ ହେଲେ ମୋହନ ପିଙ୍ଗୁଆଙ୍କ ପୁଅ ସୁନୀଲ ପିଙ୍ଗୁଆ (୨୩), ମଧୁ ହାଁସଦାଙ୍କ ପୁଅ ଜନମ ସିଂ ହାଁସଦା (୨୩) ଏବଂ ଗୁରୁତର ଆହତ ଜଣକ ବାସୁ ପୂର୍ତ୍ତିଙ୍କ ପୁଅ ବାପୁନ ପୂର୍ତ୍ତି ବୋଲି ଜଣାପଡିଛି। ସମସ୍ତେ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ ବଲାଙ୍ଗିଆ ଗ୍ରାମର ବୋଲି ସୂଚନା ମିଳିଛି। ଖବର ମୁତାବକ ସୋମବାର ଅପରାହ୍ନ ପ୍ରାୟ ୫.୩୦ ମିନିଟରେ ଡୁବୁରୀରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ୧୮ ଚକିଆ ଟ୍ରେଲର ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ପେଟ୍ରୋଲ ପମ୍ପ ନିକଟରେ ହଠାତ ଡିଭାଇଡର ଡେଇଁ ରାସ୍ତାର ଆରପଟକୁ ଚାଲି ଯାଇଥିଲେ। ତେବେ ଅନ୍ୟ ପଟ ରାସ୍ତାରେ ମୋଟର ସାଇକଲରେ ଯାଉଥିବା ସ୍ଥାନୀୟ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ଗ୍ରାମର ତିନି ଜଣ ଯୁବକଙ୍କୁ ଧକ୍କା ଦେଇ ଏକ ଖାଲରେ ପଶି ଯାଇଥିଲା। ଦୁର୍ଘଟଣାରେ ବାଇକ ଆରୋହି ମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରାଯାଇ ବଡ଼ଚଣା ମେଡ଼ିକାଲକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ସୁନୀଲ ଏବଂ ଜନମ ସିଂକୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଜଣକୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଉକ୍ତ ୧୮ ଚକିଆ ଟ୍ରେଲର ଗାଡ଼ିଟି ଭାରତ ବେଞ୍ଚ କମ୍ପାନୀର ବି ଏସ୍ -୬ ମଡେଲରର ଅଟେ। ଏହାର କୌଣସି ମେଣ୍ଟେନାନ୍ସ ପାଇଁ ଲାପଟପର ବ୍ୟବହାର କରାଯାଏ। ଉକ୍ତ ଗାଡ଼ିରେ ଡ୍ରାଇଭରଙ୍କ ସମେତ ଦୁଇ ଜଣ ଇଞ୍ଜିନିୟର ଟ୍ରାଏଲ ପାଇଁ ଯାଉଥିଲେ। କୌଣସି କାରଣରୁ ହଠାତ ଇଞ୍ଜିନର ସ୍ପିଡ଼ ବଢ଼ି ଯାଇ ଗାଡିଟି ଭାରଶାମ୍ୟ ହରାଇଥିଲା। ଦୁର୍ଘଟଣା ସ୍ଥଳରେ ଜେନାପୁର ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ଅଧିକ ତଦନ୍ତ କରୁଛି।

## ଚଣ୍ଡିଖୋଲ କଲେଜ ପୁରାତନ ଛାତ୍ର ସଂଘ ବୈଠକ

ବଡଚଣା,୮।୯ (ସମିସ): ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସାଧାରଣ ପରିଷଦ ବୈଠକ କଲେଜ ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗତ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଉଦଯାପନୀ ଉତ୍ସବ ନିମନ୍ତେ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରାଯାଇ ବିଭିନ୍ନ କମିଟି କରାଯିବା ପାଇଁ ସ୍ଥିର କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଗୌରବ ଆମ କଲେଜ' ପରିଚାଳନା ସଂଗଠନ ସହିତ ଯୋଡ଼ି ହେବା ପାଇଁ ସମସ୍ତଙ୍କୁ ସଚେତନ କରାଯିବା ପାଇଁ ସ୍ଥିର କରାଯାଇଛି। ଉତ୍ସବରେ କଲେଜ ପ୍ରତିଷ୍ଠାତା ସଭ୍ୟ, କଲେଜର ପ୍ରଥମ ଷ୍ଟାଫ୍ କର୍ମଚାରୀ, ସମସ୍ତ ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ସଙ୍ଘ ପକ୍ଷରୁ କଲେଜ ସମ୍ପର୍କିତ ଏକ ସ୍ମରଣିକା ପ୍ରକାଶନ ନିମନ୍ତେ ଆସନ୍ତା ୩୦ତାରିଖ ପୂର୍ବରୁ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ନିହାର ରଞ୍ଜନ ଦାସ ପଟ୍ଟନାୟକ, କ୍ୟାପଟେନ ଦିଲ୍ଲୀପ କୁମାର ନାୟକ, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ପ୍ରଭାକର ଉଦଗାତା, ଅକ୍ଷୟ କୁମାର ମିଶ୍ର, ରଜନିକାନ୍ତ କର, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି, ବିଜୟ କେତନ ସାମଲ ଓ ନିଶିକାନ୍ତ ଦାସ, ପବିତ୍ର କୁମାର ରାଉତ, ଶ୍ରୀତମ ପୃଷ୍ଟି, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ବିକ୍ରମ କିଶୋର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

### ବାଇକ୍ ଓ ବିପୁଳ ପରିମାଣର ମଦ ଜବତ

# ଖସି ପଳାଇଲା ମଦ ବେପାରୀ

ଦଶରଥପୁର,୮।୯ (ସମିସ)



ବିପୁଳ ପରିମାଣରେ ଚୋରା ମଦ ନେଇ ବାଇକ୍‌ରେ ଯାଉଥିବା ଜଣେ ଚୋରା ମଦ ବ୍ୟବସାୟୀ ଗ୍ରାମବାସୀଙ୍କ ହାବୁଡ଼ରେ ପଡି ବେଶ ହୀନସ୍ତା ହୋଇଛନ୍ତି। ଅନେକ ନେହୁରା ସତ୍ତ୍ୱେ ଗ୍ରାମବାସୀ ଯୁବକଙ୍କୁ ଛାଡିବାକୁ ଅରାଜି ହେବାରୁ ନିଜ ବାଇକ୍ ଓ ଚୋରା ମଦକୁ ଛାଡି ଯୁବକ କୌଶଳକ୍ରମେ ଖସି ଯିବାରେ ସକ୍ଷମ ହୋଇଛନ୍ତି। ଦଶରଥପୁର ଥାନା ପୁଲିସ ଚୋରା ମଦ ଓ ବାଇକକୁ ଜବଦ କରିବା ସହିତ କେଶ ନଂ ୧୭୩/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ ଅନ୍ତର୍ଗତ କଇଥ ପଡିଆ ନିକଟରେ।

ସୂଚନା ମୁତାବକ ଆଜି ପୂର୍ବାହ୍ନ ପ୍ରାୟ ୧୦.୩୦ ଘଟିକାରେ ଜଣେ ଯୁବକ ଦଶରଥପୁର ବ୍ଲକ ରଙ୍ଗପୁର ଛକ ନିକଟ କେନାଲ ପାଶ୍ୱର୍ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରୁ ବାଇକ୍‌ରେ ବିପୁଳ ପରିମାଣର ଚୋରା ମଦ ନେଇ ରାମବାଗ ଛକ ଠାରୁ ଛାତ୍ରପଡା ବଜାରକୁ ସଂଯୋଗ କରୁଥିବା ରାସ୍ତାରେ ଆସୁଥିବା ଖବର ପାଇ ଅସନପୁର ଅଞ୍ଚଳର କିଛି ଯୁବକ ଛକି ରହିଥିଲେ। ଚୋରା ମଦ ନେଇ ସମ୍ପୃକ୍ତ ଯୁବକ ରାସ୍ତା ଅନ୍ତର୍ଗତ କଇଥ ପଡ଼ିଆ ନିକଟରେ ଯାଉଥିବା ସମୟରେ ଗାଁର ଯୁବକମାନେ ତାକୁ ଅଟକାଇବାରୁ ବାଇକରେ ବନ୍ଧା ହୋଇଥିବା ୨ଟି ପେଟିରେ ବିପୁଳ ପରିମାଣରେ ବିଭିନ୍ନ କିସମର ବିଦେଶୀ ମଦ ରହିଥିବା ଦେଖିବାକୁ ପାଇଥିଲେ। ଫଳରେ ଉକ୍ତ ଯୁବକମାନେ ତୁରନ୍ତ ଦଶରଥପୁର ଥାନାକୁ ସୂଚନା ଦେଇଥିଲେ। ପୁଲିସ ଆସିବା ଜାଣି ଯୁବକ ଜଣକ ତାକୁ ଛାଡ଼ିଦେବାକୁ ଗ୍ରାମବାସୀଙ୍କୁ ଅନେକ ନେହୁରା ହୋଇଥିଲେ ମଧ୍ୟ କେହି ରାଜି ନଥିବା ଜାଣି ଯୁବକ ଚୋରା ମଦ ସହ ବାଇକ୍‌କୁ ଛାଡି ଧାନ ବିଲ ଦେଇ ଦୌଡ଼ି ପଳାଇଥିଲା। ଦଶରଥପୁର ଥାନାଧିକାରୀ ଶରତ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଚୋରା ମଦ ଓ ବାଇକକୁ ଜବତ କରି ଥାନାକୁ ଆଣିଥିଲେ।

ସୂଚନା ଥାଉକି ଦଶରଥପୁର ବ୍ଲକ ରଙ୍ଗପୁର ଛକ ନିକଟରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନୀ ଜଣକ ବହୁ ବେକାରୀ ଯୁବକଙ୍କୁ ମାସିକିଆ ମୋଟା ଅଙ୍କର ଅର୍ଥ ଦେବା ସହ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଦ୍ରୁତ ଗତିରେ ଦୌଡ଼ି ପାରୁଥିବା ବାଇକ୍ ମଧ୍ୟ ଯୋଗାଇ ଦେଇଛନ୍ତି। ସମ୍ପୃକ୍ତ ଯୁବକମାନେ ସେହି ବାଇକରେ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଛକ ବଜାର ଓ ଗଳି କନ୍ଦିରେ ଦୈନିକ ବିପୁଳ ପରିମାଣରେ ଚୋରା ମଦ ଯୋଗାଇ ଦେଉଥିବା ବେଳେ କେହି ବିରୋଧ କଲେ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଗାଡ଼ି ଚଢ଼ାଇ ମାରି ଦେବାକୁ ଧମକ ଦେଉଛନ୍ତି। ଗାଁ ଗହଳିରେ ଚୋରା ମଦ ବିକ୍ରି ବୃଦ୍ଧିରେ ସମ୍ପୃକ୍ତ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନୀଙ୍କ ଭୂମିକା ରହୁଥିବାରୁ ଜିଲ୍ଲାପାଳ ଉକ୍ତ ଲାଇସେନ୍ସ ବାତିଲ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା

### ୧୦ରେ ଜୟନ୍ତୀ ଉତ୍ସବ

ଧର୍ମଶାଳା,୮।୯ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୩ତମ ଜୟନ୍ତୀ ଆସନ୍ତା ୧୦ ତାରିଖରେ ଜାରକା ହାଇସ୍କୁଲ ସ୍ଥିତ ଧର୍ମଶାଳା ପାଠାଗାରରେ ଅନୁଷ୍ଠିତ ହେବ। ଉତ୍ସବ ଅବସରରେ ଚଳିତବର୍ଷର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଦକ୍ଷିଣାଞ୍ଚଳ ପୂର୍ବତନ ଆରଡ଼ିସି ତଥା ଶିଶୁ ସାହିତ୍ୟ ସ୍ରଷ୍ଟା ମହେନ୍ଦ୍ର କୁମାର ମଲ୍ଲିକଙ୍କୁ ଓ ଶିଶୁ ସାହିତ୍ୟ ସମ୍ମାନ ସାରଥୀ ମହାପାତ୍ରଙ୍କୁ ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ଗୋକର୍ଣ୍ଣିକା ସୁବକ୍ତା ସମ୍ମାନ ଅବସରପ୍ରାପ୍ତ ପ୍ରାପ୍ତ ପ୍ରାଧ୍ୟାପକ ଶିବଚରଣ ମାଝୀ, ଗୋକର୍ଣ୍ଣିକା ଗଳ୍ପ ସମ୍ମାନ ଡ. ସଚ୍ଚିଦାନନ୍ଦ କର, ଗୋକର୍ଣ୍ଣିକା ପାଠକ ସମ୍ମାନ ସୁନାକର ସାହୁ, ଗୋକର୍ଣ୍ଣିକା ସଂଗଠନ ସମ୍ମାନ ଅଜୟ କୁମାର ବଳ, ଗୋକର୍ଣ୍ଣିକା ବ୍ୟଙ୍ଗକବି ସମ୍ମାନ ବାଇଧର ମାଝୀଙ୍କୁ ପ୍ରଦାନ କରାଯିବ। ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ଦାଶ ବେନହୁର, ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମୁଖ୍ୟବକ୍ତା ଭାବେ ରଜନୀକାନ୍ତ ପୃଷ୍ଟି ଯୋଗ ଦେବେ ବୋଲି ସଭାପତି ଡ. ରମାକାନ୍ତ ଜେନା ଓ ସଂପାଦକ ଡ. ଇନ୍ଦୁପ୍ରଭା ସାମଲ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ନଦୀରେ ବୁଡ଼ି ବାଳକ ନିଖୋଜ

ବରୀ,୮।୯ (ସମିସ): ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସେରପୁର ଗ୍ରାମର ସର୍ବେଶ୍ୱର ଧଳଙ୍କ ପୁଅ ସାହିଲ ଧଳ(୧୪) ଆଜି ଅପରାହ୍ନରେ ସ୍ଥାନୀୟ ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ହୋଇଛନ୍ତି। ଦଶମ ଶ୍ରେଣୀର ଛାତ୍ର ସାହିଲ ବିଦ୍ୟାଳୟରୁ ଫେରି ସାଙ୍ଗମାନଙ୍କ ସହିତ ବ୍ରାହ୍ମଣୀ ନଦୀର ଶୁକ୍ଳ ସାହି ଛଡାକୁ ଖେଳିବାକୁ ଯାଇଥିଲା। ମାତ୍ର ଖେଳିବା ସମୟରେ ଅସାବଧାନତା ଯୋଗୁ ପଠାରୁ ଭିତରକୁ ଖସି ପଡିଥିଲା। ସୁଅରେ ଭାସି ଯିବାରୁ ସାଙ୍ଗ ଜଣଙ୍କ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଅଗ୍ନିଶ୍ରମ ବାହିନୀ ପହଞ୍ଚି ଖୋଜାଖୋଜି ଜାରି ରଖିଥିଲେ ହେଁ କୌଣସି ସନ୍ଧାନ ମିଳିନାହିଁ।

### ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଅସଦାଚରଣ ଅଭିଯୋଗ

## ଥାନାର ଦ୍ୱାରସ୍ଥ ହେଲେ ଶିକ୍ଷୟିତ୍ରୀ



ଦଶରଥପୁର/ମଙ୍ଗଳପୁର,୮।୯ (ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଅସଦାଚରଣ ଏବଂ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଶିକ୍ଷୟିତ୍ରୀ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରା।

ଅଭିଯୋଗ ଅନୁସାରେ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ପଦ୍ମଜା ରାଉତ ୩ ବର୍ଷ ହେବ ଶିକ୍ଷକତା କରିଆସୁଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରା ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରିବା ସହିତ ଅଶ୍ଳୀଳ ଇଙ୍ଗିତ କରିଥାନ୍ତି। ସେ ଗର୍ଭବତୀ ଥିବା ଅବଗତ ଥିବା ସତ୍ତ୍ୱେ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ତାଙ୍କୁ ଛୁଟି ମଞ୍ଜୁର ନ କରିବା ସହ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ଉଦ୍ଦେଶ୍ୟ ମୂଳକ ଭାବେ ନିୟୋଜିତ କରିବା ଏବଂ ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରାଇ ନଦେବା ଭଳି କାର୍ଯ୍ୟ କରିବାକୁ ବାଧ କରିଥାନ୍ତି। ପ୍ରତିବାଦ କଲେ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ମୁଖରେ ଗାଳି ଦେଇଥାନ୍ତି। ଫଳରେ ଦୀର୍ଘ ଦିନ ହେବ ସେ ମାନସିକ ନିର୍ଯାତନା ପାଇବା ସହ ତାଙ୍କ ଗର୍ଭସ୍ଥ ଶିଶୁ ଉପରେ ଏହାର କୁପ୍ରଭାବ ପଡୁଛି। ଯାହାକୁ ନେଇ ଆଜି ପୂର୍ବାହ୍ନରେ ଶିକ୍ଷୟିତ୍ରୀ ଶ୍ରୀମତୀ ରାଉତ ମଙ୍ଗଳପୁର ଥାନାରେ ପହଞ୍ଚି ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ପୁଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଜଗଦୀଶ କର ସୂଚନା ଦେବା ସହ ଅଭିଯୋଗରେ ସତ୍ୟତା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଅପରପକ୍ଷେ ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ମନଗଢ଼ା ବୋଲି କହିଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀର ପୁନଃ ପ୍ରତିଷ୍ଠା



ଧର୍ମଶାଳା,୮।୯ (ସମିସ): ଧର୍ମଶାଳା ବ୍ଲକ ପରିସରରେ ରହିଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ହାତରେ ରହିଥିବା ପୁସ୍ତକକୁ କେହି ଦୁର୍ବୃତ ବାହାର କରି ଅନ୍ୟତ୍ର ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଭୀମରାଓ ଆମ୍ବେଦକର ଓ ବିଜେପି ଅନୁସୂଚିତ ଜାତି ଓ ଉପଜାତି ସଙ୍ଗଠନ ପକ୍ଷରୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଥାନାରେ ଏତଲା ଦିଆଯାଇଥିଲା। ଏପରିକି ବିଡିଓ ମଧ୍ୟ ନିଜେ ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ତେବେ ଏହା ଉପରେ ପୁଲିସ ପକ୍ଷରୁ ଅନୁସନ୍ଧାନ ଜାରିରହିଥିବା ବେଳେ ଆଜି ବ୍ଲକ ପ୍ରଶାସନ ଓ ବ୍ଲକ ଅଧ୍ୟକ୍ଷଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ହାତରୁ ଖସିପଡିଥିବା ପୁସ୍ତକକୁ ପୁନଃ ପ୍ରସ୍ତୁତ କରାଯାଇ ପ୍ରତିମୂର୍ତ୍ତୀର ହାତରେ ରଖାଯାଇଥିଲା। ପ୍ରତିମୂର୍ତ୍ତିର ପୁନଃ ପ୍ରତିଷ୍ଠା ସମୟରେ ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଅତିରିକ୍ତ ବିଡିଓଙ୍କ ସମେତ ବିଜେପି ଅନୁସୂଚିତ ଜାତି ଓ ଉପଜାତି ସେଲର ସଦସ୍ୟ ନାରାୟଣ ମଲିକ, ବିନୋଦ ବିହାରୀ ମଲିକ, ଅନାମ ଚରଣ ମଲିକ, ଅନାମ ଚରଣ ମଲିକ, ତୋଫାନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କା ହଡ଼ପ ମାମଲାରେ ୨ ଗିରଫ




ପାଣିକୋଇଲି, ୮।୯ (ସମିସ): ପାଣିକୋଇଲି ପୁଲିସ ଏକ ଠକେଇ ମାମଲାର ପର୍ଦ୍ଦାଫାସ କରିବା ସହ ନେଇଯାଇଥିବା ସମସ୍ତ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ପ୍ରକାଶଯେ ପାଣିକୋଇଲିରେ ପୁରୁଣା ଟୋଲ ଗେଟ ଠାରେ ରିଲାଏନ୍ସ କମ୍ପାନୀ ନାମରେ ଏକ ସୋରୁମ୍ ଖୋଲାଯାଇଥିଲା। ଉକ୍ତ କମ୍ପାନୀରେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ନୂନପଦି ଗ୍ରାମର ବିନୋଦ ବେହେରାଙ୍କ ପୁଅ ରାଜ କିଶୋର ବେହେରା ଏକ ପିକ୍‌ଅପ୍ ଭଡ଼ା ସୂତ୍ରରେ ଲାଗାଇଥିଲେ। ସେଠାରେ ପାଣିକୋଇଲି ଥାନା ଅନ୍ତର୍ଗତ ଖଜିରପୁର ଗ୍ରାମର ସମ୍ବର ମଲିକଙ୍କ ପୁଅ ସୁରେଶ ମଲିକ ମ୍ୟାନେଜର ଭାବେ କାମ କରୁଥିଲେ। ଭଡ଼ା ବାବଦକୁ କମ୍ପାନୀ ଉପରେ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାକି ରହିଥିଲା। ହେଲେ କମ୍ପାନୀ ଏଠାରୁ ଉଠିଯିବାକୁ ଜାଣିବା ପରେ ମ୍ୟାନେଜର ସହିତ କଥା ହୋଇ ରାଜକିଶୋର କମ୍ପନୀର ଲକ୍ଷାଧିକ ଟଙ୍କା ମାଲ୍ ଗାଡ଼ିରେ ଲୋଡ୍ ହୋଇ ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ବେଳେ ତାହାକୁ ସେମାନଙ୍କ ପାଖରେ ନ ପହଞ୍ଚାଇ ହଡ଼ପ କରିଥିଲେ। କମ୍ପାନୀ ଏଠାରୁ ଚାଲିଯିବା ପରେ ସୁରେଶକୁ ମଧ୍ୟ କମ୍ପାନୀ ବାହାର କରିଦେଇଥିଲା। କମ୍ପାନୀ ଉପରେ ଗାଡି ଭଡ଼ା ବାକିଥିଲା। ଏନେଇ ହଡ଼ପ ଜିନିଷ ପାଇଁ ଯାଜପୁରରୋଡ୍ ଥାନା ଅନ୍ତର୍ଗତ ରାଚ୍ଛିପୁର ଗ୍ରାମର ମାନସୀପ୍ରଭା ରାଉତ ଗତ ଅଗଷ୍ଟ ୨ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୪୪/୨୫ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅପରପକ୍ଷେ ସୁରେଶ ଅଗଷ୍ଟ ୧ ତାରିଖ ରାଜକିଶୋର ମାଲ ହଡପ କରିଥିବାର ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୪୧/୨୫ ରୁଜୁ ହୋଇଥିଲା। ଉଭୟ ମାମଲାର ପୁଲିସ ତଦନ୍ତ ଜାରି ରଖିଥିଲା। ରାଜକିଶୋରରୁ ବାରମ୍ବାର କହିବା ସତ୍ତ୍ୱେ ରାଜକିଶୋର ଥାନାକୁ ଆସିନଥିଲା କି ଜିନିଷ ଫେରାଇନଥିଲା। ଫଳରେ ପୁଲିସ କଟକରେ ଚଢ଼ଉ କରି ୩୨ ଇଞ୍ଚିଆ ଏଲଇଡି ଟିଭି ଗୋଟିଏ, ଭୋଲଟାଭ ଏସି ୮ଟା, ହାଇଅର ଟୁସି ୧ଟା, ନେଚର ୧୬ ପ୍ଲେସ ୧ଟା, ୱାନ ପ୍ଲସ ବ୍ଲୁଟୁଥ ୧ଟା, ଡାଇକିନ ଏସି ୨ଟା, ହୋମ ଥିଏଟର ଗୋଟିଏ, ପୋକୋ ସ୍ମାର୍ଟ ଫୋନ ଗୋଟିଏ ଜବତ କରି ଥାନାକୁ ଆଣିଥିଲା। ଏନେଇ ଦୁଇ ମାମଲାରେ ସୁରେଶ ଓ ରାଜକିଶୋର ପୁଲିସ ଗିରଫ କରିଥିଲା। ଆଜି ଉଭୟଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ବିଞ୍ଝାରପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ବିଞ୍ଝାରପୁର,୮।୯ (ସମିସ)




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ତହସିଲଦାର ପ୍ରଦୀପ୍ତ କୁମାର ସେଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଧର୍ମଶାଳା ପଞ୍ଚାୟତ ସମିତି ଅଧିବେଶନ




ଧର୍ମଶାଳା,୮।୯ (ସମିସ): ଧର୍ମଶାଳା ପଞ୍ଚାୟତ ସମିତିର ୧୧ତମ ସାଧାରଣ ଅଧିବେଶନ ଆଜି ଅପରାହ୍ନରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଜ ପଦବୀରୁ ଇସ୍ତଫା ଦେବା ଓ ନୂତନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ଅଧିବେଶନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା। ପଞ୍ଚାୟତ ସ୍ତରୀୟ ସମସ୍ତ ସରପଞ୍ଚ ସମିତିସଭ୍ୟଙ୍କ ଉପସ୍ଥିତିରେ ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ, ବ୍ଲକ ଅଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ବିଶେଷ ଭାବେ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ଗୁଡିକର ମରାମତି କରିବା ସହିତ ପାନୀୟ ଜଳ, ଇଲେକ୍ଟ୍ରିସିଟି, ରାଜସ୍ୱ, ପ୍ରଧାନମନ୍ତ୍ରୀ ଆବାସ ଗୃହ ଉପରେ ଆଲୋଚନା କରାଯାଇ ଯଥାଶୀଘ୍ର ସମସ୍ୟା ଗୁଡିକର ସମାଧାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଏହି ଅଧିବେଶନରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମିତିସଭ୍ୟ ଓ ସରପଞ୍ଚମାନଙ୍କ ଦ୍ୱାରା ଆଗତ ପ୍ରଶ୍ନର ଉତ୍ତର ଦେବା ସହ ସମସ୍ୟାର ସମାଧାନ ଉପରେ ମତରଖିଥିଲେ।

● ଭୁଲ ବାଟରେ ଭଲପାଇବା...

# ପ୍ରେମିକାଙ୍କ ଜୀବନ ନେଉଛନ୍ତି ସଇତାନ ପ୍ରେମିକ

ବ୍ରହ୍ମପୁର,୮।୯ (ସମିସ): ପ୍ରେମରେ ବିଫଳ ଓ ତ୍ରିକୋଣ ପ୍ରେମ ପାଇଁ ପ୍ରେମିକାଙ୍କ ଜୀବନ ନେଉଛନ୍ତି ପ୍ରେମିକ। କେଉଁଠି ପ୍ରେମିକ ହତାଶ ହୋଇ ପ୍ରେମିକାର ଜୀବନ ନେଉଛି ତ ଆଉ କେଉଁଠି ତ୍ରିକୋଣୀୟ ପ୍ରେମ ପାଇଁ ହେଉଛି ହତ୍ୟା। ଆଉ କେଉଁଠି ପରକୀୟାପ୍ରୀତି ପାଇଁ ହତ୍ୟା କରାଯାଇଛି। ନିକଟରେ ପ୍ରେମ ପାଇଁ ୪ଟି ହତ୍ୟା ହୋଇଛି। ଗତ ଅଗଷ୍ଟ ୧୦ତାରିଖ ରାତିରେ ନିମଖଣ୍ଡି ଥାନା ଶ୍ରୀମା ନଗର ଦ୍ୱିତୀୟ ଲାଇନ୍‌ରେ ପ୍ରେମିକା ଗାୟତ୍ରୀ ସ୍ୱାଇଁଙ୍କୁ ହତ୍ୟା କରିଥିଲା ସଇତାନ ପ୍ରେମିକ ଶାନ୍ତନୁ ପାତ୍ର। ପ୍ରେମିକା ଗାୟତ୍ରୀ ଦୂରେଇ ଯିବ ଓ ପ୍ରେମିକ ହାତରେ ରାକ୍ଷୀ ବାନ୍ଧି ଭାଇ କରିବା କହିବା ପରେ ଶାନ୍ତନୁ ନିଜକୁ ଅପମାନିତ ଅନୁଭବ କରି ପ୍ରେମିକା ଗାୟତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଗତ ଜୁଲାଇ ୧ ତାରିଖରେ ସ୍ଥାନୀୟ ନୂଆବସଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ନିଜ ପ୍ରେମିକା ପ୍ରିୟା ମହାରଣାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା ପ୍ରେମିକ ଅଭୟ କୁମାର ମହାରଣା। ପ୍ରେମିକା ପ୍ରିୟା ଅନ୍ୟତ୍ର ବିବାହ କରିବା ନେଇ ଯୋଜନା କରୁଥିବା ଯୋଗୁଁ ସେହି ରାଗରେ ପ୍ରେମିକ ଅଭୟ ତାଙ୍କୁ ହତ୍ୟା କରିଥିଲା।

ସେହିପରି ଗତ ମେ ୨ତାରିଖରେ ଗୋପାଳପୁର ଥାନା କରାପଲ୍ଲୀ ଗାଁର ପ୍ରଫୁଲ୍ଲ ସାହୁଙ୍କ ୧୭ବର୍ଷୀୟା ଝିଅ ପ୍ରୀତି ସାହୁଙ୍କୁ ନିର୍ମମ ହତ୍ୟା କରିଥିଲା ପ୍ରେମିକ ଅନ୍ତରବାଟିଆର ମୁନା ଖାନ୍। ସମ୍ପର୍କ ରଖିବାକୁ ବାଧ କରିଥିଲା, ପ୍ରୀତି ରାଜି ନହେବାରୁ ପ୍ରେମିକ ହତ୍ୟା କରିଥିଲା। ସେହିଭଳି ଗତବର୍ଷ ବୈଦ୍ୟନାଥପୁର ଥାନା ଗୋଇଲୁଣ୍ଡି ଛକ ନିକଟରେ ଥିବା ବ୍ରହ୍ମପୁର ଲଜ୍ ଓ ଡୋର୍ମିଟୋରିରୁ ପୁଲିସ ଜଣେ ମହିଳାଙ୍କ ମୃତଦେହ ଠାବ କରି ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇଥିଲା ପୁଲିସ। ମୃତ ମହିଳା ଜଣକ ହେଲେ କେରଳ ସାଜଦ ମଞ୍ଜିଲ ପରିପାଲ୍ଲୀ ଥାନା ଅନ୍ତର୍ଗତ ଇଜିପୁରମ୍ ଗ୍ରାମର ସାମିଦମୋନ ଏଏସ୍‌ଙ୍କ ସ୍ତ୍ରୀ କୋନାପଲ୍ଲୀ କ୍ରିଷ୍ଣାବେଣୀ। ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ପୁଲିସ ତଦନ୍ତରେ କ୍ରିଷ୍ଣାକୁ ସାମିଦମୋନ ହିଁ ହତ୍ୟା କରିଥିବା ଜଣାପଡ଼ିବା ପରେ ପୁଲିସ କେରଳରୁ ପ୍ରେମିକ ସାମିଦମୋନକୁ ଗିରଫ କରିଥିଲା। ଏଭଳି ଭାବେ ଏବେ ଜିଲ୍ଲାରେ ହତ୍ୟା ମାମଲା ବୃଦ୍ଧି ପାଇବାରେ ଲାଗିଛି।

# ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକ

ବ୍ରହ୍ମପୁର,୮।୯ (ସମିସ): ଜଣେ ଯୁବକଙ୍କୁ ଧବଳେଶ୍ୱର ଡାକି ନେଇ ସେଠାରେ ବନ୍ଧୁକ ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଛି। ଏ ନେଇ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ପୁରୁଷୋତ୍ତମପୁର ଅଞ୍ଚଳର ସାଗର ମୁନି ଏକ କମ୍ପାନୀରେ କାମ କରୁଛନ୍ତି। କିଛି ଦିନ ତଳେ ସତ୍ୟନାରାୟଣ ସିଲା ଓ କେଦାର ନାମକ ୨ଜଣ ଯୁବକ ତାଙ୍କୁ ବିଜିପୁରକୁ ଡାକି ଥିଲେ। ସେଠାରୁ ସାର୍ କଥା ହେବେ ବୋଲି କହି ଗୋପାଳପୁର ନିକଟ ଧବଳେଶ୍ୱରକୁ ଡାକି ନେଇଥିଲେ। ସେଠାରେ ଜ୍ଞାନରଞ୍ଜନ ସାହୁ ନାମକ ଜଣେ ଯୁବକ ତାଙ୍କ ସହ କଥା ହୋଇଥିଲେ। ସେଠାରେ ତାଙ୍କୁ ମଦ ପିଇବାକୁ ଦେଇଥିଲେ। ଏହାପରେ ସେମାନେ ଯେଉଁ କାମ କରୁଛନ୍ତି ସେ ବିଷୟରେ କମ୍ପାନୀକୁ ନଜଣାଇବାକୁ କହିଥିଲେ। ଏକ ବନ୍ଧୁକ ଦେଖାଇ ତାଙ୍କୁ ଧମକ ଦେଇଥିଲେ। ଏହାପରେ ସେମାନେ ତାଙ୍କୁ ଆଣି ପୁଣି ଥରେ ବ୍ରହ୍ମପୁରରେ ଛାଡ଼ି ଦେଇଥିଲେ। ଘଟଣାକୁ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଗୋଟିଏ ଏସି କିଣିଲେ ଆଉ ଗୋଟିଏ ଫ୍ରି' କହି ୩୩ ହଜାର ଠକେଇ

ବ୍ରହ୍ମପୁର,୮।୯ (ସମିସ): ଗୋଟିଏ ଏସି(ଶୀତତାପ ନିୟନ୍ତ୍ରକ ଯନ୍ତ୍ର) କିଣିଲେ ଆଉ ଗୋଟିଏ ମାଗଣା ମିଳିବ ବୋଲି କହି ଜଣେ ଯୁବକଙ୍କ ଠାରୁ ୩୩ ହଜାର ଟଙ୍କା ଠକେଇ ହୋଇଛି। ଗଞ୍ଜାମ ଜିଲାର ଜଣେ ଯୁବକ ଏକ ଏସି କିଣିବାକୁ ଯୋଜନା କରିଥିଲେ। ସେ ଗୁଗଲ ୱେସାଇଟକୁ ଯାଇ ଅନ୍‌ଲାଇନରେ ବିଭିନ୍ନ କମ୍ପାନୀର ଏସି ସର୍ଚ୍ଚ କରିଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ନୟାଗଡ଼ ଜିଲାରୁ ଗୋଟିଏ ଏସି ଡିଷ୍ଟ୍ରିବ୍ୟୁଟର ବୋଲି ପରିଚୟ ଦେଇଥିଲା। ଏକ ଦାମୀ କମ୍ପାନୀର ୧.୫ ଟନ ବିଶିଷ୍ଟ ଏକ ଏସି କିଣିଲେ ଆଉ ଗୋଟିଏ ଏସି ମାଗଣାରେ ମିଳିବ ବୋଲି କହିଥିଲେ। ଗୋଟିଏ ଏସିର ଦାମ୍ ୩୩ ହଜାର ଟଙ୍କା ବୋଲି ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ। ଏପରିକି ୨ଟି ଏସି ତାଙ୍କ ଘରେ ଡେଲିଭେରି ହେବ ବୋଲି ଜଣାଇଥିଲେ।

୩୩ ହଜାର ଟଙ୍କା ଦେଲେ ୨ଟି ଏସି ମିଳିବ ବୋଲି ଭାବି ଯୁବକ ଜଣଙ୍କ ଲୋଭରେ ପଡ଼ି ଯାଇଥିଲେ। ଏପରିକି ସାଇବର ଠକ ଜଣଙ୍କ ଅଭିଯୋଗକାରୀଙ୍କ ମୋବାଇଲକୁ ବିଭିନ୍ନ କମ୍ପାନୀର ଏସିର ଫଟୋ ମଧ୍ୟ ପଠାଇଥିଲେ। ଏହା ଦେଖିବା ପରେ ତାଙ୍କ ଲୋଭ ବଢ଼ି ଯାଇଥିଲା। ଏହାପରେ ସେ ସଂପୃକ୍ତ ବ୍ୟକ୍ତିଙ୍କ ଫୋନ-ପେ'କୁ ଅନ୍‌ଲାଇନ୍‌ରେ ୩୩ ହଜାର ଟଙ୍କା ପଠାଇଥିଲେ। ହେଲେ ଟଙ୍କା ପଠାଇବାର ଅନେକ ଦିନ ଯାଏଁ ୨ଟି ଏସି ପହଞ୍ଚିନଥିଲା। ସେ ସଂପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

୨ ଡିଜେ ଗାଡ଼ି ଲଢ଼େଇ ଘଟଣାରେ କାର୍ଯ୍ୟାନୁଷ୍ଠାନ

# ଡିଜେ ମାଲିକଙ୍କ ଘରେ ଚଢ଼ଉ କଲେ ଉପଜିଲ୍ଲାପାଳ

● ଲାଇଟ୍, ସାଉଣ୍ଡ, ଜେନେରେଟର ସହ ଡିଜେ ଗାଡି ଜବତ, ଘର ସିଲ୍

● ଆୟୋଜକ, ଡିଜେ ମାଲିକ ଓ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ



ବ୍ରହ୍ମପୁର/ସାନଖେମୁଣ୍ଡି:୮।୯ (ସମିସ)

ବ୍ରହ୍ମପୁର ଉପକଣ୍ଠ ଫୁଲଟା ଗ୍ରାମରେ ଗଣେଶ ମେଢ଼ ଭସାଣି ସମୟରେ ଦୁଇ ଡିଜେ ଗାଡ଼ି ମଧ୍ୟରେ ଲଢ଼େଇ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ପରେ ଆକ୍ସନ ମୋଡ଼ରେ ପ୍ରଶାସନ। ସୋମବାର ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିଷେକ କୁମାର ସମ୍ପୃକ୍ତ ଦୁଇ ଡିଜେ ମାଲିକଙ୍କ ଘରେ ଏବଂ ଡିଜେ ସାମଗ୍ରୀ ଗଚ୍ଛିତ ଥିବା ଗୋଦାମ ଘରେ ଚଢ଼ଉ କରି ବହୁ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ସଦର ଥାନା ଅନ୍ତର୍ଗତ ବାଲିପଡ଼ା ଅଞ୍ଚଳର 'ବଜରଙ୍ଗୀ ଡିଜେ' ଏବଂ ଗୌତମୀ ପଞ୍ଚାୟତ ପଦ୍ମତୋଳାର 'ରାହୁଲ ଡିଜେ' ମାଲିକଙ୍କ ଘରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିଷେକ କୁମାର ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସାନଖେମୁଣ୍ଡି ଓ କୁକୁଡ଼ାଖଣ୍ଡି ତହସିଲଦାରଙ୍କ ସମେତ ନିମଖଣ୍ଡି ଓ ସଦର ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ସାମିଲ ଥିଲେ। ଡିଜେରେ ବ୍ୟବହୃତ ସମସ୍ତ ଲାଇଟ୍ ଆଣ୍ଡ ସାଉଣ୍ଡ ସହ ଜେନେରେଟର୍ ଓ ଗାଡ଼ିକୁ ଜବତ କରିବା ସହ ମାଲିକଙ୍କ ଘରକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ସେପଟେ ଉଭୟ ମାଲିକ ଓ ଆୟୋଜକ ପୂଜା କମିଟି ସଦସ୍ୟଙ୍କୁ ନେଇ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ଉପଜିଲ୍ଲାପାଳ। ଯୋଜନାବଦ୍ଧ ଭାବେ ଏଭଳି ଘଟଣା ଘଟିଥିଲା ଅଥବା ହଠାତ ପ୍ରତିଯୋଗିତାମୂଳକ ପରିସ୍ଥିତି ଉପୁଜିଥିଲା ସେ ନେଇ ତଦନ୍ତ ଜାରି ରହିଥିବା ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା କହିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁଇଟି ଡିଜେ ଗାଡ଼ିକୁ ଜବତ କରିବା ସହ ସେଥିର କର୍ମଚାରୀଙ୍କୁ ପୁଲିସ କାବୁ କରିଛି। ସମସ୍ତଙ୍କୁ ତାଗିଦ କରାଯିବା ସହ ଡିଜେ ମାଲିକଙ୍କ ଉପରେ ୨୧ହଜାର ଟଙ୍କାର ଜରିମାନା ପଡ଼ିଥିବା ଜଣାପଡ଼ିଛି। ବଜରଙ୍ଗୀ ଡିଜେ ମାଲିକଙ୍କୁ ୮ହଜାର ୫ଶହ ଓ ରାହୁଲ ଡିଜେ ମାଲିକଙ୍କୁ ୧୨ହଜାର ୫ଶହ ଟଙ୍କା ଜରିମାନା ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇଦିନ ପୂର୍ବେ ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁର ଦୁଇସାହିରେ ଗଣେଶ ମେଢ଼ର ବିସର୍ଜନ ଚାଲିଥିଲା।

ଉକ୍ତ କାର୍ଯ୍ୟକ୍ରମରେ ନିୟୋଜିତ ଦୁଇଟି ଡିଜେ ଗୋଟିଏ ସ୍ଥାନରେ ମୁହାଁମୁହିଁ ହେଲେ ସେଠାରେ ଭୟାନକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଭୟ ଡିଜେ ଗାଡି ଧକ୍କା ମରାମରି ହେବା ସହ ଉଭୟ କମିଟି ସଦସ୍ୟଙ୍କ ମଧ୍ୟରେ ମଧ୍ୟ ବଚସା ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁଇ ଡିଜେ ଗାଡି ଧକ୍କା ଦେବାର ଭିଡିଓ ଭାଇରାଲ ପରେ ଆକ୍ସନ ମୋଡ୍‌ରେ ଆସି ତୁରନ୍ତ ପଦକ୍ଷେପ ନେଇଛି ପ୍ରଶାସନ। ବର୍ତ୍ତମାନ ନିମଖଣ୍ଡି ଥାନା ପୁଲିସ ଦୁଇ ଡିଜେ ଗାଡ଼ିର ଡ୍ରାଇଭର, ହେଲ୍‌ପର, ଉଭୟ ପୂଜା କମିଟି ସଦସ୍ୟ ଓ ଡିଜେ ମାଲିକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

କଳିଙ୍ଗ ସାହିତ୍ୟ ସମାଜର ସ୍ୱନକ୍ଷତ୍ର ଉତ୍ସବ

# 'କବି ଓ କୋବିଦଙ୍କ ଭୂମି ଗଞ୍ଜାମ'

ବ୍ରହ୍ମପୁର,୮।୯ (ସମିସ)

ଗଞ୍ଜାମ କବି ଓ କୋବିଦମାନଙ୍କ ପାଦସ୍ପର୍ଶରେ ପବିତ୍ରତା ଲାଭ କରିଥିବା ସଂପନ୍ନ ଭୂମିଖଣ୍ଡ। ବହୁ ବିଦ୍ୱାନ୍ ସାରସ୍ୱତ ସାଧକମାନଙ୍କୁ ଏ ମାଟି ଜନ୍ମ ଦେଇଛି। ବହୁ ସାହିତ୍ୟ ସାଧକମାନଙ୍କୁ କୋଳରେ ଧାରଣ କରି ଗଞ୍ଜାମ ମାଟି ଧନ୍ୟ ହୋଇଛି ବୋଲି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳସଚିବ ପ୍ରଫେସର୍ ଉତ୍ତମା ଜେନା ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ସାହିତ୍ୟ ସମାଜର ୫୫ତମ ସ୍ୱନକ୍ଷତ୍ର ସୁନିଆଁ ଉତ୍ସବ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଛି। ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ଉତ୍ସବରେ ଅଧ୍ୟକ୍ଷତା କରି ସାହିତ୍ୟ ସମାଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଉତ୍ସବରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ତଥା ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ପ୍ରାକ୍ତନ ମୁଖ୍ୟା ପ୍ରଫେସର୍ ଉତ୍ତମା ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ନାଟ୍ୟକାର ତଥା ବୁଗୁଡ଼ା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ।

ଉତ୍ସବ ପ୍ରାରମ୍ଭରେ ଡ. ହୃଷୀକେଶ ପଣ୍ଡା ଆମନ୍ତ୍ରିତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି ଓଝା ପ୍ରାକ୍-ସୂଚନା, ଅତିଥି ପରିଚୟ ପ୍ରଦାନ କରିବା ସଂଗେ ସଂଗେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଉତ୍ସବରେ ଡ. ସୂଚନା ପାଢ଼ୀଙ୍କ ଅନୂଦିତ ଗ୍ରନ୍ଥ 'ବିଶ୍ୱ ବାଟିକାର ରଜନୀଗନ୍ଧା' ଓ ଭିକାରୀ ଚରଣ ମହାପାତ୍ରଙ୍କ ଲଳିତ ନିବନ୍ଧ ପୁସ୍ତକ "ନିମିତ୍ତ ମାତ୍ର ଓ ଭବ ସବ୍ୟସାଚୀନ୍' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ 'କବିତା ଆବୃତ୍ତି ଆସର'ରେ କଳିଙ୍ଗ ସାହିତ୍ୟ ସମାଜ ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଖ୍ୟାତିସମ୍ପନ୍ନ କବି ମନୋରଞ୍ଜନ ପାଣିଗ୍ରାହୀ ଓ 'ଉତ୍କଳିକା'ର ସଂପାଦକ ବିଜୟ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ଆସରରେ ବହୁ କବି ଯୋଗ ଦେଇଥିଲେ।



ଜମାକାରୀଙ୍କ ଟଙ୍କା ଆତ୍ମସାତ ଘଟଣା

# ଥାନାଅଧିକାରୀଙ୍କୁ କ୍ଷତିଗ୍ରସ୍ତଙ୍କ ଦାବିପତ୍ର

ଦିଗପହଣ୍ଡି,୮।୯ (ସମିସ): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ମୁଖ୍ୟରାସ୍ତା କଡ଼ରେ ଥିବା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଜଣେ କିରାଣି ବହୁ ସଂଖ୍ୟକ ଜମାକାରୀଙ୍କ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିବାର ୨ ମାସ ବିତିଯାଇଥିଲେ ମଧ୍ୟ ଜମାକାରୀଙ୍କ ପ୍ରାପ୍ୟ ଟଙ୍କା ମିଳୁନଥିବା ଅଭିଯୋଗ ହୋଇଛି। ସ୍ଥାୟୀ ଜମା ରାଶି ମ୍ୟାଚ୍ୟୁରିଟି ହୋଇସାରିଥିଲେ ମଧ୍ୟ ସେମାନଙ୍କୁ ଅର୍ଥରାଶି ପ୍ରଦାନ କରୁନାହାନ୍ତି। ଏନେଇ ସୋମବାର ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥଙ୍କ ନେତୃତ୍ୱରେ ଦିଗପହଣ୍ଡି ଥାନାରେ ଡିଏସପି ପ୍ରଶାନ୍ତ କୁମାର ପାତ୍ରଙ୍କୁ ସାକ୍ଷାତ କରି ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜମା ଟଙ୍କା ନମିଳିଲେ ଜମାକାରୀ ମାନେ ସମ୍ପୃକ୍ତ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ୟାଙ୍କ ଶାଖା ପରିଚାଳକ ପି. ପ୍ରଦୀପ କୁମାର ଏହି ଘଟଣାର ଆଭ୍ୟନ୍ତରୀଣ ତଦନ୍ତ କରିବା ପରେ ଘଟଣାରେ ସତ୍ୟତା ଥିବାରୁ ଦିଗପହଣ୍ଡି ଥାନା ରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଗତ ଜୁନ ୨୪ରେ ମାମଲା ନଂ.୨୩୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ଏହି ବ୍ୟାଙ୍କ ଠକେଇର ମାଷ୍ଟର ମାଇଣ୍ଡ ବ୍ୟାଙ୍କ କିରାଣୀ ଦିଗପହଣ୍ଡି କୋର୍ଟକଲୋନୀର ମୂଳ ବାସିନ୍ଦା ତଥା ଗୋପାଳପୁର ଥାନା ଆମ୍ବପୁଆ ବସନ୍ତ ବିହାର ୪ର୍ଥ ଲେନର ଏସ. ପ୍ରିୟମ ପ୍ରଥମ ସାବତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏନେଇ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାରୁ ବ୍ୟାଙ୍କ ମୁଖ୍ୟାଳୟକୁ ସମସ୍ତ ଘଟଣା ଜଣାଇ ଦିଆଯାଇଛି। ସେଠାରୁ ନିର୍ଦ୍ଦେଶ ଆସିଲେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାର୍ଥୀଙ୍କ ସଫଳତା

ବ୍ରହ୍ମପୁର,୮।୯ (ସମିସ): ବିଦ୍ୟାଭାରତୀ ଆନୁକୂଲ୍ୟରେ ଶିକ୍ଷା ବିକାଶ ସମିତିଙ୍କ ଦ୍ୱାରା ଗତ ୫ ଓ ୬ତାରିଖରେ କଟକର ଗତିରାଉତପାଟଣା (କେଶବଧାମ) ଠାରେ ରାଜ୍ୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ସେଥିରେ ସ୍ଥାନୀୟ ସରସ୍ୱତୀ ଶିଶ ବିଦ୍ୟା ମନ୍ଦିର ୩ଜଣ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ନାହକ, ସୁଶ୍ରୀ ଜେ. ଏସ୍. ରିଲଭି ରାଉତ ଓ ସୁଶ୍ରୀ ଅଦ୍ୟାଶା ମହାନ୍ତି ବିଜ୍ଞାନ ପ୍ରଶ୍ନ ମଞ୍ଚରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣି ଦେଇଛନ୍ତି। ଏହି ଛାତ୍ରୀମାନେ କ୍ଷେତ୍ର ସ୍ତର ପାଇଁ ଆସନ୍ତା ଅକ୍ଟୋବର ୮ ଓ ୯ ତାରିଖରେ ଦକ୍ଷିଣ ବଙ୍ଗ ଯିବେ। ସେହିଭଳି ଗତ ୬ତାରିଖରେ ସରକାରୀ ସ୍ତରୀୟ ଜୋନାଲ୍ ଲେବେଲ ଖେଳକୁଦ ପ୍ରତିଯୋଗିତାରେ ୧୪ବର୍ଷରୁ କମ୍ ଛାତ୍ର ପ୍ରିୟାଂଶୁ ପ୍ରିୟଦର୍ଶୀ ୧୦୦ ମିଟର, ୬୦୦ ମିଟର ଓ ଲମ୍ବା ଡିଆଁରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୧୭ ବର୍ଷରୁ କମ୍ ଭଉଣୀମାନଙ୍କ ମଧ୍ୟରେ ଆରାଧନା ସାହୁ ଲମ୍ବା ଡିଆଁରେ ପ୍ରଥମ ସ୍ଥାନ, ୧୭ବର୍ଷରୁ କମ୍ ଭାଇ ମାନଙ୍କ ମଧ୍ୟରେ ଜ୍ୟୋତିହର ବେହେରା ଲମ୍ବା ଡିଆଁରେ ପ୍ରଥମ, ଥାଳିଆ ଫିଙ୍ଗାରେ ଦ୍ୱିତୀୟ ସ୍ଥାନ ଏବଂ କେ. ପ୍ରେମ୍ ଗୁଳା ଫିଙ୍ଗାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଛାତ୍ର ଛାତ୍ରୀମାନେ ଆସନ୍ତା ୯ ଏବଂ ୧୦ ତାରିଖରେ ବ୍ଲକସ୍ତରୀୟ ଖେଳ କୁଦରେ ଅଂଶଗ୍ରହଣ କରିବାକୁ ମନୋନିତ ହୋଇଛନ୍ତି। ଗତ ରବିବାର ଦିନ ପ୍ରଜ୍ଞା ପ୍ରଭା ତରଫରୁ ଆୟୋଜିତ ତର୍କ ପ୍ରତିଯୋଗିତାରେ ବିଦ୍ୟାଳୟର ଶୁଶ୍ରୀ ଧ୍ୟାନଲଗ୍ନା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ସର୍ବଭାରତୀୟ ପେନସନର୍ସ ବୈଠକ ନିଷ୍ପତ୍ତିକୁ ରାଜ୍ୟ ଓ ଗଞ୍ଜାମ ସେବାନିବୃତ୍ତ ବିକାଶ ମଞ୍ଚର ସମର୍ଥନ

ବ୍ରହ୍ମପୁର,୮।୯ (ସମିସ): ରାଞ୍ଚିରେ ସର୍ବଭାରତୀୟ ପେନସନର୍ସ ବୈଠକ ହୋଇଥିବାବେଳେ ବିଭିନ୍ନ ନିଷ୍ପତ୍ତିକୁ ରାଜ୍ୟ ଓ ଗଞ୍ଜାମ ସେବାନିବୃତ୍ତ ବିକାଶ ମଞ୍ଚର ପକ୍ଷରୁ ସମର୍ଥନ ଦିଆଯାଇଛି। ବୈଠକରେ ଗତ ମୌସୁମୀ ଅଧିବେଶନରେ ସାଂସଦରେ ପାରିତ ହୋଇଥିବା ଭାଲିଡିସନ ଆକ୍ଟ ଦ୍ୱାରା ପେନସନର୍ସମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ସହ ସେମାନଙ୍କ ଅଧିକାରକୁ ଓ ପ୍ରାପ୍ୟକୁ ସଂକୁଚିତ କରିବା ପାଇଁ ହେଉଥିବା ମସୁଧାକୁ ତୀବ୍ର ବିରୋଧ କରାଯାଇଥିଲା। ପାରିତ ହୋଇଯାଇଥିବା ଭାଲିଡେ ସନ ଆକ୍ଟକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ଜୋରଦାର ଆନ୍ଦୋଳନ କରିବାପାଇଁ ବୈଠକରେ ନିଷ୍ପତି ହୋଇଥିଲା। ଏହା ସହ ଶୀଘ୍ର ଅଷ୍ଟମ ବେତନ ନିର୍ଧାରଣ ପାଇଁ କମିଶନ ଓ ସଭ୍ୟ ନିଯୁକ୍ତି ପାଇଁ ମଧ୍ୟ ଦାବି କରାଯାଇଥିଲା। ଏଥିରେ ସେବାନିବୃତ୍ତ ବିକାଶ ମଞ୍ଚର ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା କଥା ଓଡିଶାରୁ ପ୍ରତିନିଧିତ୍ୱ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚାନା କରିବା ସହ ବୈଠକରେ ହୋଇଥିବା ନିଷ୍ପତିକୁ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଂଗଠନର ସମସ୍ତ ନିଷ୍ପତିକୁ ରାଜ୍ୟ ସମର୍ଥନ କରିବ ବୋଲି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ କାମରାଜୁ ମହାରଣା ଓ ଗଞ୍ଜାମ ଜିଲ୍ଲା ସେବା ନିବୃତ୍ତ ସଭାପତି ପ୍ରଦୀପ କୁମାର ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ମନ୍ତ୍ରୀ ଗଢ଼ିଲେ 'ମନ୍ତ୍ରିମଣ୍ଡଳ'

୧୯ ଜଣଙ୍କୁ ବାଣ୍ଟିଲେ ବିଭିନ୍ନ ବିଭାଗ

ବ୍ରହ୍ମପୁର,୮।୯ (ସମିସ): ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ଓ ଇସ୍ପାତ ଏବଂ ପରିବହନ ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚାରେ ରହିଛନ୍ତି। ବର୍ତ୍ତମାନ ପୁଣି ଏକ ପ୍ରସଙ୍ଗରେ ମନ୍ତ୍ରୀ ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ଯଦିଓ ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଏନ୍‌ଏସି ସମେତ ବ୍ରହ୍ମପୁର ମହାନଗର ନିଗମ ପାଇଁ ନିଜର ପ୍ରତିନିଧିଙ୍କ ନାମ ଘୋଷଣା କରିସାରିଛନ୍ତି ତଥାପି ବର୍ତ୍ତମାନ ନିଆରା ଢଙ୍ଗରେ ପୁଣି ନିଜ ଦଳର ତଥା ନିଜ ନିକଟତମ ୧୯ଜଣଙ୍କୁ ବିଭିନ୍ନ ବିଭାଗ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ସେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଗତ ଅଗଷ୍ଟ ୨୮ତାରିଖରେ ଚିଠି ଲେଖିଛନ୍ତି। ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ପରେ ଏନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ଠାରୁ ଆସିଥିବା ଚିଠି ଓ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଗତ ୬ତାରିଖରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ତେବେ ମନ୍ତ୍ରୀଙ୍କ ପକ୍ଷରୁ ଜାରି ହୋଇଥିବା ଏଭଳି ଚିଠିକୁ ନେଇ ସବୁମହଲରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀ। ଡମ୍ବୁରୁଙ୍କ କହିବା କଥା ହେଉଛି ପୂର୍ବରୁ ଜିଲ୍ଲାର ଥିବା ବହୁ ମନ୍ତ୍ରୀ ଓ ବିଧାୟକଙ୍କ ପକ୍ଷରୁ ଏଭଳି ଚିଠି କେବେ ଜାରି ହୋଇନାହିଁ। ଏହା ଅଗଣତାନ୍ତ୍ରିକ ଓ ବେନିୟମ। ଏପରିକି ଦାୟିତ୍ୱ ପ୍ରଦାନ କରାଯାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ କେତେକଙ୍କ ନାମରେ ଅପରାଧିକ ମାମଲା ରହିଥିବା ବେଳେ ସେମାନଙ୍କୁ ଏଭଳି ଦାୟିତ୍ୱ ଦେବା ଅର୍ଥ ଅପରାଧକୁ ଓ ଅପରାଧୀଙ୍କୁ ମନ୍ତ୍ରୀ ପ୍ରୋତ୍ସାହିତ କରୁଥିବା ସ୍ପଷ୍ଟ ହେଉଛି। ଏଣୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀ ଚିଠିକୁ ନେଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ହସ୍ତକ୍ଷେପ ଲୋଡ଼ିବା ସହିତ ସାମାଜିକ ଗଣମାଧ୍ୟମରେ ମଧ୍ୟ ପୋଷ୍ଟ କରିଛନ୍ତି। ଏହା ଦ୍ୱାରା ମନ୍ତ୍ରୀ ବିଭୂତି ଜେନା ପ୍ରଶାସନକୁ ଚାପରେ ରଖିବାକୁ ଉଦ୍ୟମ କରିଥିବା ଡମ୍ବୁରୁ ଅଭିଯୋଗ କରିଛନ୍ତି। ସେହିଭଳି ସୁନୀଲ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ମନ୍ତ୍ରୀ ଖଣି, ପୁଲିସ ଓ କୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେବାକୁ ନେଇ ମଧ୍ୟ ଡମ୍ବୁରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। କୋର୍ଟ ଓ ବିଚାର ବିଭାଗ ସମ୍ପୂର୍ଣ୍ଣ ନିରପେକ୍ଷ ଥିବା ବେଳେ ଏହି ବିଭାଗ ଦାୟିତ୍ୱ ସହିତ ଖଣି ଓ ପୁଲିସ ବିଭାଗର ଦାୟିତ୍ୱରେ ଏକାଧିକ ଅପରାଧିକ ମାମଲା ଥିବା ଜଣେ ବ୍ୟକ୍ତିଙ୍କୁ ଦେବାକୁ ନେଇ ମଧ୍ୟ ଡମ୍ବୁରୁ ପ୍ରଶ୍ନ କରିଛନ୍ତି। ଏଭଳି ଚିଠି ଜାରି କରି ମନ୍ତ୍ରୀ ନିଜର ନୈତିକତା ହରାଇଛନ୍ତି ଏବଂ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବରଖାସ୍ତ କରିବାକୁ ସେ ଦାବି କରିଛନ୍ତି। ଏଥିପାଇଁ ସେ ମହାମାନ୍ୟ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

ଚିଠିକୁ ନେଇ ଆପତ୍ତି କରିବା ସହ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୂର୍ବ ଜିଲ୍ଲା ପରିଷଦ ସଭ୍ୟ

# ଜବରଦଖଲକାରୀଙ୍କ ବିରୋଧରେ କଠୋର ହେବ ପ୍ରଶାସନ





■ ପ୍ରଥମ ପର୍ଯ୍ୟାୟରେ ଟାଟାବେଞ୍ଜ ଛକ-କମ୍ବାପଲ୍ଲୀ ରାସ୍ତା ଟାର୍ଗେଟ

■ ସଚେତନତା ସୃଷ୍ଟି ପରେ ହେବ ଉଚ୍ଛେଦ

■ ସମ୍ବେଦନଶୀଳ ରାସ୍ତା ପାର୍ଶ୍ୱରେ ଜାରି ରହିବ ଅଭିଯାନ

ବ୍ରହ୍ମପୁର,୮।୯ (ସମିସ)

ବ୍ରହ୍ମପୁର ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଜବରଦଖଲ। ଦିନକୁ ଦିନ ବୃଦ୍ଧି ପାଉଥିବା ଉଭୟ ଜନସଂଖ୍ୟା ଓ ଯାନବାହାନ ସଂଖ୍ୟା ସାଙ୍ଗକୁ ସହରର ସଙ୍କୁଚିତ ତଥା ଅଣଓସାରିଆ ରାସ୍ତା ଯୋଗୁଁ ଜଟିଳ ହେବାରେ ଲାଗିଛି ସମସ୍ୟା। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଏମ୍‌ସି ପକ୍ଷରୁ ସହରରେ ଜବରଦଖଲ ଉଚ୍ଛେଦ ଜାରି ରହିଥିବାବେଳେ ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ସହାୟତାରେ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଟାଟାବେଞ୍ଜ ଛକ ଠାରୁ କମ୍ବାପଲ୍ଲୀ ଛକକୁ ଟାର୍ଗେଟ କରାଯାଇଛି। ସହରର ଅନ୍ୟତମ ବ୍ୟସ୍ତ ତଥା ଜନଗହଳିପୂର୍ଣ୍ଣ ଏହି ରାସ୍ତାରେ ଜବରଦଖଲ ଯୋଗୁଁ ଆମ୍ବୁଲାନ୍ସ ଯିବାରେ ସମସ୍ୟା ସୃଷ୍ଟି ହେଉଛି। ସବୁଠାରୁ ବଡ଼କଥା ହେଲା ରାସ୍ତା କଡ଼ରେ ଥିବା ନାଳକୁ ମଧ୍ୟ ନିଜ କବ୍‌ଜରେ ରଖିଛନ୍ତି ବ୍ୟବସାୟୀ ଓ ବ୍ୟକ୍ତିବିଶେଷ। ଫଳରେ ଡ୍ରେନ ସଫା ହୋଇନପାରି ବର୍ଷା ଦିନରେ ନର୍ଦ୍ଦମା ଜଳ ରାସ୍ତା ଉପରେ ଢେଉ ଖେଳୁଛି। ଏସବୁକୁ ଦୃଷ୍ଟିରେ ରଖି ତଥା ଏଭଳି ଦୀର୍ଘ ବର୍ଷର ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉଚ୍ଛେଦ ଅଭିଯାନକୁ ବ୍ୟପକ କରାଯାଇଛି। ଏଥିପାଇଁ ବ୍ରହ୍ମପୁର ମହାନଗର ନିଗମ କମିସନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଉପଜିଲ୍ଲାପାଳ ଅବିନାଶ କୁମାର ଓ ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ମଧ୍ୟରେ ଆଲୋଚନା ବେଳେ ସହରର କିଛି ଅଞ୍ଚଳକୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ସୋମବାରରୁ ଟାଟାବେଞ୍ଜ ଛକ ଠାରୁ କମ୍ବାପଲ୍ଲୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ଏଥି ପୂର୍ବରୁ ଜବରଦଖଲକାରୀଙ୍କୁ ପ୍ରଥମେ ସଚେତନ କରିବା ସହ ଆଗୁଆ ନୋଟିସ ଜାରି କରାଯାଇଥିଲା। ଶେଷରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଛି। ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ନିଜେ ଉପସ୍ଥିତ ଥିବାବେଳେ ବିଏମ୍‌ସି, ତହସିଲ କର୍ମଚାରୀ, ୱାଟ୍‌କୋ, ଟାଟାପାୱାର ଓ ପୁଲିସ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ଅଭିଯାନ ଆଗାମୀ ଦିନରେ ସହର ବ୍ୟାପୀ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଉପ ଜିଲ୍ଲାପାଳ। ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ମିଳିତ ତଥା ବ୍ୟାପକ ଉଚ୍ଛେଦ ଅଭିଯାନକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ବଡ଼ବଜାର, ପୁରୁଣା ବ୍ରହ୍ମପୁର, ଆସ୍କାରୋଡ୍, ଗେଟବଜାର ଓ ନୂଆ ବସ୍‌ଷ୍ଟାଣ୍ଡ ରୋଡ ଆଦି ଅଞ୍ଚଳକୁ ଜବରଦଖଲ ମୁକ୍ତ କରି ସହରବାସୀଙ୍କୁ ସୁବିଧାର ସହ ଯାତାୟାତ କରିବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଖିଲାପକାରୀ ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ ପାଇଁ ନିର୍ଦ୍ଦେଶ



ବାରିପଦା, ୮।୯ (ସମିସ)

ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱରଚନ୍ଦ୍ର ନାଏକ, ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଜିଲ୍ଲାରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନଏଚଏଆଇ ଅଧୀନରେ ନିର୍ମାଣାଧୀନ ରାସ୍ତା ସହିତ ଏହାର ରକ୍ଷଣାବେକ୍ଷଣ ଉପରେ ସମୀକ୍ଷା କରିଥିଲେ। ସେହିପରି ପୂର୍ତ୍ତ, ଗ୍ରାମ୍ୟଉନ୍ନୟନ, ଆଇଟିଡିଏ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସମୀକ୍ଷା ସମୟରେ ବିଶେଷ କରି ଗମନାଗମନ ପାଇଁ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବାରୁ ରାସ୍ତା ନିର୍ମାଣରେ ହେଉଥିବା ମନ୍ଥର ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ମାଣାଧୀନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ଦେଖାଦେଉଥିବା ଅନ୍ତରାୟ ଓ ପ୍ରତିବନ୍ଧକ କିପରି ସମାଧାନ ହେବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ବିଭାଗର ସମନ୍ୱୟରେ କିପରି ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ ହୋଇ ଧାର୍ଯ୍ୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବ ସେ ନେଇ ମଧ୍ୟ ସମୀକ୍ଷା କରିଥିଲେ। ଲଗାଣ ବର୍ଷା ହେତୁ ଗୁରୁତର ଭାବେ ନଷ୍ଟ ହୋଇଥିବା ରାସ୍ତାଗୁଡିକର ନିର୍ମାଣ ଏବଂ ମରାମତି ଅଗ୍ରାଧିକାର ଭିତ୍ତିରେ ଦୁର୍ଗାପୂଜା ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ନିର୍ମାଣ ଉତ୍ତମ ମାନର ହେବା ଉଚିତ। ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟଭାବେ କହିଛନ୍ତି। ଯେଉଁ ଠିକାଦାର ଧାର୍ଯ୍ୟ ଅବଧି ମଧ୍ୟରେ ନିର୍ମାଣ ସମ୍ପୂର୍ଣ୍ଣ କରିବା ଦିଗରେ ଅବହେଳା ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ କଳା ତାଲିକା ଭୁକ୍ତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଉପଖଣ୍ଡ ସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପୂଜା ପୂର୍ବରୁ ରାସ୍ତା ମରାମତି ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନଗରପାଳଙ୍କ ପତ୍ର

ବାରିପଦା ସହରର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦୁର୍ଗାପୂଜା ପୂର୍ବରୁ ସହରର ରାସ୍ତା ମରାମତି କରିବାକୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରାୟଙ୍କୁ ଏକ ପତ୍ରଯୋଗେ ଜଣାଇଛନ୍ତି। ଗତ ୫ମାସ ଧରି ଲଗାଣ ବର୍ଷା ଯୋଗୁଁ ସହରର ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରୁ ଧୂଳି ଉଡି ବାୟୁ ପ୍ରଦୂଷଣ ମଧ୍ୟ ହେଉଛି। ରାସ୍ତା ଅବସ୍ଥା ଏପରି ହୋଇଛି ଯେ, ଲୋକେ ଗାଡିରେ ଯିବାକୁ ମଧ୍ୟ ଭୟ କରୁଛନ୍ତି। ପାର୍ବଣ ଋତୁ ଆସିଯାଇଥିବାବେଳେ ସହରର ରାସ୍ତାଘାଟକୁ ନେଇ ଲୋକେ ଚିନ୍ତାରେ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହର ହୋଇଥବାରୁ ପୂଜାରେ ବହୁ ଲୋକଙ୍କ ସମାଗମ ହେବ। ସହରର ଅଧିକାଂଶ ରାସ୍ତା ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ ନିର୍ମାଣ) ଅଧୀନରେ ରହିଛି। ଗତ ୫ମାସ ମଧ୍ୟରେ ରାସ୍ତା ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହୋଇଛି। ସହରବାସୀ ବାଧ୍ୟ ହୋଇ ଖାଲଢିପ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ତେଣୁ ପୂର୍ତ୍ତ ବିଭାଗ ସହରର ୮ଟି ମୁଖ୍ୟ ରାସ୍ତାର ତୁରନ୍ତ ମରାମତି କରିବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଶେଷକରି ମୁର୍ଗାବାଡ଼ିରୁ ପାଲବଣି, ମଧୁସୂଦନ ଗୋଲେଇରୁ ହସ୍ପିଟାଲ, ସତ୍ୟସାଇ ଛକରୁ ଦାରୋଗାଡାହି, ମଧୁସୂଦନ ଗୋଲେଇରୁ ବେଲଗଡ଼ିଆ, ଦାରୋଗାଡାହି ଗୋଲେଇରୁ ରଘୁନାଥପୁର, କୃଷ୍ଣଚନ୍ଦ୍ର ଗୋଲେଇରୁ ସୁନାମୁହିଁ, ଆଶୀର୍ବାଦ ଛକରୁ କରତବସା ଏବଂ ଜୁବଲୀ ଲାଇବ୍ରେରୀରୁ ତୁଳସୀଚୌରା ଦେଇ ଏମଏସସିବି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମରାମତି କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ବଦଳିକୁ ବିରୋଧକରି ଗେଟ୍‌ରେ ତାଲା




ରାଇରଙ୍ଗପୁର, ୮।୯ (ସମିସ): ସୋମବାର କୁସୁମୀ ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ପଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଗେଟ୍‌ରେ ତାଲା ପକାଇଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମିତ୍ରା ପିଙ୍ଗୁଆଙ୍କ ବଦଳିକୁ ତୀବ୍ର ବିରୋଧ କରିଛନ୍ତି ଛାତ୍ରଛାତ୍ରୀ। ଏହି ଖବର ପାଇ କୁସୁମୀ ଗୋଷ୍ଠୀ ଶିକ୍ଷା ବିଭାଗର ଏବିଇଓ ଓ ସିଆରସିସି ସ୍କୁଲରେ ପହଞ୍ଚି ଅଭିଭାବକଙ୍କ ସହିତ ଅଲୋଚନା କରିଥିଲେ। ହେଲେ ଦାବି ପୂରଣ ନ ହେଲେ ଗେଟ୍ ଖୋଲାଯିବନି ବୋଲି ଅଭିଭାବକମାନେ କହିଥିଲେ। ପରେ ବାଦାମପାହାଡ ପୁଲିସ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିବାପରେ ଫାଟକ ଖୋଲିଥିଲେ। କିନ୍ତୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଭିତରକୁ ପ୍ରବେଶ କଲେନାହିଁ। ସମସ୍ତ ପିଲା ନିଜର ଅଭିଭାବକଙ୍କ ସହିତ ଘରୁ ପଳାଇଥିଲେ।

## ଚକ୍ରଧର ସ୍ୱାଇଁ ମେଧାବୃତ୍ତି ପ୍ରଦାନ ସମାରୋହ



ବାରିପଦା, ୮।୯ (ସମିସ): ବାଜିତପୁରର ସୀମାନ୍ତ ବିଦ୍ୟା ନିକେତନ ଓ କରପସନ୍ ଫ୍ରି ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଚକ୍ରଧର ସ୍ୱାଇଁ ମେଧାବୃତ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କରପସନ୍ ଫ୍ରି ଓଡ଼ିଶାର ପ୍ରତିଷ୍ଠାତା ତଥା ପୂର୍ବତନ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଭାବେ ବିଶିଷ୍ଟ ଡାକ୍ତର ସରୋଜ କୁମାର ମଜୁମଦାର ଏବଂ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଗଣପତି ଗିରି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁବଳ କୁମାର ଦେ, ସଦସ୍ୟ ପ୍ରଶାନ୍ତ ଦେ, ଦର୍ଶନ ବେହେରା, କରପସନ୍ ଫ୍ରି ଓଡ଼ିଶାର ସମ୍ପାଦକ ହରିହର ଦାସ, ସଦସ୍ୟ ଦେବବ୍ରତ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରୁ ଦୁର୍ନୀତି ଲୋପ କରିବାକୁ ଜନସାଧାରଣ ତଥା ଛାତ୍ରଛାତ୍ରୀ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷାପ୍ରେମୀ ଚକ୍ରଧର ସ୍ୱାଇଁଙ୍କ ନାମରେ ନାମିତ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଚନ୍ଦନ କୁମାର ସାମଲ, ସାନନ୍ଦିକା ରାୟ, ସଂକଳ୍ପ କରଙ୍କୁ ଅର୍ଥ ରାଶି ସହ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ତପନ କୁମାର ଭଞ୍ଜ ସଂଯୋଜନା କରିଥିଲେ।

## ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍; ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଚାମ୍ପିଅନ



ବାରିପଦା, ୮।୯ (ସମିସ): ଚଳିତ ମାସ ୬ ଓ ୭ ତାରିଖରେ କୋଲକାତା କ୍ରିକେଟ ଓ ଫୁଟବଲ କ୍ଲବ ଓ ବେଙ୍ଗଲ ରଗବୀ ସଂଘ ଉଦ୍ୟମରେ କଲକାତାରେ ଆୟୋଜିତ ହୋଇଥିବା ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଚାମ୍ପିଅନ ହୋଇଛି। ପ୍ରଥମ ମ୍ୟାଚରୁ ଅପରାଜୟ ରହି ସେମି ଫାଇନାଲରେ ଆୟୋଜକ କଲିକତା କ୍ରିକେଟ ଓ ଫୁଟବଲ କ୍ଲବ୍‌କୁ ୧୯-୦୦ରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲା। ପରେ ଫାଇନାଲ ମ୍ୟାଚ୍‌ରେ ସିଲିଗୁଡ଼ିର ସରସ୍ୱତୀପୁରକୁ ୨୪-୧୨ ସ୍କୋରରେ ପରାଜିତ କରି ପ୍ରଥମ ଥର ପାଇଁ ଚାମ୍ପିଅନ ହୋଇଛି। ଏକାଡେମୀର ଏହି ସଫଳତା ପାଇଁ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଶୁବାଶିଷ ନାୟକ, ଡିଭାଇନ୍ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ଭୁଗୁଡେଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ




ବାରିପଦା, ୮।୯ (ସମିସ): ବାଲେଶ୍ୱର ଭାରତୀୟ ସ୍ଥଳ ବାହିନୀର ଷ୍ଟେସନ ହେଡ଼ କ୍ୱାଟର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ସୋମବାର ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିର ବୁଧବାର ଯାଏ ଚାଲିବ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ, ସ୍ୱତନ୍ତ୍ର ଅତିଥିଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ଜିଓସି, ମଧ୍ୟପ୍ରଦେଶର ଲେଫ୍ଟନାଣ୍ଟ କର୍ଣ୍ଣେଲ ପି ଏସ ଶେଖାୱାତ, ବ୍ରିଗେଡ଼ିଅର ତେଜିନ୍ଦର ସିଂ ବାୱା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ପ୍ରତିରକ୍ଷା ବିଭାଗର ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ପୂର୍ବତନ ସୈନିକ, ବୀରନାରୀ, ବୀରମାତା ଏବଂ ତାଙ୍କ ପରିବାରର ପୀଡିତ ବ୍ୟକ୍ତିଙ୍କୁ ବିବିଧ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ। ଶିବିରରେ ହାଇଟେକ ହସ୍ପିଟାଲ ଏବଂ ଅନ୍ୟାନ୍ୟ ପ୍ରମୁଖ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର, ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସେହିପରି ଅବସରକାଳୀନ ଭତ୍ତା, ଇସିଏଚଏସ୍, ଏସପିଏଆରଏସଏଚ୍ ଆଦି ସମ୍ବନ୍ଧରେ ଆଇନଗତ ପରାମର୍ଶ ଦିଆଯିବା ସହିତ ସିଏସଡି କ୍ୟାଣ୍ଟିନର ବିଶେଷ ସୁବିଧା ମଧ୍ୟ ଉପଲବ୍ଧ ହୋଇଛି। ପୂର୍ବତନ ସେନା କର୍ମଚାରୀଙ୍କ ବ୍ୟତୀତ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ରହିଛି। ପ୍ରଶାସନିକ କମାଣ୍ଡାଣ୍ଟ ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଭାଗର ବିଭିନ୍ନ ପଦାଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରଙ୍କ ସମେତ ପୂର୍ବତନ ସୈନିକ ସଙ୍ଘର ସଦସ୍ୟ ଯୋଗ ଦେଇଥିଲେ।

## ମୟୂରଭଞ୍ଜରେ ନାକା ଚେକିଂ; ଗାଡ଼ି ଚାଳକଙ୍କୁ ୪.୫୬ ଲକ୍ଷ ଜରିମାନା

ବାରିପଦା, ୮।୯ (ସମିସ): ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନେତୃତ୍ୱରେ ସମସ୍ତ ଥାନା ପକ୍ଷରୁ ରବିବାର ସନ୍ଧ୍ୟା ୬ଟାରୁ ୧୨ଟା ପର୍ଯ୍ୟନ୍ତ ଏକ ସଙ୍ଗେ ନାକା ଚେକିଂ କରାଯାଇଥିଲା। ଟ୍ରାଫିକ୍ ନିୟମ ଓ ନିର୍ଦ୍ଦେଶନାକୁ କାର୍ଯ୍ୟକାରୀ କରିବା, ଅବୈଧ ଗୋଚାଲାଣ, ଖଣିଜ ପଦାର୍ଥର, ଚୋରା ମାଦକଦ୍ରବ୍ୟ ଚାଲାଣ ବା ପରିବହନକୁ ରୋକିବା ଏବଂ ଅସାମାଜିକ ଅପରାଧୀଙ୍କ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବା ଉଦ୍ଦେଶ୍ୟରେ ଏହି ଚେକିଂ କରାଯାଇଥିଲା। ଚେକିଂ ସମୟରେ ୩୪୩ଟି ଗାଡ଼ିକୁ ଯାଞ୍ଚ କରିଥିଲେ ପୁଲିସ। ନାକା/ବ୍ଲକିଂ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ବାଇକ ଓ ଗାଡ଼ି ଚାଳକଙ୍କୁ ମୋଟ ୪ ଲକ୍ଷ ୫୬ ହଜାର ଟଙ୍କା ଜରିମାନା କରାଯାଇଥିଲା। ଏଥିସହିତ ୧୦ଟି ମଦ୍ୟପାନ କରି ଗାଡ଼ି ଚଳାଇବାର ମାମଲା ଓ ୧୧ଟି ଅବକାରୀ ମାମଲା ପଞ୍ଜୀକୃତ କରାଯାଇଥିଲା। ସେହିପରି ୧୮୫ ଲିଟର୍ ଦେଶୀ ମଦ ଜବତ କରାଯାଇଥିଲା। ଅଧିକାଂଶ ମାମଲା ଟ୍ରାଫିକ୍ ଉଲ୍ଲଂଘନ ସମ୍ବନ୍ଧୀୟ ହୋଇଥିଲେ ହେଁ ଅବୈଧ ଖଣିଜ ପଦାର୍ଥ ପରିବହନ ବିରୋଧରେ ରସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଅବୈଧ କାଠ ପରିବହନ ବିରୋଧରେ ମୋରଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଏଭଳି ଚେକିଂ ଚାଲୁ ରହିଲେ ଅପରାଧ ଓ ଉଲ୍ଲଙ୍ଘନକୁ ରୋକାଯାଇପାରିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ବିପୁଳ ଚୋରା ମଦ ଜବତ; ୩ ଗିରଫ

ବାରିପଦା, ୮।୯ (ସମିସ): ପାର୍ବଣ ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ବିପୁଳ ମଦ ଜବତ କରିଛି। ସହରରେ ନାକା ଯାଞ୍ଚ ସମୟରେ ଦେଶୀ ମଦ ଜବତ କରିବାରେ ସଫଳ ହୋଇଛି ପୁଲିସ। ଏଥିସହିତ ଉକ୍ତ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ପୁଲିସ ଗିରଫ କରିବା ସହିତ ଏକ ଅଟୋକୁ ମଧ୍ୟ ଜବତ କରିଛି। ସୂଚନା ଅନୁଯାୟୀ, ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ପାଲବଣି ଅଞ୍ଚଳରେ ରାତ୍ରିକାଳୀନ ନାକା ଯାଞ୍ଚ ଜାରି ରହିଥିବା ବେଳେ ବେଆଇନ ମଦ କାରବାର ନେଇ ପୁଲିସ ଖବର ପାଇଥିଲା। ଏକ ଅଟୋରେ ମଦ ନେଇ ଯାଉଥିବା ବେଳେ ସନ୍ଦେହରେ ପୁଲିସ ଗାଡି ଅଟକାଇ ଯାଞ୍ଚ କରିବାରୁ ସେଥିରେ ୧୧୦ଲିଟର ଦେଶୀ ମଦ ଜବତ କରିଥିଲା।

## ନବଭାରତ ସାକ୍ଷରତା ସପ୍ତାହରେ ସାଇକଲ ଶୋଭାଯାତ୍ରା



ବାରିପଦା, ୮।୯ (ସମିସ): କେନ୍ଦ୍ର ସରକାରଙ୍କ ଉଲ୍ଲାସ-ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ-୨୦୨୫ ଅଧୀନରେ ସାଧାରଣ ଲୋକଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନିରକ୍ଷରଙ୍କ ସାକ୍ଷରତା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କର ନିଷ୍ପତ୍ତିକ୍ରମେ, ଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ସାଧନ ଜରିଆରେ ଗାଁଗାଁରେ ସର୍ଭେ କରାଯାଇ ନିରକ୍ଷରଙ୍କୁ ଚିହ୍ନଟ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଅକ୍ଷର, ନମ୍ବର ସହିତ ଆଇନ୍‌ଗତ ଶିକ୍ଷା, ଡିଜିଟାଲ ଶିକ୍ଷା, ଟଙ୍କା ପଇସାର ହିସାବ ଓ ସଦୁପଯୋଗତା ଏବଂ ଜୀବନ କୌଶଳ ଶିକ୍ଷା ଆଦି ଶିକ୍ଷା ଦିଆଯିବ। ଏହି ଅଭିଯାନର ସଫଳତା ପାଇଁ ସଚେତନତା ସହ ସମାଜର ସବୁ ବର୍ଗର ଲୋକଙ୍କ ସହଭାଗୀତା ଆବଶ୍ୟକତା ରହିଛି। ସୋମବାର ସାକ୍ଷରତା ସପ୍ତାହ ପାଳନ ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏକ ସଚେତନତା ସାଇକଲ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଏକ ବିଶାଳ ସାଇକଲ ଶୋଭାଯାତ୍ରାକୁ ଛଉ ପଡ଼ିଆଠାରେ ମୁଖ୍ୟଅତିଥିଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଶୋଭଯାତ୍ରାରେ ବାରିପଦା ସହରର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଶଶିଧର ସିଂ ଓ ଗୌତମ କୁମାର ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବାରିପଦା ବିଆରସିସି ତପସ୍ୱିନୀ ଦାଶ, ଜିଲ୍ଲା ଅନ୍ତରନିବେଶୀ ସଂଯୋଜକ ନିରଞ୍ଜନ ନାୟକ, ଶିକ୍ଷାତତ୍ତ୍ୱ ସଂଯୋଜିକା ଶୈଳବାଳା ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନ୍‌ଏସି ଗଠନ ଘୋଷଣା ଅସାମ୍ବିଧାନିକ

# ସେଙ୍ଗେଲ ଅଭିଯାନର ଆଇନର ଆଶ୍ରୟ ଚେତାବନୀ

ବାରିପଦା, ୮।୯ (ସମିସ)



ଆଦିବାସୀ ସେଙ୍ଗେଲ ଅଭିଯାନ ସହିତ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ଜରିଆରେ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟ ସରକାର ଦ୍ୱାରା ନୂଆ ପୌରପାଳିକା ଓ ଏନଏସି ଘୋଷଣା କରାଯାଇଛି; ହେଲେ ଏଥିରେ ନିୟମ ଉଲ୍ଲଂଘନ କରାଯାଇଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ଶୀଘ୍ର ଏନ୍‌ଏସି ଘୋଷଣାକୁ ପ୍ରତ୍ୟାହାର କରାଯାଉ ବୋଲି ସଂଗଠନ ଦାବି କରିଛି। କାରଣ, କେନ୍ଦ୍ର ସରକାରଙ୍କ ଦ୍ୱାରା ଜିଲ୍ଲା ଆଧାରିତ ପଞ୍ଚମ ଅନୁସୂଚୀ ଅଞ୍ଚଳ ଚିହ୍ନଟ କରାଯାଇଛି। ଉକ୍ତ ଅନୁସୂଚୀ ଅଞ୍ଚଳରେ ପେସା ଆଇନ ଲାଗୁ କରାଯାଇଛି। ଏହି ଆଇନ ଦ୍ୱାରା ଅନୁସୂଚୀ ଅଞ୍ଚଳକୁ ବିକାଶ କରିବାର ବ୍ୟବସ୍ଥା ରହିଛି। ପେସା ଆଇନ ଦ୍ୱାରା ସର୍ବାଙ୍ଗୀନ ଉନ୍ନତି ପାଇଁ ଗ୍ରାମ-ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗକୁ କାର୍ଯ୍ୟଭାର ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ମଧ୍ୟ ଦର୍ଶାଯାଇଛି। ତେଣୁ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଗଠନ କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଏହାର ପ୍ରାବଧାନ ମଧ୍ୟ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଗଠନ ଘୋଷଣା ଅସାମ୍ବିଧାନିକ ତଥା ସମ୍ବିଧାନ ବିରୋଧୀ। ଏହା ହେଲେ ପେସା ଆଇନ ସହ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗର କ୍ଷମତା କ୍ଷୁଣ୍ଣ ହୋଇଯିବ ବୋଲି କୁହାଯାଇଛି। ପଞ୍ଚମ ଅନୁସୂଚୀ ଅଞ୍ଚଳକୁ ଯଦି ବିକାଶ କରିବାର ଅଛି, ତେବେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ପାଣ୍ଠି ବୃଦ୍ଧି କରାଯିବାକୁ ଦାବି କରାଯାଇଛି। ପଞ୍ଚମ ଅନୁସୂଚୀ ଜିଲ୍ଲାରେ ଆଦିବାସୀ ହିଁ ବିଧାୟକ, ସାଂସଦ ଭାବରେ ରହି ଆଦିବାସୀ ହିଁ ମୁଖ୍ୟମନ୍ତ୍ରୀ ଥାଇ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଘୋଷଣା କରାଯିବାକୁ ସଂଗଠନ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଏହି ଘୋଷଣାକୁ ପ୍ରତ୍ୟାହାର କରା ନ ଗଲେ ସେଙ୍ଗେଲ ସଂଗଠନ ନେତୃତ୍ୱରେ ଆଦିବାସୀ ସମାଜର ସହଯୋଗରେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ବାରିପଦା ସେଙ୍ଗେଲ ଜୋନାଲ କମିଟିର ସଭାପତି ସହ ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱରର ନାଏକଙ୍କୁ ଦାବିପତ୍ର ପ୍ରଦାନ ବେଳେ ବାରିପଦା ଜୋନାଲ କମିଟିର ଉପସଭାପତି ବାହାଦୁର ମୁର୍ମୁ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, କପ୍ତିପଦା ଉପଖଣ୍ଡ ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମ, ମାଝୀଆ ହାଁସଦା ଓ ବୁଧିରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବରଗଡ଼,୮।୯(ସମିସ): ଓଡ଼ିଆ ବାଳକ କ୍ଲଷ୍ଟର ଅଧୀନରେ ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାଗ୍ୟବନ୍ତୀ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି। ଏହାପରେ ତାଙ୍କୁ ସ୍ଥାନୀୟ ରାଣାପ୍ରତାପ ସ୍କୁଲ ଠାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ଯୋଗ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତି ଅଧକ୍ଷ ଅର୍ଜୁନ ସେଟ୍, ସାମାଜିକକର୍ମୀ ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ଡ.ଡୋଳାମଣି ଶତପଥୀ, ମୀନା ପଣ୍ଡା, ଶିକ୍ଷକ ଦୁଃଖୀ ସେବକ ସାହୁ, ଶିକ୍ଷକ ଅଭିଭାବକ ସଂଘ ସଦସ୍ୟ ସୁଦର୍ଶନ ବାରିକ, ଆଲୋକ ରଞ୍ଜନ ଦାଶ, ବାଙ୍କା ବିହାରୀ ସାହୁ, ସନ୍ତୋଷ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଣାପ୍ରତାପ ସ୍କୁଲର ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୃଣାଳ ମୋତିରାମ ଚୌହ୍ୱାଣ ଲଖନପୁର ବ୍ଲକ୍ ବାଦିମାଲ ପଞ୍ଚାୟତ ଗସ୍ତ କରିଛନ୍ତି। ଜିଲ୍ଲାପାଳ ଲଖନପୁର ବ୍ଲକ୍‌ର କୁସମେଲ ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ନିର୍ମିତ ଘରକୁ ଘର ବିଶୋଧନ ପିଇବା ପାଣି ଯୋଗାଣ ପ୍ରକଳ୍ପ ତଦାରଖ କରିଛନ୍ତି। ଏହି ପ୍ରକଳ୍ପରୁ ୧୬ଟି ପଞ୍ଚାୟତକୁ ଜଳ ଯୋଗାଣ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପଞ୍ଚାୟତି ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ଆଗାମୀ ସପ୍ତାହରେ ଏହି ପ୍ରକଳ୍ପ ଉଦ୍‌ଘାଟନ ହେବ। ଉଦ୍‌ଘାଟନ ପୂର୍ବରୁ ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେଉଛି, ଠିକ ଭାବେ ସମସ୍ତ ପଞ୍ଚାୟତକୁ ପାଣି ପହଞ୍ଚି ପାରୁଛି ନା ନାହିଁ ସେନେଇ ଜିଲ୍ଲାପାଳ ତଦାରଖ କରିଛନ୍ତି।

**କୋଇଲା ଖଣିରେ ଦୁର୍ଘଟଣା**

# ହାଇୱା ଧକ୍କାରେ ଘରୋଇ ସୁରକ୍ଷାକର୍ମୀ ମୃତ

ଇବଥର୍ମାଲ,୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ରରେ କୋଇଲା ପରିବହନରେ ନିଯୁକ୍ତ ହାଇୱା ଧକ୍କାରେ ଜଣେ ଠିକା ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ସକାଳ ୫ଟା ୩୦ରେ ଘଟିଥିଲା। ଆହତ ସୁରକ୍ଷାକର୍ମୀଙ୍କୁ ବନ୍ଧବାହାଲ ସ୍ଥିତ କୋଇଲାଖଣି ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ସୁରକ୍ଷାକର୍ମୀ ବନହରପାଲି ଥାନା ପିପିଲିକାନି ପଞ୍ଚାୟତ ପଦପାଲି ଗାଁର ସଞ୍ଜୀବ ପ୍ରଧାନ (୪୦) ବୋଲି ସୂଚନା ରହିଛି। ସଞ୍ଜୀବଙ୍କ ମୃତ୍ୟୁ ଖବର ପାଇ ଏମସିଏଲରେ କାର୍ଯ୍ୟରତ ଶ୍ରମିକ ସଂଗଠନ, ଶତାଧିକ ଅଞ୍ଚଳବାସୀ ଏବଂ ସଞ୍ଜୀବଙ୍କ ପରିବାର ତଥା ଗ୍ରାମବାସୀ ଡାକ୍ତରଖାନା ପରିସରରେ ପହଞ୍ଚିଥିଲେ। ଡ୍ୟୁଟି ବେଳେ କୋଇଲା ଗାଡି ଧକ୍କାରୁ ମୃତ୍ୟୁ ହୋଇଥିବା ଜାଣି ଉତ୍ତେଜନା ଦେଖାଦେଇଥିଲା। ଏକ ନିର୍ଦ୍ଦିଷ୍ଟ କୋଲ୍ ୱାସେରୀର ହାଇୱା କହିବା ପରେ ଲୋକଙ୍କ ରାଗ ଆହୁରି ବଢ଼ିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ଅଡି ବସିଥିଲେ। ଖବରପାଇ ବନସରପାଲି ଥାନା ବନ୍ଧବାହାଲ ଫାଣ୍ଡି ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ବି ଲୋକମାନେ ନିଜ ଦାବିରେ ଅଟଳ ରହିଥିଲେ। ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡି ରାଘବେନ୍ଦ୍ର ଖଣି ଭିତର ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଥିଲେ।

ସଞ୍ଜୀବ ଏମସିଏଲରେ କାମ କରୁଥିବା ଏସ୍‌ଆଇଏସ୍ ଠିକା ସଂସ୍ଥାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ସଞ୍ଜୀବଙ୍କ ଡ୍ୟୁଟି ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ପ୍ରିନ୍ସିପାଲ ଏମ୍ପ୍ଲାୟର ହିସାବରେ ଏମସିଏଲ, ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ଓ ହାଇୱା ଚଳାଉଥିବା ସଂସ୍ଥା ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଲୋକମାନେ ଦାବି କରିଥିଲେ। ଏହାସହ ସଞ୍ଜୀବଙ୍କ ବିଧବା ପତ୍ନୀଙ୍କୁ ନିଯୁକ୍ତି ସାଙ୍ଗକୁ ତାଙ୍କ ଦେଢ଼ ଦେଢ଼ ବର୍ଷର ଦୁଇଟି ଜାଆଁଳା ପିଲାଙ୍କ ପାଠପଢ଼ାର ବ୍ୟବସ୍ଥା କରାଯିବାକୁ ଦାବି ହୋଇଥିଲା। ଅନେକ ବୁଝାସୁଝା ପରେ ଲଖନପୁର କୋଇଲା କ୍ଷେତ୍ର କନଫରେନ୍ସ ହଲରେ ବୈଠକ ବସିଥିଲା। ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ ପାଣ୍ଡେ ତଥା ତାଙ୍କ ଅଧିକାରୀ ଗଣ, ଜିଲ୍ଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ, ମୃତକଙ୍କ ପରିବାର ପକ୍ଷରୁ ବଡଭାଇ ସରୋଜ ପ୍ରଧାନ, ରତନ ପ୍ରଧାନ, ମୋତିଲାଲ ପ୍ରଧାନ, ଗୌରହରି ପ୍ରଧାନ, ଅନିଲ ପ୍ରଧାନ, ରାଜେନ୍ଦ୍ର ନାଏକ, ସାମଲ ନାଏକ, ବିଶ୍ୱଜିତ ଷଡଙ୍ଗୀ, ବିଶ୍ୱଜିତ ଭୋଇ, ଶ୍ରମିକ ସଂଗଠନର ଜେସିସି ମେମ୍ବର ତଥା ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ଅଧିକାରୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ମୃତ ସଞ୍ଜୀବଙ୍କ ପତ୍ନୀ ମିନତି ପ୍ରଧାନଙ୍କୁ ଏମସିଏଲ ପକ୍ଷରୁ ଇସିଏ-୧୯୨୩ ଅନୁସାରେ ୧୪ଲକ୍ଷ ୧ହଜାର ୭୫୦ ଟଙ୍କା, ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ପକ୍ଷରୁ ଏସ୍‌ଇଡବ୍ଲୁଏ ବାବଦକୁ ୨ଲକ୍ଷ ୫୦ ହଜାର, ଗ୍ରୁପ ପର୍ସନାଲ ଆକ୍ସିଡେଣ୍ଟ ଇନସୁରାନ୍ସ ବାବଦକୁ ୧୫ଲକ୍ଷ, ଦୁର୍ଘଟଣା ଜନିତ ସୁବିଧା ସ୍ୱରୂପ ସିଏସପି ଆକାଉଣ୍ଟ ବାବଦକୁ ୪୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା।

ଏହାସହ ମୃତକଙ୍କ ସ୍ତ୍ରୀ ମିନତି ସୁରକ୍ଷା ସଂସ୍ଥାରେ କାମ ଅଥବା ଇଏସ୍‌ଆଇସି ଆକ୍ଟ-୧୯୪୮ ଅନୁସାରେ ମାସକୁ ମାସ ପେନସନ ସହ ଡିଏଭି ବନ୍ଧବାହାଲରେ ପିଲା ଦୁହିଁଙ୍କର ପାଠପଢ଼ା ଖର୍ଚ୍ଚ ଏମସିଏଲ ତରଫରୁ ବହନ କରାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶବ ଉଠିଥିଲା। ବନହରପାଲି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିଥିବା ଓ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୁଲିସ୍ କହିଛି।






## ଘଟଣା ସନ୍ଦେହଜନକ, ବଢୁଛି ଜନଅସନ୍ତୋଷ

ସୁରକ୍ଷାକର୍ମୀ ସଞ୍ଜୀବ ପ୍ରଧାନଙ୍କ ହାଇୱା ଧକ୍କାରେ ମୃତ୍ୟୁ ଘଟଣା ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିବା ସହ ଜନ ଅସନ୍ତୋଷ କୁହୁଳୁଛି। ଦୁର୍ଘଟଣା କାରଣ ଜଣା ପଡ଼ିବା ପରେ ପ୍ରଥମେ ଏକ ନିର୍ଦ୍ଦିଷ୍ଟ କୋଲ୍ ୱାସେରୀର ହାଇୱା ବୋଲି ଜୋରଦାର ଚର୍ଚ୍ଚା ହୋଇଥିଲା। ପରେ ସିସିଟିଭି ଚାଲୁ ନଥିବା ଆଳ ଦେଖାଇ ଓ ସେହି କମ୍ପାନୀର ଡିଓ ସରିଯାଇଥିବା କହି ଗାଡି ଫେରାର ଥିବା କୁହାଗଲା। ଏମସିଏଲ କୋଟିକୋଟି ଟଙ୍କାର ଖର୍ଚ୍ଚ କରି ସବୁଠି ସିସିଟିଭି ଲଗାଇବାର ମୂଲ୍ୟ କ'ଣ ବୋଲି ଲୋକେ ପ୍ରଶ୍ନ କରିଥିଲେ। ବିଭାଗୀୟ ତଦନ୍ତ ହେଉଛି, ଏମସିଏଲ ହେଡକ୍ୱାର୍ଟର ତଦନ୍ତ ହେଉଛି, ଏପରିକି ସରକାରଙ୍କ ପକ୍ଷରୁ ଡିଜିଏମ୍‌ଏସ୍ ତଦନ୍ତ କରାଯାଉଛି ସତ ହେଲେ ପରିଣାମ ଶୂନ ବୋଲି ଅଭିଯୋଗ ହୋଇଛି। ଏପରିକି ଜିଏମ୍ ଅଫିସ୍ ଲଖନପୁର ଠାରେ ସର୍ଭିଲାନ୍ସ ଲାଇସେନ୍ସ ଥାଇ ଖଣି ଭିତରକୁ ଯାଉଥିବା ପ୍ରତ୍ୟେକ ଗାଡିରେ ଜିପିଏସ୍ ଲଗାଇ ସ୍ୟାଟ୍‌ଲାଇଟ୍ ମାଧ୍ୟମରେ ମନିଟର କରାଯାଉଛି। ହେଲେ ଏ ଦୁର୍ଘଟଣା ଘଟାଇଥିବା ଗାଡି ବିଷୟରେ କେମିତି କିଛି ଜଣା ପଡିନଥିଲା ଓ ଡିଓ ସରିଗଲା ପରେ କମ୍ପାନୀ ଗାଡି କାହିଁକି ଖଣି ଭିତରକୁ ଯାଇଥିଲା ଏସମସ୍ତ ତଦନ୍ତ ନିରପେକ୍ଷ ଭାବେ କରାଯାଇ ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷ ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ଲୋକେ ଦାବି କରିଛନ୍ତି।

# ସୁବର୍ଣ୍ଣ ଦୀପ ପତ୍ରିକାର ନୂଆଁଖାଇ ଜୁହାର



ବରଗଡ଼,୮।୯(ସମିସ): ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ-କିଶୋର ପତ୍ରିକାର ନୂଆଁଖାଇ ଜୁହାର ଉତ୍ସବ ବରଗଡ଼ ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁରର କବି, ସୁଲେଖକ ଅନନ୍ତ ସେନାପତି ମୁଖ୍ୟ ଅତିଥି ରୂପେ, ସୁବର୍ଣ୍ଣପୁର ଜିଲ୍ଲା ବିନିକାର ସାମ୍ବାଦିକ, ସମାଜସେବୀ ଅକ୍ଷୟ ପୁଜାହାରୀ ସମ୍ମାନିତ ଅତିଥିରୂପେ, ବରଗଡ଼ ଜିଲ୍ଲା ବରପାଲିର ସୁସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ କଳାକାର ବିଜୟ ବେହେରା। ପ୍ରାରମ୍ଭରୁ ମାଁ ସମଲେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ପରେ ନୂଆଁଖାଇ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା। ପରେ ସମସ୍ତ ଅତିଥି ନୂଆଁଖାଇର ବିଶେଷତ୍ୱ ଓ ଶିଶୁ ପତ୍ରିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଲେଖକ/ଲେଖିକା ସମ୍ମାନ, ପାଠକ ସମ୍ମାନ, ସମ୍ବର୍ଦ୍ଧିତ ପର୍ବ ଆଦି ସ୍ଥାନିତ ହୋଇଥିଲା। ଚଳିତ ବର୍ଷ ସୁବର୍ଣ୍ଣଦୀପ ପାଠକ ସମ୍ମାନ ଶିକ୍ଷାବିତ ତଥା ସମାଜସେବୀ ରମେଶ ମେହେରଙ୍କୁ ସମାଜସେବୀ ପ୍ରିତମ ସିଂ ସମ୍ବର୍ଦ୍ଧିତ କରିଥିଲେ। ସୁବର୍ଣ୍ଣଦୀପ ତରଫରୁ ପ୍ରଥମକରି ବରଗଡ଼ର ନାରୀଶକ୍ତି ଦ୍ୱାରା ପରିଚାଳିତ 'ଧରିତ୍ରୀ ବ୍ଲକ୍ ମହାସଂଘ ମିଶନଶକ୍ତି କାଫେ'କୁ ମାନପତ୍ର, ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ନୂଆଁଖାଇ ସଂଖ୍ୟାର ସମୀକ୍ଷା ସହ ମାନପତ୍ର ପଠନ କରିଥିଲେ। କ୍ରମାଗତ ଭାବେ ୩୧ ବର୍ଷଧରି ସୁବର୍ଣ୍ଣଦୀପକୁ ବଞ୍ଚାଇ ରଖିଥିବା ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଆଗାମୀ ଦିନରେ ପତ୍ରିକାକୁ ଆହୁରି ସୁଦୃଢ଼ କରିବାପାଇଁ ସମସ୍ତଙ୍କୁ ନିଜ ଅଭିଭାଷଣରେ କହିଥିଲେ। ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଙ୍ଘର ସଭାପତି ଦୟାନିଧି ପ୍ରଧାନ ସୁବର୍ଣ୍ଣଦୀପର ଭୂୟସୀ ପ୍ରଶଂସା କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ ଓ ଯୁବ କଂଗ୍ରେସ ସମ୍ମିଳନୀ

ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ପାହାଡି ମନ୍ଦିର ଠାରେ ଜିଲ୍ଲା ଯୁବ କଂଗ୍ରେସର ଏକ ସମ୍ମିଳନୀ ଏବଂ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ଏହି ସମ୍ମିଳନୀରେ ରାଷ୍ଟ୍ରୀୟ କଂଗ୍ରେସର ପୂର୍ବତନ ମହିଳା ସଭାପତି ତଥା ଓଡ଼ିଶା ପ୍ରଭାରୀ ଶୋଭା ଓଝା, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା, ମନୋଜ ଦେହେରୀ, ସସ୍ମିତା ପଣ୍ଡାଙ୍କ ସହ ଜିଲ୍ଲା ଯୁବ କଂଗ୍ରେସର ସଦସ୍ୟ ମାନେ ଉପସ୍ଥିତ ଥିଲେ। କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ମଜବୁଦ କରିବା ପାଇଁ ଯୁବ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହାସହ ଦଳର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା।



# ଲଖନପୁରରେ ଜନଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୮।୯(ସମିସ): ଲଖନପୁର ବ୍ଲକ୍ ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଆଇଏଏସ୍ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି, ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୁତ୍, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୭ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୮ ଟି ସାମୂହିକ ଓ ୩୯ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁଇ ଜଣଙ୍କୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ବନହରପାଳିରେ ବୁଲା ଗୋରୁଗାଈଙ୍କ ନିୟନ୍ତ୍ରଣ, ପ୍ରଧାନମନ୍ତ୍ରୀ ଗାଁ ସଡକ ନିର୍ମାଣ, କଣ୍ଟେଇକେଲାରେ ବସୁଧା ଯୋଜନା କାର୍ଯ୍ୟକାରୀ କରାଯିବା, ପଣ୍ଡରୀରେ ବିଦ୍ୟାଳୟ ପାକଶାଳା ନିର୍ମାଣ ଓ ସୁଭଦ୍ରା ଯୋଜନାରେ ତାଲିକାଭୁକ୍ତ କରାଯିବା, ସୁକୁଲପାଲିରୁ ପତ୍ରା ମାଲ ପଡାକୁ ରାସ୍ତା ସଂଯୋଗ, ଦେଓପାଲିରେ ଜଳମଗ୍ନ ଚାଷଜମି ପାଇଁ କ୍ଷତିପୂରଣ ପ୍ରଦାନ, ଛର୍ଲାରେ ଗ୍ଲୋବାଲ କୋଲ ମାଇନିଂରେ ନିଯୁକ୍ତି, ରେମେଣ୍ଡା ପଞ୍ଚାୟତରେ ହରଘର ଜଳ ଯୋଜନାରେ ପାନୀୟ ଜଳ ଯୋଗାଣ, ସମରବଗାରେ ଗ୍ରାମ୍ୟରାସ୍ତା ଅବରୋଧପୂର୍ବକ ଗୃହନିର୍ମାଣ, ଲଖନପୁର ପଞ୍ଚାୟତ ବିଦ୍ୟାଳୟରେ କାର୍ଯ୍ୟରତ ସଫେଇ ଓ ଜଗୁଆଳି କର୍ମଚାରୀଙ୍କୁ ଦରମା ପ୍ରଦାନ, ଭିକମପାଲିରେ ମିଶନ ଶକ୍ତି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଜମି ଜବରଦଖଲ, ଦଳ ଗାଁରେ ମୋ ବସ ସେବା ଯୋଗାଇବା ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜମଲା ଦୁର୍ଗାପୂଜା ପାଇଁ କଳାକାର ବରଣ



ପଦ୍ମପୁର,୮।୯(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ଜମଲା ଗାଁରେ ହେବାକୁ ଥିବା ୪୯ ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବର ରାବଣ ଦରବାର କାର୍ଯ୍ୟକ୍ରମ ପାଇଁ କଳାକାର ବରଣ ଜମଲା ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।

ପୂଜା କମିଟିର ସଭାପତି ତୁଳାରାମ ବେହେରା, ସମ୍ପାଦକ ଗଣେଶ ଭୋଇ ଓ କୋଷାଧ୍ୟକ୍ଷ କହ୍ନେଇ ପଧାନ୍‌ଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତି ଅନୁସାରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ରଙ୍ଗମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନିଙ୍କୁ ରାବଣ ଭୂମିକା ପାଇଁ ଏବଂ ରାମ, ଲକ୍ଷ୍ମଣ, ହନୁମାନ ଇତ୍ୟାଦି ବିଭିନ୍ନ ଭୂମିକାରେ ଅଭିନୟ କରିବାକୁ ଯାଉଥିବା କଳାକାରଙ୍କୁ ବରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଦସ୍ୟ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଓବିସି ମଞ୍ଚର ବୈଠକ

ଇବଥର୍ମାଲ,୮।୯(ସମିସ)

ଲଖନପୁର ବ୍ଲକ୍‌ସ୍ତରୀୟ ଓବିସି ମଞ୍ଚ ତରଫରୁ ଏକ ବୈଠକ ସିଂହାରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ତିନିଟି ଯାକ ଜିଲ୍ଲା ପରିଷଦ ଜୋନରୁ ଓବିସି ଜାତିର ବିଭିନ୍ନ ସାମାଜ ପକ୍ଷରୁ ଲୋକମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଦୁଇ ନମ୍ବର ଜୋନର ସଂଯୋଜକ କମିଟି ଗଠନ କରାଯାଇଛି। ମୁଖ୍ୟ ସଂଯୋଜକ ଭାବେ ସତ୍ୟାନନ୍ଦ ସାହୁ, ନରୋତ୍ତମ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ମୁରଲୀ ପ୍ରଧାନ, ହେମକାନ୍ତ ବାଡେଇଙ୍କ ସହ ୧୫ ଜଣଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି କମିଟି ଆସନ୍ତା ୧୫ ଦିନ ଭିତରେ ଜୋନର ପଞ୍ଚାୟତ କମିଟି ଗଠନ କରିବା ପାଇଁ ଘୋଷଣା କରିଥିଲେ। ତିନି ନମ୍ବର୍ ଜୋନ୍‌ର ମୁଖ୍ୟ ସଂଯୋଜକ ଭୋ ନାଥ ବାଡେଇ, ଯାଦବ ସମାଜର ଜିଲ୍ଲା ସଭାପତି ପବିତ୍ର ସଣ୍ଢ, ନରେଶ ବାରିକ ପ୍ରମୁଖ ଅନ୍ୟତମ ସଭ୍ୟ ମାନେ ୧୫ ଦିନ ଭିତରେ ଜୋନ କମିଟି ଗଠନ କରିବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ଜିଲ୍ଲା ଓବିସି ମଞ୍ଚ ପକ୍ଷରୁ ବିରଞ୍ଚି ସାହୁ, ଗୋପୀନାଥ ବେହେରା, ସିରଜୁ ଖମାରି, କାହ୍ନୁଚରଣ ଭୋଇ, କିଶୋର୍ ବିଶ୍ୱାଳ, ଜାଗବନ୍ଧୁ ସା, ବନମାଳି ସାହୁ, ମୋତିରାମ ମେହେର୍, ବଂଶୀଧର ମେହେର୍, ହିମାଂଶୁ ପ୍ରଧାନ, ମଞ୍ଜରି ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ପ୍ରକାଶ ରଣା, ପଞ୍ଚାନନ ପ୍ରଧାନ, ବଳରାମ ସା, ଜିତେନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ବେହେରାଙ୍କ ସହ ତିନିଟି ଜିଲ୍ଲାପରିଷଦ ଜୋନରୁ ବହୁ ସଂଖ୍ୟାରେ ଓବିସି ଜାତିର ଲୋକମାନେ ଉପସ୍ଥିତ ଥିଲେ। ଶେଷରେ ସଭାପତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶିଶୁମନ୍ଦିରରେ ପାନୀୟ ଜଳ ବ୍ୟବସ୍ଥା କଲେ ମହାବିଦ୍ୟାଳୟ କର୍ମଚାରୀ

ବିଜେପୁର,୮।୯(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ତାଳପଦର ସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀଙ୍କ ସାମୂହିକ ପ୍ରୟାସରେ ତାଳପଦର ସରସ୍ୱତୀ ଶିଶୁ ମନ୍ଦିରରେ ଏକ ୱାଟର ଫିଲ୍ଟର ସ୍ଥାପନ ହୋଇଛି। ଫିଲଟର ସ୍ଥାପନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅଧକ୍ଷ ପଞ୍ଚାନନ ମିଶ୍ର, ଅଧ୍ୟାପକ ଧନପତି ଦେବତା, ଅକ୍ଷୟ ପଧାନ, ଉମାକାନ୍ତ ସାହୁ, ଦୁଷ୍ମନ୍ତ ଦେବତା, ଶିଶୁପାଳ ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ପୂର୍ବରୁ ମଧ ଅଧ୍ୟାପକ ଓ କର୍ମଚାରୀମାନେ ଉକ୍ତ ବିଦ୍ୟାଳୟ ପାଇଁ ବେଞ୍ଚ ଓ ଟେବୁଲ ଦାନ କରିଥିଲେ। ଶିଶୁ ମନ୍ଦିର ପରିବାର ପକ୍ଷରୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଡକାୟତି ଉଦ୍ୟମ ବେଳେ ୫ ଗିରଫ



ଝାରସୁଗୁଡ଼ା,୮।୯(ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ପୁଞ୍ଜିପଥର ନିକଟ ଓପିଟିସିଏଲ ଗ୍ରୀଡ଼ରୁ ଡକାୟତି ଉଦ୍ୟମ ବେଳେ ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ପଶ୍ଚିମବଙ୍ଗର ଉସଦାର ଅଲୀ, କଲମ ସେକ, ଅବଦୁଲ ଜବ୍ବାର ଶେକ, ୱାସିମ ଆକ୍ରମ ଏବଂ ମଧ୍ୟପ୍ରଦେଶର ରାଜୁ ବର୍ମା ବୋଲି ଲଖନପୁର ପୁଲିସ ସୂଚନା ଦେଇଛି। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ମାନେ ପୁଞ୍ଜିପଥର ଓପିଟିସିଏଲ ଗ୍ରୀଡ଼ରୁ ଡକାୟତି ଉଦ୍ଦେଶ୍ୟରେ ଏକାଠି ହୋଇଥିଲେ। ଲଖନପୁର ପୁଲିସ ଏନେଇ ଖବର ପାଇ ତୁରନ୍ତ ଚଢ଼ଉ କରିବା ସହ ଅଭିଯୁକ୍ତ ମାନଙ୍କୁ କାବୁ କରି ସେମାନଙ୍କ ଡକାୟତି ଉଦ୍ୟମକୁ ପଣ୍ଡ କରିଥିଲା। ଏହାସହ ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଟେମ୍ପୋ ଗାଡି, ଦୁଇଟି ଲୁହାରଡ, ଏକ ଖଣ୍ଡା, ଦୁଇଟି ଛୁରୀ, ଏକ ତାର କଟା ଯନ୍ତ୍ର, ଦୁଇ ପ୍ୟାକେଟ ଲଙ୍କା ଗୁଣ୍ଡ, ୫୫୦୦ ନଗଦ ଟଙ୍କା ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ବିଭିନ୍ନ ଥାନାରେ ଥିବା ସୂଚନା ରହିଛି।

**ଗଣେଶ ପୂଜା ଭସାଣି ଗଣ୍ଡଗୋଳ**

# ରେଲୱେ କଲୋନୀରେ ଘର ଉପରକୁ ୬ ରାଉଣ୍ଡ ଗୁଳିମାଡ଼



ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ସହରସ୍ଥ ରେଲୱେ କଲୋନୀରେ ଥିବା ଏକ ଘରକୁ ଶନିବାର ବିଳମ୍ବିତ ରାତ୍ରିରେ ୬ରାଉଣ୍ଡ ଗୁଳିମାଡ ହୋଇଥିବା ବେଳେ କାହାର ଜୀବନ ହାନି ହୋଇନଥିବା ସୂଚନା ମିଳିଛି। ଶନିବାର ରାତିରେ ରେଲୱେ କଲୋନୀରେ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଡବଲିଂ କଲୋନୀର କିଛି ଯୁବକ ଓ ରେଲୱେ କଲୋନୀର ସୋହନ ସୁନା ଓ ସୁଶାନ୍ତ ସୁନାଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣାକୁ କେନ୍ଦ୍ରକରି ଡବଲିଂ କଲୋନୀର କିଛି ଯୁବକ ରେଲୱେ କଲୋନୀକୁ ଆସିଥିଲେ। ରାତି ପ୍ରାୟ ୩ଟା ବେଳେ ସୋହନ ଓ ସୁଶାନ୍ତଙ୍କ ଘର ସମ୍ମୁଖରେ ପହଞ୍ଚି କବାଟ ଖୋଲିବାକୁ କହିଥିଲେ। ଏହି ସମୟରେ ସୁନାଙ୍କ ମାଁ କେବଳ ଘରେ ଶୋଇଥିଲେ। ଦୁର୍ବୃତ୍ତ ମାନେ କାହାକୁ ନପାଇ ଉତ୍ୟକ୍ତ ହୋଇ ତାଙ୍କ ଘର ଉପରକୁ ୬ରାଉଣ୍ଡ ଗୁଳିମାଡ କରିବା ପରେ ଫେରାର ହୋଇଯାଇଥିଲେ। ଗୁଳିଗୁଡିକ ଘର କବାଟ ଭେଦ କରି କେଉଁଠି କାନ୍ଥରେ ତ କେଉଁଠି କୁଲରରେ ବାଜିଥିବା ବେଳେ କାହାର ଜୀବନ ହାନି ହୋଇ ନ ଥିବା ସୂଚନା ମିଳିଛି। ରବିବାର ସକାଳେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରେ, ଏସଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ କରିଥିଲେ। ଘଟଣାଟି ରେଲୱେ କଲୋନୀଠାରେ ଘଟିଥିବା ହେତୁ ଜିଆରପି ଏହାର ଅଧିକ ତଦନ୍ତ ଆରମ୍ଭ କରିଛି ଏବଂ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



## ‘ଉତ୍କଳ’ ହଷ୍ଟେଲ୍‌ରେ ଅପରେସନ୍ ବ୍ଲୁ ଷ୍ଟାର

# ବିଦାହେଲେ ଅଣଛାତ୍ର | ବିଶ୍ୱବିଦ୍ୟାଳୟରେ ଉତ୍ତେଜନା





■ କ୍ୟାଣ୍ଟିନ୍ ଭଙ୍ଗାକୁ ନେଇ ଥାନାରେ ମାମଲା
■ ଆକ୍ରମଣରେ ଛାତ୍ର ଗୁରୁତର



ଭୁବନେଶ୍ୱର, ୮।୯ (ସମିସ): ସକାଳେ ଅଣଛାତ୍ରଙ୍କୁ ପୁଲିସ ବିଦା କରିଥିବା ବେଳେ ରାତିରେ କ୍ୟାଣ୍ଟିନ୍ ଖାଲି କରିବାକୁ ନେଇ ଛାତ୍ର ଓ ଅଣଛାତ୍ର ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ସହିଦନଗର ଥାନାରେ ଅଭିଯୋଗ ହୋଇଛି। କ୍ୟାଣ୍ଟିନ୍‌ରେ କାମ କରୁଥିବା ଲାଇବ୍ରେରୀ ସାଇନ୍ସର ପ୍ରଥମ ବର୍ଷର ଛାତ୍ର ତ୍ରିନାଥ ସାହୁ ଆହତ ହୋଇଛି। ତାଙ୍କୁ ଲୁହାରଡ଼ରେ ଅଣଛାତ୍ର ପିଟିଥିବାରୁ ତାଙ୍କ ହାତ ମାଡ଼ ହୋଇଛି। ଅପରପକ୍ଷେ କାର୍ଯ୍ୟାନୁଷ୍ଠାନ ଦାବିରେ ଏକାଧିକ ଛାତ୍ର ଏବଂ କ୍ୟାଣ୍ଟିନର ଏକାଧିକ କର୍ମଚାରୀ ଥାନା ଘେରାଉ କରିଥିଲେ।

ଅଭିଯୋଗ ଅନୁସାରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାଣ୍ଟିନକୁ ଜଣେ ମହିଳାଙ୍କୁ ଟେଣ୍ଡର ଦେଇଥିଲେ। ଗତ ଡିସେମ୍ବର ମାସରୁ ସେମାନେ କ୍ୟାଣ୍ଟିନ୍‌କୁ ଟେଣ୍ଡର ନେଇଥିବା ବେଳେ ଏପ୍ରିଲରେ ଶେଷ ହୋଇଥିଲା। ହେଲେ କର୍ତ୍ତୃପକ୍ଷ ଟେଣ୍ଡର ନେଇଥିବା ମହିଳାଙ୍କୁ ଟଙ୍କା ଦେଉ ନ ଥିଲେ। କ୍ୟାଣ୍ଟିନ୍ ମାଲିକ ଟଙ୍କା ମାଗିଲେ କର୍ତ୍ତୃପକ୍ଷ ଏକାକୀ ଆସ ଆଲୋଚନା କରିବା କହୁଥିଲେ। ଗୋଟିଏ ଗୁଳିରେ କର୍ତ୍ତୃପକ୍ଷ ଦୁଇଟି ଶିକାର କରିଥିବା କହିଛନ୍ତି ତ୍ରିନାଥ। ଟଙ୍କା ନଦେଇ ବନ୍ଦ କରି ଚାଲିଯିବାକୁ କହୁଥିଲେ। କ୍ୟାଣ୍ଟିନରେ କାମ କରୁଥିବା କିଛି ଯୁବକ ସେଠାରେ ପାଠ ପଢ଼ିବା ସହ କ୍ୟାଣ୍ଟିନ୍ କାମ କରୁଥିଲେ। ସେହିପରି ଆହତ ହୋଇଥିବା ତ୍ରିନାଥ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ସହ କ୍ୟାଣ୍ଟିନ୍‌ରେ କାମ କରୁଥିଲେ। କର୍ତ୍ତୃପକ୍ଷ ଗୁଣ୍ଡା ଲଗାଇ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆଜି ରାତିରେ ଗ୍ଲାସ୍ କ୍ୟାଣ୍ଟିନ କର୍ମଚାରୀ ତ୍ରିନାଥ, କ୍ୟାଣ୍ଟିନ୍ ଲିଜ୍ ନେଇଥିବା ମାଲିକ୍ ଏବଂ ଅନ୍ୟ କର୍ମଚାରୀ ଥିଲେ। ଏହି ସମୟରେ କିଛି ଅଣଛାତ୍ର କ୍ୟାଣ୍ଟିନ୍ ଭିତରକୁ ପଶି ତ୍ରିନାଥଙ୍କୁ ମାଡ଼ ମାରିବା ସହ ମାଲିକଙ୍କୁ ଅସଦାଚରଣ କରିଥିଲେ। ତୁରନ୍ତ ହଷ୍ଟେଲ ଛାଡ଼ି ଚାଲିଯିବାକୁ ସେମାନେ ଧମକ ଦେଇଥିଲେ। ଟଙ୍କା ନ ଦେଲେ କିଭଳି କ୍ୟାଣ୍ଟିନ୍ ଖାଲି କରି ଯିବୁ ବୋଲି କହିବା ପରେ ଏହି ଅଣଛାତ୍ର ଲୁହାଛଡ଼ରେ ସେମାନଙ୍କୁ ପିଟିଥିବା ଅଭିଯୋଗ ହୋଇଛି।

### ‘ମୋ ବହିବସ୍ତାନି ବାହାରେ ଫିଙ୍ଗିଦେଲେ’

ଭୁବନେଶ୍ୱର, ୮।୯ (ସମିସ): ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରାଯାଇଛି। ୨୦ ପୁଲିସ୍ ଅଧିକାରୀଙ୍କ ସହ ୭ ପ୍ଲାଟୁନ୍ ପୁଲିସ୍ ଫୋର୍ସଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଷ୍ଟେଲ୍ ଖାଲି କରିଛନ୍ତି। ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍‌ର ତାଲା ଭାଙ୍ଗି ଜିନିଷପତ୍ର ବାହାର କରାଯାଇଛି। ଅଣଛାତ୍ରଙ୍କୁ ବିଦା କରିବା ମଧ୍ୟରେ ଏକାଧିକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ହଷ୍ଟେଲ୍ ମଧ୍ୟରୁ ବହି ବଦଳରେ ଅନ୍ୟ ସବୁ ବାହାରୁଥିଲା। ଏହାରି ମଧ୍ୟରେ ଗୋଟିଏ ବହି ବସ୍ତା ନଜରକୁ ଆସିଥିଲା। କିଛି ସମୟ ପରେ ୨ଜଣ ଛାତ୍ର ବହି ବସ୍ତା ନିକଟରେ ପହଞ୍ଚିବା ସହ ତନଖି କରିଥିଲେ। ନିଜର ବହି ଜାଣିବା ପରେ ମଧ୍ୟ ସେମାନେ ନେଇ ପାରୁ ନ ଥିଲେ। କାରଣ ଗଣମାଧ୍ୟମର ମାଳମାଳ କ୍ୟାମେରାରେ କଏଦ ହୋଇଯିବାର ଭୟ ସେମାନଙ୍କୁ ଘାରିଥିଲା। ନିରୂପାୟ ହୋଇ ବହୁ ସମୟ ଠିଆ ହେବାପରେ ବହି ବସ୍ତାଟି ନେବାରେ ସକ୍ଷମ ହୋଇଥିଲେ। ପ୍ରଥମ ବର୍ଷରେ ନାମଲେଖାଇଥିବା ଛାତ୍ର ଜଣଙ୍କୁ ପଚାରିବାରେ ସେ କୋହଭରା କଣ୍ଠରେ କହିଛନ୍ତି ଯେ, ୧ ନମ୍ବର ଛାତ୍ରାବାସରେ ତାଙ୍କୁ ହଷ୍ଟେଲ୍ ମିଳିଛି। ସେହି ରୁମ୍‌ରେ ଆଉଜଣେ ରହୁଥିବାରୁ ସେ ବହୁଦିନ ଧରି ବାହାରେ ରହୁଥିଲେ। ଅନ୍ୟ ଜଣଙ୍କ ସହଯୋଗରେ ୩ ନମ୍ବର ହଷ୍ଟେଲ୍‌ରେ ସେ ରହୁଥିଲେ। ନୋଟିସ୍ ପରେ ମଧ୍ୟ କିଛି ହେବନାହିଁ ବୋଲି ଅନେକ ତାଙ୍କୁ କହିବାରୁ ବିକଳ୍ପ ଚିନ୍ତା କରି ନ ଥିଲେ। ହେଲେ କିଛି ଜାଣିବା ପୂର୍ବରୁ ତାଙ୍କ ଜିନିଷପତ୍ର ବାହାର କରିଦେଇଥିବାରୁ ଅନେକ ବହିପତ୍ର ଆଉ ସେ ପାଉ ନ ଥିବା କୋହଭରା କଣ୍ଠରେ କହିଛନ୍ତି।

● ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେବା ଘଟଣା

## ପରିଚୟ ପାଇଁ ପୋଷ୍ଟର ମାରିବ ପୁଲିସ



ଭୁବନେଶ୍ୱର, ୮।୯ (ସମିସ): ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଶୌଚାଳୟ ପଛରୁ ଉଦ୍ଧାର ଯୁବକଙ୍କ ପରିଚୟ ମିଳିପାରିନି। ତାଙ୍କୁ ୩ଦିନ ତଳେ କେହି ହତ୍ୟା କରି ଶୌଚାଳୟ ପଛରେ ଫିଙ୍ଗି ଲୁଚାଇ ପଳାଇଥିଲେ। ପୁଲିସ ଆଜି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ଶବକୁ ସଂରକ୍ଷଣ କରି ରଖିଛି। ମୃତ ବ୍ୟକ୍ତିଙ୍କ ପରିବାର ଲୋକ କେହି ଆସିଲେ ଶବ ହସ୍ତାନ୍ତର କରାଯିବ। ନହେଲେ ପୁଲିସ ଶେଷରେ ନିଜେ ଶବ ସତ୍କାର କରିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଆଜି ପୁଲିସ ସବୁ ହ୍ୱାଟ୍ସଆପ୍ ଗ୍ରୁପ୍ ଏବଂ ସବୁ ଥାନାକୁ ମୃତ ଯୁବକଙ୍କ ଫଟୋକୁ ପଠାଇଛି। ବଡ଼ ସମସ୍ୟା ହେଲା ଅଭିଯୁକ୍ତମାନେ ମୃତଦେହର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିବାରୁ ମୁହଁକୁ ଚିହ୍ନି ହେଉନି। ଯେଉଁଥି ପାଇଁ ପୁଲିସ ତାର ପରିଚୟ ପାଇବାରେ ସମସ୍ୟା ହେଉଛି। ଆହୁରି ମଧ୍ୟ ପୁଲିସ ମୃତ ବ୍ୟକ୍ତିର ପରିଚୟ ପାଇବା ପାଇଁ ସବୁ ଥାନାର ମିସିଂ ରିପୋର୍ଟ ଘାଣ୍ଟୁଥିବା ବେଳେ ଆଗାମି ଦିନରେ ପୁଲିସ ଜନଗହଳି ସ୍ଥାନରେ ପୋଷ୍ଟର ମାରିବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତ ଦେହକୁ ଫିଙ୍ଗିଥିଲେ। କେହି ନଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ଯେଉଁଥି ପାଇଁ ୨ଦିନ ହେବ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରିନଥିଲେ। ଗତକାଲି ସନ୍ଧ୍ୟାରେ ଜଣେ ବ୍ୟକ୍ତି ଶୌଚ ପାଇଁ ସେଠାକୁ ଯାଇଥିଲେ। ହେଲେ ସେଠାରେ ପ୍ରବଳ ମାତ୍ରାରେ ଦୁର୍ଗନ୍ଧ ହେଉଥିବାରୁ ଶୌଚାଳୟ ପଛକୁ ଯାଇଥିଲେ। ମୃତଦେହ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରିଥିଲେ। ମୃତ ବ୍ୟକ୍ତିଙ୍କ ହାତରୁ ଏକ ଘଣ୍ଟା ଜବତ କରାଯାଇଥିବା ବେଳେ ସେ ଏକ ଦାମୀ ବେଲ୍ଟ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ପୁଲିସ ତାହାକୁ ମଧ୍ୟ ଜବତ କରିଛି।

● ଜମିବିକ୍ରି ନାଁରେ ୧୭ ଲକ୍ଷ ଠକେଇ

## ୪ ବର୍ଷ ପରେ ଧରାପଡ଼ିଲା ଧୂର୍ତ୍ତ

ଭୁବନେଶ୍ୱର, ୮।୯ (ସମିସ): ଜମି ବିକ୍ରି ଆଳରେ ୧୭ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ୪ ବର୍ଷ ପରେ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ଯାଜପୁର ବିଞ୍ଝାରପୁର ଅଞ୍ଚଳର କାଳିଆ ଓରଫ୍ ସୁବ୍ରତ କୁମାର ସାହୁ (୫୩)।

ପୁଲିସ ସୂଚନା ଅନୁସାରେ, ନାଗାର୍ଜୁନ ସେଠୀ ଭୁବନେଶ୍ୱରରେ ଜମି କିଣିବା ପାଇଁ ଯୋଜନା କରୁଥିବା ବେଳେ ଦାସ କନଷ୍ଟ୍ରକ୍ସନ ଓ ଭଗବତ କନଷ୍ଟ୍ରକ୍ସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା କାଳିଆ ସଂସ୍ପର୍ଶରେ ଆସିଥିଲେ। ୨୦୧୦ ମସିହାରେ କାଳିଆ ପଳାଶୁଣୀ ସପ୍ତସତୀ ମନ୍ଦିର ପଛପଟେ ୩୮୦୦ ବର୍ଗଫୁଟ ଜମି ବିକ୍ରି କରିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲା। କାଳିଆ ଏଥିଲାଗି ନାଗାର୍ଜୁନଙ୍କ ଠାରୁ ୩ଟି ବ୍ୟାଙ୍କ ଚେକରେ ମୋଟ ୧୭ ଲକ୍ଷ ଟଙ୍କା ନେଇଥିଲା। ଏହା ବ୍ୟତୀତ ଜମି ପଞ୍ଜୀକରଣ ପାଇଁ ଆବଶ୍ୟକ ଷ୍ଟାମ୍ପ ପେପର କିଣା ବାବଦକୁ ଅଧିକ ୫୦ ହଜାର ଟଙ୍କା ମଧ୍ୟ ନେଇଥିଲା। ଟଙ୍କା ନେବାପରେ ମଧ୍ୟ ଜମି ପଞ୍ଜୀକରଣ କରି ନ ଥିଲେ କି ଟଙ୍କା ମଧ୍ୟ ଫେରସ୍ତ ଦେଇନଥିଲା। ଏନେଇ ନାଗାର୍ଜୁନ ଯୋଗାଯୋଗ କରିବାରୁ ସେ ଦିନପରେ ଦିନ ଗଡ଼ାଇ ଚାଲିଥିଲେ ଓ ପରେ ଫୋନ ସ୍ୱିଚଅଫ୍ କରି ଦେଇଥିଲେ। ନାଗାର୍ଜୁନ ୨୦୨୧ ମସିହା ଅଗଷ୍ଟ ମାସରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାର ପ୍ରାୟ ୪ ବର୍ଷ ପରେ ଅଭିଯୁକ୍ତ କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। କାଳିଆ ନାମରେ ପୂର୍ବରୁ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୫ ଗୋଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବନ୍ଧୁକ ମୁନରେ ଟଙ୍କା ଲୁଟ୍; ଦୁଇ ଗିରଫ



ଭୁବନେଶ୍ୱର, ୮।୯ (ସମିସ): ବନ୍ଧୁକ ମୁନରେ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଝାରପଡ଼ା ଭୋଇ ସାହିର ନିଲୁ ସାମଲ (୨୪) ଓ ଝାରପଡ଼ା ତାରିଣୀ ବସ୍ତିର ଅଙ୍କିତ ଓରଫ୍ ମୁନା ରତନ (୧୯)। ପୁଲିସ ସୂଚନା ଅନୁସାରେ, ଭୁବନେଶ୍ୱର କୁମାର ମହନ୍ତ ଓ ଆଜାଦ ଶବର ଦୁହେଁ କଟକ ରୋଡରେ ଥିବା ହୋଟେଲ ଜ୍ୟୋତ୍ସ୍ନାରେ ଚାକିରି କରନ୍ତି। ଗତ ୧ ତାରିଖ ରାତି ୮ ଟା ସମୟରେ ଭୁବନେଶ୍ୱର ଓ ଆଜାଦ ହୋଟେଲରୁ କାମ ସାରି ଘରକୁ ଫେରୁଥିବା ବେଳେ ବମିଖାଲ କେନାଲ ରୋଡରେ ନିଲୁ ଓ ଅଙ୍କିତ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ପାଖରେ ଥିବା ଟଙ୍କା ମାଗିଥିଲେ। ଟଙ୍କା ଦେବା ଲାଗି ମନା କରିବାରୁ ବନ୍ଧୁକ ବଟ୍‌ରେ ଉଭୟଙ୍କୁ ଆକ୍ରମଣ କରି ମୋଟ ୨୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହିତ ମାସିକ ୩୦ ହଜାର ଟଙ୍କା ଲେଖାଏଁ ଦାଦାବଟି ଦେବାକୁ ଧମକାଇବା ସହ ଟଙ୍କା ପଠାଇବା ଲାଗି ଏକ ମୋବାଇଲ ନମ୍ବର ମଧ୍ୟ ଦେଇଥିଲେ। ଭୁବନେଶ୍ୱର ଘଟଣା ସମ୍ପର୍କରେ ହୋଟେଲ ମାଲିକଙ୍କୁ ଜଣାଇବା ସହ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଝାରପଡ଼ା କଂସେଇ ଖାନା ଅଞ୍ଚଳରୁ ନିଲୁ ସାମଲ ଓ ଅଙ୍କିତଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଗୋଟିଏ ହାତ ତିଆରି ବନ୍ଧୁକ, ମୋବାଇଲ ଫୋନ, ୫ ହଜାର ଟଙ୍କା ଓ ଏକ ବାଇକ୍ ଜବତ କରିଥିଲା। ଅଙ୍କିତ ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ‘ଓୟୋ’ରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୮।୯ (ସମିସ): ଓୟୋ ହୋଟେଲରେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସହିଦନଗର ବିଶେଶ୍ୱର ବସ୍ତିର ସଞ୍ଜିତ କୁମାର ସିଂ (୨୦)। ପୁଲିସ ସୂଚନା ଅନୁସାରେ, ୨୦୨୨ ମସିହାରେ ଯୁକ୍ତଦୁଇ ପଢୁଥିବା ଯୁବତୀ ଜଣକ ଏକ କୋଚିଂ ସେଣ୍ଟରରେ ସଞ୍ଜିତ ସହ ଦେଖା ହେବା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ସଞ୍ଜିତ ତାଙ୍କୁ ଏକ ପାଖିଆ ଭଲ ପାଇବା ସହ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛିଦିନ ପାଇଁ ଦୂରତା ବଢ଼ି ଯାଇଥିଲା। ଏହାର କିଛିଦିନ ପରେ ସଞ୍ଜିତ ଶିକ୍ଷାନୁଷ୍ଠାନ ନିକଟକୁ ଆସି ଯୁବତୀଙ୍କୁ ସାକ୍ଷାତ କରିବା ସହ କେବଳ ବନ୍ଧୁତାରେ ସୀମିତ ରହିବା ଲାଗି ପ୍ରତିଶ୍ରୁତି ଦେଇଥିଲା। ସଞ୍ଜିତ ଗତ ଜୁଲାଇ ୧ ତାରିଖ ଦିନ ମଧ୍ୟାହ୍ନରେ କଟକରେ ଥିବା ନିଜ ମାଉସୀଙ୍କ ଘରକୁ ବୁଲିଯିବା ଲାଗି ଯୁବତୀଙ୍କୁ କହିଥିଲା। ସେ ରାଜି ହେବାପରେ ଉଭୟ ଏକ ଅଟୋରେ କଟକ ଅଭିମୁଖେ ବାହାରିଥିଲେ। ବାଟରେ ସଞ୍ଜିତ ଛଳନା କରି ଯୁବତୀଙ୍କୁ ପଟିଆ ଅଞ୍ଚଳରେ ଥିବା ଓୟୋ ହୋଟେଲକୁ ନେଇଯାଇଥିଲା। ସେଠାରେ ୫/୬ ଦିନ ଧରି ତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା ଓ ବିବାହ କରିବା ଲାଗି ଚାପ ପକାଇଥିଲା। ସେ ବିବାହ ଲାଗି ମନା କରିବାରୁ ପାଖରେ ରଖିଥିବା ଫଟୋ ପରିବାର ଲୋକଙ୍କୁ ପଠାଇ ଦେବ ବୋଲି ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସଞ୍ଜିତକୁ ତାର ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୮ ବର୍ଷର ନାବାଳିକା ଯୌନ ଶୋଷଣ; ଜଣେ ଗିରଫ

ନନ୍ଦନକାନନ, ୮।୯ (ସମିସ): ନନ୍ଦନକାନନ ଥାନା ଅଞ୍ଚଳରେ ମାତ୍ର ୮ବର୍ଷର ଜଣେ କନ୍ୟାରତ୍ନ ଦୀର୍ଘଦିନ ହେବ ଜଣେ ଯୌନ ପିପାସୁ ଦ୍ୱାରା ଅସଦାଚରଣର ଶିକାର ହୋଇ ଆସୁଥିଲେ। ଏହା ଜଣାପଡ଼ିବା ପରେ ଉକ୍ତ ନାବାଳିକା କନ୍ୟାର ମା’ଆ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ନନ୍ଦନକାନନ ପୁଲିସ ତଦନ୍ତ କରି ସେହି ଯୌନ ପିପାସୁ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ୩୫ବର୍ଷୀୟ ବିଦ୍ୟାଧର ନାୟକ। ଅଭିଯୋଗକାରିଣୀ ମା’ଆଙ୍କ ଅଭିଯୋଗ ଅନୁସାରେ ପୀଡିତା ସ୍କୁଲ ଯିବା ଆସିବା ରାସ୍ତାରେ କେହି ନଥିବାର ଦେଖି ବିଦ୍ୟାଧର କିଛି ଦିନ ହେବ ଉକ୍ତ ୮ବର୍ଷର ନାବାଳିକା ଛାତ୍ରୀକୁ ଅସଦାଚରଣ କରି ଆସୁଥିଲା। ଏହା ଜାଣିବା ପରେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ତଦନ୍ତ କରି ବିଦ୍ୟାଧରକୁ ଗିରଫ କରି କୋର୍ଟ ଚଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

## ହଳଦିପଡ଼ିଆ ବସ୍ତିରେ ଆତଙ୍କ; ଦୁଇ ଗିରଫ



ଭୁବନେଶ୍ୱର, ୮।୯ (ସମିସ): ହଳଦିପଡ଼ିଆରେ ଆତଙ୍କ ଖେଳାଇଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ହଳଦିପଡ଼ିଆର ଚନ୍ଦନ ନାୟକ (୨୨) ଓ ଲକ୍ଷ୍ମୀସାଗର ଉପର ସାହିର ପ୍ରମୋଦ ସାହୁ ଓରଫ୍ ଲିଟୁ (୨୬)। ପୁଲିସ ସୂଚନା ଅନୁସାରେ, ହଳଦିପଡ଼ିଆ ବସ୍ତିରେ ରହୁଥିବା କ୍ରିଷ୍ଣା ଝା ଗତକାଲି ଘରେ ଏକାକୀ ଥିବାବେଳେ ରୋହନ ନାୟକ ଟେକା ପକାଇଥିଲେ। କ୍ରିଷ୍ଣା ବିରୋଧ କରିବାରୁ ରୋହନ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏଥିସହିତ ନିଜର ଅନ୍ୟ ସହଯୋଗୀମାନଙ୍କୁ ଫୋନ କରି ଘଟଣାସ୍ଥଳକୁ ଡକାଇଥିଲା। ଏହାପରେ ଚନ୍ଦନ, ପ୍ରମୋଦ ସମେତ ୨୦/୨୫ ଜଣ ବିଭିନ୍ନ ମରଣାସ୍ତ୍ର ଧରି ଏକଜୁଟ ହେବା ସହ କ୍ରିଷ୍ଣା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଘର ଚାରିପାଖରେ ଘୂରି ବୁଲିଥିଲେ। କ୍ରିଷ୍ଣା ପୁଲିସର ଭୟ ଦେଖାଇବାରୁ ଅଭିଯୁକ୍ତମାନେ ପଳାଇଥିଲେ ମଧ୍ୟ ରାତି ୯ ଟାରେ ପୁଣି ଆସି ବିଶୃଙ୍ଖଳା ପ୍ରଦର୍ଶନ କରି ଭୟ ସୃଷ୍ଟି କରାଇଥିଲେ। କ୍ରିଷ୍ଣାଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଚନ୍ଦନ ଓ ପ୍ରମୋଦକୁ ଗିରଫ କରିବା ସହ ଗୋଟିଏ ଖଣ୍ଡା ଜବତ କରିଥିଲା।

## କର୍ମଚାରୀଙ୍କୁ ହଇରାଣ କରୁଛି ଆପୋଲୋ ହସ୍ପିଟାଲ୍

ଧାରଣାରେ ବସିଲା ଭାରତୀୟ ମଜଦୂର ସଂଘ



ଭୁବନେଶ୍ୱର, ୮।୯ (ସମିସ): ଆପୋଲୋ ହସ୍ପିଟାଲ୍ କର୍ମଚାରୀ ଓ ଶ୍ରମିକଙ୍କ ବିରୋଧରେ ଶୋଷଣମୂଳକ ପଦକ୍ଷେପ ନେଉଥିବା ଅଭିଯୋଗ କରି ଖୋର୍ଦ୍ଧା ଜିଲ୍ଲା ଭାରତୀୟ ମଜଦୂର ସଂଘ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହସ୍ପିଟାଲ୍ ସମ୍ମୁଖରେ ଧାରଣା ଦେବା ସହ ମନମାନୀ ଚଳାଇଥିବା ଅଭିଯୋଗ କରିଛି। ସଂଘର ଜିଲ୍ଲା ସମ୍ପାଦକ ଅମରେଶ ମହାପାତ୍ର କହିଛନ୍ତି ଯେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ କେତେକ କର୍ମଚାରୀଙ୍କୁ ବଦଳି କରିବା ସହ ଆଉ କିଛି କର୍ମଚାରୀଙ୍କୁ ଛଟେଇ କରିଥିଲେ। ଏହାକୁ ପ୍ରତିବାଦ କରିବା ସହ ସେମାନଙ୍କୁ ପୁନଃନିଯୁକ୍ତି କରିବା ଦାବିରେ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଉତ୍କ୍ଷିପ୍ତ ହେବା ସହ ଉଦ୍ଦେଶ୍ୟମୂଳକ ଭାବେ ପୁଣି ଦୁଇ ଜଣଙ୍କୁ ଅନ୍ୟତ୍ର ବଦଳି କରିବା ସହ ଜଣଙ୍କୁ ଚାକିରିରୁ ବାହାର କରିଦେଇଛନ୍ତି। ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ନେଇ ଆନ୍ଦୋଳନ କରିବାରୁ ସେମାନଙ୍କୁ ବାହର କରିଦେବା ଶ୍ରମିକ ବିରୋଧୀ ବୋଲି ଦର୍ଶାଇବା ସହ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ଉପସଭାପତି ସୁମିତ୍ରା ମହାପାତ୍ର, ସାଧାରଣ ସମ୍ପାଦକ ପୃଥିରାଜ ପଣ୍ଡା, ସମ୍ପାଦକ ସତ୍ୟବ୍ରତ ପରିଡ଼ା ଓ କୁଞ୍ଜଲତା ଦାସ, ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସଙ୍କ ସମେତ ରାଜ୍ୟ ଠିକା ମଜଦୂର ସଂଘର ପ୍ରଭାରୀ ଶ୍ରୀନିବାସ ରାଓ, ସାଧାରଣ ସମନ୍ୱାଦକ କପିଳେଶ୍ୱର ମହାପାତ୍ର, ଅଲ୍ ଓଡ଼ିଶା ଲେଡିଜ୍ ୱାର୍କସ୍ ଆସୋସିଏସନ୍ ପକ୍ଷରୁ ବନୀତାଞ୍ଜଳୀ ଦାସ୍, ମନ୍ଦାକିନି ପ୍ରଧାନ, ଇଷ୍ଟକୋଷ୍ଟ ରେଳ ମଜଦୂର ସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

୮/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୦୬,୧୬୫/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୧୩.୭୦୦ ଗ୍ରାମ୍



# ନୂଆନଈ ପଠାରୁ କାଟିନେଲେ ଶିଶୁ ଗଛ

ପୁରୀ,୮।୯ (ସମିସ)



ନଦୀବନ୍ଧ ରାସ୍ତା ପ୍ରତି ବିପଦ ବଢ଼ିଲା



ନଦୀବନ୍ଧ କିପରି ସୁଦୃଢ଼ ଆଉ ସୁରକ୍ଷିତ ରହିବ ସେଥିପାଇଁ ବନ ବିଭାଗ ବିପୁଳ ପରିମାଣର ଅର୍ଥ ବ୍ୟୟ କରୁଛି। ଏଥିପାଇଁ ନଦୀପଠାରେ ବୃକ୍ଷରୋପଣ କରାଯାଉଛି। ଫଳରେ ମୃତ୍ତିକା କ୍ଷୟ ରୋକାଯିବା ସହ ନଦୀବନ୍ଧ ରାସ୍ତା ପ୍ରତି ଏତେଟା ବିପଦ ଆସିବ ନାହିଁ। ହେଲେ କିଛି ଅସାଧୁ ବ୍ୟକ୍ତିଙ୍କ ପାଇଁ ଏହି ଲକ୍ଷ୍ୟ ସାଧିତ ହେଉନାହିଁ। ନଦୀପଠାରୁ କେତେବେଳେ ବାଲିମାଟି ତାଡ଼ି ନିଆଯାଉଛି ତ ପୁଣି କେତେବେଳେ ଲାଗିଥିବା ଗଛ କାଟି ନେଉଛନ୍ତି ଦୁର୍ବୃତ୍ତ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆନଈ କ୍ଷେତ୍ରରେ। ସୋମବାର ପୂର୍ବାହ୍ନରେ କିଛି ଲୋକ ନଦୀପଠାରେ ଲାଗିଥିବା ମୂଲ୍ୟବାନ ଶିଶୁ ଏବଂ ଅନ୍ୟାନ୍ୟ ଗଛ କାଟି ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଏ ନେଇ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଦୁର୍ବୃତ୍ତମାନେ ଗଛ କାଟି ଏହାକୁ ଟ୍ରାକ୍ଟରରେ ଲଦି ନେଇଯାଇଥିବା ଜଣାପଡ଼ିଛି।

ନଦୀବନ୍ଧ ରାସ୍ତା ଯେପରି ସୁଦୃଢ଼ ରହିବ ମାଟି କିମ୍ବା ବାଲି ଅତଡ଼ା ନ ଖାଇବ ସେଥିଲାଗି ନଦୀପଠାରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥାଏ। ଏହି ଗଛ ବଡ଼ ହେଲେ ମାଟି, ବାଲିକୁ କାମୁଡ଼ି ଧରିବ। ଫଳରେ ନଦୀକୁ ମାଟି, ବାଲି ଅତଡ଼ା ଧସିବ ନାହିଁ। ଏଭଳି ମହତ୍ ଉଦ୍ଦେଶ୍ୟ ରଖି ନଦୀପଠାରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥାଏ। ପୁରୀ-କୋଣାର୍କ ମୁଖ୍ୟ ରାସ୍ତାର ହୋଟେଲ ତୋଷାଳୀ ନିକଟରେ ମୋହିନୀପୁରରୁ ବାଲିପୁଟକୁ ରାସ୍ତା ସଂଯୋଗ କରିଛି। ଏହି ରାସ୍ତା (ନୂଆନଈ ବାମପାଶ୍ୱର୍ ବନ୍ଧ) ଉପରେ ବହୁ ଲୋକ ଯାତାୟାତ କରିଥା'ନ୍ତି। ହେଲେ ଏହି ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେବେ ମୁଖ୍ୟ ରାସ୍ତାରୁ ପ୍ରାୟ ୨ କିମି ବ୍ୟାପୀ ବିସ୍ତୃତ ନଦୀପଠା ରହିଥିବାବେଳେ ୨୦୧୯-୨୦ରେ ସବୁଜ ମହାନଦୀ ଯୋଜନାରେ ବନ ବିଭାଗ ପକ୍ଷରୁ ଏଥିରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା।

ସୂଚନା ଅନୁଯାୟୀ, ଏହି ନୂଆନଈ ପଠାରେ କରଞ୍ଜ ଗଛ ୪,୨୨୫, ଅର୍ଜୁନ ଗଛ ୨,୫୯୫, ଲିମ୍ବ ୫୫୦, ଜାମୁ ୪୫୦, ଚାକୁଣ୍ଡା ୪୫୦, ଫାସି ୯୫୦, ଶିରିଶ ୪୦୦ ଏବଂ ଶିଶୁ ୩,୩୮୦ଟି ଲଗାଯାଇଥିଲା। ନଦୀପଠା ହେତୁ ଅଧିକାଂଶ ଗଛ ବଞ୍ଚିଯାଇଥିଲା। ଇତିମଧ୍ୟରେ ୫/୬ ବର୍ଷ ହୋଇଯାଇଥିବା ବେଳେ ଗଛଗୁଡ଼ିକ ବେଶ୍ ବଢ଼ିଯାଇଛି। ଅଧିକାଂଶ ଗଛର ମୋଟେଇ ୨ରୁ ଅଢ଼େଇ ଫୁଟ୍ ହୋଇଯାଇଥିବା ବେଳେ ଏହା ନଦୀବନ୍ଧକୁ ସୁରକ୍ଷା ଦେବାରେ ଏକ ବଡ଼ ଭୂମିକା ନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ପ୍ରତିବର୍ଷ ନଦୀରେ ବନ୍ୟାଜଳ ଆସି ବନ୍ଧ ପାଖ ଛୁଉଁଥିଲେ ମଧ୍ୟ ଗଛ ଥିବାରୁ ବନ୍ଧ ପ୍ରତି ଏତେଟା ବିପଦ ଆସିନାହିଁ। ପରିତାପର ବିଷୟ ସୋମବାର ସକାଳେ କିଛି ବ୍ୟକ୍ତି ନଦୀପଠାରେ ଲାଗିଥିବା ଗଛ ମଧ୍ୟରୁ ମୂଲ୍ୟବାନ ଶିଶୁଗଛକୁ କାଟି ନେଇଛନ୍ତି। ଦିନରେ ଏମିତି ଗଛ କାଟି ନେବା ଘଟଣା ଦେଖିବା ପରେ କିଛି ସ୍ଥାନୀୟ ବ୍ୟକ୍ତି ବନ ବିଭାଗକୁ ଖବର ଦେଇଥିଲେ। ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟକୁ ଫୋନ୍ କରି ଏ ବିଷୟରେ ଜଣାଇଥିଲେ। କିନ୍ତୁ ବନ ବିଭାଗ ପକ୍ଷରୁ ଯେଉଁଭଳି ତ୍ୱରିତ ପଦକ୍ଷେପ ନିଆଯିବ ସେମିତି କିଛି ନିଆଗଲା ନାହିଁ। କୌଣସି ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଲେ ନାହିଁ। ଫଳରେ ସମ୍ପୃକ୍ତ ବ୍ୟକ୍ତିମାନେ ଗଛଗୁଡ଼ିକ କାଟି ଏହାକୁ ଟ୍ରାକ୍ଟରରେ ବୋହି ନେଇଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ପ୍ରାୟ ୧୨/୧୩ଟି ଶିଶୁଗଛ କାଟି ନେଇଛନ୍ତି। ଏହି ଗଛଗୁଡ଼ିକର ମୋଟେଇ ପ୍ରାୟ ୨ରୁ ଅଢ଼େଇ ଫୁଟ୍ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ନଦୀରେ ବନ୍ୟାଜଳ ଆସିଛି। ପଠାକୁ ବି ଛୁଇଁଛି। ଯଦି ଏହି ସମୟରେ ଏମିତି ଗଛ କାଟି ନିଆଯାଏ ତେବେ ବନ୍ୟାପାଣି ନଦୀବନ୍ଧରେ ଆସି ମାଡ଼ ହେବ। ବନ୍ଧ ମଧ୍ୟ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ହେଉଛି ବନ ବିଭାଗର ଅଧିକାରୀଙ୍କୁ ଯିଏ ଫୋନ୍ ମାଧ୍ୟମରେ ଜଣାଉଛନ୍ତି ସେହି ବ୍ୟକ୍ତିଙ୍କ ନମ୍ବର ସ୍ଥାନୀୟ ରେଞ୍ଜରଙ୍କୁ ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଗଛ କାଟି ନେଉଥିବା ବ୍ୟକ୍ତିମାନେ ମଧ୍ୟ ସମ୍ପୃକ୍ତ ସୂଚନାଦାତାଙ୍କ ବିଷୟରେ ଜାଣିଯାଉଛନ୍ତି। ଏହାକୁ ନେଇ ସୂଚନାଦାତାମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ଡିଏଫ୍ଓଙ୍କୁ ପଚାରିବାରେ, ନୂଆନଈ ପଠାରୁ ଗଛ କାଟିନେବା ସମ୍ପର୍କରେ ଆମ ପାଖରେ ଖବର ରହିଛି। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# 'ଭାଗବତ ଯୁବପିଢ଼ି ପାଇଁ ମାର୍ଗଦର୍ଶକ'



ପୁରୀ,୮।୯ (ସମିସ): ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀମଦ୍ ଭାଗବତ ମହାପୁରାଣ ଜନ୍ମଦିବସ ଅବସରରେ ରବିବାର ଏକ ଆଲୋଚନାଚକ୍ର ଅନ୍ନପୂର୍ଣ୍ଣା ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଏହି ସଭାରେ ଅଧ୍ୟକ୍ଷତା କରି କହିଲେ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଜାତୀୟ ଜନଜୀବନର ଆଧାର। ଏହା ସ୍ୱୟଂ ଭଗବାନଙ୍କର ସ୍ୱରୂପ ଓ ଯୁବପିଢ଼ି ପାଇଁ ମାର୍ଗଦର୍ଶକ। ଭାଗବତ, ପ୍ରେମ, କୃଷ୍ଣ ଭକ୍ତି ପ୍ରେମ, ଭାବ, ଭକ୍ତି ଓ ସମର୍ପଣରେ ପରିପୂର୍ଣ୍ଣ। ମୁଖ୍ୟଅତିଥି ରୂପେ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୁରାଣ ଇତିହାସ ବିଭାଗର ପ୍ରଫେସର ଡ. କୃଷ୍ଣ ଚନ୍ଦ୍ର କବି ଯୋଗଦେଇ ବ୍ୟାସକୃତ ମହାଭାରତର ଜନ୍ମବୃତ୍ତାନ୍ତ ସହ ବିଶ୍ୱ ପୁରାଣ ସାହିତ୍ୟ ଜଗତକୁ ଭାଗବତର ଅବଦାନ ଅନନ୍ୟ ବୋଲି କହିଥିଲେ। ଏହା ସର୍ବଶ୍ରେଷ୍ଠ ଗ୍ରନ୍ଥ ବୋଲି ପ୍ରତିପାଦନ କରିଥିଲେ। ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଡ. ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଶିଶୁ ସାହିତ୍ୟ ସମାଚାର ପତ୍ରିକାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଡ. ଶଶୀକାନ୍ତ ରଥ, ଡ. ପ୍ରଦୀପ କୁମାର ଆଚାର୍ଯ୍ୟ, ଡ. ଗୋପାଳ କୃଷ୍ଣ କର ଯୋଗଦେଇ ଭାଗବତର ତାତ୍ତ୍ୱିକ ମୂଲ୍ୟବୋଧ, ସାମାଜିକ ମୂଲ୍ୟବୋଧ ଓ ଏହା ପ୍ରତି ବିଦ୍ୟାଳୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ପାଇଁ ଛାତ୍ରଛାତ୍ରୀଙ୍କ ଅଧ୍ୟୟନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ଭାଗବତ ପାରାୟଣ ସହ ଚନ୍ଦ୍ରଗ୍ରହଣ ସମ୍ପର୍କରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଆଲୋଚନାଚକ୍ରରେ ସମାଜସେବୀ ରାଜକିଶୋର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା କର, ଉମେଶ ଚନ୍ଦ୍ର ଦାସ, ଜାନକୀରାଣୀ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସେଲ୍ଟର ହୋମ୍‌କୁ ଗଲା ନାବାଳକ

ପୁରୀ,୮।୯ (ସମିସ): ପୁରୀ ଚାରିନଳା ଜେନା ସାହି ନିକଟରେ ଟ୍ରେନ୍‌ରୁ ଖସିପଡ଼ିଥିବା ଜଣେ ନାବାଳକକୁ ଉଦ୍ଧାର କରାଯାଇ ସେଲ୍ଟର ହୋମ୍‌ରେ ରଖାଯାଇଛି। ନାବାଳକ ଜଣକ ରାଗିକି ଘରୁ ଟ୍ରେନ୍ ଯୋଗେ ପଳାଇ ଆସିଥିଲା। ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ତାକୁ ଉଦ୍ଧାର କରି ଜିଆର୍‌ପି ପୁଲିସକୁ ହସ୍ତାନ୍ତର କରିଥିଲେ। ଏହାପରେ ଜିଆର୍‌ପି ଚାଇଲ୍ଡ ଲାଇନକୁ ଜଣାଯାଇଥିଲା। ଉଦ୍ଧାର ପରେ ତାକୁ ସର୍ବୋଦୟ ନଗରସ୍ଥିତ ସେଲ୍ଟର ହୋମ୍‌ରେ ରଖାଯାଇଛି। ନାବାଳକଟି ଅନୁଗୋଳ ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ତାଙ୍କ ପରିବାରକୁ ଖବର ଦିଆଯାଇଥିବା ଜଣାପଡ଼ିଛି।

# ଚନ୍ଦ୍ରଗ୍ରହଣର ପ୍ରଭାବ ସଂକ୍ରାନ୍ତ ଆଲୋଚନା

ପୁରୀ,୮।୯ (ସମିସ): ଚନ୍ଦ୍ର ପୃଥିବୀର ଚାରିପଟେ ଘୂରୁଥାଏ। ପୃଥିବୀ ସୂର୍ଯ୍ୟର ଚାରିପଟେ ଘୂରୁଥାଏ। ଏହିପରି ଘୂର୍ଣ୍ଣନ ପ୍ରକ୍ରିୟା ଅହରହ ଚାଲିଥାଏ। ଯେଉଁଦିନ ଚନ୍ଦ୍ର, ପୃଥିବୀ ଆଉ ସୂର୍ଯ୍ୟ ଏକ ସରଳରେଖାରେ ଅବତୀର୍ଣ୍ଣ କରନ୍ତି ଏବଂ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ଅବସ୍ଥାନ କରେ ସେହିଦିନ ସୂର୍ଯ୍ୟଙ୍କଠାରୁ ଆସୁଥିବା ଆଲୋକ ଚନ୍ଦ୍ରଙ୍କ ପାଖରେ ପହଞ୍ଚିପାରେ ନାହିଁ ଏବଂ ସେହି ସମୟରେ ପୃଥିବୀର ଛାଇ ଚନ୍ଦ୍ରଙ୍କ ଉପରେ ପଡ଼େ ସେହି ସମୟରେ ଚନ୍ଦ୍ର ଲାଲ୍ ଦେଖାଯାଆନ୍ତି। ସେହି ସମୟକୁ ଚନ୍ଦ୍ରଗ୍ରହଣ କୁହାଯାଏ। ଏହା କେବଳ ପୂର୍ଣ୍ଣିମା ତିଥିରେ ହୋଇଥାଏ। ଏହି ଘଟଣାକୁ ନେଇ 'ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ' ପକ୍ଷରୁ ଚନ୍ଦ୍ରର ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ସଦାଶିବ ପରିସର ଜ୍ୟୋତିଷ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ପତି, ସମ୍ମାନିତ ଅତିଥି ଭାବେ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ଦାଶ ଏବଂ ସମ୍ପାଦିକା ଡ. ସସ୍ମିତା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନକୁ ଆରମ୍ଭ କରିଥିଲେ। ସଦାଶିବ ପରିସର ଓ ଶ୍ରୀବିହାର ଜ୍ୟୋତିଷ ବିଭାଗର ଅଧ୍ୟାପକ ଆଲୋଚନା କରିଥିବାବେଳେ ସଦାଶିବ କଲେଜର ଅଧ୍ୟାପକ ଡ. ନୀଳମାଧବ ଦାସ ସମୀକ୍ଷା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିନୟ ନୃସିଂହ ମହାପାତ୍ର, ହରିଶଙ୍କର ମିଶ୍ର, ପ୍ରଭାତ ରଞ୍ଜନ ମହାପାତ୍ର, ଜ୍ୟୋତିର୍ବିତ୍ ଦୀପ୍ତିରଞ୍ଜନ ପଣ୍ଡା, ଗୀତା ଜେମା, ଅଧ୍ୟାପିକା ରାଜଶ୍ରୀ ପାଢ଼ୀ, ସୂର୍ଯ୍ୟନାରାୟଣ ରଥ, ଶରତ ମିଶ୍ର, ନୃସିଂହ ମହାନ୍ତି, ଦେବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚନ୍ଦ୍ରଗ୍ରହଣରେ ବୈଜ୍ଞାନିକ ବିଶ୍ଳେଷଣ ଏବଂ ଜ୍ୟୋତିଷ ଶାସ୍ତ୍ର ମଧ୍ୟରେ ମାନ୍ୟତା ଓ ସାମଞ୍ଜସ୍ୟ, ଚନ୍ଦ୍ରଗ୍ରହଣ ପର୍ଯ୍ୟାବରଣ ଏବଂ ଜୈବିକ ଜୀବନ, ଭାଦ୍ରପଦ ପୂର୍ଣ୍ଣିମାରେ ଗ୍ରହଣର ଧାର୍ମିକ ପର୍ବରେ ପ୍ରବାହ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜ୍ୟୋତିର୍ବିତ୍ ଏବଂ ସନ୍ଦର୍ଭପାଠ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ଅମୃତା ପ୍ରିୟଦର୍ଶିନୀ ସଞ୍ଚାଳନ କରିଥିଲେ। ପରିଚାଳନାରେ ଦେବୀଦତ୍ତ ମିଶ୍ର, ଦୀପ୍ତିରାଣୀ ଦାଶ, ଦୀପ୍ତି ମିଶ୍ର, ପ୍ରବାସିନୀ ମିଶ୍ର, ଅମ୍ରିତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିବାବେଳେ ମିନତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ୟୋତିର୍ବିତ୍ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

## ତୁଳସୀପୁର ଲକ୍ଷ୍ମୀବଜାର ଗଜଲକ୍ଷ୍ମୀ ପୂଜା ବୈଠକ

ଚାରିଛକ,୮।୯ (ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଲକ୍ଷ୍ମୀବଜାରରେ ଗଜଲକ୍ଷ୍ମୀ ପୂଜା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଜନୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବଜାରର ସମସ୍ତ ବ୍ୟବସାୟୀ ଯୋଗଦେଇ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ସରସ ସୁନ୍ଦର କରିବାକୁ ବ୍ୟବସାୟୀମାନେ ମତପ୍ରକାଶ କରିଥିଲେ। ପୂଜା କମିଟିର ସଦସ୍ୟମାନେ ସମସ୍ତ ବ୍ୟବସାୟୀଙ୍କୁ ସାଥିରେ ନେଇ ପୂଜାକାର୍ଯ୍ୟ ପ୍ରସ୍ତୁତ କରିବାକୁ ସଭାପତି ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ। ପରିଶେଷରେ ସମ୍ପାଦକ ପ୍ରଫୁଲ୍ଲ କୁମାର କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଉନ୍ନୟନ ଅନୁଦାନ ମିଳିନି

# ଜିଲ୍ଲାପାଳଙ୍କୁ ଫେରାଦହେଲେ ଛାତ୍ରଛାତ୍ରୀ



ପୁରୀ,୮।୯ (ସମିସ): କଲେଜର ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେମାନଙ୍କ ସହିତ ଅନେକ ଅତିଥି ମଧ୍ୟ ମଞ୍ଚାସୀନ ଥିଲେ। ଭରା ସଭାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଘୋଷଣା କରିଥିବା ଉନ୍ନୟନ ଅନୁଦାନ ଏପର୍ଯ୍ୟନ୍ତ ମିଳିନାହିଁ। ଏହାକୁ ନେଇ ସୋମବାର ପୁରୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି ସୂରଜମଲ୍ଲ ସାହା ମହାବିଦ୍ୟାଳୟର ଛାତ୍ରଛାତ୍ରୀ। ଏଥିସହ ଜିଲ୍ଲାପାଳଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ମଧ୍ୟରେ କଲେଜ ସଂଲଗ୍ନ ସରକାରୀ ଜମିରୁ ମହାବିଦ୍ୟାଳୟକୁ ୫ ଏକର ଜମି ପ୍ରଦାନ, ଜାତୀୟ ରାଜପଥ ସହ କଲେଜ ରାସ୍ତାକୁ ସମ୍ପ୍ରସାରଣ କରି ସୁରକ୍ଷିତ ଗମନାଗମନ ବ୍ୟବସ୍ଥା ଏବଂ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଘୋଷଣା କରିଥିବା ଉନ୍ନୟନ ଅନୁଦାନ ତୁରନ୍ତ ପ୍ରଦାନ ପାଇଁ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି। ତେବେ ଉକ୍ତ ୩ ଦାବି ସମେତ କଲେଜ ରାସ୍ତା ଦେଇ ଟାଉନ୍ ବସ୍ ଚଳାଚଳ କରିବାକୁ ଗତ ଅଗଷ୍ଟ ୫ ତାରିଖରେ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଇତିମଧ୍ୟରେ ବସ୍ ଚଳାଚଳ କରିଥିବାରୁ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇବା ଅନ୍ୟ ୩ଟି ଦାବି ପୂରଣ ପାଇଁ ଫେରାଦ ହୋଇଛନ୍ତି। ଦାବି ପୂରଣ ନ ହେଲେ ଗଣତାନ୍ତ୍ରିକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଚେତାଇ ଦେଇଛନ୍ତି।

# ବୌଦ୍ଧ ଦର୍ଶନ ହିଁ ଶାନ୍ତିର ମାର୍ଗ

ପୁରୀ,୮।୯ (ସମିସ): ବୋଧିଚକ୍ରର ଭାଦ୍ରବ ମାସର ଆଲୋଚନାଚକ୍ର "ବୌଦ୍ଧ ଦର୍ଶନ ହିଁ ଶାନ୍ତିର ମାର୍ଗ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରି ବୁଦ୍ଧଙ୍କ ଦର୍ଶନ ତ୍ୟାଗ, ଅହିଂସା, ପରୋପକାର ଓ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ। ଏହା ସମାଜକୁ ସଦାଚାର ଶିକ୍ଷା ପ୍ରଦାନ କରିଥାଏ। ଗୌତମ ବୁଦ୍ଧଙ୍କ ଆଦର୍ଶବାଣୀ ମାନବ ସମାଜ ପାଇଁ ଆଲୋକବର୍ତ୍ତିକା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ରୂପେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସମ୍ମାନିତ ଅତିଥି ରୂପେ କୃତୀ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ସାହୁ, ଅଧ୍ୟାପକ ଦୟାନିଧି ପଣ୍ଡା, ଡ. କୃଷ୍ଣଚନ୍ଦ୍ର କବି, ଡ. ପ୍ରଦୀପ ଆଚାର୍ଯ୍ୟ, ଡ. ଶଶୀକାନ୍ତ ରଥ, ଅଧ୍ୟାପକ ଡ. ଶଙ୍କର୍ଷଣ ପ୍ରଧାନ ଯୋଗଦେଇ ଗୌତମ ବୁଦ୍ଧଙ୍କ ତ୍ୟାଗପୂତ ଜୀବନଶୈଳୀ, ଇନ୍ଦୁ ପୂର୍ଣ୍ଣିମାର ମାହାତ୍ମ୍ୟ ଓ ସମାଜରେ ଶାନ୍ତି ପାଇଁ ବୌଦ୍ଧ ଦର୍ଶନ ଏକମାତ୍ର ମାର୍ଗ ବୋଲି ଅଭିହିତ କରିଥିଲେ। ଏହି ଆଲୋଚନାଚକ୍ରରେ ସୁଜାତା ମହାପାତ୍ର, ଐଶ୍ୱର୍ଯ୍ୟା କର, ରାଜ କିଶୋର ମହାପାତ୍ର, ସୌମ୍ୟାଶ୍ରୀ ଦାଶ, କବିତା ରାଣୀ ଆଚାର୍ଯ୍ୟ, ଲାଡ୍‌ଲି ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଏମ୍‌ଟି ଫାର୍ମାସୀ କଲେଜରେ ନିଯୁକ୍ତି ମେଳା

ପୁରୀ,୮।୯ (ସମିସ): ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ଆନୁକୂଲ୍ୟରେ ଫାର୍ମାସୀ ଓ ଆଲାଏଡ୍ ମେଡିକାଲ ସାଇନ୍ସ ବିଭାଗର ଶେଷବର୍ଷ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଚଳିତ ବର୍ଷ ପାଇଁ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏହା ଉଭୟ ଅନ୍‌ଲାଇନ୍ ଓ ଅନ୍ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ମାଧ୍ୟମରେ କରାଯାଇଥିଲା। ଡିଗ୍ରୀ ଫାର୍ମାସୀ ବିଭାଗ ଛାତ୍ର ଚୟନ ନିମନ୍ତେ ଦୁଇଟି ପ୍ରତିଷ୍ଠିତ ଔଷଧ ଶିଳ୍ପ ସଂସ୍ଥା ଯଥା- ସିପ୍ଲା ଲିମିଟେଡ୍ ସିକ୍କିମ୍ ଶିଳ୍ପ ଶାଖା ତରଫରୁ ସୈକତ ମୁଖାର୍ଜୀ ଓ ଯୋଡ଼ାସ୍ ଏକ୍ସପୋଇମ୍ ହାଇଦରାବାଦ ମାନବ ସମ୍ବଳ ବିଭାଗ ମୁଖ୍ୟ ଏଲ୍‌ଡେନ ଏହାର ତତ୍ତ୍ୱାବଧାରକ ରହିଥିଲେ। ଶେଷ ବର୍ଷ ଡିଗ୍ରୀ ଫର୍ମାସୀ ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ପ୍ରଥମେ ଯୋଡ଼ାସର ଅନ୍‌ଲାଇନ୍ ସାକ୍ଷାତ୍‌କାର ପରୀକ୍ଷାରେ ୧୯ରୁ ୮ ଜଣ କୃତକାର୍ଯ୍ୟ ହୋଇଥିଲେ। ଦ୍ୱିତୀୟ ଶିଳ୍ପ ସଂସ୍ଥା ସିପ୍ଲାର ସାକ୍ଷାତ୍‌କାର ପରୀକ୍ଷାରେ ୨୨ରୁ ୭ ଜଣ କୃତକାର୍ଯ୍ୟ ହୋଇ ନିଯୁକ୍ତିପତ୍ର ହାସଲ କରିଥିଲେ। ସେହିପରି ଆଇଏମ୍‌ଟି ଆଲାଏଡ୍ ସାଇନ୍ସ ବିଭାଗର ଡିଏମ୍‌ଏଲ୍‌ଟି ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ଦେବା ନେଇ ବାୟୋଟେକ୍‌ର ଓଡ଼ିଶା ଶାଖା ମୁଖ୍ୟ ଅନିଲ କୁମାର ସାହୁ ଓ କିଭୋ ଲାଇଫ୍ ସାଇନ୍ସ ହାଇଦରାବାଦର ବ୍ୟାବସାୟିକ ମୁଖ୍ୟ ଆନନ୍ଦ ବୋମାଦ ଆଇଏମ୍‌ଟି କଲେଜରେ ସାକ୍ଷାତ୍‌କାର ପରୀକ୍ଷା ସଞ୍ଚାଳନ କରାଇଥିଲେ। ଏଥିରେ ବାୟୋଟେକ୍ ନିମନ୍ତେ ୬ ଜଣ ଓ କିଭୋ ଲାଇଫ୍ ସାଇନ୍ସରେ ୬ ଜଣ କୃତକାର୍ଯ୍ୟ ହୋଇଥିଲେ। ଏହି ନିଯୁକ୍ତି ମେଳାକୁ କଲେଜ ତରଫରୁ ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାପାତ୍ର, ଆଲାଏଡ୍ ସାଇନ୍ସ ବିଭାଗ ମୁଖ୍ୟ କମଳାକାନ୍ତ ଆଚାର୍ଯ୍ୟ, ଅଧ୍ୟାପିକା ଜ୍ୟୋତିର୍ମୟୀ ଦାସ, ଅଧ୍ୟାପକ ସ୍ମୃତିକ୍ କୁମାର ଦାସ ଓ ଅଧ୍ୟାପକ ଶକ୍ତିଶେଖର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ବଜ୍ରପାତରେ ଜଣେ ମୃତ

ପୁରୀ,୮।୯ (ସମିସ): ସଦର ଥାନା ଅନ୍ତର୍ଗତ ଉତ୍ତରକୋଣା ଗ୍ରାମରେ ସୋମବାର ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ବିଲରେ କାମ କରୁଥିବାବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତି ହେଲେ ଜୟସେନ ପ୍ରଧାନ (୪୪)। ସୂଚନା ମୁତାବକ, ସୋମବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜୟସେନ ସମେତ ଅନ୍ୟ ୩ଜଣ ସମଙ୍ଗ ଜଳଭଣ୍ଡାର ନିକଟରେ ବିଲରେ କାମ କରୁଥିଲେ। ଏହି ସମୟରେ ଜୟସେନଙ୍କ ନିକଟରେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ନିକଟରେ କାମ କରୁଥିବା ଅନ୍ୟ ବ୍ୟକ୍ତିମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ପୁଲିସକୁ ଅବଗତ କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦେବୀ ନଦୀକୁ ଆସୁନାହାନ୍ତି ଇଲିସି

ଅସ୍ତରଙ୍ଗ,୮।୯ (ସମିସ)





ଭୌଗୋଳିକ ଦୃଷ୍ଟିକୋଣରୁ ପୂର୍ବଭାରତର ଉପକୂଳ ରାଜ୍ୟ ଭାବେ ଓଡ଼ିଶା ପରିଚିତ। ଓଡ଼ିଶାର ଦୀର୍ଘ ୪୮୦ କିଲୋମିଟର ଉପକୂଳ ଅଞ୍ଚଳକୁ ବଙ୍ଗୋପସାଗର ଘେରି ରହିଛି। ସେହିଭଳି ଓଡ଼ିଶା ମଧ୍ୟରେ ଅନେକ ଛୋଟ ବଡ଼ ନଦୀ ପ୍ରବାହିତ ହେଉଛି। ତା' ମଧ୍ୟରୁ ମହାନଦୀ ଓଡ଼ିଶାର ସବୁଠାରୁ ବଡ଼ନଦୀ ହୋଇଥିବାବେଳେ ସେଥିରୁ ଅନେକ ଉପନଦୀ ସୃଷ୍ଟି ହୋଇ ବଙ୍ଗୋପସାଗରରେ ମିଶିଛନ୍ତି। ସେଥିମଧ୍ୟରୁ ଦେବୀ ନଦୀ ହେଉଛି ଅନ୍ୟତମ। ଦେବୀ ନଦୀ ମହାନଦୀରୁ ବାହାରି କଟକ, ଜଗତସିଂହପୁର ଏବଂ ପୁରୀ ଏହି ତିନିଟି ଜିଲ୍ଲା ଅତିକ୍ରମ କରି ପ୍ରାୟ ୯୦ କିଲୋମିଟର ପ୍ରବାହିତ ହେଲାପରେ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟ ଦେବୀମୁହାଁଣ ଦେଇ ବଙ୍ଗୋପସାଗରରେ ମିଶିଛି। ଏହି ଦେବୀ ନଦୀ ଅବବାହିକାରେ କାହିଁ କେଉଁ ଆବହମାନ କାଳରୁ ଅନେକ ଜନବସତି ଗଢ଼ିଉଠିବା ସହିତ ହଜାର ହଜାର ଲୋକ ଦେବୀ ନଦୀ ଉପରେ ନିର୍ଭରକରି ସେମାନଙ୍କ ଜୀବିକା ନିର୍ବାହ କରିଥାନ୍ତି। କିଛି ଲୋକ ଦେବୀ ନଦୀର ବିସ୍ତୀର୍ଣ୍ଣ ପଠାରେ ପରିବା ଚାଷ କରିବା ସହିତ ମାଛ ଧରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥା'ନ୍ତି। ଦେବୀ ମୁହାଣଠାରୁ ଉପରମୁଣ୍ଡର ଶିଖରଘାଟ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ରର ଜୁଆର ଓ ଭଟ୍ଟା ସମୟରେ ଲୁଣାଜଳ ପ୍ରବାହିତ ହୋଇଥାଏ। ଦେବୀ ନଦୀର ଏହି ସବୁ ଅଞ୍ଚଳରେ ଅନେକ ପ୍ରଜାତିର ମାଛ ପ୍ରଚୁର ପରିମାଣରେ ମିଳିଥା'ନ୍ତି। ବିଶେଷ କରି ନୂଆପାଣି ବର୍ଷା ହୋଇ ନଦୀରେ ଗୋଳିପାଣି ଆସିବା ସମୟରେ ଇଲିସି ମାଛ ପ୍ରଚୁର ପରିମାଣରେ ଦେଖାଦେଇଥାନ୍ତି। ଇଲିସି ମାଛ ଭଳି ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ଚିଉଳ ଭଳି ସୁଆଦିଆ ମାଛମାନଙ୍କ ଭଣ୍ଡାର ଭାବେ ଦେବୀ ନଦୀ ବେଶ୍ ଜଣାଶୁଣା ଥିଲା। ଏଠାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଏହିସବୁ ମାଛକୁ ଡଙ୍ଗା ଜାଲରେ ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ସ୍ଥାନୀୟ ବଜାର ସହିତ ବାହାର ଜିଲ୍ଲାମାନଙ୍କରେ ବିକ୍ରି କରି ବେଶ୍ ଅର୍ଥ ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥା'ନ୍ତି। କିନ୍ତୁ ବିଗତ କିଛିବର୍ଷ ହେବ ଦେବୀ ନଦୀରେ ଇଲିସି ଭଳି ସୁଆଦିଆ ତଥା ଦାମିକା ମାଛ ସ୍ୱପ୍ନ ହୋଇଯାଇଥିବା ବେଳେ ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ସୋରଡି ଭଳି ମାଛ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଯାହାଫଳରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଜାଲରେ ପୂର୍ବାପେକ୍ଷା ଏ ସବୁ ମାଛ କମ୍ ପରିମାଣରେ ଦେଖିବାକୁ ମିଳୁଛି।

- ମଶାରି ଜାଲରେ ଧରାଯାଉଛି ଯାଆଁଳ
- ବେଆଇନ ଚିଙ୍ଗୁଡ଼ି ଘେରି ଓ ରାସାୟନିକ ପ୍ରତିକ୍ରିୟା ମୁଖ୍ୟ କାରଣ
- ଜୀବିକା ଚିନ୍ତାରେ ପାରମ୍ପରିକ ମତ୍ସ୍ୟଜୀବୀ

ପୂର୍ବରୁ ମତ୍ସ୍ୟଜୀବୀମାନେ ଏହି ନଦୀରୁ ଥରକେ ବୁହାଣକୁ ଯାଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଇଲିସି, ଖଇଙ୍ଗା, ଜଗର ମାଛ ଧରୁଥିବାବେଳେ ଏବେ ସମାନ ଭାବରେ ମତ୍ସ୍ୟଜୀବୀମାନେ ନଦୀକୁ ଥରେ ବୁହାଣ କରିବାକୁ ଗଲେ ମାତ୍ର ୧୦ରୁ ୧୫ କିଲୋ ମାଛ ଧରୁଛନ୍ତି ବୋଲି କହିଛନ୍ତି ମାଛ ଧରାଳିମାନେ। ମତ୍ସ୍ୟଜୀବୀଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଦେବୀ ନଦୀରେ ମାଛ ସଂଖ୍ୟା କମିବା ଏବଂ ଲୋପ୍ ହେବାର ଅନେକ କାରଣ ଏବେ ସାମ୍ନାକୁ ଆସିଛି। ପରିବେଶବିତ୍‌ମାନଙ୍କ ମତରେ ଦେବୀ ନଦୀରେ ମତ୍ସ୍ୟସମ୍ପଦ ଲୋପ୍ ହେବାର ଅନେକ କାରଣ ରହିଥିବାବେଳେ ପରିବେଶ ପ୍ରଦୂଷଣ, ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁକୁ ସିଧାସଳଖ ନଦୀ ଏବଂ ସମୁଦ୍ରକୁ ଛାଡ଼ିବା ଏବଂ ଦେବୀ ନଦୀର ମୁହାଣ ପୋତିହୋଇଯିବା, ବେଆଇନ ଚିଙ୍ଗୁଡ଼ି ଘେରିରୁ ନିର୍ଗତ ରାସାୟନିକ ପାଣି, ଦଲାଲମାନଙ୍କ ଦ୍ୱାରା ମଶାରି ଜାଲରେ ଧରାଯାଉଥିବା ଚିଙ୍ଗୁଡ଼ି, ଖଇଙ୍ଗା ଯାଆଁଳକୁ ମୁଖ୍ୟ କାରଣ ଭାବରେ ଦାୟୀ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏହିସବୁ ଦିଗ ଉପରେ ନଜର ରଖି ଦେବୀ ନଦୀ ମୁହାଣକୁ ଖୋଲିବା, କାରଖାନାର ବର୍ଜ୍ୟବସ୍ତୁକୁ ନଦୀ, ସମୁଦ୍ରକୁ ଛାଡ଼ିବା ଉପରେ ରୋକ୍ ଲଗାଇବା, ବେନିୟମ ଭାବରେ ନଦୀ ସମୁଦ୍ରରୁ ଧରାଯାଉଥିବା ମାଛ ଯାଆଁଳ ଉପରେ କଟକଣା ଲଗାଇବା, ବେଆଇନ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରିବା ସହିତ ଏହିସବୁ କାର୍ଯ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।



# ଭୁବନେଶ୍ୱର ସିଟି

**ଆସୁଛନ୍ତି ମା'**



**ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନ୍**

## ତୋରଣରେ ସର୍ବଧର୍ମର ସଙ୍କେତ

ଭୁବନେଶ୍ୱର, ୮।୯ (ସମିସ): ପାଖେଇ ଆସୁଛି ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେପଟେ ବିଭିନ୍ନ ଡିଜାଇନ୍‌ର ତୋରଣ ତଥା ଆଖିଝଲସା ସାଜସଜ୍ଜା ଉପରେ ପୂଜା ମଣ୍ଡପ ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଉଥିବା ବେଳେ ଏହି ପ୍ରତିଯୋଗିତାରୁ ଦୂରରେ ରହି ସର୍ବଧର୍ମ ସମନ୍ୱୟରେ ଦୁର୍ଗାପୂଜା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ରାଜଧାନୀର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନରର୍ସ ଆସୋସିଏସନ୍ ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ନିଆରା ଢଙ୍ଗରେ ମା' ଦୁର୍ଗାଙ୍କ ଆବାହନ କରାଯିବ। ଆସୋସିଏନ୍ ପକ୍ଷରୁ ୨୦୦୮ ମସିହାରୁ ଦୁର୍ଗାପୂଜା ପାଳନ କରାଯାଉଛି। ସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ଓ ମଣ୍ଡପର ପୀଠ ଦେବୀ ପ୍ରତିଦିନ ପୂଜା ପାଆନ୍ତି। ହିନ୍ଦୁ, ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍ ଆଦି ତିନି ଧର୍ମର ଲୋକମାନେ ମିଳିତ ଭାବରେ ମଣ୍ଡପରେ ପୂଜା କରନ୍ତି। ଏଥିପାଇଁ ତିନିଧର୍ମର ଧାର୍ମିକ ସଙ୍କେତରେ ତୋରଣ ନିର୍ମାଣ କରାଯାଉଛି। ଏଥିପାଇଁ ଏସ୍.କେ ସାହାଜନ୍‌ଙ୍କ ଘରୁ ପ୍ରଥମେ ଶୁଭ କଳସ ବାହାରି ପୂଜା କାର୍ଯ୍ୟ ଆରମ୍ଭ ହୁଏ ଏବଂ ତାଙ୍କ ଘରେ ନୈଷ୍ଠିକ ବ୍ରାହ୍ମଣମାନେ ରହି ମା'ଙ୍କ ପୂଜାର୍ଚ୍ଚନା କରନ୍ତି। ସରକାରଙ୍କ ସମସ୍ତ ନିୟମକୁ କଡ଼ାକଡ଼ି ପାଳନ କରାଯାଇ ମଣ୍ଡପରେ ମା'ଙ୍କର ସମସ୍ତ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଏଥିପାଇଁ ମା'ଙ୍କ ମୂର୍ତ୍ତି ଗଢା କାମ ଜୋର୍‌ଦାର୍‌ରେ ଚାଲିଛି। ମା'ଙ୍କର ୧୫ଫୁଟ୍ ଉଚ୍ଚତା ରହିଥିବା ବେଳେ ମେଢ଼ର ଉଚ୍ଚତା ରହିଛି ୧୮ ଫୁଟ। ମା'ଙ୍କ ମୂର୍ତ୍ତିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। କେବଳ ପନିପରିବା ରଙ୍ଗ ବ୍ୟବହାର କରାଯିବ। ସେହିପରି ପୂଜାମଣ୍ଡପରେ କୌଣସି ପ୍ଲାଷ୍ଟିକ ଜିନିଷ ବ୍ୟବହାର କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ବିଶେଷ ଆକର୍ଷଣ ସାଜିବ ନବମୀରେ ୨୧ଜଣ କୁମାରୀଙ୍କ ପୂଜା। ଅଷ୍ଟମୀ ଓ ନବମୀରେ ଲଡ୍ଡୁ ଭୋଗକୁ ଘରେ ଘରେ ବଣ୍ଟାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପୂଜା ପାଇଁ କମିଟି ପକ୍ଷରୁ ସେଭଳି କୌଣସି ସ୍ୱତନ୍ତ୍ର ବଜେଟ୍‌ର ବ୍ୟୟ ବରାଦ କରାଯାଇନାହିଁ। ଆସୋସିଏସନ୍‌ର ସମସ୍ତ ସଭ୍ୟସଭ୍ୟା ତଥା ଶ୍ରଦ୍ଧାଳୁମାନେ ସ୍ୱଇଚ୍ଛାରେ, ସ୍ୱତଃପ୍ରବୃତ୍ତଭାବେ ଓ ମୁକ୍ତ ହସ୍ତରେ ଆର୍ଥିକ ଅନୁଦାନ ପ୍ରଦାନରେ ପୂଜା କରାଯିବ।



**ପୂଜାମଣ୍ଡପକୁ ପ୍ଲାଷ୍ଟିକ ନିଷେଧ**



ପ୍ରତିବର୍ଷ ଭଳି ଏଥର ମଧ୍ୟ ପୂଜାକୁ ଶାନ୍ତି ଶୃଙ୍ଖଳା ସହ କରାଯିବ। ଏଥିପାଇଁ କମିଟିର ସଦସ୍ୟଙ୍କ ସମେତ ଅଞ୍ଚଳବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବ। ପ୍ରଶାସନ ସମେତ ସ୍ୱେଚ୍ଛାସେମୀମାନେ ଉପସ୍ଥିତ ରହି ସୁରକ୍ଷାକୁ ଗୁରୁତ୍ୱ ଦେବେ। ଏହି ଅବସରରେ ବୃକ୍ଷରୋପଣର ବାର୍ତ୍ତା ଦିଆଯିବା ସହ ଚାରା ବଣ୍ଟନ କରାଯିବ। ଭକ୍ତମାନେ କିଭଳି ଶୃଙ୍ଖଳିତ ଓ ସହଜ ଦର୍ଶନ କରିପାରିବେ ସେ ଉପରେ ଗୁରୁତ୍ୱ ଦିଆଯିବ।

-ଦାମୋଦର ପ୍ରଧାନୀ (ସଭାପତି)



ପୂଜାମଣ୍ଡପ ଓ ପୂଜାମଣ୍ଡପର ଚତୁଃପାର୍ଶ୍ୱରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଆସୋସିଏସନ୍ ପକ୍ଷରୁ ପ୍ରତିଦିନ ସଫେଇ କାର୍ଯ୍ୟ କରାଯିବା ସହିତ ବିଶୋଧନ କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ସମ୍ମୁଖରେ ଏକ ପୂର୍ଣ୍ଣ କଳସ ବସାଇବା ସହିତ ଘିଅ ଦୀପ ଜାଳିବାକୁ ଆସୋସିଏସନ୍ ପକ୍ଷରୁ ସମସ୍ତ ଭକ୍ତଙ୍କୁ ନିବେଦନ କରାଯାଇଛି।

-ସରୋଜ କାନ୍ତ ମଲ୍ଲିକ (ସାଧାରଣ ସମ୍ପାଦକ)

## ୧୨ରୁ 'ଏଫଏଲ୍‌ଓ ବଜାର'

**ଏମଏସ୍‌ଏମଇ ସମ୍ମିଳନୀ ସହିତ ହସ୍ତତନ୍ତ ପ୍ରଦର୍ଶନୀ**



ଭୁବନେଶ୍ୱର, ୮।୯ (ସମିସ): ଚଳିତ ମାସ ୧୨ ଓ ୧୩ ତାରିଖରେ ମେଫେୟାର କନଭେନସନ ସେଣ୍ଟରରେ ଆୟୋଜିତ ହେବାକୁ ଯାଉଛି 'ଏଫଏଲ୍‌ଓ ବଜାର-୨୦୨୫'। ଏଥିରେ ମହିଳା ଉଦ୍ୟୋଗୀମାନଙ୍କର ସୃଜନଶୀଳତା, ନବସୃଜନ ଏବଂ ଆତ୍ମନିର୍ଭରଶୀଳତା ପ୍ରଦର୍ଶିତ ହେବ। ଯାହା କ୍ରେତାମାନଙ୍କୁ ଫ୍ୟାଶନ, ସୌନ୍ଦର୍ଯ୍ୟ, ଲାଇଫଷ୍ଟାଇଲ, ଗହଣା, ୱେଲ୍‌ନେସ୍ ଏବଂ ହୋମ୍ ଡେକୋର ଆଦି ବହୁବିଧ କ୍ଷେତ୍ରରେ ଅନନ୍ୟ ଉତ୍ପାଦଗୁଡିକ ଆକର୍ଷଣ କରିବ। ଫାଲ୍‌କନ ରିଅଲ ଇଷ୍ଟେଟ ଏବଂ କାର୍ସିନୋଭା କ୍ୟାନସର ହସ୍ପିଟାଲ ପ୍ରାୟୋଜକତା ତଥା ଏସଏନ୍ ମହାନ୍ତି ଗ୍ରୁପ୍ ଅଫ କମ୍ପାନିଜ ଓ ଡୁରାମିକ୍ସର ସହ-ପ୍ରାୟୋଜକତାରେ ଏଫଏଲ୍‌ଓ ବଜାରକୁ ଶେରୋ ପ୍ରପର୍ଟିଜ, ଏମ୍‌ଜିଏମ୍ ଗ୍ରୀନ ଏନର୍ଜି, ଲାକ୍‌ମି ଏକାଡେମୀ କଟକ, ୱଣ୍ଡର ୱର୍ଲଡ ୱାଟର ପାର୍କ, ଭାରତ ଆଡଭର୍ଟାଇଜର୍ସ ଏବଂ କଳିଙ୍ଗ ଏଫଏମ୍ ୧୦୪ ସମର୍ଥନ ଯୋଗାଇ ଦେଉଛନ୍ତି। ଏଥିରେ ଜିଭାଡା, ରୋଜ୍ ନିଟ୍, କୁନ୍‌ସ୍, ଥ୍ରେଡ ସହିତା, ପିଙ୍କି ଥ୍ରେଡସ୍, ରିଲାଏନ୍ସ ଜୁଏଲସ୍, ଟାମିକନ୍, ସୋଲସ୍ୱେଶ୍ କ୍ରିଏସନ, ଲିଲ୍‌ଗ୍ଲାମ୍, ଲେବଲ ଅସ୍‌ମିତ, ରିମ୍‌ଲି ଡିଜାଇନ ଷ୍ଟୁଡିଓ୍, ସଂସ୍କୃତି, ଦି ଲୋକୋ କ୍ରିଏସନ, ଦୀପଶିଖା, କେସି କଲେକ୍ସନ, ନିୟୁ ନିଟିଂ ଆଦି ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗଗୁଡିକ ପକ୍ଷରୁ ଷ୍ଟଲ ଖୋଲାଯିବ ଏଫଏଲଓର ଚେୟାରପର୍ସନ ଡ. ପ୍ରଜ୍ଞା ପାରମିତା ମିଶ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## 'ବିତତ ବିଥୀକା' ଉନ୍ମୋଚିତ

ଭୁବନେଶ୍ୱର, ୮।୯ (ସମିସ): ବିବେକାନନ୍ଦ ବିଦ୍ୟାପୀଠର ସ୍ୱନାମଧନ୍ୟ ଶିକ୍ଷକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ-୨୦୨୫ ସୋମବାର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରତ୍ନଚିରା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ମନୋରଞ୍ଜନ ପାଣିଗ୍ରାହୀଙ୍କ ରଚିତ ନିବନ୍ଧ 'ବିତତ ବିଥୀକା' ଉନ୍ମୋଚିତ ହୋଇଯାଇଛି। ଏହାସହ 'ସ୍ମୃତି ଦର୍ପଣରେ ଇନ୍ଦ୍ରମଣି ସାର୍' ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ, ସୁସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂହ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଗାଳ୍ପିକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରତ୍ନଚିରା ପବ୍ଲିକେଶନର ମୁଖ୍ୟ କରୁଣାକର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିବା ବେଳେ ଅନୀତା ରଥ, ଅନିମା ପଟ୍ଟନାୟକ, ନିରୂପମା କର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଫେସର୍ ଅନୀଲ ମହାନ୍ତିଙ୍କ ଶୋକସଭା



ଭୁବନେଶ୍ୱର, ୮।୯ (ସମିସ): ଓୟୁଏଟିସ୍ଥ କୃଷି କଲେଜର ମାଇକ୍ରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଅନୀଲ ମହାନ୍ତିଙ୍କ ଏକାଦଶାହରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୁମ୍ବିନୀ କନଭେନ୍ସନ ହଲରେ ଶୋକ ସଭାରେ ଅନେକ ବନ୍ଧୁ ବର୍ଗଙ୍କ ଗହଣରେ କୁଳପତି ପ୍ରଫେସର ପ୍ରଭାତ ରାଉଳ, ପ୍ରଫେସର ବୁଦ୍ଧଦେବ ମିଶ୍ର, ଡିନ ନିରୋଦ କୁମାର ଧଳ, ଡ. ଦେବପ୍ରସାଦ ମଲ୍ଲିକଙ୍କ ସମେତ ଶତାଧିକ ଶିକ୍ଷାବିତ୍ ଯୋଗ ଦେଇ ତାଙ୍କର ଫଟୋରେ ପୁଷ୍ପ ଅର୍ପଣ କରି ସ୍ୱର୍ଗତଃ ମହାନ୍ତିଙ୍କ ଅମର ଆତ୍ମା ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଧର୍ମପତ୍ନୀ ଅନୁପମା ମହାନ୍ତି, ଦୁଇ ପୁତ୍ର ଓ ପୁତ୍ର ବଧୂ, ଝିଅ ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

## ହାଇଟେକ୍‌ରେ ବିଶ୍ୱ ଫିଜିଓଥେରାପି ଦିବସ

ଭୁବନେଶ୍ୱର, ୮।୯ (ସମିସ): ହାଇଟେକ୍ ଫିଜିଓଥେରାପି ମହାବିଦ୍ୟାଳୟରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର୍ ଡ. ୱାଇ. ରୋଜା ରମଣି, ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଟ୍ରଷ୍ଟି ତଥା ବିଧାୟକ ପାରଳାଖେମୁଣ୍ଡି ଇଂ ରୂପେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱରାଜ୍ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ମଞ୍ଚାସିନ ଅତିଥି ଭାବେ ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପିର ଡିନ୍ ଏଣ୍ଡ ଡାଇରେକ୍ଟର ପ୍ରଫେସର୍ ଡ. ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ଦୀପକ୍ ସାମନ୍ତରାୟ ଉପସ୍ଥିତ ଥିଲେ। ରୋଗୀର ଅସ୍ତ୍ରୋପଚାର ପରେ ଫିଜିଓଥେରାପିର ଆବଶ୍ୟକ ପଡେ, ତେଣୁ ବିଭିନ୍ନ ବିଭାଗରେ ଫିଜିଓଥେରାପିକୁ ସାମିଲ କରି ରୋଗୀମାନଙ୍କୁ ଏହାର ଚିକିତ୍ସା ପ୍ରଦାନ କରାଗଲେ ରୋଗୀ କମ୍ ସମୟରେ ସୁସ୍ଥ ହୋଇପାରିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି। ବୟସ୍କ ବ୍ୟକ୍ତିମାନଙ୍କଠାରେ ସାଧାରଣତଃ ଆଣ୍ଠୁ, ଗଣ୍ଠି ଓ ଅଣ୍ଟା ସମସ୍ୟା ଦେଖାଯାଏ। ଫିଜିଓଥେରାପି ଦ୍ୱାରା ଏ ସବୁ ସମସ୍ୟାକୁ ଦୂରେଇବା ସହ ସୁସ୍ଥ ଜୀବନ ବଞ୍ଚି ପାରିବାବୋଲି ଟ୍ରଷ୍ଟି ତଥା ବିଧାୟକ ପାରଳାଖେମୁଣ୍ଡି ଇଂ ରୂପେଶ କୁମାର ପାଣିଗ୍ରାହୀ କହିଛନ୍ତି।

## ମାଟିଖଡ଼ି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ବିଭୂତି ବିଭବ'




ଭୁବନେଶ୍ୱର, ୮।୯ (ସମିସ): ସ୍ୱର୍ଗତ ବିଭୂତି ଭୂଷଣ ପ୍ରଧାନଙ୍କ ରଚନାରେ ଗ୍ରାମୀଣ ଜୀବନର ନିଚ୍ଛକତା ସହ ମନର ତୁଚ୍ଛତା ମଧ୍ୟ ଅତି ଯୋଗ୍ୟ ଭାବରେ ବର୍ଣ୍ଣିତ ହୋଇଥାଏ। ତାଙ୍କର ରଚନାର ପ୍ରତ୍ୟେକ ବାକ୍ୟ ଉଭୟ ହସେଇ, କନ୍ଦେଇ ଓ ଭିଜେଇ ଦେଇପାରେ। ସେ ହେଉଛନ୍ତି ଆମେ ଛାଡ଼ି ଆସିଥିବା ସ୍ମୃତିର ଚିତ୍ରକର। କିଛି ବ୍ୟତିକ୍ରମ ଲେଖକଙ୍କ ମଧ୍ୟରୁ ବିଭୂତି ଭୂଷଣ ପ୍ରଧାନ ଏମିତି ଜଣେ କଥାକାର ଯିଏ ଏହି ଧରାପୃଷ୍ଠରୁ ବିଦାୟ ନେଇ ଚାଲିଯିବା ପରେ ବି ତାଙ୍କୁ ଏଯାଏଁ ପାଠକମାନେ ଝୁରି ହୁଅନ୍ତି ବୋଲି ସଭାରେ ମତପ୍ରକାଶ ପାଇଥିଲା। ତାଙ୍କ ସ୍ମୃତିକୁ ମନେପକାଇ 'ମାଟିଖଡ଼ି' ଓ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ମିଳିତ ଆନୁକୂଲ୍ୟରେ ଆଜି ଆୟୋଜିତ ହୋଇଯାଇଛି 'ବିଭୂତି ବିଭବ'। ରେଡକ୍ରସ ଭବନରେ ବିଭୂତି ଭୂଷଣ ସାହିତ୍ୟ ସମ୍ଭାରକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଥାକାର ଗୌରହରି ଦାସ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ହରିହର ଶୁକ୍ଳ ଓ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଜିତେନ୍ଦ୍ର କୁମାର ଭଞ୍ଜ ଚିତ୍ରକଳା ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଦେବବ୍ରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବିନାଶ ସାହୁ ଧନ୍ୟବାଦ ଦେଇଥିଲେ।

## ଟାଇମ୍ସ ବିଜିନେସ୍ ଆୱାର୍ଡ ବିହାରରେ ସୋଆ ଏବଂ ଆଇଟିଇଆର୍ ସମ୍ମାନିତ



ଭୁବନେଶ୍ୱର, ୮।୯ (ସମିସ): ଗବେଷଣା କ୍ଷେତ୍ରରେ ଉତ୍କର୍ଷ ଏବଂ ଶିଳ୍ପ କ୍ଷେତ୍ର ନିମନ୍ତେ ପ୍ରସ୍ତୁତିକୁ ନେଇ ପୂର୍ବ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ବିହାରର ପାଟନା ଠାରେ ଆୟୋଜିତ ଟାଇମ୍ସ ବିଜିନେସ୍ ଆୱାର୍ଡ୍ସ ୨୦୨୫ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସୋଆକୁ 'ଇଷ୍ଟର୍ଣ୍ଣ ଇଣ୍ଡିଆଜ୍ ପ୍ରିମିୟର ୟୁନିଭର୍ସିଟି ଫର ରିସର୍ଚ୍ଚ ଏକ୍ସିଲେନ୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ରେଡିନେସ୍' ଭାବେ ସମ୍ମାନିତ କରାଯାଇଛି ବୋଲି ଟାଇମ୍ସ ବିଜିନେସ୍ ଆୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରତିପାଦିତ କରିବା, ଗବେଷଣାକୁ ଗୁରୁତ୍ୱ ଦେବା ସହ ଶିଳ୍ପ କ୍ଷେତ୍ର ନିମନ୍ତେ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରୁଥିବା ବେଳେ ଜାତୀୟ ଏବଂ ଆନ୍ତର୍ଜାତିକସ୍ତରରେ ଆଇଟିଇଆରର ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିବା ପରିପ୍ରେକ୍ଷୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଠାରୁ ଏହି ଦୁଇଟି ସମ୍ମାନ ଗ୍ରହଣ କରିଥିଲେ।

## ଏମ୍‌ସରେ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୮।୯ (ସମିସ): ଯେକୌଣସି ଜରୁରିକାଳୀନ ପରିସ୍ଥିତିରେ ମେଡିକାଲ୍ ଅକ୍ସିଜେନର ସଫଳ ପରିଚାଳନା ତଥା ରୋଗୀ ସେବାରେ ଏହାର ସଫଳ ପ୍ରୟୋଗକୁ ଉନ୍ନତ କରିବା ନିମନ୍ତେ, ଏମ୍‌ସର ହସ୍ପିଟାଲ ପ୍ରଶାସନ ବିଭାଗ ପକ୍ଷରୁ ମେଡିକାଲ ଅକ୍ସିଜେନ ପରିଚାଳନା ଉପରେ ଏକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷକମାନଙ୍କ ତାଲିମ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଏବଂ ହସ୍ପିଟାଲ ପ୍ରଶାସନ ବିଭାଗ, ଏମ୍‌ସ ନୂଆଦିଲ୍ଲୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ସ ଭୁବନେଶ୍ୱର ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣ?ଲ ଅଭିଜିତ ସରକାର, ଏମ୍‌ସ ନୂଆଦିଲ୍ଲୀ ମେଡିକାଲ୍ ଅଧୀକ୍ଷକ ଡ. ନିରୂପମ ମଦନ, ହସ୍ପିଟାଲ୍ ପ୍ରଶାସନ ବିଭାଗ ଅତିରିକ୍ତ ପ୍ରଫେସର ଡ. ବିଜୟଦୀପ ସିଦ୍ଧାର୍ଥ, ଏବଂ ପ୍ରୋଜେକ୍ଟ ଲିଡ୍ ତଥା ଏମ୍‌ସ ଭୁବନେଶ୍ୱର ହସ୍ପିଟାଲ୍ ପ୍ରଶାସନ ବିଭାଗୀୟ ମୁଖ୍ୟ ଡ. ଜବାହାର ଏସ୍.କେ. ପିଲ୍ଲାଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଭି. ହେକାଲି ଝିମୋମି ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିଥିଲେ। ଅକ୍ସିଜେନ ପିଏମୟୁ, ସ୍ୱାସ୍ଥ୍ୟ ସୁରକ୍ଷା ମନ୍ତ୍ରଣାଳୟର ବୈଷୟିକ ବିଶେଷଜ୍ଞ ଭାରତ ଭୂଷଣ ଦାହିଆ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଆସାମ, ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ସମେତ ଏମ୍ସ ଭୁବନେଶ୍ୱର, ଏମ୍‌ସ ଦେଓଘର, ଏମ୍ସ ରାୟପୁର, ଏମ୍‌ସ ପାଟଣା ଏବଂ ଏମ୍ସ ଗୌହାଟୀ ଆଦିରୁ ୭୪ ଜଣ ପ୍ରତିନିଧି ସାମିଲ ହୋଇଥିଲେ।

## ସ୍ମୃତିରେ ସ୍ମୃତିରେ ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ସଙ୍ଗୀତ ସନ୍ଧ୍ୟା



ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଆ ଚଳଚ୍ଚିତ୍ରର ସୁନାମଧନ୍ୟ ଗୀତିକାର ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ଜୟନ୍ତୀ ଅବସରରେ ହେଭେନ୍ସ ଗ୍ରୁପ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ମୃତିରେ ସ୍ମୃତିରେ ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂଙ୍କ ରଚିତ ଚିରସବୁଜ ସଙ୍ଗୀତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ହରପ୍ରିୟା ସ୍ୱାଇଁ, ଏନ ଶ୍ରୀନିବାସ, ଡ. ଆଦ୍ୟାଶା ଦାସ, ଅଶ୍ୱନୀ ମହାନ୍ତି, ଆହୁତି ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଗୀତ ଗୁଡିକ ମଧ୍ୟରେ ଏଇ ଜୀବନ ଟା ଏକ ନାଟକ.., ମେଘ ବରଷିଲା ଟୁପୁରୁ ଟୁପୁରୁ, ପୀରତି ଚୋରି ଚୋରି ଖେଳ.., ଯା ଯା ରେ ଭାସି ଯା... ତୁନି ତୁନି କଥା.., ଯେଉଁଠି ମୁଁ ଚାଲୁଥିଲି.. ଆଦି ପରିବେଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ବୈକୁଣ୍ଠ ବଳିଆ, କନସଲଟାନ୍ସି ଆଣ୍ଡ ଡେଭଲପମେଣ୍ଟ ଅର୍ଚ୍ଚନା ମହାପାତ୍ର, ଶୈଳଜା ପ୍ରସାଦ ରଥ, ହେଭେନ୍ସ ଗ୍ରୁପର ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, ଟ୍ରଷ୍ଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଇଂ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ଅଙ୍ଗଦାନ ପ୍ରକ୍ରିୟାରେ ଯକୃତ ପ୍ରତ୍ୟାରୋପଣ

ଭୁବନେଶ୍ୱର, ୮।୯ (ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଛି। ସୂଚନା ଅନୁସାରେ, ଭୁବନେଶ୍ୱର ଉପକଣ୍ଠ ଛତାବରରେ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ ଥିବା ହୁଲାସ ଦିହୁଡି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ବାଇକ୍ ଚାଳକ ଧକ୍କା ଦେବାରୁ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସମ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେ ଭେଣ୍ଟିଲେଟର ସାହାଯ୍ୟରେ ଚିକିତ୍ସାଧୀନ ଥିଲେ। ଚିକିତ୍ସା ସତ୍ତ୍ୱେ ତାଙ୍କୁ ବ୍ରେନ୍ ଡେଡ୍ ବୋଲି ଡାକ୍ତର କହିବା ପରେ ପରିବାର ସଦସ୍ୟ ତାଙ୍କର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ) ଏବଂ ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ନୋଟୋ) ସହ ଯୋଗାଯୋଗ କରି ଅଙ୍ଗ ବାହାର କରି ପ୍ରତ୍ୟାରୋପଣ ପ୍ରକ୍ରିୟାର ପ୍ରସ୍ତୁତି କରିଥିଲେ। ଏହାକୁ ମିଶାଇ ସମ୍ ହସ୍ପିଟାଲରେ ୪ର୍ଥ ଥର ପାଇଁ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗ ବାହାର କରାଯାଇ ଅନ୍ୟ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରିବା ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସୂଚନା ଦେଇଛନ୍ତି।

**ଆମ ରାଜଧାନୀ ଆମ ଐତିହ୍ୟ**

## ଦ୍ୱାଦଶ ଶତାବ୍ଦୀରେ ନିର୍ମିତ କାମନା ଗଣେଶ



ଭୁବନେଶ୍ୱର, ୮।୯ (ସମିସ): ଐତିହ୍ୟ କିର୍ତ୍ତିରାଜୀରେ ପରିପୂର୍ଣ୍ଣ ସହର ରାଜଧାନୀ। ଓଡ଼ିଶା ଇତିହାସର ମୂକସାକ୍ଷୀ ହୋଇ ଏପରି ଅନେକ ପୃଷ୍ଠାକୁ ସାଇତି ରଖିଛି ଏହି ସହର। ବିଶେଷକରି ଲିଙ୍ଗରାଜ ମନ୍ଦିର ତଥା ପୁରୁଣା ଭୁବନେଶ୍ୱର ଚାରିପାଖରେ ଘେରି ରହିଛି ଏପରି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ପ୍ରତ୍ୟେକ ମନ୍ଦିର ସହ ଜଡିତ ହୋଇ ରହିଛି କିଛି ଇତିହାସ ଓ କିମ୍ବଦନ୍ତୀ। ସେଥିମଧ୍ୟରୁ ଅନ୍ୟତମ ହେଉଛି ପୁରୁଣା ଭୁବନେଶ୍ୱରର କାମନା ଗଣେଶ ମନ୍ଦିର।

ଯଦି ଆପଣ ଲିଙ୍ଗରାଜ ମନ୍ଦିର ପଛପଟଦେଇ ଅର୍ଥାତ ହାଟ ଦେଇ ଆସନ୍ତି, ତେବେ ରାସ୍ତା ମଝିରେ ଏହି କାମନା ଗଣେଶ ମନ୍ଦିର ଦେଖିବାକୁ ପାଇବେ। ଏହି ମନ୍ଦିରଟି ବର୍ତ୍ତମାନ ମାଟିରାସ୍ତାଠାରୁ ଟିକେ ତଳକୁ ଦୃଶ୍ୟମାନ ହୋଇଥାଏ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ। ଏହା ମୂଳତଃ ଲିଙ୍ଗରାଜ ମନ୍ଦିରର ଏକ ସହାୟକ ମନ୍ଦିର ଥିଲା, ବର୍ଷ ବର୍ଷ ପରେ ପ୍ରାଚୀର ନିର୍ମାଣ ହେବା ପର୍ଯ୍ୟନ୍ତ। ଏହା ଗତ ୮୦ ବର୍ଷ ଧରି ନିକଟରେ ଥିବା ବିଏମ୍ ହାଇସ୍କୁଲର ଏକ ଅଂଶ ଭାବେ ରାସ୍ତାକୁ ଲାଗି ରହିଛି। ଶୈଳୀରୁ ଅନୁମାନ କରାଯାଏ ଏହା କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ଉଦିତ ସୂର୍ଯ୍ୟଙ୍କ କିରଣ ମନ୍ଦିରର ଗର୍ଭଗୃହ ଭିତରେ ସିଧାସଳଖ ପଡ଼ିଥାଏ ବୋଲି ଇତିହାସ ପୃଷ୍ଠାରୁ ଜଣାଯାଏ। ଏହା ଭିତରେ ଭଗବାନ ଗଣେଶଙ୍କ ତିନି ଫୁଟ୍ ବିଶିଷ୍ଟ ମୂର୍ତ୍ତି ରହିଛି। ଏଠାରେ ପୂଜାକଲେ ଲୋକଙ୍କ କାମନା ଅର୍ଥାତ ମାନସିକ ପୂରଣ ହେଉଥିବାରୁ ଗଣେଶଙ୍କ ନାମ କାମନା ଗଣେଶ ରହିଛି। ଆଖପାଖ ଅଞ୍ଚଳର ଲୋକ ଏଠାରେ ନିଜର ସମସ୍ୟା ଓ ଦୁଃଖ ଜଣାଇବାକୁ ଆସିଥାନ୍ତି।

### ଏବେ କେମିତି ରହିଛି

ରାସ୍ତା ସମ୍ପ୍ରସାରଣ ସମୟରେ ମନ୍ଦିରଟି ପ୍ରଭାବିତ ହୋଇଥିବା କୁହାଯାଏ। ପୂର୍ବରୁ ମନ୍ଦିରର ଉଚ୍ଚତା ସାତ ଫୁଟର ଥିବା ବେଳେ ପରବର୍ତ୍ତୀ ସମୟରେ ଏହା ତଳକୁ ଦବି ଯାଇଛି ବୋଲି ସ୍ଥାନୀୟ ଲୋକ ମତ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ପରବର୍ତ୍ତୀ ସମୟରେ ମନ୍ଦିରର ନବୀକରଣ କାର୍ଯ୍ୟ ହୋଇ ରଙ୍ଗ ଦିଆଯାଇଥିବା କାରଣରୁ ଏହା ପୁରାତନ ମନ୍ଦିର ବୋଲି ଜାଣି ହୁଏ ନାହିଁ। ଆହୁରି ମଧ୍ୟ ମନ୍ଦିରର ଇତିହାସ କିମ୍ବା ନାମ ଥିବା କୌଣସି ବୋର୍ଡ ନ ଥିବାରୁ ଲୋକ ଏହି ଛୋଟିଆ ପୁରାତନ ମନ୍ଦିର ବିଷୟରେ ବେଶୀ ଜାଣିପାରନ୍ତି ନାହିଁ। ମନ୍ଦିରଟି ମାଟିଠୁ ତଳକୁ ରହିଥିବାରୁ ଦୁଇ ପାର୍ଶ୍ୱଦେଇ ଗାଡି ଚଳପ୍ରଚଳ ଯୋଗୁଁ ଧୂଳି ମନ୍ଦିର ଭିତରକୁ ପଶିଥାଏ ବୋଲି ସେ କହି ନିଜ ଅସନ୍ତୋଷ ପ୍ରକାଶ କରିଥିଲେ।





ପୁଲିସ କର୍ମଚାରୀଙ୍କୁ ନେଇ ଅଧିକାରୀଙ୍କ ଚିନ୍ତା

# ଡ୍ୟୁଟି ବେଳେ ଅନ୍‌ଲାଇନ୍ ଗେମ୍, ରିଲ୍ସ

ଭୁବନେଶ୍ୱର, ୮।୯ (ସମିସ): ପୁଲିସ କର୍ମଚାରୀମାନେ ଡ୍ୟୁଟି ସମୟରେ ଅନ୍‌ଲାଇନ୍ ଗେମ୍ ଏବଂ ଇନ୍‌ଷ୍ଟା ରିଲ୍ସରେ ଅଧିକ ସମୟ ଦେଉଛନ୍ତି। ପୁଲିସ ବର୍ଦ୍ଦିରେ ଥାଇ ମଧ୍ୟ ସେମାନେ ରିଲ୍ସ କରି ସୋସିଆଲ ମିଡ଼ିଆରେ ଅପଲୋଡ୍ କରୁଛନ୍ତି। ଲାଇକ୍ ଏବଂ ସବ୍‌କ୍ରାଇବ୍ ବଢ଼ାଇବା ପାଇଁ ଲୋକଙ୍କ ଜୀବନକୁ ବିପଦରେ ପକାଇ ଦେଉଛନ୍ତି ଏହି ପୁଲିସ କର୍ମଚାରୀ। ସେମାନେ ଡ୍ୟୁଟି ସମୟରେ ରିଲ୍ସ ଏବଂ ଅନ୍‌ଲାଇନ୍ ଗେମ୍‌ରେ ମାତିଯାଉଥିବାରୁ ଚୋରି, ଅପରାଧ ବଢ଼ୁଛି। ଥାନାରେ ପୁଲିସ କର୍ମଚାରୀ ଗେମ୍ ଖେଳୁଥିବାରୁ ଏହାର ଫାଇଦା ନେଇ ଅପରାଧୀ ଥାନାରୁ ଚମ୍ପଟ ମାରିବା ଭଳି ଅଭିଯୋଗ ହେଉଛି। ଏପରିକି ଅନେକ ବ୍ୟକ୍ତି ଭିଡ଼ିଓକୁ ଓଡ଼ିଶା ପୁଲିସ 'ଏକ୍ସ'ରେ ଅଭିଯୋଗ କରିଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଅବହେଳା କ୍ରମେ ବଢ଼ିବାରେ ଲାଗିଛି। ଅନେକ ସମୟରେ ବରିଷ୍ଠ ଅଧିକାରୀ କେତେକ କର୍ମଚାରୀଙ୍କୁ ନିଲମ୍ବନ କରୁଛନ୍ତି ସତ କିନ୍ତୁ ଏସବୁ ପରେ ବି ଏବେ ଏଭଳି ଅଭିଯୋଗ କ୍ରମେ ବଢ଼ିବାରେ ଲାଗିଛି। ଯାହା ଏବେ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି।

**■ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ**
**■ କାର୍ଯ୍ୟରେ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ କେବେ**

ପୂର୍ବରୁ ଡ୍ୟୁଟି ସମୟରେ ପୁଲିସ କର୍ମଚାରୀ ଅନ୍‌ଲାଇନ୍ ଗେମ୍‌ରେ ମଜି ରହୁଥିବାରୁ ସ୍ପେଶାଲ ଆର୍ମ ପୁଲିସ ଫୋର୍ସ (ଏସ୍‌ଏପି)ର ଏଡିଜି ଏକ ଗାଇଡ୍‌ଲାଇନ୍ ଆଣିଥିଲେ। କେହି ଯଦି ଅନ୍‌ଲାଇନ୍ ଗେମ୍ ଖେଳିବା ନେଇ ଅଭିଯୋଗ ଆସେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ହେଲେ ଏହି ଗାଇଡ୍‌ଲାଇନ୍ ଏବେ ପାଣିର ଗାର ସଦୃଶ୍ୟ ହୋଇଛି। କାରଣ ଏକାଧିକ ବ୍ୟକ୍ତି ଗେମ୍ ଖେଳୁଥିବା ବେଳେ ଡ୍ୟୁଟି ସମୟରେ ରିଲ୍ସ କରୁଛନ୍ତି। କିନ୍ତୁ ଏଡିଜି କଣ ପାଇଁ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଅନେକ ପୁଲିସ କର୍ମଚାରୀ ଏହି ଅନ୍‌ଲାଇନ୍ ଗେମ୍ ଖେଳି ଅର୍ଥ ହରାଇବା ପରେ ପାରିବାରିକ ସମସ୍ୟାରେ ପଡୁଛନ୍ତି। ସ୍ୱାମୀ, ସ୍ତ୍ରୀ ମଧ୍ୟରେ କଳହ ଲାଗି ଅଲଗା ହୋଇଯାଉଛନ୍ତି। ଯେଉଁଥି ପାଇଁ ଏଡିଜି ଏହାକୁ ବାରଣ କରିଥିଲେ ଏଡିଜି। ଓଏସ୍‌ଏପି କମାଣ୍ଡାଣ୍ଟ, ଆରଆର, ଏସ୍‌ଏସ୍, ଏସ୍‌ଆଇଆର, ବିଟିଆଇ, ଏପିଟିସି, ଓଆଇଏସ୍‌ଏଫ। ଏହି ସବୁ ପୁଲିସ ବିଭାଗକୁ ଚିଠି କରାଯାଇ ବାରଣ କରାଯାଇଥିଲା।

ଡ୍ୟୁଟିରେ ବେଳେ ବର୍ଦ୍ଦି ପିନ୍ଧୁ ନାହାନ୍ତି କର୍ମଚାରୀ

ରାଜଧାନୀରେ ଥିବା ଏକାଧିକ ଥାନାର ପୁଲିସ କର୍ମଚାରୀ ଡିଜିପିଙ୍କ ନିର୍ଦ୍ଦେଶକୁ ଫୁର୍ କରି ଦେଇଛନ୍ତି। ଡ୍ୟୁଟି ସମୟରେ ସମସ୍ତ ପୁଲିସ କର୍ମଚାରୀ ବର୍ଦ୍ଦିରେ ରହିବା ସହ ନେମ୍‌ପ୍ଲେଟ୍ ପିନ୍ଧିବେ। ହେଲେ ଏବେ ଡିଜିପିଙ୍କ ଏହି ନିର୍ଦ୍ଦଶକୁ ମଧ୍ୟ କେହି ମାନୁନାହାନ୍ତି। ଡିସିଓ ହେଉ ଅବା ଅନ୍ୟ ପୁଲିସ କର୍ମଚାରୀ ପୁଲିସ ପୋଷାକ ପିନ୍ଧୁ ନାହାନ୍ତି। ଯାହାଫଳରେ ଥାନାକୁ ଆସୁଥିବା ଅଭିଯୋଗକାରୀ ପୁଲିସ କର୍ମଚାରୀଙ୍କ ଜାଣି ନପାରି ହଇରାଣ ହେଉଛନ୍ତି। ବିଶେଷ କରି ସିଏସ୍‌ଆଇ କୋର୍ଟରେ ଥିବା ଏକାଧିକ ପୁଲିସ କର୍ମଚାରୀ ବର୍ଦ୍ଦି ପିନ୍ଧୁ ନାହାନ୍ତି। ପୁଲିସ ଡ୍ୟୁଟି ସମୟରେ ବର୍ଦ୍ଦି ପିନ୍ଧୁନଥିବାରୁ ଗଣ୍ଡଗୋଳ ସମୟରେ ଲୋକ ପୁଲିସକୁ ଜାଣିନପାରି ମାଡ଼ ମାରୁଛନ୍ତି।





## ହନୁ ପାଇଁ ହୋମଯଜ୍ଞ ଓ ଚାରାରୋପଣ



ଭୁବନେଶ୍ୱର, ୮।୯ (ସମିସ): ଚନ୍ଦ୍ରଶେଖରପୁରସ୍ଥିତ ଡମଣା ହାଟ ନିକଟରେ ଏକ ହନୁମାଙ୍କଡ଼ର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ଦୀର୍ଘଦିନ ଧରି ଏକ ହନୁମାଙ୍କଡ଼ ଦଳ ରହିଆସୁଥିଲେ। ଗତକାଲି ବିଦ୍ୟୁତ ଆଘାତରେ ଦଳପତି ମାଙ୍କଡ଼ର ମୃତ୍ୟୁ ଘଟିଥିଲା। ଆଜି ତାର ଆତ୍ମାର ସଦ୍‌ଗତି କାମନା ପାଇଁ ହୋମ ଯଜ୍ଞ ସହ ହରି କିର୍ତ୍ତନ କରାଯାଇଥିଲା। ଏହାସହ ବଜରଙ୍ଗୀ ଓ ତାର ସାଥୀମାନେ ରହୁଥିବା ସ୍ଥାନୀୟ ଏକ ବର ଓ ଓସ୍ତ ଗଛକୁ ମଧ୍ୟ ପୂଜା କରାଯାଇଥିଲା। ଏହି ଅବସରରେ ଜିତେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଡମଣା ହାଟ ଅଟୋ ଚାଳକ ସଂଘ, ପଶୁପ୍ରେମୀ କ୍ରୀଷ୍ଣା ନାୟକ, ଗିରିଜା ଶଙ୍କର ଦାସଙ୍କ ସହଯୋଗରେ ଆୟୋଜିତ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ତେବେ ବଜରଙ୍ଗୀ ସ୍ମୃତିରେ ଅଞ୍ଚଳରେ ୧୦୧ ବୃକ୍ଷ ଚାରାରୋପଣ କରାଯିବା ସହ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା।

● ଗାଡ଼କଣ ଅଳିଆ ଗଦାକୁ ନେଇ ଅଡୁଆରେ ବିଏମ୍‌ସି

# ଆଜି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥିତି ସମୀକ୍ଷା

ଭୁବନେଶ୍ୱର, ୮।୯ (ସମିସ): ଗଡ଼କଣ ଅଳିଆଗଦା ଓ ଟିଟିଏସକୁ ନେଇ ଅଡୁଆରେ ବିଏମ୍‌ସି। ମଙ୍ଗଳବାର ଏହାର ସ୍ଥିତି ସମୀକ୍ଷା ଓ ଯାଞ୍ଚ କରିବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଯାଞ୍ଚ ସମୟରେ ଅଳିଆଗଦା ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ଦସ୍ତାବିଜ ସହ ଅନୁଧ୍ୟାନରେ ସହଯୋଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ନିର୍ମାଣ ହୋଇଥିବା ଅଳିଆଗଦା ବେଆଇନ୍ ବୋଲି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନର ସଦସ୍ୟମାନେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଏମ୍‌ସି ବିନା କୌଣସି ସ୍ୱୀକୃତିରେ ଗଡ଼କଣ ଠାରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଅଳିଆ ଗଦାଇ ଅଧା ଭୁବନେଶ୍ୱରକୁ ହନ୍ତସନ୍ତ କରି ଆସୁଛି। ସୈନିକ ସ୍କୁଲ ଭଳି ଗୌରବ ମୟ ଅନୁଷ୍ଠାନର ଜମିକୁ ମାଡି ବସି ଦୁର୍ଗନ୍ଧ ସୃଷ୍ଟି କରି ଲକ୍ଷଲକ୍ଷ ଲୋକଙ୍କୁ ମରଣ ମୁହଁକୁ ଠେଲି ଚାଲିଛି। ଏହି କ୍ରମରେ ଅଭିଯାନର ପ୍ରତିନିଧି ମଣ୍ଡଳୀ ଦୁଇ ଦୁଇ ଥର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଆସି ବିଏମସି ବିରୁଦ୍ଧରେ ଅଭିଯୋଗ କରିଛନ୍ତି।

ପୂର୍ବରୁ ପ୍ରଦୂଷଣ ବୋର୍ଡ ବିଏମସିକୁ ସେପ୍ଟେମ୍ବର ୩ତାରିଖ ସୁଦ୍ଧା ଅଭିଯୋଗର ଉତ୍ତର ସହ ନିୟମ ଅନୁପାଳନ ନେଇ ସ୍ଥିତି ସମ୍ପର୍କୀତ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ଏହି ସମସ୍ୟା ଉପରେ ଅଭିଯାନର ଦିଲୀପ ଦାସ ଶର୍ମା, ଚିନ୍ତାମଣି ବାରିକ, ନିମାଇଁ ଚରଣ ଦାସ, ଆଶୁତୋଷ ମିଶ୍ରଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ପଲ୍ୟୁସନ ବୋର୍ଡ କାର୍ଯ୍ୟାଳୟରେ ମେମ୍ବର ସେକ୍ରେଟାରୀ ଉମା ନାନ୍ଦୁରିଙ୍କୁ ଭେଟି ଦାବି ଉପସ୍ଥାପନା କରିଥିଲେ। ଆଲୋଚନା ସମୟରେ ବରିଷ୍ଠ ବୈଜ୍ଞାନିକ ଉଷାରାଣୀ ପଟ୍ଟନାୟକ ଉପସ୍ଥିତ ମଧ୍ୟ ଥିଲେ। ମେମ୍ବର ସେକ୍ରେଟାରୀ ସ୍ୱତନ୍ତ୍ର ଭାବେ ବିଏମସିକୁ କଡା ନିର୍ଦ୍ଦେଶ ଦିଆଯିବ। ନିଜେ ଅଳିଆ ଗଦା ପରିଦର୍ଶନରେ ଯିବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ କହିଥିଲେ। ଏହା ପରେ ଅପରାହ୍ନରେ ବିଏମସି କମିସନରଙ୍କୁ ଚିଠି କରିଥିଲେ।

**■ ସୈନିକ ସ୍କୁଲକୁ ବଞ୍ଚାଅ ଓ ଅଳିଆଗଦା ହଟାଅ ଅଭିଯାନର ସ୍ୱାଗତ**

ଆଜି ପର୍ଯ୍ୟନ୍ତ ଏହି ଦିଗରେ ବିଏମ୍‌ସି ପକ୍ଷରୁ କୌଣସି ଅନୁପାଳନ ରିପୋର୍ଟ ପ୍ରାପ୍ତ ହୋଇନାହିଁ। ତେଣୁ ପୁନର୍ବାର ଅନୁପାଳନ ସ୍ଥିତି ଦାଖଲ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଏମସି କମିସନରଙ୍କୁ ଚିଠି କରିଛନ୍ତି। ସଠିକ ଓ ସନ୍ତୋଷ ଜନକ ଉତ୍ତର ନିର୍ଦ୍ଧାରିତ ସମୟଭିତରେ ନ ଦେଲେ ଉପଯୁକ୍ତ ବିବେଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋର୍ଡ ଜଣାଇଛନ୍ତି। ପ୍ରଦୂଷଣ ବୋର୍ଡର ଏହି ପଦକ୍ଷେପକୁ ଆବାହକ ଭିକ୍ଷାକାରୀ ତ୍ରିପାଠୀ, ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ ସ୍ୱାଗତ କରିଛନ୍ତି।

ସମୀକ୍ଷା ବୈଠକରେ ବିଏମ୍‌ସି କମିସରଙ୍କ ତାଗିଦ୍

# 'କାର୍ଯ୍ୟ ତ୍ୱରାନ୍ୱିତ କର, ଲୋକଙ୍କ ସମସ୍ୟା ସମାଧାନ କର'

ଭୁବନେଶ୍ୱର, ୮।୯ (ସମିସ): ବିଏମ୍‌ସି କମିସନର ଚଞ୍ଚଳ ରାଣା ବିଭିନ୍ନ ଉପବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ବିଏମ୍‌ସି ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ କିପରି ଆହୁରି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ଅଧିକାରୀଙ୍କଠାରୁ ଆରମ୍ଭ କରି ତୃଣମୂଳସ୍ତରର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ କାର୍ଯ୍ୟ କରିବା ସମୟରେ କେଉଁ କେଉଁ ସମସ୍ୟା ଆସୁଛି ଏବଂ ତାହାର କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଜି ବିଏମ୍‌ସି ଏକାମ୍ର ହଲରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରଥମେ ଏନଫୋର୍ସମେଣ୍ଟ ଓ ସାଇନ୍ ଟିମ୍ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ତୃଣମୂଳସ୍ତରରେ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କମିସନରଙ୍କୁ ଅବଗତ କରାଇଥିଲେ। କର୍ମଚାରୀ ଓ ଅଧିକାରୀଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ସିଧାସଳଖ ଶୁଣିବା ସହ କାର୍ଯ୍ୟ ଅଗ୍ରଗତି ନିମନ୍ତେ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ କହିଛନ୍ତି କମିଶନର। ତେବେ ଜୋରିମାନା ନୁହେଁ, ଲୋକମାନଙ୍କୁ ପରିମଳ, ସ୍ୱଚ୍ଛତା, ଏକକ ବ୍ୟବହାର ପଲିଥିନ, ଜବର ଦଖଲ ଆଦି ସମ୍ପର୍କରେ ସଚେତନ କରାଇବା ଆମର ଉଦ୍ଦେଶ୍ୟ ହେବା ଦରକାର। ଏଥିପାଇଁ ଲୋକମାନଙ୍କ ସହଯୋଗ କାମନା କରିବା ସହ ସେମାନଙ୍କୁ ସଚେତନ କରାଇବା ପାଇଁ ନିର୍ଦ୍ଦେଶ ଶ୍ରୀ ରଣା ଦେଇଛନ୍ତି।

# ଆକର୍ଷଣରେ ବ୍ୟଙ୍ଗାତ୍ମକ 'ବ୍ୟାଘ୍ର ରୋହନ'

ଭୁବନେଶ୍ୱର, ୮।୯ (ସମିସ): ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳ ନ୍ୟୁକ୍‌ୱେଷ୍ଟ ରେପର୍ଟରୀ 'ବ୍ୟାଘ୍ର ରୋହନ'କୁ ମଞ୍ଚରେ ଉପସ୍ଥାପନ କରିଥିଲେ। ଏକ ବ୍ୟଙ୍ଗାତ୍ମକ ନାଟକ ଯାହା ସେମାନଙ୍କର ବୀରତ୍ୱ ପ୍ରମାଣ କରିବା ପାଇଁ ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା। ଯେଉଁଥିରେ ଏକ ରାଜ୍ୟର ବ୍ୟକ୍ତିବିଶେଷ, ମାଳୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ସେମାନଙ୍କର ପରାକ୍ରମ ପ୍ରଦର୍ଶନ କରିବାର ସୁଯୋଗ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ। ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତ୍ତି ସତ୍ତ୍ୱେ ରାଜାଙ୍କ ଆଦେଶନାମା 'ବ୍ୟାଘ୍ର ରୋହନ'ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା।



**ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ସନ୍ଧ୍ୟା**

ଅବସର ଥିଲା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାର ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା, ସଙ୍ଗୀତଜ୍ଞ ତଥା ଗାୟକ ଲକ୍ଷ୍ମୀକାନ୍ତ ପାଳିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ଅନୁଜା ତାରିଣୀ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

# ଗୋ-ମାଫିଆଙ୍କ ଗିରଫ ଦାବିକଲେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୮।୯ (ସମିସ): ଗୋସୁରକ୍ଷା ଆଳରେ ଗୋମାଫିଆଙ୍କ ଆତଙ୍କରାଜକୁ ବିଭିନ୍ନ ମହଲାରେ ନିନ୍ଦା କରାଯାଉଛି। ରାଜନୈତିକ ଚାପ ଯୋଗୁଁ ପୁଲିସ ଏହି ମାମଲାରେ ସେତେଟା ସକ୍ରିୟ ଥିଲା ଭଳି ଦେଖାଯାଉ ନାହିଁ। ଫଳରେ ରାଜ୍ୟର ଦୁଗ୍ଧ ଚାଷୀ ହନ୍ତସନ୍ତ ହେଉଛନ୍ତି। ଗାଇ ପାଳିବା ସେମାନଙ୍କ ପାଇଁ କାଠିକର ପାଠ ହୋଇପଡ଼ିଲାଣି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ସମେତ ବିଭିନ୍ନ ଯାଦବ ସଂଘ ପକ୍ଷରୁ ୭ଜଣ କର୍ମକର୍ତ୍ତା ସୋମବାର ଟୁଇନିସିଟି କମିସନରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁଲିସ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ସର୍ବଶ୍ରୀ ନୃସିଂହ ବେହେରା, ମାମିନା ବେହେରା, ନାରାୟଣ ଡାଲୁଆ, ପୀତାମ୍ବର ବେହେରା ଓ ନାରାୟଣ ବେହେରା ପ୍ରମୁଖ ନେତାମାନେ କମିସନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଓଡ଼ିଶା ସରକାରଙ୍କର ଏକ ସଫଳ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ଗୁଣ୍ଡାମାନଙ୍କର ଆକ୍ରମଣ ଯୋଗୁଁ ଏହା ଆଜି ବିଫଳ ହେବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ସଂଘ ଅଭିଯୋଗ କରିଛି। ଗତ କିଛିଦିନ ତଳେ ବରମୁଣ୍ଡାରେ ଗୋ-ଚାଷୀଙ୍କୁ ଆକ୍ରମଣ ଘଟଣାରେ ମାତ୍ର ୩ଜଣ ଗୁଣ୍ଡାଙ୍କୁ ଗିରଫ କରି ଥିଲା ବେଳେ ଅନ୍ୟମାନେ ଫେରାର୍ ହୋଇ ବୁଲୁଛନ୍ତି ଓ ଚାଷୀମାନଙ୍କୁ ଧମକଚମକ ଦେଉଛନ୍ତି। ପୁଲିସ୍‌ର ଏହି ଉଦାସୀନତା ଯୋଗୁଁ ପୁନଶ୍ଚ ୬ତାରିଖ ସକାଳ ୫ ଘଟିକା ସମୟରେ ଏହି ଗୁଣ୍ଡା ଶ୍ରେଣୀର ୧୫ ରୁ ୨୦ ଜଣ ଯୁବକ ପଳାଶୁଣି ଓଭରବ୍ରିଜ୍ ତଳେ ଆନ୍ଧ୍ରରୁ ଗାଇ ନେଇ ଫେରୁଥିବା ଦୁଗ୍ଧଚାଷୀମାନଙ୍କୁ ଉଲଗ୍ନ କରି ପଛଆଡୁଆ ତାଙ୍କ ହାତକୁ ବାନ୍ଧି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପ୍ରତିବାଦ କରିବାରୁ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଆକ୍ରମଣ କରି ମୋଟ୍‌ରେ ୪ଜଣଙ୍କୁ ଆହତ କଲେ। ମଞ୍ଚେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସେହି ଗୁଣ୍ଡାମାନଙ୍କୁ ଗିରଫ କଲା ନାହିଁ। ଦୁଗ୍ଧଚାଷୀମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ରାଜ୍ୟ ବାହାରୁ ଗାଇ ଆଣିବାକୁ ଭୟ କରୁଛନ୍ତି। ଭୟ ଓ ଆତଙ୍କର ଏହି ବାତାବରଣ ଯୋଗୁଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଭଳି ଏକ ଲୋକପ୍ରିୟ ଯୋଜନା ଫେଲ୍ ମାରିବାକୁ ବସିଛି ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଅଧ୍ୟକ୍ଷ ଶ୍ରୀ ବେହେରା ମତ ଦେଇଛନ୍ତି। ଦୁଗ୍ଧଚାଷୀମାନଙ୍କ ଉପରେ ଦିନକୁ ଦିନ ବଢ଼ିଚାଲୁଥିବା ଆକ୍ରମଣ ଓ ଆତଙ୍କରାଜ ବିରୁଦ୍ଧରେ ଆଗାମୀ ୧୨ ତାରିଖ ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ୧୮ ତାରିଖ ବିଧାନସଭା ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯିବ ବୋଲି ଏହି ଚାଷୀନେତାମାନେ ପ୍ରକାଶ କରିଛନ୍ତି।

**ଡିଜିଙ୍କୁ ସିପିଙ୍କ ଜରିଆରେ ସ୍ମାରକପତ୍ର**

# ଦୁଇ ବାଇକ୍ ଚୋରଙ୍କୁ ବର୍ଷେ ଜେଲ୍

ଭୁବନେଶ୍ୱର, ୮।୯ (ସମିସ): ଏୟାରପୋର୍ଟ ଥାନା ଅଞ୍ଚଳର ଏକ ବାଇକ୍ ଚୋରି ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ରାଜେଶ କୁମାର ପଣ୍ଡା ଓ ଅଭିଯୁକ୍ତ ଲିଙ୍ଗରାଜ ଦଳେଇ ଓରଫ୍ ଚିଙ୍ଗିଡ଼ିକୁ ଜେଲଦଣ୍ଡ ଶୁଣାଇଛନ୍ତି।



ପୁଲିସ ସୂଚନାନୁସାରେ, ଗତ ଏପ୍ରିଲ ୨୧ ତାରିଖ ରାତିରେ ପଳାସପଲ୍ଲୀ ଲେନ-୧୦ ରେ ରହୁଥିବା ପ୍ରଶାନ୍ତ କୁମାର ସାହୁ ଘର ଆଗରେ ବାଇକ୍ ତାଲା ପକାଇ ରଖିଥିଲେ। ବିଳମ୍ବିତ ରାତିରେ ରାଜେଶ ଓ ଚିଙ୍ଗିଡ଼ି ନକଲି ଚାବିରେ ଗାଡ଼ି ଚୋରି କରି ନେଇ ଯାଇଥିଲେ। ପରଦିନ ଭୋରରୁ ଗାଡ଼ି ଚୋରି ହୋଇଥିବା ଜାଣି ପ୍ରଶାନ୍ତ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ସଂଗ୍ରାମ କେଶରୀ ଜେନା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଘଟଣା ସହିତ ସମ୍ପୃକ୍ତ ବିଭିନ୍ନ ସାକ୍ଷ୍ୟ ଓ ଦସ୍ତାବିଜ ଆଧାରରେ ଅଦାଲତ ଉପରୋକ୍ତ ମାମଲାର ବିଚାର କରି ଆସାମୀ ରାଜେଶ ଓ ଚିଙ୍ଗିଡ଼ିକୁ ଭାରତୀୟ ନ୍ୟାୟ ସଂହିତାର ଧାରା-୩୦୩ (୨) ଆଧାରରେ ୧୨ ମାସର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ୮ ମାସରେ ୧୧ ପରିବାର ଯୋଡ଼ିଛି 'ମାଧ୍ୟମ'

ଭୁବନେଶ୍ୱର, ୮।୯ (ସମିସ): ବର୍ତ୍ତମାନ ସମୟରେ ପାରିବାରିକ କଳହ ମୁଣ୍ଡବ୍ୟଥାର କାରଣ ପାଲଟିଛି। କୋଉଠି ଜୀବନ ଯାଉଛି ତ ଆଉ କୋଉଠି ସଂସାର ଉଜୁଡ଼ି ଯାଉଛି। ଏହାର ସମାଧାନ କରିବାକୁ ପୁଲିସକୁ ମଧ୍ୟ ନାକେଦମ୍ ହେବାକୁ ପଡୁଛି। ୨୦୧୪ ମସିହାରୁ କମିସନରେଟ ପୁଲିସ ଓ ଆଇଏସଡି ମିଳିତ ଆନୁକୂଲ୍ୟରେ ଦ୍ୱୈତନଗରୀରେ ଆରମ୍ଭ ହୋଇଥିବା 'ମାଧ୍ୟମ' କାଉନସେଲିଂ ସେଣ୍ଟର ପାରିବାରିକ କଳହକୁ ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଚଳିତବର୍ଷ ଜାନୁୟାରୀ ଠାରୁ ଅଗଷ୍ଟ ମାସ ମଧ୍ୟରେ ଅର୍ଥାତ୍ ଗତ ୮ ମାସରେ 'ମାଧ୍ୟମ'କୁ ଆସିଥିବା ମୋଟ ୧୭୮ଟି ପାରିବାରିକ କଳହଜନିତ ମାମଲାରୁ ୧୧୧ଟି ମାମଲାକୁ ସମାଧାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜାନୁୟାରୀରେ ୧୯ଟି, ଫେବୃୟାରୀରେ ୨୧ଟି, ମାର୍ଚ୍ଚରେ ୧୫ଟି, ଏପ୍ରିଲରେ ୨୨, ମେ'ରେ ୨୪ଟି, ଜୁନରେ ୧୨ଟି, ଜୁଲାଇରେ ୨୩ଟି ଓ ଅଗଷ୍ଟ ମାସରେ ମୋଟ ୪୧ଟି ପାରିବାରିକ ମାମଲା କାଉନସେଲିଂ ପାଇଁ 'ମାଧ୍ୟମ'କୁ ଆସିଥିଲା। ମାଧ୍ୟମ ସେଣ୍ଟରକୁ ଆସିଥିବା ମାମଲା ମଧ୍ୟରୁ ଅଧିକାଂଶ ମାମଲା ପରକ୍ରିୟା ପ୍ରୀତି ଜନିତ ବୋଲି ଜଣାପଡ଼ିଛି। ଯୁବପିଢ଼ିମାନେ ସାମାଜିକ



ଗଣମାଧ୍ୟମରେ ଅଧିକ ସକ୍ରିୟ ରହୁଥିବାରୁ କମ୍ ବୟସରେ ସେମାନେ ଖରାପ ରାସ୍ତା ଆପଣାଇବା ସହ ଅନ୍ୟ ପରିବାରରେ ଝଡ ସୃଷ୍ଟି କରୁଥିବା ନଜିର ରହିଛି। ବିଶେଷକରି କମ୍ ବୟସର ଯୁବତୀମାନେ ନିଜ ଠାରୁ ବୟସରେ ଯଥେଷ୍ଟ ବଡ଼ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖୁଥିବାରୁ ସେମାନଙ୍କ ପରିବାରରେ ଅଶାନ୍ତି ଦେଖାଦେଉଛି ବୋଲି ମାମଲାଗୁଡ଼ିକରୁ ଜଣାପଡ଼ିଛି। ମାଧ୍ୟମ କାଉନସେଲିଂ ସେଣ୍ଟରରେ କେବଳ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ତାହା ନୁହେଁ, ବରଂ ବିଭିନ୍ନ ମାମଲାରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯିବା ସହ ୨ ଜଣଙ୍କୁ ସିଲାଇ ମେସିନ ପ୍ରଦାନ କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଚେଷ୍ଟା କରାଯାଉଛି।

### ଶିକ୍ଷିତ ହେଲେ ମଧ୍ୟ ମାନସିକତାର ପରିବର୍ତ୍ତନ ଆବଶ୍ୟକ

ବରମୁଣ୍ଡା ଅଞ୍ଚଳରେ ରହୁଥିବା ଦମ୍ପତିଙ୍କର ଗୋଟିଏ ବୋଲି ପୁଅ ଅଛନ୍ତି। ସ୍ୱାମୀ ସରକାରୀ କର୍ମଚାରୀ ହୋଇଥିବାରୁ ବ୍ୟସ୍ତତା ଦେଖାଇ ପତ୍ନୀ ଓ ପୁଅକୁ ବହୁତ ଅବହେଳା କରିଛନ୍ତି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ପୁଅର ବର୍ଷକ ପୂର୍ବରୁ ଦେହ ବାରମ୍ବାର ଖରାପ ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ପୁଅକୁ କର୍କଟ ରୋଗ ହୋଇଥିବା ଜଣାପଡ଼ିଥିଲା। ପୁଅକୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲା। ପୁଅର ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାଜ୍ୟ ବାହାରକୁ ନେବାର ଆବଶ୍ୟକତା ଥିବା ବେଳେ ବାପା ଏଥିରେ ରାଜି ହୋଇନଥିଲେ। ପୁଅର ଚିକିତ୍ସା ସରକାରୀ ଡାକ୍ତରଖାନାରେ ହେଉ ବୋଲି ସେ ଚାହୁଁଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଜୋରଦାର ଝଗଡ଼ା ହୋଇଥିଲା। ଏହି ଘଟଣା ମାଧ୍ୟମ କାଉନସେଲିଂ ସେଣ୍ଟରକୁ ଆସିଥିଲା। ପରେ ଉଭୟଙ୍କର ଉପଯୁକ୍ତ କାଉନସେଲିଂ କରାଯିବା ପରେ ପୁଅର ଚିକିତ୍ସା ପାଇଁ ବାପା ଚିକିତ୍ସା ରାଜି ହେବା ସହ ମାସିକ ଟଙ୍କା ଦେବାକୁ ରାଜି ହୋଇଛନ୍ତି।

■ ବ୍ରାଉନସୁଗର ବେପାରକୁ ବିରୋଧ

## ଘରେ ପଶି ଖଣ୍ଡାରେ ଆକ୍ରମଣ; ମାମୁଁ-ଭଣଜା ଗୁରୁତର

ଭଦ୍ରକ,୮।୯(ସମିସ): ବ୍ରାଉନସୁଗର ବେପାରକୁ ବିରୋଧ କରିବାରୁ ଖଣ୍ଡା ଓ ଛୁରି ଦ୍ୱାରା ଆକ୍ରମଣରେ ମାମୁଁ ଓ ଭଣଜା ଗୁରୁତର ହୋଇଥିବା ଜଣାପଡ଼ିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପା ବରାଳପୋଖରୀରେ। ଗ୍ରାମର ମାଧବ କାହାଳିଆ ଘରେ ଥିବା ବେଳେ ସେହି ଗ୍ରାମର ଅନ୍ୟ ଏକ ପରିବାରର ୭ରୁ ୮ ଜଣ ସଦସ୍ୟ ହଠାତ ହାତରେ ଖଣ୍ଡା ଓ ମାରଣାସ୍ତ୍ର ଧରି ଘର ଭିତରକୁ ପଶିବା ସହିତ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ମାଧବଙ୍କ ସହିତ ତାଙ୍କ ଭଣଜା ନିର୍ମଳ ନାୟକ ଗୁରୁତର ହୋଇଛନ୍ତି। ଉଭୟଙ୍କ ମୁଣ୍ଡକୁ ଖଣ୍ଡାରେ ହାଣିବା ସହିତ ଶରୀରର ବିଭିନ୍ନ ସ୍ଥାନକୁ ମରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଉଭୟଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯିବା ସହିତ ଚିକିତ୍ସା ଚାଲିଛି। ତେବେ ଆକ୍ରମଣକାରୀଙ୍କ ପରିବାର ବ୍ରାଉନସୁଗର ବେପାର କରୁଥିବା ଓ ସେମାନଙ୍କୁ ବାରମ୍ବାର ବିରୋଧ କରୁଥିବା ଗୁରୁତର ଆହତ ହୋଇଥିବା ନିର୍ମଳ କହିଛନ୍ତି। ଯାହାକୁ ନେଇ ସଂପୃକ୍ତ ପରିବାର ଏଭଳି ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ୨ ଜଣଙ୍କୁ ଅଟକ ରଖିଛି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ଧାମନଗର,୮।୯(ସମିସ): ଧାମନଗର ବ୍ଲକ୍ ଓ ଏନଏସି ଅଞ୍ଚଳରେ ଅବକାରୀ ବିଭାଗ ଏବଂ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ବିଦେଶୀ ଓ ଦେଶୀମଦ ବିକ୍ରି ଦୋକାନରେ ଚଢ଼ଉ କରି ମଦ ଜବତସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଉଛି। ସୋମବାର ପୂର୍ବାହ୍ନ ୧୧ଟାରେ ଧାମନଗର ଏନଏସି ଅଞ୍ଚଳ ହବିବନଗର ଗ୍ରାମର ସେକ ସଦାମ ହୋସେନ ନାମକ ଜଣେ ଯୁବକ ଭଦ୍ରକ ଆଡୁ ବାଇକ୍‌ରେ ଧାମନଗରକୁ ବ୍ରାଉନସୁଗର ନେଇ ଆସୁଥିବା ବେଳେ ଧାମନଗର ଥାନା ଏସଆଇ ରସ୍ମିତା ମଲ୍ଲିକ, ରାଜେଶ ସେଠୀ, ଏଏସଆଇ ପ୍ରତାପ ଚନ୍ଦ୍ର ରାଉତ ଓ ଅନ୍ୟ ପୁଲିସ ପଦ୍ମପୋଖରୀ ଛକ ନିକଟରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତରେ ୧୩ଗ୍ରାମ ବ୍ରାଉନସୁଗର ସହ ବାଇକ, ମୋବାଇଲ ଓ ନଗଦ ୧୨୫୦ ଟଙ୍କା ଜବତ ସହିତ ତାକୁ ଗିରଫ କରିଛନ୍ତି। ଏନେଇ ଧାମନଗର ଥାନାକେସ ନଂ ୩୩୨/୨୫ରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

## ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକାଙ୍କ ପରଲୋକ

ଭଦ୍ରକ,୮।୯(ସମିସ): ଭଦ୍ରକ ଗବାସାହି ଅଧିବାସୀ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା ମେନକା ସୁନ୍ଦରୀ ଭଞ୍ଜ(୭୮)ଙ୍କର ଆଜି ମଧ୍ୟାହ୍ନରେ ପରଲୋକ ଘଟିଛି। ସେ ପ୍ରଥମେ ଜିଲ୍ଲାର ଆଗରପଡା, ପରେ ଦୀର୍ଘ ୨୬ବର୍ଷ ଧରି ଭଦ୍ରକ ବ୍ଲକର ଗେଲଟୁଆ ଡାକ୍ତରଖାନା ଓ ପରେ ଚାନ୍ଦବାଲି, ଭଣ୍ଡାରିପୋଖରୀ, ପୁରୁଣା ବଜାର ଓ ଶେଷରେ ଭଦ୍ରକ ମୁଖ୍ୟଚିକିତ୍ସାଳୟରେ ଅବସର ନେଇଥିଲେ। ତାଙ୍କ



ମୃତ୍ୟୁ ଖବର ପାଇ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ଆଇନଜୀବୀ ଆଦିତ୍ୟ କୁମାର ନାୟକ, ପବନ ଶର୍ମା, ସମାଜସେବୀ ଏସଏମ ଫାରୁକ, ପରମାନନ୍ଦ ସାହୁ, ହରିବୋଲ ଦାସ, ଯୁବନେତା ଦୁର୍ଗା ଦାସ, ସାମ୍ବାଦିକ ରବିନାରାୟଣ ଖିଲାର, ଶିଳ୍ପଦ୍ୟୋଗୀ ଜ୍ଞାନେନ୍ଦ୍ର ମହାନ୍ତି, ତପନ ନାୟକ, ଶ୍ରୀନିବାସ ମଲ୍ଲିକ, ହରିହର କର, କାଲୁ ପଣ୍ଡା, ଶାନ୍ତନୁ ଗୁହ, ଶିକ୍ଷକ ରାଜେଶ ଦାସ, ପୁଅ ଆଇନଜୀବୀ ଦୀପକ ସାହୁ, ସାନପୁଅ ସାମ୍ବାଦିକ ଅଶୋକ କୁମାର ସାହୁଙ୍କ ସମେତ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ ସମ୍ପନ୍ନ କରାଯାଇଛି।

ଶୁଣିଲା ନାହିଁ ପ୍ରଶାସନ

# ନିଜସ୍ୱ ଆୟରେ ନିର୍ମାଣ କାମକଲେ ଗ୍ରାମବାସୀ

ଦୋବଲ,୮।୯(ସମିସ): ଦୋବଲ ପଞ୍ଚାୟତ ଅଧୀନ ସୋଧ ସାହୁ ସାହି ୬ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ହୋଇ ନପାରିବାରୁ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଗ୍ରାମର କିଛି ଲୋକ ସରକାରୀ ରାସ୍ତାକୁ ଉଚ୍ଚାକରି ଘର ପାଖକୁ ତିଆରି କରିନେଇଥିବାରୁ ଏହି ସମସ୍ୟା ଉପୁଜିଛି। ପ୍ରକାଶ ଥାଉ କି ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଏକ ହ୍ୟୁମ୍ ପାଇପ ବସିଥିଲା। ଗ୍ରାମ ରାସ୍ତାପାର୍ଶ୍ୱରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ହୋଇଥିବାରୁ ହ୍ୟୁମ ପାଇପ ଉପରେ ମାଟି ପକାଇ ବନ୍ଦ କରିଦିଆ ଯାଇଥିବାରୁ ଗ୍ରାମର ବର୍ଷା ପାଣି ନିଷ୍କାସନ ହୋଇ ନପାରି ପୋଖରୀର ଭ୍ରମ ସୃଷ୍ଟି କରିଛି। ଏହି ପାଣିରେ ପଶି ଅଙ୍ଗନବାଡ଼ି ପିଲା, ସ୍କୁଲ, କଲେଜ, ଗ୍ରାମବାସୀ ବିଶେଷ କରି ଗ୍ରାମର ମହିଳାମାନେ ଗ୍ରାମ ଦେବତୀ ମା' ସୁବର୍ଣ୍ଣମୁଖୀଙ୍କ ପୀଠକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋଧ ଗ୍ରାମ ବିଶେଷ କରି ଡେଙ୍ଗୁ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ୨୦୧୪ ମସିହାରେ ସୋଧ ଗ୍ରାମରେ ଡେଙ୍ଗୁ ବ୍ୟାପି ୬ ଜଣଙ୍କ ଜୀବନ ଯାଇଥିଲା। ତେବେ ଗ୍ରାମର ଏଭଳି



ସମସ୍ୟା ଦେଖି ଗ୍ରାମବାସୀ ଡେଙ୍ଗୁ, ମେଲେରିଆ, ଡାଇରିଆ ଭଳି ରୋଗ ବ୍ୟାପିବା ପୂର୍ବରୁ ଧାମନଗର ବିଡିଓ ବନବିହାରୀ ଦିଣ୍ଡାଙ୍କୁ ୪ ତାରିଖରେ ଅଭିଯୋଗ ପତ୍ରଦେଇ ଜଳ ନିଷ୍କାସନର ବନ୍ଦୋବସ୍ତ ପାଇଁ ଦାବି କରିଥିଲେ। ବିଡିଓ ଅଭିଯୋଗ ପାଇ ଗ୍ରାମକୁ ଯାଇ ଦେଖିବେ ବୋଲି କହି ସୋମବାର ପର୍ଯ୍ୟନ୍ତ ଆସିଲେ ନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମବାସୀ ଶରତ ସାହୁ, ରାଜକିଶୋର ସାହୁ, ଭୋଳାନାଥ ସାହୁ, କୃଷ୍ଣଚନ୍ଦ୍ର ପତି, ପ୍ରଶାନ୍ତ ସାହୁ, ରତ୍ନାକର ସାହୁ, ଜୟଦେବ ରଥ, ଶ୍ରୀକାନ୍ତ ନାୟକ, ପ୍ରତାପ ସାହୁ, ଅଜୟ ସାହୁ, ରମାକାନ୍ତ ସାହୁ, ଭାଗିରଥି ସାହୁ, ବାଇଧର ସାହୁ, ହିମାଂଶୁ ମହାପାତ୍ର ପ୍ରମୁଖ ଗ୍ରାମରେ ଚାନ୍ଦା ଆଦାୟ କରି ନିଜସ୍ୱ ଶ୍ରମଦେଇ ନାଳ ଖୋଳି ୨ଟି ହ୍ୟୁମ ପାଇପ ପକାଇବାର ବ୍ୟବସ୍ଥା ସୋମବାର କରିଛନ୍ତି। ଏନେଇ ବିଡିଓ ବନବିହାରୀ ଦିଣ୍ଡା କୁହନ୍ତି ସଂପୃକ୍ତ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ ସେ ଘଟଣାସ୍ଥଳ ପରିଦର୍ଶନ କରି କଣ ବ୍ୟବସ୍ଥା ହୋଇପାରିବ ତାହା କରିବେ। କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର କୁମାର ସ କୁହନ୍ତି ଗ୍ରାମର ସମସ୍ୟା ସମାଧାନ କରିବାକୁ ହେଲେ ଡ୍ରେନେଜର ଆବଶ୍ୟକ ରହିଛି। ବର୍ତ୍ତମାନ ତାର ସମସ୍ୟା କିଛି ହୋଇପାରିବ ନାହିଁ ବୋଲି ସଫେଇ ଦେଇଥିଲେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବ୍ୟାନର ରଙ୍ଗକୁ ନେଇ ବିସିଜେଡିର ବିରୋଧ




ଭଦ୍ରକ,୮।୯(ସମିସ): ଭଦ୍ରକ ସ୍ୱୟଂଶାସିତ କଲେଜ ମୁଖ୍ୟଫାଟକରେ ଲାଗିଥିବା ବ୍ୟାନରକୁ ନେଇ ଛାତ୍ର ଅଶାନ୍ତି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ରଙ୍ଗକୁ କାହିଁକି ବ୍ୟାନରକୁ ରଙ୍ଗୀନ କରାଯାଇଛି। ତା'କୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳ ଛାତ୍ରଙ୍କ ପକ୍ଷରୁ ଭଦ୍ରକ କଲେଜ ଫାଟକ ସମ୍ମୁଖରେ ଧାରଣା ଦିଆଯିବା ସହିତ ନାରାବାଜି ପ୍ରଦର୍ଶନ କରାଯାଇଛି। ଗେଟ୍ ସମ୍ମୁଖରେ ଟାୟାର ଜାଳିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଜି ସକାଳୁ ଭଦ୍ରକ କଲେଜ ଗେଟରେ ଲାଗିଥିବା ଗେରୁଆ ବ୍ୟାନରକୁ ନେଇ ବିବାଦ ଦେଖାଦେଇଥିଲା। ପରେ ଏହି ବ୍ୟାନରକୁ ହଟାଇ ଦିଆଯାଇଥିଲା। ମାତ୍ର ଅପରାହ୍ଣରେ ପୁନର୍ବାର ବ୍ୟାନରକୁ ଗେଟ୍‌ରେ ଲଗାଯାଇଥିଲା। ଯାହାକୁ କଲେଜ ଛାତ୍ର ବିରୋଧ କରିଛନ୍ତି। କଲେଜ ପ୍ରଶାସନ ପକ୍ଷରୁ ଗେଟରେ କୌଣସି ଲେଖା ଯାଇନଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନ କଲେଜରେ କାହିଁକି ଏପରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ରଙ୍ଗକୁ ବ୍ୟାନରରେ ସ୍ଥାନ ଦେଇଛନ୍ତି ବୋଲି ଧାରଣାରତ ଛାତ୍ର ଅଭିଯୋଗ କରିଛନ୍ତି। ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଚାଲିବାର ଚେତାବନୀ ଦିଆଯାଇଛି। ଅନ୍ୟପଟେ କଲେଜ ଗେଟରେ ଏକ ଗ୍ରୁପର ବ୍ୟାନର ଲାଗିବାକୁ ନେଇ ଆଜି ଦିନରେ ଏବିଭିପି ଛାତ୍ର ସଂଗଠନ ଧାରଣା ଦେଇଥିଲା।

## ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ବାରିକପୁର,୮।୯(ସମିସ): ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ପ୍ରସିଦ୍ଧ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ବିଶେଷ କରି କୁମାରୀମାନେ ବୋଇତ ବାଣିଜ୍ୟର ଗାଥା ଗାରିମା ବହନ କରୁଥିବା ଭାଇମାନଙ୍କ ଶୁଭମନାସୀ ଏହି ବ୍ରତ ରଖିଥାନ୍ତି। ୫ଟି ରବିବାରରେ ମା' ମଙ୍ଗଳାଙ୍କୁ କୁମାରୀମାନେ ପୂଜାର୍ଚ୍ଚନା କରିଥାନ୍ତି। ତେଣୁ ଏକମାସ ବ୍ୟାପି ବ୍ଲକର ମଞ୍ଜୁରୀରୋଡ୍, ନାଆମୀ, ଝୁଟୁଣା, ଆଖୁଆପଦା, ମାଳଦା, ରହଣିଆ, ସରସଦା, ତେସିଙ୍ଗା, ବିଷ୍ଣୁପୁର,ରାଢୋ, ଜଳହରି, ବାଲି ପୋଖରୀ, ଷୋଳମପୁର ପ୍ରମୁଖ ଅଞ୍ଚଳରେ ଏହି ବ୍ରତ ଅନୁଷ୍ଠିତ ହୋଇଥିଲା। ଗାଁର କିଶୋରୀ ବାଳିକା ଓ ଯୁବତୀମାନେ ଗତ ରବିବାର



ଅନ୍ତିମପାଳିରେ ମା' ମଙ୍ଗଳାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ଆଜି ପ୍ରତ୍ୟୁଷରୁ ସ୍ଥାନୀୟ ପୁଷ୍କରିଣୀ ଓ ନଦୀରେ ମୃଣ୍ମୟୀ ପ୍ରତିମାଙ୍କୁ ବିସର୍ଜନ ଦେଇଛନ୍ତ। ଗତକାଲି ଚନ୍ଦ୍ର ଗ୍ରହଣ ଥିବା ହେତୁ ଅପରାହ୍ଣ ପୂର୍ବରୁ ବିଭିନ୍ନ ସ୍ଥାନରେ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଥିଲା।

## ପତିତପାବନଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ

ଅସୁରଳି,୮।୯(ସମିସ): ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତ ତିନିଘରିଆ ଗ୍ରାମରେ ରବିବାର ମହାପ୍ରଭୁ ଶ୍ରୀପତିତପାବନଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁରୁ କଳସ ଶୋଭାଯାତ୍ରା ବାହାରିଥିଲା। ମାଁ କୋଚିଲା ନାୟକାଣୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା ପରେ କୋଚିଲା ନଦୀରୁ ପବିତ୍ର ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଯଜ୍ଞ, ହୋମ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୂତି ଆଦି ପୂଜା କାର୍ଯ୍ୟ



ହୋଇଥିଲା। ପୂଜାରେ ମାନସ ରଂଜନ ବସନ୍ତିଆ ଓ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ବସନ୍ତିଆ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ହରିହର ପତି, ସୁରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଅଶୋକ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଭାଗବତ ପାଠ କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ଶିକ୍ଷକ କାଳନ୍ଦୀ ରାଉତ, ବେଣୁଧର ଦାସ, ସନ୍ତୋଷ ସାହୁ, ରତିକାନ୍ତ ବସନ୍ତିଆ, ବିମଳାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପରିଡ଼ା, ମୋହନ ସାହୁ, ସୁଧୀର ପରିଡ଼ା, ଅଶୋକ ପରିଡ଼ା, ଅମୂଲ୍ୟ ରାଉତ, ସୁବାସ ବସନ୍ତିଆ, ପ୍ରଶାନ୍ତ ପରିଡ଼ା,ଦୁର୍ଯ୍ୟୋଧନ ସାହୁ, ମନୋଜ ବସନ୍ତିଆ, ଦିଲ୍ଲୀପ ଦାସ, ପ୍ରଶାନ୍ତ ଦାସ, ସନ୍ତୋଷ ଦାସ, ବିଦ୍ୟାଧର ରାଉତଙ୍କ ସମେତ ତିନିଘରିଆ ଗ୍ରାମବାସୀ ସହଯୋଗ କରିଥିଲେ।

## ଷ୍ଟାଣ୍ଡିଂ କମିଟିରେ ବିଭିନ୍ନ ସମସ୍ୟା ଉପସ୍ଥାପନ



ବାରିକପୁର,୮।୯(ସମିସ): ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଆଜି ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ବୈଠକରେ ଷ୍ଟାଣ୍ଡିଙ୍ଗ କମିଟିର ବରିଷ୍ଠ ସଦସ୍ୟ ତଥା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇଥିଲେ। ଏଥିରେ ପାନୀୟଜଳ ଓ ପର୍ଯ୍ୟଟନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିବା ବେଳେ ଏଥିରେ କୋଟି କୋଟି ଟଙ୍କା ବାଟ ମାରଣା ହେଉଥିବା ବିଧାୟକ ଶ୍ରୀ ମଲ୍ଲିକ ଅଭିଯୋଗ କରିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଯୋଗୁ ହଜାର ହଜାର ଲୋକ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ପାଉନଥିବା ସେ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ସେହିଭଳି ଭଣ୍ଡାରିପୋଖରୀ ମାଟିରେ ସ୍ୱାଧୀନତା ସଂଗ୍ରାମର ଗାଥା ବହନ କରୁଥିବା କ୍ରାନ୍ତି ମଇଦାନ ରହିଥିବା ବେଳେ ଏହାକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ବିଧାୟକ ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ କହରାପୋଖରୀ ସ୍ଥିତ କ୍ରାନ୍ତି ମଇଦାନ ଓ ସ୍ଥାନୀୟ ଥାନାକୁ ପରିଦର୍ଶନ ପାଇଁ ସେ ଦାବି ଉପସ୍ଥାପନା କରିଛନ୍ତି।

## ଯୋଗାଣ ବିଭାଗର ଟିମ ଧାମନଗର ଗସ୍ତ

ଧାମନଗର,୮।୯(ସମିସ): ରାଜ୍ୟ ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ତଥା ଈଶ୍ୱର ଚନ୍ଦ୍ର ସ୍ୱାଇଁ ଏସଏଓ, ତନ୍ମୟ ବିଶ୍ୱାସ ଏଏଓ, ରାଉଷ୍ଟ କୁମାର ଏଏଓ ପ୍ରମୁଖ ଧାମନଗର ଗସ୍ତ କରିଛନ୍ତି। ସୋମବାର ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଥିବା ଧାନ କିଣା ଏବଂ ଡିଲର ରିଟେଲର ସେଣ୍ଟର ପରିଦର୍ଶନ କରି ପୃଥକ ପୃଥକ ଭାବେ ବୁଲି ଅନୁଧ୍ୟାନ ସହ ତଦାରଖ କରିଛନ୍ତି। ପ୍ରଥମେ ଧାମନଗର ଏନଏସିରେ ଏସଏଚଜି ମହିଳା



ଗ୍ରୁପ ବଣ୍ଟନ କରୁଥିବା ଡିଲର ରିଟେଲର ସେଣ୍ଟରକୁ ଯାଇ ବିଭିନ୍ନ କାଗଜପତ୍ର ତଦନ୍ତ କରି ହିତାଧିକାରୀଙ୍କୁ ଉତ୍ତମ ବ୍ୟବହାର ସହ ସୁଚାରୁରୂପେ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ, ବମକୁରା ଆଦି ବିଭିନ୍ନ ଧାନ କିଣା ସେଣ୍ଟର ବୁଲି ତଦାରଖ କରିଥିବା ସହ ପଞ୍ଜୀକରଣ କରିଥିବା ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ଗସ୍ତ ସମୟରେ ଧାମନଗର ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ ଓ ଅନ୍ୟ କର୍ମଚାରୀ ଗିରିଜା ପ୍ରସନ୍ନ ସାହୁ ଏବଂ ଏସ ଏଚ ଜି ଗ୍ରୁପର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧ ଉତ୍ସବ ଓ ରକ୍ତଦାନ ଶିବିର

ଅସୁରାଳି,୮।୯(ସମିସ): ଧାମନଗର ବ୍ଲକ ଧୂଷୁରୀ ଥାନା ହରିହଂସ ଗାଁର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଭକ୍ତହରି ନାୟକଙ୍କ ୨ୟ ଶ୍ରାଦ୍ଧ ବର୍ଷିକ ଉତ୍ସବ ସ୍ଥାନୀୟ ଆପେକ୍ସ ଇଂଲିସ ମିଡିୟମ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷାବିତ ବାସୁଦେବ ବାରିକଙ୍କ ସଭାପତିତ୍ୱରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ପ୍ରମୋଦ ନାୟକ, କୈଳାସ ପଣ୍ଡା, ଶିବପ୍ରସାଦ ଖାମରାଇ ଯୋଗଦେଇ ସ୍ୱର୍ଗତ ନାୟକ ସମାଜ ସେବାରେ ତାଙ୍କର ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଶାନ୍ତନୁ




କୁମାର ରାଉତ ବିବରଣୀ ପାଠ କରିଥିବା ବେଳେ ବିଜୟ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷାବିତ ବାବାଜୀ ଚରଣ ପଣ୍ଡାଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ସରୋଜ ମହାପାତ୍ର, ଧାମନଗର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ସଂଜୟ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପଣ୍ଡିତ ଦୟାନିଧି ମିଶ୍ର, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଗୟାଧର ପଣ୍ଡା, ରବୀନ୍ଦ୍ର ବେହୁରିଆ, କଂଗ୍ରେସ ନେତା ନାରାୟଣ ପାଢ଼ୀ, ନରେନ୍ଦ୍ର ମଲିକ, ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧ ଜଣ ରକ୍ତଦାନ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ତଥା ସ୍ୱର୍ଗତ ନାୟକଙ୍କ ବଡପୁଅ ଅଶୋକ କୁମାର ନାୟକ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ଦେବା ପାଇଁ ଲୋକସେବା ଆୟୋଗକୁ ସୂଚନା କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ସମିସ): ଏକ ସାମ୍ପ୍ରତିକ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ଏକ ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୨୦୦୨ ମସିହାରେ ସହକାରୀ ଶିକ୍ଷକ ପଦବୀ ପାଇଁ ମନୋନୀତ ହୋଇ ନ ଥିବା ଜଣେ ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ଓଡ଼ିଶା ଲୋକସେବା ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲ୍ଲାର ମିନତୀ ରାଣୀ ମହାପାତ୍ର ଇତିହାସ ବିଷୟ ପାଇଁ ସହକାରୀ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ଏବଂ ସାକ୍ଷାତକାର ମାର୍କ ଉପରେ ଆଧାରିତ ଥିଲା। ଜୁନ୍ ୨୦୦୨ ମସିହାରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ସେ ତାଙ୍କ ନାମ ପାଇ ନ ଥିଲେ। ଫଳାଫଳରେ ଅସନ୍ତୁଷ୍ଟ ହୋଇ ସେ ଡିସେମ୍ବର ୨୦୦୨ ମସିହାରେ ଆରଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିଅର ମୂଲ୍ୟାୟନ ଏବଂ ସାକ୍ଷାତକାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିଅରର ମାର୍କ ପ୍ରଦାନ କରିଥିଲା; କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ ନକରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା। ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢିଥିଲେ ଯେ ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତକାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ। ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢିଥିଲେ ଯେ, ସାକ୍ଷାତକାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ସାକ୍ଷାତକାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ। ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ରାୟରେ କହିଛନ୍ତି ଯେ ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନର ବ୍ୟବସ୍ଥା ବିରୋଧ। ପ୍ରାର୍ଥୀଙ୍କ ସାକ୍ଷାତକାରରେ ପାଇଥିବା ମାର୍କ ଜାଣିବାର ସଂପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ, ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ ସେମାନେ କେଉଁ ଆଧାରରେ ସଫଳ ହୋଇ ପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖି ପାରିବନାହିଁ। ତାଙ୍କ ଆଦେଶରେ ଶ୍ରୀ ପରିଡା କହିଛନ୍ତି ଯେ, ସୂଚନା ଅଧିକାର ଆଇନ ୨୦୦୫ର ଧାରା ୨୨ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ ଦିଏ। ଲୋକସେବା ଆୟୋଗକୁ ଏହାର ପ୍ରକ୍ରିୟା ପରିବର୍ତ୍ତନ କରିବା ଏବଂ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ




ଭଦ୍ରକ,୮।୯(ସମିସ): ଅନ୍ତର୍ଜାତୀୟ ସାକ୍ଷରତା ଦିବସ ବିନ୍ଦୁ ମାଧବ ବାଗୁରାଇ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ୍ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ ବରଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏଡିଇଓ ତୃପ୍ତିମୟୀ ପାତ୍ର, ବିଇଓ ଚକ୍ରଧର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶୋଭଯାତ୍ରାରେ ପରିକ୍ରମା କରିଥିଲେ। ପ୍ରତ୍ୟେକ ଜଣେ ଲେଖାଏଁ ନିରକ୍ଷରଙ୍କୁ ସାକ୍ଷର କରିବା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ପଡ଼ୋଶୀର ୨ଜଣ ଲେଖାଏଁ ନିରକ୍ଷରଙ୍କୁ ସାକ୍ଷର କରିବାକୁ ନିଷ୍ପତି ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାକ୍ଷରତା ସପ୍ତାହ ପାଳନ

ଭଣ୍ଡାରିପୋଖରୀ: ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ସୋମବାର ପାଳନ କରାଯାଇଛି। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ନେତୃତ୍ୱରେ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ଶରତ ଚନ୍ଦ୍ର ଥାଟୋଇ, ରମେଶ ଚନ୍ଦ୍ର ରାଉତ, ଶିକ୍ଷୟତ୍ରୀ ରିତାଞ୍ଜଳୀ ମହାନ୍ତି, ଜୟଶ୍ରୀ ମହାନ୍ତି, ଆରୁଣୀ ବେହେରା, ରଶ୍ମିରେଖା ରାଉତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ୍ୟ ଗୋଟିଏ ଭାଷା ଲେଖିବା ଓ ପଢିବା ଭଳି ସାକ୍ଷରତା ହାସଲ କରିବା ଉଚିତ ବୋଲି ଲୋକଙ୍କୁ ବୁଝାଇଥିଲେ।



# ଚୋରି ଟ୍ରାକ୍ଟର ଜବତ, ୩ ଗିରଫ

ସମ୍ବଲପୁର, ୮।୯ (ସମିସ)

ସମ୍ବଲପୁର ଧନୁପାଲି ଥାନା ପୁଲିସ ପୁଟିବନ୍ଧ ଅଞ୍ଚଳରୁ ଚୋରି ହୋଇଥିବା ଏକ ଟ୍ରାକ୍ଟର ବରଗଡ଼ ଅଞ୍ଚଳରୁ ଜବତ କରିବାସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ - ସମ୍ବଲପୁର





ଜିଲ୍ଲା ଜମନକିରା ଥାନା ଅଧୀନ ଚିନିମହୁଲ ଗ୍ରାମର ବର୍ତ୍ତମାନ ପୁଟିବନ୍ଧ ହନୁମାନ ମନ୍ଦିର ନିକଟରେ ରହୁଥିବା ଅନୀଲ ପ୍ରଧାନ (୨୮), ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଅଧୀନ ବର୍ଗଡ଼ିପୁରର ତ୍ରିଲୋଚନ ନାଗ (୪୭) ଓ ଜମନକିରା ଥାନା ଚିନିମହୁଲ ଗ୍ରାମର ଟିଲୁ ଓରଫ ସନମୟ ପଧାନ (୨୮) । ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସର ସୂଚନା ଅନୁଯାୟୀ, ସଦର ଥାନା



ଅଧୀନ ସିନ୍ଦୁରପଙ୍କର ଟ୍ରାକ୍ଟର ମାଲିକ ଶରତ ସାହୁ ତାଙ୍କ ଟ୍ରାକ୍ଟରକୁ ପୁଟିବନ୍ଧ ଖଲିଆବନ୍ଧର ସୁରେନ୍ଦ୍ର ପଣ୍ଡାଙ୍କୁ ଭଡ଼ାରେ ଦେଇଥିଲେ । ସବୁଦିନ ଭଳି ଶ୍ରୀ ପଣ୍ଡା ଗତ ୬ ତାରିଖ ରାତିରେ ମଧ ତାଙ୍କ ଘର ସମ୍ମୁଖରେ ଟ୍ରାକ୍ଟରଟି ରଖିଥିଲେ । ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଟ୍ରାକ୍ଟର ଚୋରି କରି ନେଇଥିଲା । ଏହାପରେ ଟ୍ରାକ୍ଟର ନ ମିଳିବାରୁ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ବିଭିନ୍ନ ବୈଷୟିକ ପଦ୍ଧତି ଉପଯୋଗରେ ପୁଲିସ ଅଭିଯୁକ୍ତଙ୍କୁ ଧରିଥିଲା । ଟ୍ରାକ୍ଟରଟି ବରଗଡ଼ ପଟେ ଯାଉଥିବା ସୂଚନା ପାଇ ପୁଲିସ ଏହାର ପିଛାକରି ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଅନ୍ତର୍ଗତ ବର୍ଗଡ଼ିପୁରରେ ଟ୍ରାକ୍ଟରଟିକୁ ଧରିଥିଲା । ଟ୍ରାକ୍ଟର ଜବତ କରିବାସହ ଏଥିରେ ଥିବା ତିନଜଣଙ୍କୁ ପୁଲିସ ଅଟକ ରଖିଥିଲା । ସେମାନଙ୍କୁ ଧନୁପାଲି ଥାନାକୁ ଆଣି ପଚରାଉଚୁରା ପରେ ସେମାନେ ୬ ତାରିଖ ରାତି ପ୍ରାୟ ସାଢ଼େ ୨ଟା ସମୟରେ ଖଲିଆବନ୍ଧରେ ସୁରେନ୍ଦ୍ର ପଣ୍ଡାଙ୍କ ଘର ସମ୍ମୁଖରୁ ଟ୍ରାକ୍ଟର ଚୋରି କରିଥିବା ସ୍ୱୀକାର କରିବାସହ ଶସ୍ତାରେ ବିକ୍ରୟ କରି ଅର୍ଥ ଉପାର୍ଜନ ପାଇଁ ଚୋରି କରିଥିବା କହିଥିଲେ । ଧନୁପାଲି ପୁଲିସ ସେମାନଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି । ଏହାସହିତ ଟ୍ରାକ୍ଟରଟିକୁ ତା'ର ମାଲିକ ଶରତ ସାହୁଙ୍କୁ ହସ୍ତାନ୍ତର କରିଛି । ଅନ୍ୟପକ୍ଷରେ ଧନୁପାଲି ପୁଲିସର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଏବଂ ଏହି ସଫଳତା ପାଇଁ ସମ୍ବଲପୁର ବିଲ୍ଡିଂ ମେଟେରିଆଲ୍ ସପ୍ଲାୟର ଆସୋସିଏନ ପକ୍ଷରୁ ଧନୁପାଲି ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



ଦୂର୍ଗାପାଲି ନୂଆ ଓଭର ବ୍ରିଜ୍: ସରୁନି ଖୋଳିବା ଆଉ ପୋତିବା

## ଜମନକିରାରେ ଅଭିଯୋଗ ଶୁଣାଣି ଶିବିର

**ଜମନକିରା, ୮।୯ (ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜମନକିରା ବ୍ଲକରେ ଆଜି ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଯୋଗ ଦେଇଥିଲେ । ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସରଭନନ୍ ସି, ପୁଲିସ ଏସଡିପିଓ ପ୍ରଦୀପ କୁମାର ଦାସ, ଜମନକିରା ବିଡିଓ ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଗୁଡିକର



ଶୁଣାଣି କରି ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଆସିଥିବା ମୋଟ ୬୭ଟି ମଧ୍ୟରୁ ୪୫ଟି ବ୍ୟକ୍ତିଗତ ଓ ୨୨ଟି ଗୋଷ୍ଠୀଗତ ଥିଲା । ଅଭିଯୋଗ ଗୁଡ଼ିକ ମଧ୍ୟରେ ବିଶେଷ କରି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଓ ବସ ସେବା, ଆବାସ ଯୋଜନା, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ରାସ୍ତାଘାଟ ସମସ୍ୟା ଆଦି ଉପରେ ଆଧାରିତ ଥିଲା । ଜିଲ୍ଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ ।

## ବୈଦିକ ଗଣିତ ପ୍ରଶ୍ନମଞ୍ଚରେ ଶିଶୁ ମନ୍ଦିର ଛାତ୍ରଙ୍କ କୃତିତ୍ୱ

**ସମ୍ବଲପୁର, ୮।୯ (ସମିସ) :** ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁସାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଥିବା ପ୍ରାଦେଶିକ ଗଣିତ ମେଳା କିଶୋର ବର୍ଗ ବୈଦିକ ଗଣିତ ପ୍ରଶ୍ନମଞ୍ଚରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ଛାତ୍ର ବ୍ରିଜେଶ ମେହେର, ମଦନମୋହନ ଦାସ ଓ ସ୍ୱସ୍ତିକ ବାରିକ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ସମସ୍ତ କୃତୀ ପ୍ରତିଭାଗୀଙ୍କୁ



ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀ, ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ପରିଚାଳନା ସମିତି କୃତୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଆଗାମୀ ଅକ୍ଟୋବର ୭ ତାରିଖରେ ପଶ୍ଚିମବଙ୍ଗର କାଶୀମବଜାରଠାରେ ହେବାକୁ ଥିବା କ୍ଷେତ୍ରୀୟ ଜ୍ଞାନବିଜ୍ଞାନମେଳାରେ ଏହି ଛାତ୍ରମାନେ ଯୋଗଦାନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ହୀରାକୁଦ ନଦୀବନ୍ଧର ୨ ଗେଟ୍ ଖୋଲା

**ସମ୍ବଲପୁର, ୮।୯ (ସମିସ) :** ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବାପରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଉଛି । ବର୍ତ୍ତମାନ ମାତ୍ର ୨ଟି ଗେଟ୍ ଖୋଲା ରହିଛି ।

ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୨୭ ଫୁଟ୍ ରହିଛି । ନଦୀବନ୍ଧର ବାମ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୨୩, ୬୦୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୭୨, ୭୭୨ ଘନଫୁଟ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୩୨, ୪୫୬ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୬, ୦୩୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦, ୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨, ୪୨୫ ଘନଫୁଟ, ଖଇରମାଲଠାରେ ୧, ୫୪, ୦୦୦ ଘନଫୁଟ, ବାରମୁଲଠାରେ ୨, ୪୯, ୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୩, ୮୯, ୦୯୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୫୬ ଫୁଟ୍ ରହିଥିଲା ।

## ପାଣିରେ ବୁଡ଼ି ଭିନ୍ନକ୍ଷମ ମୃତ

**ସମ୍ବଲପୁର, ୮।୯ (ସମିସ) :** ଯୁଯୋମୁରା ଥାନା ଅନ୍ତର୍ଗତ ବୁଟୁବେର୍ଣ୍ଣି, ଚର୍ଚ୍ଚପଡ଼ାର ଜଣେ ଭିନ୍ନକ୍ଷମ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ପୁଲିସ ଶବକୁ ବୁର୍ଲାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଆସନ୍ତାକାଲି ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ, ବୁଟୁବେର୍ଣ୍ଣି, ଚର୍ଚ୍ଚପଡ଼ାର ଅଞ୍ଜର ଗୁଡ଼ିଆଙ୍କ ପୁଅ ସୁଦୀପ ଗୁଡ଼ିଆ (୨୦) ଜଣେ ଭିନ୍ନକ୍ଷମ । ସେ ଗତକାଲି ସନ୍ଧ୍ୟାବେଳେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ବହୁ ସମୟ ଧରି ନଫେରିବାରୁ ଖୋଜାକୋଜି ପରେ ପରିବାର ଲୋକେ ସେ ପୋଖରୀରେ ବୁଡ଼ି ଯାଇଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ଯୁଯୋମୁରା ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଅପମୃତ୍ୟୁ ମାମଲା ନଂ. ୧୬/୨୦୨୫ ରୁଜୁକରି ଶବକୁ ବୁର୍ଲା ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ପାଟଣେଶ୍ୱରୀ ମନ୍ଦିରରେ ନବରାତ୍ର ଲାଗି କମିଟି ଗଠିତ

**ସମ୍ବଲପୁର, ୮।୯ (ସମିସ) :** ସମ୍ବଲପୁରର ଅନ୍ୟତମ ପ୍ରସିଦ୍ଧ ଦେବୀ ପୀଠ ମା' ପାଟଣେଶ୍ୱରୀ ମନ୍ଦିରରେ ନବରାତ୍ର ପୂଜା ସକାଶେ ପାଟଣେଶ୍ୱରୀ କ୍ଲବ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂଜାର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ସର୍ବସମ୍ମତିକ୍ରମେ ବିପିନ ପ୍ରଧାନ ସଭାପତି ମନୋନୀତ ହୋଇଥିବାବେଳେ ଉପସଭାପତି ଶ୍ରୀମନ୍ତ ପୁରୋହିତ, ସମ୍ପାଦକ ସୁଧାଂଶୁ ଶେଖର ବେହେର, ସହସମ୍ପାଦକ ସୁଶୀଲ ପ୍ରଧାନ, କୋଷାଧ୍ୟକ୍ଷ ମାଧବ ଘୋଷ, ସହକୋଷାଧ୍ୟକ୍ଷ ଅମୂଲ୍ୟ କୁମାର ପଟ୍ଟନାୟକ ତଥା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଲେଖ ଘିବେଲା, ଆଲୋକ ଘିବେଲା, ମହେନ୍ଦ୍ର ସାହୁ, ମନୋଜ ଦାସ, ଭୈରବ ପ୍ରସାଦ ବେହେରା, ଅଜିତ ପୂଜାରୀ, ପ୍ରଫୁଲ୍ଲ ବେହେରା ଓ ବିଜୟ ସାହୁ ରହିଛନ୍ତି ।

## ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ୍




**ସମ୍ବଲପୁର, ୮।୯ (ସମିସ) :** ପଶ୍ଚିମ ଓଡ଼ିଶା ପରିବାର (ପିଓପି) ପକ୍ଷରୁ ଦାଦରସ୍ଥିତ ବୀର ସାବରକର ପ୍ରେକ୍ଷାଳୟରେ ନୂଆଁଖାଇ ଭେଟ୍‌ଘାଟ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ କମିଶନର ହେମନ୍ତ ଜବାହରଲାଲ ମୁଖ୍ୟଅତିଥି ଏବଂ ସିଣ୍ଡିକେଟ ବ୍ୟାଙ୍କର ପୂର୍ବତନ ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଓ ଆୟକର ବିଭାଗ, ମୁମ୍ବାଇର ଯୁଗ୍ମ କମିଶନର ସାରିକା ଜୈନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ସ୍ମରଣିକା 'ଜୁହାର' ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପଦମପୁରର କହର ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରିଥିଲେ । ପଶ୍ଚିମ ଓଡ଼ିଶା ପରିବାରର ସଦସ୍ୟ ସଦସ୍ୟାମାନେ ସମ୍ବଲପୁରୀ ଫେଶନ ଶୋ'ରେ ଭାଗ ନେଇଥିଲେ । ଶ୍ରୀକାନ୍ତ ଟାଟାର୍ଜୀ, ଦୀପକ ପୂଜାରୀ ଓ କବିତା ସାହାଣୀ ମଞ୍ଚ ପରିଚାଳନା କରିଥିଲେ । ମୁମ୍ବାଇରେ ରହୁଥିବା ପଶ୍ଚିମ ଓଡ଼ିଶା ତଥା ଓଡ଼ିଶାର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ପରିବାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁମ୍ବାଇ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ପ୍ରତିବର୍ଷ ଏହି ଗଣପର୍ବ ନୂଆଁଖାଇ ପାଳନ ସହିତ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶିତ ହେଉଛି । ସଭା ପ୍ରାରମ୍ଭରେ ପ୍ରସିଦ୍ଧ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ରିଜର୍ଭ ବ୍ୟାଙ୍କ ଅଧିକାରୀ ତଥା ପିଓପି ସଭ୍ୟ ସୁଶାନ୍ତ କୁମାର କରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରି ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ରେଳବାଇ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୮।୯ (ସମିସ) :** ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ବିଷୟରେ ଭଲ ଭାବରେ ଅବଗତ ପାଇଁ ଦେବାହାଲ, ଷ୍ଟେସନମାଷ୍ଟର ହିମାଂଶୁ ଶେଖରଙ୍କୁ ପୁରସ୍କୃତ କରାଯାଇଛି । ତାଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳପ୍ରବନ୍ଧକ, ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧରୀ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି । ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ

**ସମ୍ବଲପୁର, ୮।୯ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରସ୍ଥିତ କବି ବ୍ରଜମୋହନ ପଣ୍ଡା ପ୍ରେକ୍ଷାଳୟରେ ଏକ ସାରସ୍ୱତ ସମାରୋହରେ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଶୁକମୁନି ମେହେରଙ୍କ 'ସ୍ୱଭାବ କବି ଗଙ୍ଗାଧର ମେହେର' ଏବଂ ଗବେଷକ ଦୁର୍ଗାଶିଷ ପଟ୍ଟନାୟକଙ୍କ କବିତା ସଂକଳନ 'ଦେହଶାଳା' ବିଭାଗର ଅନ୍ୟତମ ଆସିଷ୍ଟାଣ୍ଟ ପ୍ରଫେସର ଡଃ ଗୋପୀନାଥ ବାଗଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡଃ ନାକୁ ହାଁସଦା, ଅତିଥି ଅଧ୍ୟାପକ ଡଃ ପ୍ରିୟଙ୍କା ପ୍ରଧାନ, ଡଃ ସୁନୀତି ଦେବତା, ଡଃ ସବିତାବାଳା ନାୟକ, ଡଃ ବନ୍ଦିତା ନାଏକ, ଡଃ ଭରଦ୍ୱାଜ ସାହୁଙ୍କ ସମେତ ସମସ୍ତ ଗବେଷକ, ଗବେଷିକା ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ବୁର୍ଲାରେ ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର, ୮।୯ (ସମିସ) :** ବୁର୍ଲା ଭାରତୀ କ୍ଲବ୍ ପଡ଼ିଆରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିବାବେଳେ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏବଂ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ସୁଶାନ୍ତ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ମୁଖ୍ୟ ଉପଦେଷ୍ଟା ବ୍ରଜମୋହନ ମିଶ୍ର, ଆଇନଜୀବୀ ପ୍ରସନ୍ନ କୁମାର ସାହୁ, ଦେବାଶିଷ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭାପତି ବୀରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଓ ଉପସଭାପତି ଜୟନ୍ତ କୁମାର ସାହୁ, ସମ୍ପାଦକ ରାମେଶ୍ୱର ସିଂ, କୋଷାଧ୍ୟକ୍ଷ ସଞ୍ଜୀବ ପଣ୍ଡା ଏବଂ ଭୀମ ପଟ୍ଟନାୟକ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ନୃତ୍ୟଗୁରୁ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶନାରେ ଭାରତୀ କଳାବିକାଶ କେନ୍ଦ୍ରର ଛାତ୍ରଛାତ୍ରୀ ଓ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସମ୍ବଲପୁରୀ ନୃତ୍ୟ ମଞ୍ଚସ୍ଥ ହୋଇଥିଲା । ସମ୍ବଲପୁରୀ ହବ୍‌ର ସୌମ୍ୟରଞ୍ଜନ ସାମନ୍ତରାୟ ଓ ରାଜୀବ ପାଢ଼ୀଙ୍କ



ଦ୍ୱାରା ଏକ ସମ୍ବଲପୁରୀ ପୋଷାକ ପରିଧାନ କରିଥିବା ରାମ୍ପ ଶୋ' ହୋଇଥିଲା । କଳାକାର ପଦ୍ମଶ୍ରୀ ଖଟେଇଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରାର ଏକ ଦଳ ଦ୍ୱାରା ରଙ୍ଗାରଙ୍ଗ ସଙ୍ଗୀତ ଏବଂ ନୃତ୍ୟ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥାପିକା ଭାବରେ ଅଙ୍କିତା ସାହାଣୀ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ । ସୁଧୀର ମହାରଣା, ରାଜେଶ ପଟ୍ଟନାୟକ, ରାଜେଶ କୁମାର ମିଶ୍ର, ଯଦୁନନ୍ଦନ ବଡ଼ପଣ୍ଡା, ବାଲା ମାଝୀ, ହରି ଶଙ୍କର ପଣ୍ଡା, ଦୀପକ ରାଉତ, ସତ୍ୟବ୍ରତ ନାୟକ, ଗୋପାଳ ପ୍ରଧାନ, ପ୍ୟାରୀମୋହନ ପୂଜାରୀ, ସୋମନାଥ ଆପଟ, ସୁଧାଂଶୁ ଦାଶ, ଟୁନା ଷଣ୍ଢ, ଆକାଶ ଆଚାର୍ଯ୍ୟ, ଶୁଭକାନ୍ତ ପଣ୍ଡା, ନୟନ କୁମାର ନାୟକ, ଅଶ୍ୱିନୀ ମହାନନ୍ଦ, ଶ୍ୟାମ ଗୌଡ଼, ଜୟନ୍ତ କୁମାର ଦାସ, ହିମାଂଶୁ ମେହେର, ମନୋରମା ଦାସ, ପ୍ରତିଭା ବାରିକ, ମିନତୀ ପୂଜାହାରୀ, ରୋହିଣୀ ପ୍ରଧାନ, ବୀଣାପାଣି ବେହେରା, ବିଷ୍ଣୁପ୍ରିୟା ପରିଡ଼ା, ସତ୍ୟଭାମା ପ୍ରଧାନ, ବିନୋଦିନୀ ମେହେର, ରାଧାରାଣୀ ବେହେରା, କବିତା ପଟ୍ଟନାୟକ, ସରସ୍ୱତୀ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ । ତ୍ରାହିକର ଡୁଙ୍ଗୁରି ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସ୍ୱଚ୍ଛ ସମ୍ବଲପୁର' ପାଇଁ ସାଇକ୍ଲୋଥନ୍

**ସମ୍ବଲପୁର, ୮।୯ (ସମିସ) :** 'ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜ ସମ୍ବଲପୁର' ଥିମ୍‌କୁ ନେଇ ମାରୱାଡି ଯୁବା ମଞ୍ଚ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ 'ସାଇକ୍ଲୋଥନ୍ - ପେଡ଼ାଲ୍ ଫର୍ ଆୱାର୍ ସମ୍ବଲପୁର' ଆୟୋଜିତ ହୋଇଯାଇଛି । ଏହି



ବିଶାଳ ସାଇକେଲ ରାଲି ଏକ ମହାନ ସଫଳତା ଥିଲା ଏଥିରେ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମାଜର ସମସ୍ତ ବର୍ଗର ନାଗରିକମାନେ ଏକ ସାଧାରଣ ଉଦ୍ଦେଶ୍ୟ ପାଇଁ ଏକାଠି ହୋଇଥିଲେ । ଏହି କାର୍ଯ୍ୟକ୍ରମ ମାରୱାଡି ଯୁବା ମଞ୍ଚ, ସମ୍ବଲପୁର, କ୍ଷେତରାଜପୁର, ନବଚେତନା, ଶକ୍ତି, ଉଦୟ ଷ୍ଟାର୍ସ ଏବଂ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା । ଏହି ରାଲି ମା' ସମଲେଶ୍ୱରୀ ମନ୍ଦିରରୁ ଆରମ୍ଭ ହୋଇ କଚେରି ଛକ, ଜେଲଛକ, ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା, ରେଳଷ୍ଟେସନ, କ୍ଷେତରାଜପୁର, ବଡ଼ବଜାର ଦେଇ ପୁଣି ସମଲେଶ୍ୱରୀ ମନ୍ଦିରରେ ଶେଷ ହୋଇଥିଲା । ଏହାକୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବ ମଞ୍ଚର ବିଦାୟୀ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ, ସାଧାରଣ ସମ୍ପାଦକ ପ୍ରତୀକ ଅଗ୍ରୱାଲ, ସମ୍ବଲପୁର ଶାଖାର ସମସ୍ତ ସଭାପତି ଓ ସଂଯୋଜକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଶୁଭାରମ୍ଭ କରିଥିଲେ । ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉତ୍ସାହର ସହିତ ସହରସାରା ସାଇକଲ ଚଳାଇ ପରିବେଶ ସଚେତନତା ଏବଂ ନାଗରିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରିଥିଲେ ।

# ଭିନ୍ନକ୍ଷମ ଅଧିକାର ଆଇନ ସଚେତନତା

ସମ୍ବଲପୁର, ୮।୯ (ସମିସ)

ସରକାରୀ ମହିଳା ମହାବିଦ୍ୟାଳୟ, ରାଜ୍ୟ ଭିନ୍ନକ୍ଷମ ଆୟୋଗ ଏବଂ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟ ସମ୍ବଲପୁରର ମିଳିତ ଉଦ୍ୟମରେ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ -୨୦୧୬ ସମ୍ପର୍କିତ ସଚେତନତା କାର୍ଯ୍ୟଶାଳା ଓ କ୍ୱିଜ କାର୍ଯ୍ୟକ୍ରମ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ୭ଟି ଶିକ୍ଷାନୁଷ୍ଠାନର ୧୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବରଗଡ଼ ଜିଲ୍ଲାର ପଞ୍ଚାୟତ ମହାବିଦ୍ୟାଳୟ, ଝାରସୁଗୁଡ଼ା ଜିଲ୍ଲାର ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ହୀରାକୁଦ ମହାବିଦ୍ୟାଳୟ, ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଅଧ୍ୟାପକ ଅଧ୍ୟାପିକାମାନେ



ଭାଗ ନେଇଥିଲେ । ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିବାବେଳେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ମିଶ୍ର ଭିନ୍ନକ୍ଷମମାନଙ୍କ ପାଇଁ ଆବଶ୍ୟକ ହେଉଥିବା ସମାନାଧିକାର ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ସହଭାଗୀତା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଏଭଳି ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଆଗ୍ରହ ପ୍ରକାଶ କରିବା ସହ ସହଯୋଗ କରିଥିବାରୁ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାସହିତ ଭିନ୍ନକ୍ଷମ ଆୟୁକ୍ତ ସମସ୍ତଙ୍କ ସହିତ ଏକା ସାଙ୍ଗରେ କାନ୍ଧକୁ କାନ୍ଧ ମିଳାଇ ଆଗକୁ ବଢ଼ିବା ପାଇଁ ଏଭଳି କାର୍ଯ୍ୟକ୍ରମ ଅଭିପ୍ରେତ ବୋଲି ଶ୍ରୀମତୀ ହରିଚନ୍ଦନ ମତ ଦେଇଥିଲେ । ସଚେତନତା ହିଁ ଭିନ୍ନକ୍ଷମଙ୍କୁ ସହାୟତା କରିପାରିବ ବୋଲି ସେ ମତ ରଖିଥିଲେ । ରାଜକୁମାର ଶର୍ମା ପାୱାରପଏଣ୍ଟ ଉପସ୍ଥାପନ ପୂର୍ବକ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ - ୨୦୧୬ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ସହ-ନିର୍ଦ୍ଦେଶକ ଶ୍ରୀ ଶର୍ମା ୭ଟି ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓମ୍‌କାର ବଡ଼ପଣ୍ଡା ଏବଂ କରଣ କ୍ରିଷ୍ଣା ବିଜୟୀ ହୋଇ ଟ୍ରଫି ସହିତ ଆର୍ଥିକ ପୁରସ୍କାର ଆୟୁକ୍ତଙ୍କ ନିକଟରୁ ଗ୍ରହଣ କରିଥିଲେ । ସମ୍ବଲପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି ଭିନ୍ନକ୍ଷମମାନଙ୍କ ନିମନ୍ତେ ଉପଲବ୍ଧ ବିଭିନ୍ନ ସେବା, ଯୋଜନା ତଥା ଆଗାମୀ ଦିନରେ ରହିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଅନ୍ତର୍ଜାତୀୟ ସାକ୍ଷରତା ଦିବସ**

# ରାଷ୍ଟ୍ରର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ





**ବଲାଙ୍ଗିର, ୮।୯ (ସମିସ)**

ସ୍ଥାନୀୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସଭାକକ୍ଷରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗଦେଇ ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ ବୋଲି କହିଥିଲେ। ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ ବୋଲି ସେ କହିଥିଲେ। ନିମନ୍ତ୍ରିତ ବକ୍ତା ଭାବେ ବିଇଡି କଲେଜର ସହକାରୀ ପ୍ରଫେସର ଡ.ସୁଧୀର ସାହୁ ଯୋଗଦେଇ ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ। ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ ବୋଲି କହିଥିଲେ। ଏଡିଇଓ ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ଦେଓଗାଁ ବିଇଓ ମମତା ମହାଡ଼ିକ, ମୁରିବାହାଲ ବିଇସ ଶାନ୍ତନୁ ପଡ଼ିହାରୀ, ସଇଁତଲା ବିଇଓ ଦିଲୀପ ଯୋଶୀ, ଗୁଡ଼ଭେଲା ବିଇଓ ନମିତା ଭୋଇ, କଟକ ବୋର୍ଡ଼ ଅଫିସ ଉପ ନିୟନ୍ତ୍ରକ ଅବିନାଶ ଶତପଥୀ, ବଲାଙ୍ଗୀର ଡାଏଟର ଅଧ୍ୟକ୍ଷ ଡ. ଜୟ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିବର୍ଗ ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଏହା ସହ ଶିକ୍ଷା ବ୍ୟକ୍ତିକୁ ଶୃଙ୍ଖଳିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସଇଁତଲା ବ୍ଲକରୁ ଆସିଥିବା ଦୈତାରୀ ମାଝୀ, ବେଲପଡ଼ା ବ୍ଲକର ସନ୍ୟାସୀ ସାହୁ, ତୁରେକେଲା ବ୍ଲକର ସବିତା ପୁଟେଲ, ଆଗଲପୁର ବ୍ଲକର ତରଣୀ ପଟେଲ ପ୍ରମୁଖ 'ଉଲ୍ଲାସ' କାର୍ଯକ୍ରମ ଜରିଆରେ ନିଜେ କିପରି ଅକ୍ଷର ଓ ସଂଖ୍ୟା ଜ୍ଞାନ ଅର୍ଜନ କଲେ ସେ ସମ୍ପର୍କୀୟ ଅନୁଭୂତି କହିଥିଲେ। ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସରୋଜ ନାୟକ ସଂଯୋଜନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସାକ୍ଷରତାର ମହତ୍ତ୍ୱ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା। ଏହି ସଚେତନତା ଶୋଭାଯାତ୍ରାରେରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଭିନ୍ନ ବ୍ଲକରୁ ଆସିଥିବା 'ଉଲ୍ଲାସ'ର ଶିକ୍ଷାର୍ଥୀ, ସିଆରସିସି, ଅଭିଭାବକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ନିରୀକ୍ଷକ ନବଘନ ସାହୁ, ବୀରେନ୍ଦ୍ର ହୋତା, ନୀଳାଚଳ ଗାଇଗରିଆ ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟାବାଞ୍ଜି:** ତୁରେକେଲା ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଲୋହିତାକ୍ଷ ଯୋଷୀ, ଏବିଇଓ ଜଗବନ୍ଧୁ ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ ଅଶୋକ ତରିଆ ପ୍ରମୁଖ ଯୋଗ ଦେଇଥିଲେ। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା ଓ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନେଶ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପସ୍ଥିତ ଅତିଥି ବୃନ୍ଦ ନବ ଭାରତ ସାକ୍ଷରତା ଅଭିଯାନ, ଉଲ୍ଲାସ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସାକ୍ଷର ହୋଇ ନିରକ୍ଷର ଭଳି କଳଙ୍କରୁ ମୁକ୍ତି ହେବାକୁ ଆହ୍ୱାନ ଦେଇଥିଲେ। ସଭା ପରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ, ସିଆରସିସି, ଅଭିଭାବକ, ଛାତ୍ରଛାତ୍ରୀ ତଥା ନବ ସାକ୍ଷରତା ଅଭିଯାନରେ ସାମିଲ ଥିବା ମହିଳା, ପୁରୁଷ ଓ ସମାଜସେବୀ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ପ୍ରେମରାଜ ପାଣିଗ୍ରାହୀ, ଗୁରୁପ୍ରସାଦ ଛତ୍ରିଆ, ଅନୁପ ଦାସ, ମୋହନ ବରିହା, କୃତ୍ତିବାସ ବରିହା, ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ, ସବିତା ପାଣିଗ୍ରାହୀ, ଭାରତୀ ଦାସ, ଶାନ୍ତି ଭୋଇ, ଲାବଣ୍ୟବତୀ ଧରୁଆ, କିଶୋର ବରିହା, ସୌରଭ ବେହେରା, ଅବିନାଶ ମହାଲିଙ୍ଗ, ଭରତ ମିର୍ଦ୍ଧା, ବିରଞ୍ଚି ଖର୍ସେଲ ଯୋଗ ଦେଇଥିଲେ।

## ଏସ୍ଆଇଆରକୁ ଏସ୍ୟୁସିଆଇର ବିରୋଧ

**ବଲାଙ୍ଗିର, ୮।୯ (ସମିସ):** ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ଏସୟୁସିଆଇ(କମ୍ୟୁନିଷ୍ଟ) ବିରୋଧ କରିଛି। ଏ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭୋଟର ଲିଷ୍ଟର ସଘନ ଯାଞ୍ଚ ବିରୋଧରେ ଏସୟୁସିଆଇ(କମ୍ୟୁନିଷ୍ଟ) ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ଭାଗୀରଥି ଛକଠାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭୋଟର ତାଲିକାରେ ସଘନ ଯାଞ୍ଚ ଆଳରେ ଲୋକଙ୍କ ମୌଳିକ ଭୋଟ ଅଧିକାରକୁ ଛଡେଇ ନେବା ସହ ନାଗରିକତ୍ୱରୁ ବଞ୍ଚିତ କରିବା ପାଇଁ କେନ୍ଦ୍ର ବିଜେପି ସରକାରର ସୁପରିକଳ୍ପିତ ଷଡଯନ୍ତ୍ର ଚାଲିଛି। ଲୋକଙ୍କ ମୌଳିକ ସମସ୍ୟାରୁ ଦୃଷ୍ଟି ଏଡାଇ କାଳ୍ପନିକ ସମସ୍ୟା ଛିଡା କରାଇବାର ଏହି ସବୁ ହୀନ ଉଦ୍ୟମ କରାଯାଉଛି। ତେଣୁ ନିଜର ଦାବି ହାସଲ କରିବା ପାଇଁ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଜିଲ୍ଲା କମିଟି ତରଫରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ଏହି ପ୍ରତିବାଦ ସଭାରେ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ଜିଲ୍ଲା ସମ୍ପାଦକ ସୁନିଲ ଭୋଇ, ଜିଲ୍ଲା କମିଟି ସଭ୍ୟ ମଧୁସୂଦନ ବାଗ, ଗୌରୀ ରାଉତ, ରାଜା ରଣା, ଅହଲ୍ୟା ସାହୁ, ପ୍ରଭାସିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଫିଜିଓଥେରାପି ଦିବସ ପାଳିତ

**ବଲାଙ୍ଗିର, ୮।୯ (ସମିସ):** ସ୍ଥାନୀୟ କମ୍ପୋଜିଟ ରିଜିନାଲ ସେଣ୍ଟର (ସିଆରସି ) ପକ୍ଷରୁ ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳିତ ହୋଇଛି। ସିଆରସି ନିର୍ଦ୍ଦେଶକ ଗୁରୁବକ୍ସ ଜଗୋଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାକର ମିଶ, ଲିଙ୍ଗରାଜ ପାଢ଼ୀ, ଜୟନ୍ତ ମହାନ୍ତି, ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଫିଜୋଥେରାପିଷ୍ଟ ଶତାବ୍ଦୀ ଜେନା ସାମନ୍ତ ସଭା ପରିଚାଳନା କରିଥିଲେ। ମମତା ମିଶ୍ର, ସଙ୍ଗୀତା ରାଉତରାୟ, ଆର୍ତ୍ତତ୍ରାଣ ପଟେଲ, ଗୀତାଞ୍ଜଳି ନାୟକ, ବବିତାଜ କର ପ୍ରମୁଖ ସହଯୋଗ କରିଥଲେ। ବିଶ୍ୱଜିତ କାନନୁଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## ସାର ପାଇଁ ଚାଷୀ ହଟହଟା, ପାକ୍ସରେ ଲମ୍ବାଲାଇନ



**ଦେଓଗାଁ, ୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ସାର ସଙ୍କଟ ଦେଖା ଦେଇଛି। ଆବଶ୍ୟକ ସମୟରେ ସାର ମିଳୁନାହିଁ। ଏହା ଫଳରେ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଯେଉଁ କୃଷି ସେବା ସମବାୟ ସମିତିକୁ ସାର ଆସିଛି ତାହା ସମୁଦ୍ରକୁ ଶଙ୍ଖେ ପରି। ସୋମବାର ବନ୍ଧପଡ଼ା ପେକ୍ସରେ ଚାଷୀ ସାର ପାଇଁ ଲମ୍ବାଲାଇନ ଲଗାଇଥିଲେ। ସାର ପ୍ରଦାନରେ ବିଳମ୍ବ ହେବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରେ ଆସିଥିବା ୩ ଟ୍ରିପ୍ ସାରକୁ ବଣ୍ଟନ କରାଯାଇଥିବା ପେକ୍ସର ସଭାପତି ଚିମନ ପଧାନ ସୂଚନା ଦେଇଛନ୍ତି। ଅନ୍ୟପଟେ ରବିବାର ଜରାସିଂହା ପେକ୍ସରେ ମଧ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ଉଡାର ଗାଁର ଜଣେ ଚାଷୀ ପ୍ରତିନିଧି ଓ ଜରାସିଂହାର ଜଣେ ଚାଷୀ ତଥା ଜନପ୍ରତିନିଧିଙ୍କ ମଧ୍ୟରେ ହାତାହାତି ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିବା ନଜରକୁ ଆସିଥିଲା।

## 'ଚତୁରଙ୍ଗ'ର ଚତୁର୍ଥ ବର୍ଷ ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ

**ବଲାଙ୍ଗିର, ୮।୯ (ସମିସ):** ବଲାଙ୍ଗୀର କୋଶଲ କଳାମଣ୍ଡଳର ମୁଖପତ୍ର 'ଚତୁରଙ୍ଗ'ର ଚତୁର୍ଥ ବର୍ଷ ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ଡ. ବିଜୟାନନ୍ଦ ସେଠୀ, ପରିଚାଳନା ସମ୍ପାଦକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର, ସହ ସମ୍ପାଦକ ସନାତନ ଠାକୁର, ସମ୍ପାଦନା ମଣ୍ଡଳୀର ସଦସ୍ୟ ଡ. ସୁଷମା ମଞ୍ଜରୀ ନାୟକ, ଭାଗୀରଥି ମିଶ୍ର, ସନ୍ଦୀପ କୁଅଁର, ରଘୁନାଥ ବାବୁ, ବୀରେନ୍ଦ୍ର ଝାଙ୍କର, ଜୟ ଆଚାର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ବ୍ଲକସ୍ତରୀୟ ମିଶନଶକ୍ତି କର୍ମୀ ସାମ୍ମୁଖ୍ୟ ତରଫରୁ ବିଡିଓଙ୍କୁ ଦାବିପତ୍ର



**ଦେଓଗାଁ, ୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ସୋମବାର ଅପରାହ୍ନରେ ବ୍ଲକସ୍ତରୀୟ ମିଶନଶକ୍ତି କର୍ମୀ ସାମ୍ମୁଖ୍ୟ ତରଫରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକସ୍ତରୀୟ ଜିପିଏଲଏଫ ମିଶନଶକ୍ତି କର୍ମୀ ସଙ୍ଘ ସଭାନେତ୍ରୀ ତପସ୍ୱିନୀ ସାହୁଙ୍କ ନେତୃତ୍ୱରେ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟରେ ବ୍ଲକର ସମସ୍ତ ୨୬ ପଞ୍ଚାୟତର କାର୍ଯ୍ୟରତ ଏମବିକେ, ସିଆରପିମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ସରକାରୀ ପ୍ରାପ୍ୟ ହିସାବରେ ଦିଆଯାଉଥିବା ପର୍‌ଫର୍‌ମାନ୍ସ ଇନ୍‌ସେନ୍‌ଟିଭ୍‌କୁ ପରିବର୍ତ୍ତନ କରାଯାଇ ଫିକ୍ସଡ ଦରମା ପ୍ରଦାନ କରାଯିବା ଉପରେ ଆଲୋଚନା କରିଥିଲେ। ପରେ ସମସ୍ତେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଦାବି ଉପସ୍ଥାପନ କରିଥିଲେ। ଏ ନେଇ ରାଜ୍ୟ ସରକାର ତଥା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରୀୟରଞ୍ଜନ କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## 'ଭାରତ କୋ ଜାନୋ' ଏବଂ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା

**ବଲାଙ୍ଗିର, ୮।୯ (ସମିସ):** ବଲାଙ୍ଗିର ମହିଳା ମହାବିଦ୍ୟାଳୟରେ ଭାରତ ବିକାଶ ପରିଷଦ, ବଲାଙ୍ଗିର ଶାଖା ଆନୁକୂଲ୍ୟରେ 'ଭାରତ କୋ ଜାନୋ' ଏବଂ 'ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଶାଖା ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୀନା କୁମାରୀ ବେହେରା, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା, ପ୍ରଦେଶ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ପ୍ରଦେଶ ସଂସ୍କାର ସଚିବ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରଦେଶ ଉପ ସଭାପତି ମହେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ବଲାଙ୍ଗିର ଶାଖା ପରିଷଦର ସଂସ୍କାର ସଚିବ ଅଜିତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଭାରତ କୋ ଜାନୋ' ପ୍ରଶ୍ନମଞ୍ଚର ବରିଷ୍ଠ ବର୍ଗରେ ୩୯ ଟି ଶିକ୍ଷାନୁଷ୍ଠାନ, କନିଷ୍ଠ ବର୍ଗରେ ୩୧ଟି ଶିକ୍ଷାନୁଷ୍ଠାନ ଏବଂ 'ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା'ରେ ୧୪ଟି ଶିକ୍ଷାନୁଷ୍ଠାନରୁ ମୋଟ ୨୧୮ ଜଣ ପ୍ରତିଭାଗି ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ପ୍ରଶ୍ନମଞ୍ଚରେ ପି.ଆର୍. ହାଇସ୍କୁଲ, କିସ୍ ବିଦ୍ୟାଳୟ, ରୋଶନି ପବ୍ଲିକ ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥଲେ। ବରିଷ୍ଠ ବର୍ଗ ପ୍ରଶ୍ନମଞ୍ଚରେ ମହିଳା ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା, ଲିଟିଲ ଫ୍ଲାୱାର ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ସେହିପରି ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା, +୨ ମହାବିଦ୍ୟାଳୟ କୁସଙ୍ଗ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଦମପଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ପରିଷଦର ବଲାଙ୍ଗିର ଶାଖା ସମ୍ପାଦକ ମାନସ ରଞ୍ଜନ ବହିଦାର ଧନ୍ୟବାଦ ଜଣାଇଛନ୍ତି।

## ସେଞ୍ଚୁରିଆନରେ ଚକ୍ଷୁ ପରୀକ୍ଷା ଶିବିର

**ବଲାଙ୍ଗିର, ୮।୯ (ସମିସ):** ବଲାଙ୍ଗିର ସେଞ୍ଚୁରିଆନ ବିଦ୍ୟାଳୟ ପରିସରରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ତ୍ରିଲୋଚନ ନେତ୍ରାଳୟ ଓ ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ୩ ଦିନିଆ ବାର୍ଷିକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ସୌରଭ ସ୍ୱର୍ଣ୍ଣକାର ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀଙ୍କର ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଆଇଟିଏମର ଅଧ୍ୟକ୍ଷ ଡ. ଅନଙ୍ଗ ଉଦୟ ନାୟକ, ଉପାଧ୍ୟକ୍ଷା ଡ. ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ସେଞ୍ଚୁରିଆନ ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ଡ. ପୁଣ୍ୟତୋୟା ବିଶ୍ୱାଳ, ନର୍ସିଂ ବିଭାଗର ଅଧ୍ୟକ୍ଷା ଡ. ରୋଜଲିନ ଷ୍ଟିଫେନ, ଫାର୍ମାସୀ ବିଭାଗର ଅଧ୍ୟକ୍ଷ ଡ. ସନ୍ତୋଷ ରଞ୍ଜିତ ପ୍ରମୁଖ ଉପସ୍ଥିତ ଥିଲେ।




## କୁଲୁତା ସମାଜର ନୂଆଁଖାଇ ଭେଟଘାଟ



**ବଲାଙ୍ଗିର, ୮।୯ (ସମିସ):** ବଲାଙ୍ଗିର କାମାକ୍ଷୀନଗର ରାମଚଣ୍ଡୀ ସେବା ସଦନରେ ବଲାଙ୍ଗିର କୁଲୁତା ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଶଙ୍କର୍ଷଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ ପଧାନ, ସମ୍ମାନିତ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତ୍ୟା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ସମାଜର ସମ୍ପାଦକ ଶାନ୍ତନୁ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମାରୋହରେ ସମାଜର ମହାନ ବ୍ୟକ୍ତି, ପ୍ରଶାସନିକ ସେବାରେ କୃତିତ୍ୱ ହାସଲକାରୀ, ଦଶମ, ଦ୍ୱାଦଶ ଶ୍ରେଣୀରେ ୮୦% ରୁ ଅଧିକ ମାକ ରଖିଥିବା ଛାତ୍ରଛାତ୍ରୀ ଏବଂ ବିଗତ ବର୍ଷରେ ରକ୍ତଦାନ କରିଥିବା ଭାଇ ଭଉଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁ ସାହୁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା ରାହାସ ବିହାରୀ ମାଝି, ଉପସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ସଙ୍ଗୀତା ମାଝି, ରାମଚନ୍ଦ୍ର ଭୋଇ, ଜିତେନ୍ଦ୍ର ଭୋଇ, ସୁନିଲ ମାଝି, ସୁଧୀର ଭୋଇ ଏବଂ ଯୁବ ସାମ୍ମୁଖ୍ୟର ସୁଦର୍ଶନ ସାହୁ, ସଞ୍ଜୀବ ସାମଲ, ଅବନିକାନ୍ତ ପଧାନ, ସରୋଜ ଭୋଇ, ଶିବାନୀ ବିଶ୍ୱାଳ, ରବୀନ୍ଦ୍ର ପଧାନ, ଲକ୍ଷ୍ମଣ ବିଶ୍ୱାଳ, ରୋହିମ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋନ୍ସ୍ତରୀୟ ହ୍ୟାଣ୍ଡବଲ୍ ଚୟନ ଶିବିର



**ଖପ୍ରାଖୋଲ, ୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ହ୍ୟାଣ୍ଡବଲ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ନବରତ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପ୍ର ବିଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବଂଶୀଧର ବେହେରା, ମନ ଭୋଇ, ରଜତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତେଲେନପାଲି ଜୋନର ୬ଟି ବିଦ୍ୟାଳୟର ୬୯ ଜଣ ଛାତ୍ରଛାତ୍ରୀ ଚୟନ ଶିବିରରେ ଯୋଗ ଦେଇଥିଲେ। ୧୦ ଜଣ ବାଳକ ଓ ୧୦ ଜଣ ବାଳିକା ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। କ୍ରୀଡା ଶିକ୍ଷକ ପ୍ରମୋଦ ବାଗ ସଭା ପରିଚାଳନା କରିଥଲେ। ଡୋଲାମଣି ପଧାନ, ଫାଲଗୁନି ବାରିକ, ପୁନମ ଚାନ୍ଦ ମାଝୀ, ରୋଜି ମଲ୍ଲିକ, ତରୁଣ ନାଏକ, ରାଜେନ୍ଦ୍ର ସାହୁ, କ୍ଷିରସିନ୍ଧୁ ବେହେରା, ନବୀନ ମାଝୀ, ମନୋଜ ଭୋଇ, ଗୋଲାପ ବିଶି, ଚୁଡାମଣି ପଟେଲ, କୁମନ୍ଦଚନ୍ଦ୍ର ଠାକୁର, ପରମାନନ ମେହେର, ଯଗୁନୁ ମାଝୀ, ଦେବାର୍ଚ୍ଚନ ମାଝୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଡମିଣ୍ଟନରେ ପୁଣି ଚମକିଲେ ବଲାଙ୍ଗିର ଖେଳାଳି

**ବଲାଙ୍ଗିର, ୮।୯ (ସମିସ)**

ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ମିନି ସବ୍‌ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବଲାଙ୍ଗିର ଖେଳାଳି ଅର୍ଣ୍ଣବ ସାହୁ ପୁଣି ଥରେ ଚାମ୍ପିଅନ ହୋଇଛନ୍ତି। ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା ତରଫରୁ ୮ ଜଣ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ୯ ବର୍ଷ ବୟସ ବର୍ଗରେ ବଲାଙ୍ଗିର ଖେଳାଳି ଅର୍ଣ୍ଣବ ନିଜ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀହାନ ପଟ୍ଟନାୟକଙ୍କୁ ୨୧/୫, ୨୧/୧୨ ସିଧାସଳଖ ଦୁଇଟି ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

୨ମାସତଳେଅନୁଷ୍ଠିତପ୍ରତିଯୋଗିତାରେ ମଧ୍ୟ ସେ ରାଜ୍ୟ ଚାମ୍ପିଅନ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଜି. ଗୌତମ, ଆଦ୍ୱୈତ ବଳରାଜ କର ନିଜ ନିଜ ବିଭାଗରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗିର ଖେଳାଳି ସାଇ ଆୟୁଷ, ଶ୍ରୀହାଂଶ ପତି, ଅରୁଜ ମହାଣା, ସାଇ ଶଙ୍କର ପାଢ଼ୀ, ସମର୍ଥ ପାଢି ମଧ୍ୟ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିଲେ।




ଠିକ୍ ସେହିପରି ବଲାଙ୍ଗିର ଖେଳାଳି ଜୟଶ ଅଗ୍ରୱାଲ ଝାରଖଣ୍ଡର ଜାମସେଦପୁରରେ ଆୟୋଜିତ ହୋଇଥିବା ଇଷ୍ଟ ଜୋନ ବ୍ୟାଡମିଣ୍ଟନ ଚାମ୍ପିୟାନସିପ୍‌ରେ ଜୁନିୟର ବର୍ଗରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ମିକ୍ସ ଡବଲ୍ସରେ ନିଜର ସାଥୀ ସ୍ୱିଟିପ୍ରିୟା ପ୍ରଧାନଙ୍କ ସହ ଫାଇନାଲରେ ଉତ୍ତରାଖଣ୍ଡ ଖେଳାଳି ଗର୍ବ ସାହାଣି ଓ ଅନ୍ୟା ବିସ୍ତଙ୍କୁ ହରାଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ବଲାଙ୍ଗିରରେ ବ୍ୟାଡମିଣ୍ଟନ ଖେଳ ଶୀର୍ଷରେ ଥିବା ବେଳେ ଏହି ଉଭୟ ଖେଳାଳିଙ୍କ ସଫଳତା ନିଶ୍ଚିତ ଭାବରେ ଅନ୍ୟ ଖେଳାଳିଙ୍କୁ ଉତ୍ସାହିତ କରିବ ବୋଲି ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସାଧାରଣ ସମ୍ପାଦକ ସୁରୁଲାଲ ମଟାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରତିଯୋଗିତାରେ ବଲାଙ୍ଗିର ଦଳ ତଥା ଏହି ଉଭୟ ଖେଳାଳିଙ୍କ ସଫଳତା ପାଇଁ ସଂଘ ସଭାପତି ଗୋପାଳ ପଣ୍ଡା, ଉପ-ସଭାପତି ଘନଶ୍ୟାମ ମିଶ୍ର, ପବିତ୍ର ବେହେରା, ମାନସ ମହାନ୍ତି, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**୯ ବର୍ଷ ବର୍ଗରେ ରାଜ୍ୟ ଚାମ୍ପିୟନ ହେଲେ ଅର୍ଣ୍ଣବ ସାହୁ**

**ଇଷ୍ଟ ଜୋନ୍ ଚାମ୍ପିୟନ ହେଲେ ଜୟଶ ଅଗ୍ରୱାଲ**

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା

## ପୁଲିସର ହସ୍ତକ୍ଷେପ ପରେ ଆଂଶିକ ସମାଧାନ ସୂଚନା

ହାଟଡ଼ିହୀ,୮।୯(ସମିସ)





ହାଟଡ଼ିହୀ ବ୍ଲକ୍ ତଥା ଆନନ୍ଦପୁର ଥାନା ଅଧୀନସ୍ଥ ଆମ୍ବଗଡ଼ିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୋମବାର ସକାଳ ପ୍ରାୟ ୮ଟା ସମୟରେ ଗୋଟିଏ ଚାଉଳ ବୋଝେଇ ଟ୍ରକ୍ ଛେନାପଦି ଛକରେ ଥିବା ଜିମ୍ ସେଣ୍ଟରର ପ୍ରଶିକ୍ଷକ ସୁରଜ କୁମାର ବିଶ୍ୱାଳ(୨୬)ଙ୍କୁ ଖୁବ୍ ଜୋରରେ ଧକ୍କାଦେଇ ରାସ୍ତାତଳକୁ ଓଲଟି ପଡ଼ିଥିଲା। ଟ୍ରକ ଚାଳକ ଫେରାର ହୋଇଯାଇଥିବା ବେଳେ ବାଇକ୍‌ଆରୋହୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଟଡ଼ିହୀ ଦମକଳ ଗାଡ଼ି ଯୋଗେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସୁରଜଙ୍କ ଘର ଘସିପୁରା ଥାନା ଶୈଳଙ୍ଗ ଗାଁରେ ହୋଇଥିବା ବେଳେ ସେ ତାଙ୍କ ବାପା-ମାଆଙ୍କର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ସଡ଼କ ଦୁର୍ଘଟଣାରେ ସୁରଜଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ବୁଝାସୁଝା କରିଥିଲେ ସୁଦ୍ଧା ଏହାର ସମାଧାନ ନହେବାରୁ ଉକ୍ତ ଜିମ୍ ସେଣ୍ଟରର ପିଲାମାନେ କ୍ଷତିପୂରଣ ଦାବିନେଇ ଘଟଣାସ୍ଥଳରେ ଭଦ୍ରକ-ଆନନ୍ଦପୁରର ୫୩ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଦାବି ପୂରଣ ତ ଦୂରର କଥା ଦୁର୍ଘଟଣା ଘଟାଇଥିବା ଟ୍ରକ ମାଲିକ ସେଠାକୁ ନିଜେ ଆସିଲେ ନାହିଁ କି ତାଙ୍କର କୌଣସି ବ୍ୟକ୍ତିଙ୍କୁ ମଧ୍ୟ ପଠାଇଲେ ନାହିଁ। ଯାହାଫଳରେ ଆନନ୍ଦପୁର ଆଇଆଇସି ଫନିନ୍ଦ୍ର ଭୂଷଣ ନାଏକଙ୍କ ସହ ଘସିପୁରା ଆଇଆଇସି ମାନସ କୁମାର ବାରିକ, ନନ୍ଦିପଦା ଆଇଆଇସି ରବିନ୍ଦ୍ର କୁମାର ପାତ୍ର, ଏସଆଇ ଅନୁପ କର, ଜନ୍ ପଟ୍ଟନାୟକ, ବଳିଆ ବାରିକ ପ୍ରମୁଖଙ୍କ ସହ ପୁଲିସ ଫୋର୍ସ ମୁତୟନ ହୋଇ ରାସ୍ତା ଅବରୋଧକୁ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ। କ୍ଷତିପୂରଣ ବାବଦରେ ଆଲୋଚନା ନେଇ ପୁଲିସ ଉକ୍ତ ଯୁବକଙ୍କୁ ଡକାଇଥିଲେ। ଖବର ଲେଖାଯିବା ଯାଏ ଏହାର ସମାଧାନ ସୂଚନା ମିଳିପାରି ନାହିଁ।

# ବସ୍ ଧକ୍କାରେ ଛାତ୍ର ଗୁରୁତର



କେନ୍ଦୁଝର,୮।୯(ସମିସ): କେନ୍ଦୁଝର ସହର ଉପକଣ୍ଠ ବେବର୍ତ୍ତାପୋଷି ସ୍କୁଲ ନିକଟରେ ବସ୍ ଧକ୍କାରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ନେଲୁଙ୍ଗ ପଞ୍ଚାୟତ ମଥୁରା ମଣ୍ଡଳୀ ଗ୍ରାମର ସ୍ୱର୍ଗତଃ କେଦାର ମୁଣ୍ଡାଙ୍କ ପୁଅ କୁଞ୍ଜନ୍ ମୁଣ୍ଡା ସନ୍ତୋଷୀ ମା' ରିଜିଓ ନାଲ ବିଦ୍ୟାଳୟର ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଆଜି ପ୍ରତ୍ୟେକ ଦିନ ପରି ସାଇକଲରେ ସେ ବିଦ୍ୟାଳୟ ଆସୁଥିଲେ। ବେବର୍ତ୍ତାପୋଷିରେ ଥିବା ଅନେଶ୍ୱା ହଷ୍ଟେଲ ସମ୍ମୁଖରେ ଯୋଶଦା ନାମକ ଏକ ଘୋରଇ ବସ୍ ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ବସ ଡ୍ରାଇଭର ତୁରନ୍ତ ଗୁରୁତର ଛାତ୍ରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# କଣ୍ଢେଇ ଆଣିବାକୁ ଯାଇ ଗଡ଼ିଆରେ ବୁଡ଼ି ଶିଶୁ ମୃତ

ତୁରୁମୁଙ୍ଗା,୮।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ଘୁଣ୍ଟିବେଡା ଗ୍ରାମରେ ଗଡ଼ିଆରେ ବୁଡି ଜଣେ ଶିଶୁପୁତ୍ର(୨)ର ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଥାନା ଘୋଡା ଘାଗୁରି ଗ୍ରାମର ନନ୍ଦକିଶୋର ମହାନ୍ତ ପୁଅ କୃଷ୍ଣ କୁମାର ମହାନ୍ତ। ଶିଶୁ ପୁତ୍ରଟି ମାଆଙ୍କ ସହ ଘୁଣ୍ଟିବେଡା ଗ୍ରାମର ମାମୁଁ ଘର କେଶବ ମହାନ୍ତଙ୍କ ଘରେ ରହୁଥିବା ବେଳେ ସୋମବାର ସକାଳେ ଶିଶୁପୁତ୍ରଟି ଘର ଅଗଣାରେ କଣ୍ଢେଇ ଧରି ଖେଳୁଖେଳୁ ପାଖରେ ଥିବା ଗଡ଼ିଆ ଭିତରେ ପଡ଼ି ବୁଡି ଯାଇଥିଲା। ଶିଶୁପୁତ୍ରର ଆଇ ଦେଖି ତୁରନ୍ତ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ସାହାରପଡା ଫାଣ୍ଡି ପୁଲିସ କରଞ୍ଜିଆ ମେଡିକାଲରେ ଶବକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୨୪/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର,୮।୯(ସମିସ): ପବିତ୍ର ଭାଗବତ ଜନ୍ମ ଇନ୍ଦୁ ପୂର୍ଣ୍ଣିମା ଅବସରରେ ଲୁଣହାର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଆଚାର୍ଯ୍ୟ ଶ୍ରୀଧର ପାଢୀ ବୈଦିକ ରିତୀନିତୀ ଅନୁସାରେ ପୂଜାର୍ଚ୍ଚନା କରିବା ପରେ ପବିତ୍ର ବଟବୃକ୍ଷ ମୂଳରୁ ମାଟି ଅନୁକୂଳ କରାଯାଇଛି। କର୍ତ୍ତା ଭାବେ ପିତାମ୍ବର ନାୟକ, ପ୍ରଣବ କୁମାର ନାୟକ, ସୁଶାନ୍ତ ପାତ୍ର, ପର୍ଶୁରାମ ନାୟକ, ମନୋରଞ୍ଜନ ନାୟକ, ରବୀନ୍ଦ୍ର ସାମଲ, ଦୋଳଗୋବିନ୍ଦ ନାୟକ, କେଶବ ସ୍ୱାଇଁ, ଆନନ୍ଦ ବେହେରା, ସନ୍ତୋଷ ନାୟକ ପ୍ରମୁଖ ଅନେକ ଶ୍ରଦ୍ଧାଳୁ ନିଷ୍ଠାର ସହ ବ୍ରତ ରଖି ପବିତ୍ର ମାଟିକୁ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଘଣ୍ଟ ଧ୍ୱନୀରେ ପାଛୋଟି ଆଣି ଲକ୍ଷ୍ମୀମଣ୍ଡପରେ ସ୍ଥାପନ କରିଛନ୍ତି। ଇନ୍ଦୁ ପୂର୍ଣ୍ଣମୀଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ମାସେବ୍ୟାପି ପୂଜାମଣ୍ଡପରେ ପ୍ରତ୍ୟହ ପୂଜାର୍ଚ୍ଚନା ଚାଲିବ ବୋଲି ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି।

# ବିରିଡିହାରେ ଗଜଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ



ଆନନ୍ଦପୁର,୮।୯(ସମିସ): ଇନ୍ଦୁ ପୂର୍ଣ୍ଣିମା ତଥା ଭାଗବତ ଜନ୍ମ ଅବସରରେ ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରେ ମା' ଲକ୍ଷ୍ମୀ କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ପୂଜା କମିଟିର ସଦସ୍ୟ ଉଦୟନାଥ ସାହୁ ନିଷ୍ଠାପର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆଚାର୍ଯ୍ୟ ହେମନ୍ତ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରି ବିରିଡିହା ଗ୍ରାମର ଗ୍ରାମାଦେବୀ ପୀଠରୁ ମାଟି ଅନୁକୂଳ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ଶଙ୍ଖ ହୁଳହୁଳି ବାଜା ବଜାଇ ପବିତ୍ର ମାଟିକୁ ଆବାହାନ କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକମିଟି ସଂଯୋଜକ ଭାବଗ୍ରାହୀ ବେହେରା, ବିଷ୍ଣୁଚରଣ ସାହୁ, ମଣିଭଦ୍ର ସାହୁ, ବୈଷ୍ଣମ୍ବ ସାହୁ, ଭଗବାନ ବେହେରା, ବଳରାମ ମୁଦୁଲି, ନବକିଶୋର ବେହେରା, ଯୁଝିଷ୍ଠିର ବେହେରା, ସୁଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ମୁରଲୀ ରଣା, ମନୋଜ କୁମାର ସାହୁ, ବଟକୃଷ୍ଣ ସାହୁ, ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ମା' ଲକ୍ଷ୍ମୀଙ୍କ ମାଟି ଅନୁକୂଳ କାର୍ଯ୍ୟରେ ସାମିଲ ହୋଇଥିଲେ।

# ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି କଲେ ଯୁବକ ଗୋଷ୍ଠୀ



ରାମଚନ୍ଦ୍ରପୁର,୮।୯(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ବିଲାବନ୍ଧ ଗ୍ରାମରେ ଦୀର୍ଘ ଦିନ ହେବ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡ଼ିଥିଲା। ଏଥିନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ମରାମତି ଦିଗରେ କେହି କର୍ଣ୍ଣପାତ କରିନଥିଲେ। ଫଳରେ ସ୍ଥାନୀୟ ନିଉ ଜେନେରେଶନ ୟୁଥ୍ କ୍ଲବ୍‌ର ସଭାପତି ଆଶୁତୋଷ ମାଝୀଙ୍କ ସମେତ ଗାଁର ଅନେକ ଯୁବଗୋଷ୍ଠୀ ମିଶି ଷ୍ଟ୍ରିଟ ଲାଇଟ ମରାମତି କରିବା ସହ କେତେକ ସ୍ଥାନରେ ନୂଆ ଲାଇଟ ଲଗାଇ ଦେଇଥିଲେ। ବର୍ଷା ଦିନେ ରାସ୍ତାକଡରେ ଅନାବନା ଗଛଲତା ବୃଦ୍ଧି ପାଇବା ସହ ଅନ୍ଧାର ସୁଯୋଗରେ ମାରାତ୍ମକ ସରୀସୃପ ତଥା ବନ୍ୟଜନ୍ତୁଙ୍କ ଭୟ ଅଧିକ ଥିବାରୁ ଛକ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ନିହାତି ଆବଶ୍ୟକ ଥିଲା ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

# ଦେଓଗାଁରେ ଘୂରିବୁଲୁଛନ୍ତି ହାତୀପଲ



## ଟମକା ଜଙ୍ଗଲମୁହାଁ ପାଇଁ ବନବିଭାଗ ସଜାଗ

ଆନନ୍ଦପୁର/ବେଲବାହାଳି/ରାମଚନ୍ଦ୍ରପୁର,୮।୯(ସମିସ): ଦୁଇ ଦନ୍ତା ହାତୀ ପାଇଁ ନାକେଦମ୍ ହେଲାଣୀ ବନ ବିଭାଗ। ଟମକା ଜଙ୍ଗଲରୁ ଗତ ରବିବାର ବିଳମ୍ବିତ ରାତିରେ ଖସିଆସିଥିବା ଦୁଇଟି ହାତୀ ସ୍ଥାନୀୟ ଦେଓଗାଁ ଅଞ୍ଚଳରେ ଘୁରିବୁଲୁଥିବାରୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। କୁଶେଇ ନଦୀର କୂଳେ କୂଳେ ବୁଲୁଥିବା ଏହି ଦୁଇ ଦନ୍ତାହାତୀ ଅପରାହ୍ଣରେ ସ୍ଥାନୀୟ ଦୀପପାଳ ଗ୍ରାମ ନିକଟରେ ଥିବା ଜଣାପଡ଼ିଛି। ଜଙ୍ଗଲ ବିଭାଗର ଉଦ୍ୟମରେ ଏବେ ହାତୀ ଟମକା ଜଙ୍ଗଲ ଆଡ଼କୁ ମୁହାଁଇଥିବା ଜଣାପଡ଼ିଛି। ତେବେ ଆନନ୍ଦପୁର, ଦେଓଗାଁ ଓ ବ୍ରାହ୍ମଣିପାଳ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀକୁ ପିଛା କରୁଥିବା ଜଣାପଡ଼ିଛି। ଟମକା ଜଙ୍ଗଲରୁ ହାତୀପଲ ଖସିଆସି ବ୍ରାହ୍ମଣୀପାଳଦେଇ ଆନନ୍ଦପୁରର ଦେଓଗାଁରେ ପହଞ୍ଚି ଥିଲେ। ଖବରପାଇ ଆନନ୍ଦପୁର ଜଙ୍ଗଲ ବିଭାଗ ଡିଭିଜନର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ହାତୀକୁ ସୁରକ୍ଷିତ ଭାବରେ ଟମକା ଜଙ୍ଗଲରେ ଛାଡ଼ିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସେପଟେ ହାତୀ ଦୁଇଟି ଯାକ ଦିନତମାମ୍ ଏଗାଁରୁ ସେଗାଁ ବୁଲିଥିଲେ ସୁଦ୍ଧା ଅଦ୍ୟାବଧି ସେପରୀ ଆଖିଦୃଶିଆ କ୍ଷୟକ୍ଷତି କିମ୍ବା ଧନଜୀବନହାନୀ ହୋଇନଥିବା ସୂଚନା ମିଳିଛି।

# ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର



ଆନନ୍ଦପୁର,୮।୯(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ପୁଲିସ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର କେନ୍ଦୁଝର ଜୋନାଲ କମିଟି ମୁଖ୍ୟ କଲ୍ୟାଣ ବାସ୍କେଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ କେତେକ ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ଆସି ଏସଡିପିଓଙ୍କ ସହିତ ସାକ୍ଷାତ ଏବଂ ଆଲୋଚନା କରିବା ସହିତ ମାଝୀ ପାର୍ଗନା ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଦାବି ଜଣାଇଥିଲେ। ଶାନ୍ତ ଓ ସରଳ ଆଦିବାସୀମାନେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ରହିବାକୁ ଚାହୁଁଥିବା ବେଳେ ସେମାନଙ୍କ ଉପରେ ପୂର୍ବ ପ୍ରଚଳିତ ପ୍ରଥାକୁ ଲଦି ଦିଆଯାଇ ହଇରାଣ ହରକତ କରାଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକୃତିର ପୂଜକ ଆଦିବାସୀମାନଙ୍କୁ ସାରନା ଧର୍ମ କୋଲମ କୋର୍ଡ ପ୍ରଦାନ କରିବା ଏବଂ ଝାଡ଼ଖଣ୍ଡ ରାଜ୍ୟକୁ ଆଦିବାସୀ ରୂପେ ଘୋଷଣା କରି ଆଦିବାସୀମାନଙ୍କ ସ୍ଥିତି ଜାହିର କରିବା ଦାବି ସମ୍ପର୍କରେ ବହୁବାର ଉପସ୍ଥାପନ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏଦିଗରେ କୌଣସି ବିଧବଦ୍ଧ ପଦକ୍ଷେପ ଗ୍ରହଣ କରୁନଥିବାରୁ ସଂଗଠନର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହିପ୍ରତିନିଧି ଦଳରେ ଚନ୍ଦ୍ରମଣି ସୋରେନ, ବଳରାମ ଟୁଡୁ, ଦାସ ସୋରେନ, ରବୀନ୍ଦ୍ର ସୋରେନ, ଦଶମତ ଟୁଡୁ ଓ ଗୋବିନ୍ଦ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

● ଅଲ୍ ଓଡ଼ିଶା ଟ୍ରକ୍ ମାଲିକ ସଂଘର ନିର୍ବାଚନ

# ସୁଶାନ୍ତ କୁମାର ବାରିକ ନର୍ଥଜୋନ୍ ସାଧାରଣ ସମ୍ପାଦକ



ଯୋଡ଼ା,୮।୯(ସମିସ): ଅଲ୍ ଓଡିଶା ଟ୍ରକ୍ ମାଲିକ ସଂଘ ଫେଡେରେସନ ପକ୍ଷରୁ ବ୍ରହ୍ମପୁର ଟ୍ରକ୍ ମାଲିକ ସଂଘଠାରେ ଚଳିତ ବର୍ଷ ନିର୍ବାଚନ ସମାପ୍ତ ହୋଇ ଫଳାଫଳ ଘୋଷଣା ହୋଇଛି। ପ୍ରଥମ ଥର ପାଇଁ ଖଣିଖାଦାନର ଜିଲ୍ଲା କେନ୍ଦୁଝରରୁ ରାଜ୍ୟ ଟ୍ରକ ମାଲିକ ସଂଘ ଫେଡେରେସନରେ ଅଂଶଗ୍ରହଣ କରି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଜିଲ୍ଲା ଟ୍ରକ୍ ମାଲିକ ଓ ମାଲିକ ସଂଘଗୁଡ଼ିକରେ ଖୁସି ତଥା ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ରାଜ୍ୟ ଟ୍ରକ ମାଲିକ ସଂଘ ଫେଡେରେସନ ନିର୍ବାଚନରେ ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ନର୍ଥଜୋନ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟା ବ୍ରହ୍ମପୁରଠାରେ ଥିବା ଟ୍ରକ ମାଲିକ ସଂଘରେ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପରି ଅନ୍ୟ ସମସ୍ତ ପଦପଦବୀ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ସାମ୍ବିଧାନିକ ଭାବେ ସମାପ୍ତ ହେବାସହ ଫଳାଫଳ ଘୋଷଣା ହୋଇଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରୁ ଶ୍ରୀ ବାରିକ ନିର୍ବାଚନ ଲଢ଼ି ବିଜୟ ଘୋଷଣା ପ୍ରଚାର ହେବା ପରେ ତାଙ୍କୁ ଗାଡି ମାଲିକ ଓ ଗାଡ଼ିମାଲିକ ସଂଘ ପକ୍ଷରୁରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି। ପ୍ରଥମ ଥର ଜିଲ୍ଲାରୁ ଯାଇ ରାଜ୍ୟ ସଂଘରେ ଏକ ମଜଭୁତ ପଦବୀରେ ଅବସ୍ଥାନ କରିବାନେଇ ଜିଲ୍ଲା ଟ୍ରକ ମାଲିକମାନଙ୍କ ମଧ୍ୟରେ ନୂଆ ଆଶା ଓ ଉଦ୍ଦିପନା ଦେଖିବାକୁ ମିଳିଛି। ନିର୍ବାଚନ ପ୍ରକ୍ରିୟା ଓ ଫଳାଫଳ ଘୋଷଣା ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ନବ ନିର୍ବାଚିତ ସାଧାରଣ ସମ୍ପାଦକ (ନର୍ଥ ଜୋନ) ସୁଶାନ୍ତ କୁମାର ବାରିକ ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇ ସଠିକ ଭାବେ ପରିଚାଳନା କରିଥିବା ହେତୁ ଗଞ୍ଜାମ ଟ୍ରକ ସଂଘର ସମସ୍ତ ସଭାପତି ପ୍ରମୋଦ ରଥ ଓ ସମ୍ପାଦକ ରଂଜିତ ପଣ୍ଡା ଶ୍ରୀ ବାରିକଙ୍କ ପ୍ରଶଂସା କରିଥିବା ଜଣାପଡ଼ିଛି।

# ପାର୍କିଂସ୍ଥଳରେ ଅଗ୍ନିକାଣ୍ଡ ଘଟି ଜଳିଗଲା ଟ୍ରକ୍



ଯୋଡ଼ା,୮।୯(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ କାଟାମାଟି ଖଣିର ପାର୍କିଂସ୍ଥଳରେ ଏକ ଟ୍ରକ୍‌ରେ ନିଆଁ ଲାଗିଯିବାରୁ ଚାଳକ ଓ ସହାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ସୋମବାର ଦିନ ଟ୍ରକ୍ ଭିତରେ ଚାଳକ ଓ ସହାୟକ ରୋଷେଇ କରୁଥିବା ସମୟର ଅସାବଧାନ ଯୋଗୁଁ ଗାଡ଼ିରେ ନିଆଁ ଲାଗିଥିଲା। ଗାଡ଼ିଟି ହୁତହୁତ ହୋଇ ଜଳିବା ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଲିଜ୍‌ଧାରୀଙ୍କ ଅଜାଣତରେ..........

# କୁଶେଇ ନଦୀରୁ ବାଲିଚାଲାଣ

ଆନନ୍ଦପୁର,୮।୯(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରାଚାଲାଣ ଚରମସୀମାରେ ପହଞ୍ଚିଛି। ଲଘୁଖଣିଜ ବିଭାଗର ଅପାରଗତା ଯୋଗୁଁ ରାତିରେ ଟ୍ରାକ୍ଟର ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏପରିକି ଲିଜ୍‌ଧାରୀଙ୍କ ଅଜାଣତରେ କୁସେଇ ନଦୀ ବାଲିଘାଟରୁ ବାଲି ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ମୌସୁମୀ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୫ରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଇଛି। ହେଲେ ଆନନ୍ଦପୁର ଉପଖଣ୍ଡରେ କୌଣସି କଟକଣାକୁ ଖାତିର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା ହେଲା, ଲିଜ୍‌ଧାରୀଙ୍କ ଦ୍ୱାରା ଘାଟ ବନ୍ଦ କରାଯାଇଥିବା ବେଳେ କେତେକ ବ୍ୟକ୍ତି ସ୍ଥାନୀୟ ଲୋକେ ଦେଓଗାଁ ଘାଟରୁ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଉତ୍ତୋଳନ ବନ୍ଦ କରାଯାଇଥିବା ବେଳେ ରାତିରେ କିଏ ଘାଟରୁ ବାଲି ଉଠାଉଛି ଖଣିବିଭାଗ କର୍ତ୍ତୃପକ୍ଷ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରିଥିବା କହିଛନ୍ତି। କାହା ଛତ୍ରଛାୟା ତଳେ ରହି ଏଭଳି ବେଆଇନ କାମ ହେଉଛି ବୋଲି ବୁଦ୍ଧିଜୀବୀମହଲରେ ପ୍ରଶ୍ନହୋଇଛି।

# ଲଗାଣ ବର୍ଷାରେ ଭାଙ୍ଗିଗଲା ଘର

## ଆବାସ ଯୋଗାଇଦେବା ପାଇଁ ଦାବି



କେନ୍ଦୁଝର,୮।୯(ସମିସ): କେନ୍ଦୁଝର ସଦର ବ୍ଲକ୍ ଅଧୀନ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ଗଗନ ବିହାରୀ ମହାନ୍ତଙ୍କ ମାଟି ଘରଟି ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ପରିବାର ଲୋକେ ଘର ଭିତରେ ରହିବାକୁ ଭୟ କରୁଛନ୍ତି। କାନ୍ଥ ଫାଟିବା ସହିତ ପାଣିରେ ବତୁରି ବିପଦ ସଂଙ୍କୁଳ ଅବସ୍ଥାରେ ରହିଛି। ପାଣିରେ ବତୁରୀ ଚାଉଳ, ଧାନ ନଷ୍ଟ ହୋଇଯାଇଛି। ଶୋଇବା ରୋଷେଇ ବାସ ପାଇଁ ସମସ୍ୟା ହେଉଥିବାରୁ ପଡ଼ୋଶୀ ଘରେ ଜିନିଷପତ୍ର ରଖିବା ସହ ଗଗନ ଓ ସ୍ତ୍ରୀ ପୁଅ ତିନିଜଣ ଆଶ୍ରୟ ନେଇଛନ୍ତି। ଅଭିଯୋଗ ପରେ ନୂଆଗାଁ ରାଜସ୍ୱ ନୀରକ୍ଷକ ଅଧିକାରିଣୀ ଚିନ୍ମୟୀ ବେହେରା ତଦନ୍ତ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଗଗନଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗଗନ ଦାବି କରିଛନ୍ତି।

# ଉମାଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ହାଟଡ଼ିହୀ,୮।୯(ସମିସ): ହାଟଡ଼ିହୀ ବ୍ଲକ୍ ଅଣା ଗ୍ରାମର ଉମାଶଙ୍କର ମଲ୍ଲିକ ସୁନ୍ଦରଗଡ଼ ଜିଲ୍ଲା କୁଦ୍ରା ବ୍ଲକ ଅଧୀନ ତୁନମୁରାରେ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିବାବେଳେ ଚଳିତ ବର୍ଷ ୨୦୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଗତ ଶୁକ୍ରବାର ଜିଲ୍ଲାସ୍ତରୀୟ ଗୁରୁ ଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲାଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କର ଏପରି ସଫଳତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ମନଭାଙ୍ଗି ନାୟକ, ବିକାଶ ଟପୋ, ରେମୋଞ୍ଚ ତଣ୍ଡିଆ ଓ କବିରାଜ ସିଂଙ୍କ ସମେତ ହାଟଡିହୀ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ପିତାମାତା ବନ୍ଧୁବାନ୍ଧବ ମାନେ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଆନନ୍ଦପୁର ମହାବିଦ୍ୟାଳୟ

# ବିପଦ ସଂକୁଳ ଅବସ୍ଥାରେ କଳା ବିଭାଗର ଶ୍ରେଣୀଗୃହ

ଆନନ୍ଦପୁର,୮।୯(ସମିସ)




କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଛି। ହେଲେ ବିବିଧ ସମସ୍ୟା ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ମହାବିଦ୍ୟାଳୟ କଳାବିଭାଗରେ ଥିବା ଶ୍ରେଣୀଗୃହରୁ ପାଣି ଗଳୁଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଆରମ୍ଭରୁ ଥିବା ଏହି ଆଜବେଷ୍ଟ ଛପର ଶ୍ରେଣୀ ଗୃହ ଅବସ୍ଥା ଦୟନୀୟ ହୋଇପଡିଛି। କବାଟ ଝରକା ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ଶ୍ରେଣୀ ଗୃହ ବିପଦ ସଂକୁଳ ହୋଇପଡ଼ିଲାଣି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୨୩ ଶହରେ ପହଞ୍ଚିଛି। ହେଲେ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଆଶାନୁରୂପକ ଭାବେ ଅଗ୍ରଗତି ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି। ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକ୍ତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଇଛି। ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମ ନଥିବାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏନେଇ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି।

### ରାସ୍ତା ନିର୍ମାଣ ପ୍ରତି ଧ୍ୟାନ ଦେଉନି ପ୍ରଶାସନ

# ୫ ମାସ ହେଲା ଜଳବନ୍ଦୀ ୧୦ ପରିବାର

ରାଜଘାଟ, ୮।୯ (ସମିସ)





ସବୁ ଦିନିଆ ରାସ୍ତାଟିଏ ନ ଥିବାରୁ ବର୍ଷରେ ୫ ମାସ ଜଳବନ୍ଦୀ ହୋଇ ରହୁଛନ୍ତି ୧୦ ପରିବାର। ଅନେକ ଥର ଅଭିଯୋଗ ପରେବି ବଦଳୁ ନାହିଁ ସେମାନଙ୍କ ଭାଗ୍ୟ। ଏମିତି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଅଧିନସ୍ଥ ବାସୁ ଚକୁରୀ ପଞ୍ଚାୟତ ବସନ୍ତି ସାହିରେ। ଏହି ସାହିରେ ୧୦ଟି ଆଦିବାସୀ ପରିବାର ବସବାସ କରନ୍ତି। ଏହି ପରିବାର ଲୋକଙ୍କ ଯାତାୟାତ ପାଇଁ ଏଠାରେ ଜଳକା ନଦୀ ଆଡ଼ିକୁ ଲାଗି ଏକ ଚକ ରାସ୍ତା ଥିଲା। ମାତ୍ର ବାରମ୍ବାର ବନ୍ୟା ହେତୁ ଧିରେ ଧିରେ ଏହି ରାସ୍ତାଟି ନଦୀରେ ଧୋଇ ହୋଇ ଗଲା। ଯାହା ଫଳରେ ରାସ୍ତାଟିଏ ନ ଥିବାରୁ ଏହି ଲୋକ ମାନେ ଦୈନନ୍ଦିନ ଜୀବନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ ଏହି ଲୋକମାନେ ଲୋକଙ୍କ ବିଲବାଡ଼ି ଦେଇ ଯାତାୟାତ କରିଥାନ୍ତି। ମାତ୍ର ବର୍ଷାଦିନ ଏହି ଲୋକ ମାନଙ୍କ ପାଇଁ ଅଭିଶାପ ପାଲଟି ଯାଏ। ଆଉ ବନ୍ୟା ସମୟରେ ଦୁର୍ଦ୍ଦଶା କହିଲେ ନ ସରେ। ଗୋଟେ ପଟେ ଜଳକା ନଦୀ ତ ଗୋଟେ ପଟେ ଧାନ ବିଲ। ବର୍ଷା ଦିନେ ଘରୁ ବାହାରିବା ମୁସ୍କିଲ। ବର୍ଷା ଋତୁରେ ପିଲା ମାନଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହୁଏ। ୨୦ରୁ ଅଧିକ ପିଲା ବର୍ଷାଦିନେ ସ୍କୁଲ କି ଅଙ୍ଗନବାଡ଼ି ଯାଇ ପାରନ୍ତି ନାହିଁ ବୋଲି ଏହି ପରିବାର ଲୋକେ କହିଛନ୍ତି। ନଦୀ ମୁହଁକୁ ଲାଗି ଏହି ରାସ୍ତାଟି ଥିବାରୁ ୩୦୦ ମିଟର ଲମ୍ବର ଏକ କଂକ୍ରିଟ ୱାଲ କିମ୍ବା ପଥର ବନ୍ଧଟିଏ ନହେଲେ ଏଠାରେ କୌଣସି ବି ରାସ୍ତା ସ୍ଥାୟୀ ଭାବେ ରହିପାରିବ ନାହିଁ ବୋଲି ଏହି ସାହିର ଲୋକ ମାନେ କହିଛନ୍ତି। ଆଜକୁ ୧୫ ବର୍ଷ ଧରି ଏହି ଲୋକମାନେ ବିଭିନ୍ନ ନେତାଠାରୁ ଆରମ୍ଭ କରି ଡ୍ରେନେଜ୍ ଅଧିକାରୀ ମାନଙ୍କୁ ଅନେକ ଥର ନେହୁରା ହୋଇଥିଲେ ମଧ୍ୟ କୌଣସି ସୁଫଳ ପାଇ ନାହାନ୍ତି। ଏହି ସାହି ଠାରୁ ୩୦୦ ମିଟର ଦୂରରେ ପ୍ରଧାନମନ୍ତ୍ରୀ ସଡ଼କ ରହିଥିବା ବେଳେ ନଦୀବନ୍ଧ ନଥିବାରୁ ଏହି ସାହି ପର୍ଯ୍ୟନ୍ତ ତାହା ଯାଇ ପାରିନାହିଁ। ରାସ୍ତାଟିଏ ନଥିବାରୁ ଏହି ୧୦ ପରିବାର ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ଭଳି ଦେବାରୁ ବଞ୍ଚିତ ହେବା ସହିତ ଛୋଟ ଛୋଟ ପିଲା ମାନେ

**ପ୍ରଭାବିତ ହେଉଛି ପିଲାଙ୍କ ପାଠପଢ଼ା**

ଠିକ୍ ଭାବେ ଅଙ୍ଗନବାଡ଼ି ଓ ସ୍କୁଲ ଯାଇ ପାରୁ ନାହାନ୍ତି। ଏଣୁ ପ୍ରଶାସନ ଏହି ପରିବାର ପ୍ରତି ସଦୟ ହୋଇ ରାସ୍ତା ନିର୍ମାଣ ପ୍ରତିଧ୍ୟାନ ଦେବାକୁ ଲୋକେ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ଡ୍ରେନେଜ ବିଭାଗର ଯନ୍ତ୍ରୀ ହିମାଂଶୁ ମହାନ୍ତିଙ୍କୁ ପଚାରିବାରୁ ଏହି ପ୍ରକଳ୍ପର ଅନୁମୋଦନ ପାଇଁ ପଠାଯାଇଛି, ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୮।୯ (ସମିସ): ଆସନ୍ତା ଅକ୍ଟୋବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ "କଳାକାର' ପକ୍ଷରୁ ୨୬ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଆୟୋଜିତ ହେବ। ଏ ନେଇ ଚୂଡାନ୍ତ ପ୍ରସ୍ତୁତି ସରିଛି। ଇଚ୍ଛୁକ ବିଦ୍ୟାଳୟ ନାଟ୍ୟାନୁଷ୍ଠାନ ୱେବସାଇଟ୍‌ରୁ ନିୟମାବଳୀ ଡାଉନଲୋଡ଼ ସହ ଫର୍ମ ଆବେଦନ କରିପାରିବେ। ସଭାପତି ଡ. ଅମିତାଭ ଗିରିଙ୍କ ନୂଆ ବଜାରସ୍ଥିତ ବାସଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତା ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବୈଠକରେ ଡ. ଅମିତାଭ ଗିରି ଅଧ୍ୟକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଡା. ମଧୁମାଳା ଗିରି, ଅନୀଲ କୁମାର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାନ୍ତି, ବିପ୍ଳବ କୁମାର ମହାନ୍ତି, ଅଞ୍ଜନ କୁମାର ଦେ, ବିଷ୍ଣୁ ପ୍ରସାଦ ମହାନ୍ତି, ସଂଗ୍ରାମ ଦାସ, ଦିବ୍ୟଜ୍ୟୋତି ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଇଂ ଶ୍ରୀତମ କୁମାର ସିଂହ ବଜେଟ ଉପସ୍ଥାପନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ରଖିଥିଲେ। କାର୍ଯ୍ୟକାରୀ ସଭାପତି ସୌମ୍ୟ ରଞ୍ଜନ ପ୍ରଧାନ ପ୍ରାରମ୍ଭିକ ସୂଚନା ରଖିଥିବା ବେଳେ ଡା ଅସିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। 'କଳାକାର' ସଭାପତି ସୁରଞ୍ଜନ ଦାସମହାପାତ୍ର ଭିଡିଓ କଲ୍‌ରେ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୮।୯ (ସମିସ): ଅରୁଣ ଦେ ସ୍ମୃତି ପରିଷଦ ଓ ବାଲେଶ୍ୱର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ପରିଷଦର ମଲ୍ଲିକାଶପୁର କାର୍ଯ୍ୟାଳୟ ପରିସରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୫ରୁ ଅଧିକ ପୁରୁଷ, ମହିଳା ଏବଂ ଛାତ୍ରଛାତ୍ରୀ ନିଜର ଦାନ୍ତ, ଚକ୍ଷୁ ଓ ମଧୁମେହ ପରୀକ୍ଷା କରିଥିଲେ। ଆଗାମୀ ଦିନରେ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ପରିଷଦର ସାଧାରଣ ସମ୍ପାଦକ ରଞ୍ଜନ ବାଗ ପରିଚାଳନା କରିଥିଲେ। ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଅନୁସୂୟା ନାୟକ, ବିଶ୍ୱଜିତ ମହାପାତ୍ର, ଅଭିଜିତ ଦାସ, ବିନୋଦ ଜୀ, ଭୋଳାନାଥ ବେହେରା, ବୀରେନ୍ଦ୍ର ଦାସ, ସନ୍ତୋଷ ପଟ୍ଟନାୟକ, ଦେବେନ୍ଦ୍ର ଦାସ, ମଧୁସୂଦନ ବେହେରା, ଆଇନଜୀବୀ ଦୀପକ ଦାସ, କୁନ୍ଦନ ଦାସ, ଜୟନ୍ତ ମହାପାତ୍ର ଏବଂ ରୋଟାରୀ କ୍ଲବ ପକ୍ଷରୁ ସଭାପତି ରୋଟାରିଆନ ଦେବାଶିଷ ଦାସ, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ଦେବେନ୍ଦ୍ର ଧଳ, ବିଷ୍ଣୁଦାସ କୁଣ୍ଡୁ, ବିକ୍ରମଜିତ କର, ପ୍ରଶାନ୍ତ ମହାନ୍ତି, ସୁବ୍ରତ କର, ଲୋକମାତା ପରିଜା, ଗୀତାଞ୍ଜଳି ଶତପଥିଙ୍କ ସମେତ ଚିକିତ୍ସକ ଓ ଟେକ୍ନିସିଆନମାନେ ଶିବିରରେ ସହଯୋଗ କରିଥିଲେ।

## ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳନ

ବାଲେଶ୍ୱର, ୮।୯ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଷଷ୍ଠ ତମ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଏଏନଏମ ତାଲିମ୍ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲା ତାଲିମ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରିଣୀ(ଡି ସି) ସୁଚିତ୍ରା ଜଗଦେଓଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟବକ୍ତା ଡାକ୍ତର ସଞ୍ଜୀବ ପ୍ରଧାନ ସ୍ୱଚ୍ଛ ବାୟୁ ନିମନ୍ତେ ଆମେ ପ୍ରତ୍ୟେକ ବୃକ୍ଷରୋପଣ, ସର୍ବସାଧାରଣ ପରିବହନ ବ୍ୟବହାର, ଗ୍ୟାସ୍‌ରେ ରୋଷେଇ କରିବା, ସୌର ଶକ୍ତିର ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ଡାକ୍ତର ଅରୂପ ଅଭିଷେକ ପାୱାର ପଏଣ୍ଟ ମାଧ୍ୟମରେ ଅଂଶ ଗ୍ରହଣକାରୀଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଡାକ୍ତର ସୁଭାଜିତ୍ ମହାପାତ୍ର, ଡାକ୍ତର ରାଜେନ୍ଦ୍ର ସିଂ, ଅଣସଂକ୍ରାମକ ପରାମର୍ଶଦାତା ମୌସୁମୀ ସାମଲ ମତାମତ ରଖିଥିଲେ। ଅନିତା କୁଣ୍ଡୁ (ଅତିରିକ୍ତ ପରିଚାଳକ ଯୋଗାଯୋଗ) ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକନା ବୁଲାଇଲେ ଦୁର୍ବୃତ୍ତ

ବାଲେଶ୍ୱର,୮।୯ (ସମିସ): ଘରେ କେହି ନ ଥିବା ସୁଯୋଗନେଇ ଚୋରାମାନେ ଘରର ତାଲାଭାଙ୍ଗି କଳାକନା ବୁଲାଇଦେଇଛନ୍ତି। ସଦର ଥାନା ସାରଗାଁ ଅଞ୍ଚଳର ଅରୁଣ କୁମାର ଦାସ ଆଜି ଦିନ ୧୧ଟାରେ ଝିଅର ଚିକିତ୍ସା ପାଇଁ ପରିବାର ସମେତ ବାଲେଶ୍ୱରକୁ ଆସିଥିଲେ। ଅପରାହ୍ଣ ଦୁଇଟାରେ ଘରକୁ ଫେରିବା ପରେ ସେ ଦେଖିବାକୁ ପାଇଥିଲେ ଯେ ତାଙ୍କ ଘରର ତାଲା ଭଙ୍ଗା ହୋଇଥିବା ବେଳେ ଆସବାବପତ୍ର ଏଣେତେଣେ ପଡିଛି। ଏପରିକି ଘର ମଧ୍ୟରେ ଥିବା ଆଲମିରା ମଧ୍ୟ ଭଙ୍ଗା ହୋଇଛି। ହେଲେ ଆଲମୀରା ମଧ୍ୟରେ ଥିବା ଗହଣା ଏବଂ ଟଙ୍କା ଆଦି ସବୁ ଚୋରି ହୋଇଯାଇଛି। ଏପରିକି ତାଙ୍କ ଘରର ତଳ ତାଲାରେ ରହୁଥିବା ଭାଇ ତରୁଣ କୁମାର ଦାସଙ୍କ ଘରର କବାଟ ମଧ୍ୟ ଭଙ୍ଗା ହୋଇ ଆଲମୀରାରୁ ଟଙ୍କା ମଧ୍ୟ ଚୋରି ହୋଇଯାଇଛି। ଏଣୁ ଏହି ଘଟଣାରେ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରକ୍‌କୁ ପିଟିଲା କାର, ୩ ଗୁରୁତର

ସୋର, ୮।୯ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଟ୍ରକ ପଛରୁ ଏକ କାର ଧକ୍କା ଦେବା ଫଳରେ ୩ ଜଣ କାର ଯାତ୍ରୀ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱର ସୁନହଟ ଅଞ୍ଚଳର ସେକ ହମିଦ (୭୦), ସେକ ଅନୱାର (୪୫) ଏବଂ କଶୀଦା ବିବି (୪୦) ଏକ କାର ଯୋଗେ ଭୁବନେଶ୍ୱର ମେଡିକାଲ କାମରେ ଯାଉଥିଲେ। ଏହି ସମୟରେ ଉତ୍ତରେଶ୍ୱର ନିକଟରେ ଆଗରେ ଯାଉଥିବା ଟ୍ରକ ପଛରୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୩ ଜଣ ଯାକ କାର ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପୁଲିସ ଉଭୟ ଟ୍ରକ ଏବଂ କାରକୁ ଜବତ କରି ସୋର ଥାନାରେ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ରାସ୍ତା ଦୁରାବସ୍ଥା ପ୍ରତିବାଦରେ ଧାରଣା

ସୋର, ୮।୯(ସମିସ): ସୋର ବାଗୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାର ମରାମତି କାର୍ଯ୍ୟ ଚାଲୁଅଛି। ଯାହାକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଏକ ମାସ ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ନିଷେଧ କରିଥିଲେ।



ମାତ୍ର ପଥର ମାଫିଆ ମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖାତିର ନକରି ଦିନ ରାତି ଅହରହ ପଥର ଗାଡି ଚଳାଉଛନ୍ତି। ଫଳରେ ରାସ୍ତାର ଅବସ୍ଥା ପୂର୍ବରୁ ଅଧିକ ଖରାପ ହେବାରୁ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ୧୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଆଜି ଅପରାହ୍ଣ ୩ ଟାରେ ମାଣତ୍ରୀ ଛକ ନିକଟରେ ରାସ୍ତାରୋକ କରିଥିଲେ। ଖବର ପାଇ ସୋର ତହସିଲଦାର ଦୈତାରୀ ମଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଆସନ୍ତାକାଲିଠାରୁ ରାସ୍ତାକାମ ହେବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ଉକ୍ତ ରାସ୍ତାରେ ପଥର ବୋଝେଇ ଭାରିଯାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ତାମୁଲିଆ ଓଭରବ୍ରିଜ ଅଣଓସାରିଆ ଓ ନିର୍ମାଣ ତ୍ରୁଟିପୂର୍ଣ୍ଣ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଜାଗ୍ରତ ନାରୀ ସଂଗଠନ**

ବାଲେଶ୍ୱର,୮।୯ (ସମିସ): ବାଲେଶ୍ୱରର ତାମୁଲିଆ ଓଭରବ୍ରିଜକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ ହୋଇଥିଲା। ଯାହାକି ବାଲେଶ୍ୱରର ଦ୍ୱିତୀୟ ଉଡ଼ନ୍ତା ପୋଲ ଭାବେ ପରିଚିତ। ହେଲେ ଏହି ପୋଲର ତ୍ରୁଟିପୂର୍ଣ୍ଣ ନିର୍ମାଣ ଓ ଅଣଓସାରିଆ ହୋଇଥିବାରୁ ଆଜି ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ,ବାଲେଶ୍ୱର ସହରକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରହିଛି ତାମୁଲିଆ ଓଭରବ୍ରିଜ। ଏହି ପୋଲକୁ ଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନମାନ ରହିଛି। ଏହାଛଡା ଏହି ପୋଲ ଉପରେ ଦୈନିକ ହଜାର ହଜାର ଗାଡି ମୋଟର ଯିବା ଆସିବା କରୁଥିବା ବେଳେ ଶହଶହ ଛାତ୍ରଛାତ୍ରୀ ମଧ୍ୟ ଯାଉଛନ୍ତି। ହେଲେ ଏହି ପୋଲର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁ ବୟସ୍କ, ମହିଳାମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏପରିକି ପ୍ରତିଦିନ ଏହି ପୋଲ ଉପରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଆଜିକୁ ୩ରୁ ୪ବର୍ଷ ହେବ ତାମୁଲିଆ ଉଡନ୍ତା ପୋଲ ନିର୍ମାଣ ହୋଇଛି। ହେଲେ ନିମ୍ନମାନର କାମ ହେବା ଫଳରେ ରାସ୍ତା ଖରାପ ହେବା ସହ ସରକାରୀ ଅର୍ଥକୁ ହଡ଼ପ କରି ଠିକାଦାରମାନେ ମାଲାମାଲ ହୋଇଛନ୍ତି। ଏଣୁ ଏଠାରେ ଆଉ ଏକ ଉଡ଼ନ୍ତା ପୋଲ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି। ଏହାଛଡା ଆସନ୍ତା ଦୁର୍ଗାପୂଜା ପୂର୍ବରୁ ତାମୁଲିଆ ଉଡନ୍ତା ପୋଲ ମରାମତି କରାଯିବାକୁ ଦାବି ମଧ୍ୟ କରାଯାଇଛି। ଏଣୁ ଯଦି ଏହି କାର୍ଯ୍ୟ ଶିଘ୍ର କରାନଯାଏ ତେବେ ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯିବ ବୋଲି ମଧ୍ୟ ଚେତାବନି ଦିଆଯାଇଛି ବୋଲି ସଙ୍ଗଠନର ସମ୍ପାଦିକା ମମତା ଦାସଙ୍କ ସହ ଅନ୍ୟମାନେ କହିଛନ୍ତି।

## ଏଲ୍‌ଆଇସି ବାଲେଶ୍ୱର ଶାଖାରେ କୀର୍ତ୍ତିମାନ ଦିବସ



ବାଲେଶ୍ୱର, ୮।୯ (ସମିସ): ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ପକ୍ଷରୁ ସମଗ୍ର ଦେଶରେ କୀର୍ତ୍ତିମାନ ଦିବସ ପାଳିତ ହେଉଥିବାବେଳେ ବାଲେଶ୍ୱର ଶାଖାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଗମର ପୂର୍ବ ମଧ୍ୟ କ୍ଷେତ୍ର ଆଞ୍ଚଳିକ ପ୍ରବନ୍ଧକ ଅରିନ୍ଦ୍ରଜିତ୍ ସିକଦାର ଯୋଗ ଦେଇ ଦେଶର ବୀମା କ୍ଷେତ୍ରରେ ଭାରତୀୟ ଜୀବନ ବୀମା ନିଗମର ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ଜାନୁଆରୀ ୨୦ ତାରିଖର ୨୪ ଘଣ୍ଟା ମଧ୍ୟରେ ସମଗ୍ର ଦେଶରେ ୫,୮୮,୧୦୭ ବୀମା ବିକ୍ରି କରି ଏହି ସଂସ୍ଥା ସ୍ୱତନ୍ତ୍ର ମାଇଲଖୁଣ୍ଟ ସ୍ଥାପନ କରିବା ସହ ଗିନିଜ ବୁକ୍ ଅଫ ୱାଲ୍ଡ଼ ରେକର୍ଡରେ ସ୍ଥାନ ପାଇଛି ବୋଲି ବୋଲି ଶ୍ରୀ ସିକଦାର ପ୍ରକାଶ କରିଥିଲେ। ସେଇଥି ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ଅଭିକର୍ତ୍ତାଙ୍କୁ ନିଗମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ ଚକ୍ରବର୍ତ୍ତୀ ଏହି କୀର୍ତ୍ତିମାନ ସମାରୋହରେ ଅଧ୍ୟକ୍ଷତା କରିବା ସହ ଭାରତୀୟ ଜୀବନ ବୀମା ନିଗମ ନିଜର କାର୍ଯ୍ୟଦକ୍ଷତା ବଳରେ ଦୀର୍ଘ ୬୯ ବର୍ଷ ଧରି ଭାରତ ସରକାରଙ୍କ ଏକ ପ୍ରମୁଖ ବିତ୍ତୀୟ ସଂସ୍ଥା ହିସାବରେ ଅନେକ କୀର୍ତିମାନ ସ୍ଥାପନ କରିଛି ବୋଲି କହିଥିଲେ। ଦେଶର ସାଢ଼େ ୪ ଲକ୍ଷରୁ ଅଧିକ ଅଭିକର୍ତ୍ତାଙ୍କୁ ସମ୍ମାନିତ କରା ଯାଇଥିବାବେଳେ ଏଥିରେ ବାଲେଶ୍ୱର ଜିଲାର ୯୦୧ ଜଣ ଅଛନ୍ତି ବୋଲି ମୁଖ୍ୟ ପ୍ରବନ୍ଧକ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ନିଗମର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ଅଭିକର୍ତ୍ତା ଉପସ୍ଥିତ ଥିଲେ।

## ବ୍ରାଉନସୁଗର ସହ ବାଇକ୍ ଜବତ, ଯୁବକ ଗିରଫ



ଚନ୍ଦନେଶ୍ୱର, ୮।୯ (ସମିସ): ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରଠାରେ ଆଜି ସୋମବାର ସକାଳେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ସୀମାରେ ନାକାବନ୍ଦୀ ତନଖି ଚାଲିଥିବା ବେଳେ ଏକ ବାଇକ ଦ୍ରୁତ ଗତିରେ ପଳାଇଯାଉଥିବାବେଳେ ତାଳସାରୀ ସାମୁଦ୍ରିକ ଥାନାର କର୍ମଚାରୀମାନେ ଉକ୍ତ ବାଇକ ସହ ଯୁବକକୁ କାବୁ କରିବା ସହିତ ଉକ୍ତ ଯୁବକ ପାଖରୁ ୩୦ ଗ୍ରାମ ଓ ୪୫୦ ମିଲିଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ଉକ୍ତ ଯୁବକର ନାମ ଦିବାକର ନାୟକ (୨୫) ତାର ଘର କମର୍ଦ୍ଦା ଥାନା ଅନ୍ତର୍ଗତ କସବା କମର୍ଦ୍ଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଠାବଣିଆ ଗ୍ରାମରେ ବୋଲି ଜଣାପଡିଛି। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଛନ୍ତି।

## ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଯୁବକ ମୃତ

ବାଲେଶ୍ୱର, ୮।୯ (ସମିସ): ରବିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଜଣକର ମୃତ୍ୟୁ ଘଟିଛି। ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜରକାପଦାଠାରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଖନ୍ତାପଡ଼ା ବ୍ଲକ ବର୍ତ୍ତନା ଅଞ୍ଚଳର ବାପୁନ ଖିଲାର (୨୭) ଗୁରୁତର ଆହତ ହୋଇଥିଲେ। ବାପୁନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଶିଳ୍ପାଞ୍ଚଳ ଥାନାଧିକାରୀ ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି।

## ମୋବାଇଲ୍ ଲୁଟେରା ଧରାପଡ଼ିଲା

ବାଲେଶ୍ୱର, ୮।୯ (ସମିସ): ଆରପିଏଫ ପୋଷ୍ଟ/ବାଲେଶ୍ୱରର ଅଧିକାରୀ ଏବଂ କର୍ମଚାରୀଙ୍କ ଟିମ୍ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଷ୍ଟ ଇନଚାର୍ଜଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ରେଳ ଷ୍ଟେସନରେ ଏକ ଟିଓପିବି (ଟ୍ରେନ୍ ଏବଂ ଷ୍ଟେସନ ସମ୍ପତ୍ତି ଅପରାଧ ଏବଂ ଯାତ୍ରୀ ସୁରକ୍ଷା) ଅଭିଯାନ କରିଥିଲେ। ଅଭିଯାନ ସମୟରେ ପ୍ରାୟ



୧୨:୧୦ ସମୟରେ, ପ୍ଲାଟଫର୍ମ ନମ୍ବର ୧ ର ଖଡ଼ଗପୁର ଶେଷ ଭାଗରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହଜନକ ଭାବରେ ଗତି କରୁଥିବାର ଦେଖାଯାଇଥିଲା। ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା ଏବଂ ପଚରାଉଚରା ପରେ ସେ ତାଙ୍କ ପରିଚୟ ଏସ୍.କେ. ସୁକୁରୁଦ୍ଦିନ (୨୮ ବର୍ଷ), ଆରଦ ବଜାର, ପିଏସ୍-ସହଦେବଖୁଣ୍ଟା ବୋଲି ପ୍ରକାଶ କରିଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ଗୋଟିଏ ଆଣ୍ଡ୍ରୋଏଡ୍ ମୋବାଇଲ୍ ଫୋନ୍ (ପ୍ରାୟ ୨୮ ହଜାର ମୂଲ୍ୟ) ଜବତ କରାଯାଇଥିଲା। ପଚରାଉଚରା ସମୟରେ, ବ୍ୟକ୍ତି ଜଣକ ସ୍ୱୀକାର କରିଛନ୍ତି ଯେ ସେ ସେହି ଦିନ ପୂର୍ବରୁ ବାଲେଶ୍ୱର ୟାର୍ଡରେ ଏକ ଚଳନ୍ତା ଯାତ୍ରୀବାହୀ ଟ୍ରେନ୍‌ରୁ ଉକ୍ତ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ ବିଏନ୍ ଏସ୍ ଏସ୍ ୨୦୨୩ ର ବ୍ୟବସ୍ଥା ଅନୁଯାୟୀ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଘଟଣାସ୍ଥଳରୁ ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଅଭିଯୁକ୍ତଙ୍କୁ ଜିଆରପିଏସ୍/ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା।

## ଦୁଇମାସ ହେବ ମିଳିନି ରାସନ ସାମଗ୍ରୀ

ବାଲେଶ୍ୱର,୮।୯ (ସମିସ): ଦୁଇମାସ ହେବ ରାସନ ସାମଗ୍ରୀ ରୁପସା ଥାନା ଅର୍ନ୍ତଗତ ମିର୍ଗମୁଣ୍ଡି ଅଂଚଳର ହିତାଧିକାରୀ ଶ୍ରୀହରି ପରିଡାଙ୍କୁ ମିଳିନଥିବା ନେଇ ଆଜି ଜିଲ୍ଲାପାଳଙ୍କ ଠାରେ ସେ ଅଭିଯୋଗ କରିଛନ୍ତି। କସିପଦା ଅଂଚଳର ବଂଶୀଧର ପରିଡାଙ୍କ ଠାରୁ ଶ୍ରୀହରି ତାଙ୍କର ରାସନ



ସାମଗ୍ରୀ ପ୍ରତିମାସରେ ନିଅନ୍ତି। ହେଲେ ଗତଦୁଇ ମାସ ହେବ ତାଙ୍କୁ ରାସନ ସାମଗ୍ରୀ ମିଳିନାହିଁ। ଏପରିକି ତାଙ୍କ ଖାତାରେ ପଡିନଥିବା ବେଳେ ସେ ଉକ୍ତ ସାମଗ୍ରୀ ନେଇଛନ୍ତି ବୋଲି କଂଟ୍ରୋଲ ଦୋକାନୀ କହୁଛନ୍ତି। ଘଟଣାର ସଠିକ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଶ୍ରୀହରି ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୮।୯ (ସମିସ): ସ୍ଥାନୀୟ ଅନନ୍ୟା ରେସିଡେନେସି ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲା ସ୍ତରୀୟ କର୍ମଶାଳା ଉଦଯାପିତ ହୋଇଯାଇଛି। ପି.ଏ ଆଇଟିଡିଏ, ନୀଳଗିରି,କାରୁ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ୮୦ଟି ୩ଟି ଗ୍ରାମର ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସମ୍ପର୍କରେ ଅବଗତ କରାଇଥିଲେ। ମାଷ୍ଟର ଟ୍ରେନର ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳଗିରି, ଜିଲ୍ଲା ମଙ୍ଗଳ ଅଧିକାରିଣୀ ବାଲେଶ୍ୱର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଏଫ୍‌ଏମ୍‌ୟୁରେ ପାଠ୍ୟକ୍ରମ ପୁନଃସଜ୍ଜୀକରଣ କର୍ମଶାଳା

ବାଲେଶ୍ୱର, ୮।୯ (ସମିସ)



ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ପାଠ୍ୟକ୍ରମ ପୁନଃ-ସଜ୍ଜୀକରଣ ଉପରେ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆଞ୍ଚଳିକ ଶିକ୍ଷା ସାଧନ କେନ୍ଦ୍ର, ଭୁବନେଶ୍ୱରର ଅଧ୍ୟକ୍ଷ ଏସ. ସି ପଣ୍ଡା ଯୋଗଦେଇ ପାଠ୍ୟଖସଡ଼ା ପ୍ରସ୍ତୁତି ବିଷୟରେ ସୂଚନା ପ୍ରଦାନ କରିଥିଲେ। ପରେ ବକ୍ତା ଭାବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ପ୍ରାଧ୍ୟାପକ ଓ ଡିନ, ପ୍ରଫେସର ତପନ କୁମାର ବସନ୍ତିଆ ଯୋଗଦେଇ ପାଠ୍ୟଖସଡ଼ା ପ୍ରସ୍ତୁତିର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଉଦଘାଟନୀ ପର୍ବର ସମାପ୍ତିରେ ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଏସ . ସି. ପଣ୍ଡା ନୂତନ ଶିକ୍ଷା ନୀତି ୨୦୨୦ ପାଇଁ ଶିକ୍ଷଣ ଶିକ୍ଷା ପାଠ୍ୟକ୍ରମର ପୁନଃସଜ୍ଜୀକରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ବସନ୍ତିଆ ମଧ୍ୟ ପାଠ୍ୟଖସଡ଼ା ପ୍ରସ୍ତୁତି ଓ ତାହାର ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ବୟସ ଓ ସ୍ତର ଅନୁସାରେ ପାଠ୍ୟଖସଡ଼ା ପ୍ରସ୍ତୁତିର ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପାଠ୍ୟଖସଡ଼ାର ପୁନଃସଜ୍ଜୀକରଣ କିପରି ଶିକ୍ଷାର ମାନ ବୃଦ୍ଧି କରିପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଛାତ୍ରୀ ସାଧନା କୁଣ୍ଡୁ ଧନ୍ୟବାଦ ଅର୍ପଣ

# ଜନଶୁଣାଣି ଅଭିଯୋଗରେ ଚାଷୀ- ଜିଲ୍ଲାପାଳ ମୁହାଁମୁହିଁ

ପାଇକମାଲ,୮।୯ (ସମିସ)



ବରଗଡ଼ ଜିଲ୍ଲା ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି ଆରମ୍ଭ ପୂର୍ବରୁ ଜାମସେଠ ସମବାୟ ସମିତି ଲିଃ ଅଧୀନସ୍ଥ ଚାଷୀ ଅଭିଯୋଗକାରୀ ମାନଙ୍କୁ ଭିତରକୁ ଛାଡି ନଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ଆସି ଚାଷୀଙ୍କୁ ବୁଝାସୁଝା କଲା ପରେ ସେମାନେ ଛାଡିଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବରଗଡ଼ କୁବେର ମହନ୍ତ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୧୧୪ଟି ଅଭିଯୋଗ ମଧ୍ୟରୁ ୯୫ଟି ବ୍ୟକ୍ତିଗତ, ୧୯ଟି ସାମୂହିକ ଅଭିଯୋଗ ଆଗତ ହୋଇଥିଲା। ତତ୍କ୍ଷଣାତ କିଛି ଅଭିଯୋଗକୁ ସମାଧାନ କାରିବା ସହ ଅନ୍ୟାନ୍ୟ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳଙ୍କ ଗାଡି ବାହାରୁ ଥିବା ବେଳେ ଚାଷୀ ଗାଡି ଆଗରେ ଧାରଣାରେ ବସିଥିଲେ। ଜାମସେଠ ସେବା ସମବାୟ ସମିତି ଲିଃ ଅଧିନରେ ୨୫୫ଜଣ ଚାଷୀଙ୍କ ଧାନ କାର୍ଡ ନାମ ପଞ୍ଜୀକରଣ ହୋଇ ନଥିବାରୁ କେବେ ପଞ୍ଜୀକରଣ ହେବ ବୋଲି ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଛତିଶଗଡ଼ରେ ପଞ୍ଜୀକରଣ ସମୟ ସୀମା ୩ମାସ ଥିବା ବେଳେ ଓଡ଼ିଶାରେ ୧ମାସ ୫ ଦିନ କାହିଁକି ବୋଲି ଚାଷୀ ପ୍ରଶ୍ନ କରିଥିଲେ। ଜିଲ୍ଲାପାଳ ଉତକ୍ଷିପ୍ତ ହୋଇ ଚାଷୀଙ୍କୁ ଜନଶୁଣାଣି ବନ୍ଦ କରିବାର ତୁମର ଅଧିକାର ନାହିଁ ବୋଲି କହିଥିଲେ। ଚାଷୀ ରାଗିଯାଇ ଜିଲ୍ଲାପାଳଙ୍କ ଗାଡି ଆଗରେ ବସିଥିଲେ। ପୁଲିସ ପ୍ରଶାସନ ଚାଷୀଙ୍କୁ ଜିଲ୍ଲାପାଳଙ୍କ ଗାଡି ଆଗରୁ ହଟାଇବା ପରେ ଜିଲ୍ଲାପାଳ ଯାଇଥିଲେ।

# ପଞ୍ଜୀକରଣ ସମସ୍ୟା ଓ ସାର କଳାବାଜାର ନେଇ ତହସିଲଦାରଙ୍କୁ ଦାବିପତ୍ର



ବରଗଡ଼,୮।୯ (ସମିସ): ସଂଯୁକ୍ତ କୃଷକ ସଂଗଠନର ପ୍ରତିନିଧି ମଣ୍ଡଳୀ କାରଣ ସାହୁଙ୍କ ନେତୃତ୍ୱରେ ତହସିଲଦାର ରୁକ୍ମଣ ମେହେରଙ୍କୁ ଭେଟି ବରପାଲି ବ୍ଲକ୍‌ର ଧାନ ପଞ୍ଜୀକରଣ, ସାର କଳାବଜାର, ଇନପୁଟ ସବସିଡି ଏବଂ ଚକବନ୍ଦୀ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି। ଗତରବି ଋତୁରେ ଅଦିନିଆ ବର୍ଷା କାରଣରୁ କିଛି ଚାଷୀ ଇନପୁଟ ପାଇଥିଲେ। ମାତ୍ର ବହୁତ ଚାଷୀଙ୍କ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପ୍ରାଶାସନର ଖାମଖିଆଲି ରିପୋର୍ଟ ପାଇଁ ସେମାନେ ଇନପୁଟ ସବସିଡି ପାଇନାହାନ୍ତି। ଚକବନ୍ଦୀ ସମସ୍ୟା ପାଇଁ ୧ ସେପ୍ଟେମ୍ବରରୁ କିଛି ଚାଷୀ ଧାରଣାରେ ବସିଛନ୍ତି। ତେଣୁ ସେମାନଙ୍କୁ ସମର୍ଥନ ଦେଇ ଶୀଘ୍ର ସମାଧାନ କରିବାକୁ କୁହାଯାଇଛି। ଧାନ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଏବଂ ସାର ସଙ୍କଟ ଓ କଳାବଜାରର ସମାଧାନ କରି ଆବଶ୍ୟକ ମୁତାବକ ରାସାୟନିକ ସାର ଯୋଗାଇ ଦେବା ପାଇଁ ସଂଗଠନର କର୍ମୀ ତପନ ମିଶ୍ର, ଟେକରାଜ ପଧାନ, ଦିବାକର ପଧାନ, ଭୁବନ ପଧାନ, ଗୁଣମଣି ପଧାନ, ସୁଦାମ ସାହୁ, ଠାକୁର ବିଶ୍ୱାଳ, ସୁରେଶ ନିକେଷ୍ଟି ଏବଂ ରମେଶ ମହାପାତ୍ର ଆଲୋଚନା କରିଛନ୍ତି। ଯଦି ଆଲୋଚନାକୁ ଗଭୀରତା ସହ ନିଆ ନଯାଏ ତାହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜାମସେଠ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

ପାଇକମାଲ,୮।୯ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ସୀମାନ୍ତ ଜାମସେଠ ଗାଁରେ ଦୀର୍ଘ ୧୫ ବର୍ଷ ହେବ ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇନାହିଁ। ଏନେଇ ସୋମବାର ଅଞ୍ଚଳବାସୀ ପାଇକମାଳ ଜନ ଶୁଣାଣିରେ ଆସି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ। ଜାମସେଠ ଡାକ୍ତରଖାନା ବହୁ ପୁରୁଣା ଡାକ୍ତରଖାନା। ଏହା ଉପରେ ସୀମାନ୍ତ ବଲାଙ୍ଗିର, ବରଗଡ଼, ନୂଆପଡା ଜିଲ୍ଲାର ରୋଗୀମାନେ ନିର୍ଭର କରୁଥିଲେ। ହେଲେ ଦୀର୍ଘ ୧୫ ବର୍ଷ ହେବ ଏହି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ନହେବାରୁ ବର୍ତ୍ତମାନ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲୁଛି। ଶନିବାର ଅଞ୍ଚଳବାସୀ ଡାକ୍ତର ନିଯୁକ୍ତି ନେଇ ତାଲା ପକାଇ ଦେଇଥିଲେ। ଏପଟେ ଜାମସେଠ ଡାକ୍ତରଖାନାକୁ ପୂର୍ବ ସରକାରଙ୍କ ସମୟରେ ୨୪ ଘଣ୍ଟିଆ ଡାକ୍ତରଖାନାରେ ପରିଣତ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପରେ ୩ କୋଟି ବ୍ୟୟ ଅଟକଳରେ ନୂତନ କୋଠା ତିଆରି ହୋଇସାରିଛି। ତେବେ ଡାକ୍ତର ନିଯୁକ୍ତି ହୋଇନାହିଁ। ଆଉ କେତେ ବର୍ଷ ପରେ ଅଞ୍ଚଳବାସୀଙ୍କୁ ସେମାନଙ୍କ ନାର୍ଯ୍ୟ ସ୍ୱାସ୍ଥ୍ୟ ସେବା ଅଧିକାର ମିଳି ପାରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

# ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

ଭେଡେନ,୮।୯ (ସମିସ): ଭେଡେନ ଥାନା ଅଧୀନ ଭେଡେନ ଗାଁର ଉପରପଡ଼ାରେ ମାଁ ଖୁଦୁରୁକୁଣୀଙ୍କ ଭସାଣି ପାଇଁ ନିକଟସ୍ଥ ଦନ୍ତା ନଦୀକୁ ନିଆଯାଇଥିଲା। ଭସାଣିରେ ଗାଁର ବାଳିକା ମାନଙ୍କ ସହ ଅନେକ ଲୋକ ଯାଇଥିଲେ। ହେଲେ ନଦୀରେ ବର୍ଷା ଯୋଗୁଁ ପାଣି ପ୍ରବାହ ଥିବାରୁ ଭେଡେନ ଗାଁର ନାବାଳକ ସ୍ୱାଧୀନ ଭୁକ୍ତା (୧୩) ଭାସି ଯାଇଥିଲା। ଲୋକମାନେ ପାଣିରେ ବହୁତ ଖୋଜାଖୋଜି କରିଥିଲେ। ଦୀର୍ଘ ୩ଘଣ୍ଟା ପରେ ତାକୁ ନଦୀର ତଳମୁଣ୍ଡରୁ ଉଦ୍ଧାର କରି ଭେଡେନ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ଭେଡେନ ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି। ଘଟଣାରେ ଭେଡେନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୋଲେରୋ ଧକ୍କାରେ ସୋହେଲା ଥାନା ଏସ୍‌ଆଇ ଗୁରୁତର

ସୋହେଲା,୮।୯ (ସମିସ): ସୋହେଲା ପୁଲିସ ଦଶମାଇଲ ଲେବିଡି ରାସ୍ତା ଲେବିଡି ଛକରେ ଯାନବାହନର ହାଇସିକ୍ୟୁରିଟି ନମ୍ବର ଯାଞ୍ଚ କରୁଥିବା ବେଳେ ଏକ ବୋଲେରୋ ଗାଡି ସୋହେଲା ଥାନା ଏସଆଇ ଅମିତ ଧଳଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ହେଉଥିବା ଜଣାପଡିଛି। ରବିବାର ସନ୍ଧ୍ୟାରେ ସୋହେଲା ଥାନା ଏସଆଇ ଅମିତ ଧଳ ଅନ୍ୟ ପୁଲିସ କର୍ମଚାରୀଙ୍କ ସହିତ ଲେବିଡି ଛକରେ ଯାନ ବାହନ ଯାଞ୍ଚ କରୁଥିଲେ। ଏତିକି ବେଳେ ଲେବିଡି ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଗାଡିକୁ ପୁଲିସ କର୍ମଚାରୀ ମାନେ ଯାଞ୍ଚ ପାଇଁ ଅଟକାଇ ଥିଲେ। କିନ୍ତୁ ଅତ୍ୟନ୍ତ ବେପରୁଆ ଭାବେ ଆସୁଥିବା ଗାଡିଟି ଡ୍ୟୁଟି କରୁଥିବା ଏସଆଇ ଶ୍ରୀ ଧଳ(୩୪)ଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବରଗଡ଼ ବିକାଶ ହସ୍ପିଟାଲକୁ ନିଆ ଯାଇଥିଲା। ଖବର ପାଇ ବରଗଡ଼ ଏସପିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବିକାଶ ହସ୍ପିଟାଲ ପହଞ୍ଚି ଥିଲେ। ବୋଲେରୋ ଧକ୍କାରେ ଶ୍ରୀ ଧଳଙ୍କ ଅଣ୍ଟା ଓ ଗୋଡ଼ରେ ଆଘାତ ଲାଗିଛି। ତେବେ ଦୁର୍ଘଟଣା ପରେ ଗାଡି ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଫେରାର ଗାଡି ଚାଳକ ସମୀର ସ୍ୱାଇଁକୁ ଭବାନୀପାଟଣା କେସିଙ୍ଗା ନର୍ଲା ଅଞ୍ଚଳରୁ ପୁଲିସ ଗିରଫ କରିଥିବା ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୁଲିସ ଜବତ କରି ଥାନାରେ ରଖିଛି। ଏ ନେଇ ସୋହେଲା ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# କନ୍ତଲରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବରଗଡ଼,୮।୯ (ସମିସ): ଅତାବିରା ବ୍ଲକ୍ ଅଧୀନ ଟାଙ୍ଗରପାଲି ପଞ୍ଚାୟତ କନ୍ତଲ ଗାଁରେ



ଆଜାଦ କ୍ଲବ୍ ତରଫରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଭୁର୍ଷିପାଲି, ରୁଝେନମାଲ, ବିବି ସ୍ପୋର୍ଟିଂ, ମିର୍ଦ୍ଧା ବ୍ରଦର, ଲଟିଦା, ଡୁମେରମୁଣ୍ଡା, ମିର୍ଦ୍ଧା ଏଫସି, ରଞ୍ଜନ ଇଲେଭେନ, ଖ୍ରୀଷ୍ଟିୟାନ ଏଫସି, ଆମଝର, ଆଦିବାସୀ କ୍ଲବ୍, ବିଶ୍ୱ ଇଲେଭେନ, ଜାଙ୍ଗେଡ, ଜୁନିୟର ଇଲେଭେନ, ବୁର୍ଲା ଓ ପାହାଡଶ୍ରୀଗିଡା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଲଟିଦା ଓ ଜାଙ୍ଗେଡ ମଧ୍ୟରେ ହୋଇଥିଲା। ଟାଇପ ରେକଡ ଜରିଆରେ ଜାଙ୍ଗେଡ ଦଳ ବିଜୟୀ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ଲଳିତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମାଲିକ ମହାକୁର, ତୀର୍ଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଟାଙ୍ଗରପାଲି ପଞ୍ଚାୟତର ବିଜେପି କାର୍ଯ୍ୟକର୍ତ୍ତା ମାନେ ଏଥିରେ ସହଯୋଗ କରିଥିଲେ।

# 'ଜିଲ୍ଲାପାଳ ନ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବି'

ପାଇକମାଲ,୮।୯ (ସମିସ): ପାଇକମାଳ ବ୍ଲକ୍ ଜାମସେଠ ଗାଁର ବିଧବା ଦମୟନ୍ତୀ ତାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବଶ୍ୟକ କାଗଜପତ୍ର ସହ ଆବେଦନ କରିଥିଲେ। ଦୁଇ ବର୍ଷ ବିତିଗଲା ପଛେ ଏଯାଏଁ ଆର୍ଥିକ ସହାୟତା ପାଇନାହାନ୍ତି। ଏନେଇ ଜାମସେଠରୁ ପାଇକମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବା ଆସିବା କରି ହଇରାଣ ହୋଇଛନ୍ତି। ଏନେଇ ମଧ୍ୟ ପୂର୍ବ ଜନଶୁଣାଣିରେ ମଧ୍ୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ସହାୟତା ପାଇ ନାହାନ୍ତି। ଆଜି ଜିଲ୍ଲାପାଳଙ୍କୁ ଭେଟି ପୁଣି ଅଭିଯୋଗ କରିଛନ୍ତି। ଯଦି ଜିଲ୍ଲାପାଳ ଏଥର ମୋ ଦୁଃଖ ନ ଶୁଣନ୍ତି, ତେବେ ମୁଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଯାଇ ଗୁହାରୀ କରିବି ବୋଲି ଦମୟନ୍ତୀ କହିଛନ୍ତି।

# ଅମୃତ ଅନ୍ନ ଯୋଜନା କ୍ଷେତ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ପାଇକମାଲ,୮।୯ (ସମିସ): ପାଇକମାଳ ବ୍ଲକ୍ ଖରାମାଳ ଗାଁରେ ଅହିଂସା କ୍ଲବ୍ ଦ୍ୱାରା କରାଯାଇଥିବା ଅମୃତ ଅନ୍ନ ଯୋଜନାକୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ କ୍ଷେତ୍ର ପରିଦର୍ଶନ କରିଥିଲେ। ଖରାମାଳ ଗାଁରେ ୨୦ ହେକ୍ଟର ଜମିରେ, ପୁରୀ ଜଗନ୍ନାଥ ମନ୍ଦିର କୋଠ ଭୋଗ ପାଇଁ ଗୋବିନ୍ଦ ଭୋଗ ଓ ଝୁଲି ଧାନ ଚାଷ କରାଯାଇଛି। ଏହାକୁ ଜିଲ୍ଲାପାଳ ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଅହିଂସା କ୍ଲବ୍ ତରଫରୁ କରାଯାଇଥିବା ୨୦୦ ପ୍ରକାରର ପାରମ୍ପରିକ ଧାନ ଚାଷ, ୬୦ ପ୍ରକାରର ପନିପରିବା, ୨୫ ପ୍ରକାରର ମିଲେଟ ଓ ୧୦ ପ୍ରକାରର ଡାଲିଜାତୀୟ ଚାଷ ମଧ୍ୟ ଦେଖିଥିଲେ। ଜିଲ୍ଲାପାଳଙ୍କ ସହିତ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଳା, ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୁଚନ ଚନ୍ଦ୍ର ମାଝୀ, ବରଗଡ଼ ସ୍କିମ ଅଫିସର ଅଞ୍ଜନ ନାୟକ, ବରଗଡ଼ ଜାତୀୟ ପ୍ରାକୃତିକ କୃଷି ମିଶନ ସ୍କିମ ଅଫିସର ରାଜୀବ ଲୋଚନ ମିଶ୍ର, ପାଇକମାଳ କୃଷି ଅଧିକାରୀ ସୋମନାଥ ମହାପାତ୍ର ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ। ଅହିଂସା କ୍ଲବ୍ ଦ୍ୱାରା କରାଯାଇଥିବା ବିଆସି ସେଣ୍ଟରରେ ଉତ୍ପାଦିତ ଦ୍ରବ୍ୟ ହାଣ୍ଡିଖତ, ଜିବାମୃତ, ବ୍ରହ୍ମାସ୍ତ୍ର, ପଞ୍ଚଗବ୍ୟର ବ୍ୟବହାର ବିଷୟରେ ଚାଷୀଙ୍କୁ ପଚାରି ବୁଝିଥିଲେ। ଏଫଏଓ ସହାୟତାରେ କରାଇଥିବା ଦେଶୀ ବାଇଗଣ ଚାଷ ଦେଖିଥିଲେ। ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ ପ୍ରଣାଳୀରେ ଗନ୍ଧମାର୍ଦନ ଜଙ୍ଗଲରୁ ସଂଗ୍ରହ କରାଯାଇଥିବା ଶାଗ ଓ କନ୍ଦା ଦେଖିଥିଲେ। ଜୈବିକ ପଦ୍ଧତିରେ ଉତ୍ପାଦିତ ଦ୍ରବ୍ୟକୁ କିପରି ଅଧିକ ଦରରେ ବିକ୍ରି କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। ଖରାମାଳ ଗାଁକୁ ଜୈବିକ ଗାଁ କରିବା ପାଇଁ ଚାଷୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଖରାମାଳ ଗାଁବାସୀ ଗାଁର ରାସ୍ତାଘାଟ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ଅହିଂସା କ୍ଲବ୍‌ର ଗୌର ଚରଣ ସାହୁ ଓ ମ୍ୟାନେଜିଂ ଡାଇରେକ୍ଟର ମାର୍ଜାର କେଶରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ନୀଳମଣି ପୁରୋହିତ ମିଲେଟ୍ସ ପ୍ରକ୍ରିୟାକରଣ କେନ୍ଦ୍ର ହେବାକୁ ଥିବା କ୍ଷେତ୍ର ପରିଦର୍ଶନ କରାଇଥିଲେ।

**● ଜୁଆ ଅଡ୍ଡାରେ ପୁଲିସର ଚଢ଼ଉ**

# ୨୧ ବାଇକ୍ ସହ ୩ ଚାରିଚାକିଆ ଜବତ, ୧୨ କୋର୍ଟଚାଲାଣ



ଭେଡେନ,୮।୯ (ସମିସ): ଭେଡେନ ଥାନା ଅଧୀନ ପପଙ୍ଗା ପାହାଡ ସ୍ଥିତ ଜଙ୍ଗଲରେ ଘୁଡଘୁଡ ପଟ୍ଟୀ (ଜୁଆ) ଖେଳ ହେଉଥିବା ଅଞ୍ଚଳରେ ପୁଲିସ ଚଢ଼ଉ କରି ୧୨ ଜଣଙ୍କୁ କୋର୍ଟଚାଲାଣ କରିଛି। ବିଶେଷ ସୂତ୍ରରୁ ଖବର ପାଇ ବରଗଡ଼ ଏସପି ପ୍ରହଲ୍ଲାଦ ସାହ ମିନାଙ୍କ ନିର୍ଦ୍ଦେଶରେ ଏସଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶ ଦୁଇଟି ଟିମ ଗଠନ କରିଥିଲେ। ଜୁଆ ଖେଳ ହେଉଥିବା ସ୍ଥାନକୁ ଚଢ଼ଉ କରି ୨୧ଟି ବାଇକ, ୩ଟି ଚାରିଚକିଆ ଯାନ, ୧୫ଟି ମୋବାଇଲ, ଜୁଆ ଖେଳ ସାମଗ୍ରୀ ସମେତ ନଗଦ ୧ଲକ୍ଷ ୭୬ହଜାର ୯୬୦ଟଙ୍କା ଜବତ କରିବା ସହ ୧୨ଜଣ ଜୁଆଡିଙ୍କୁ ଗିରଫ କରିଥିଲେ। ଆଜି ଭେଡେନ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଶ୍ରୀ ତ୍ରିପାଠୀ ଏହି ସୂଚନା ପ୍ରଦାନ କରିଛନ୍ତି। ଜୁଆଡି ମାନେ ହେଲେ ଭେଡେନ ଜାମଡୋଲ ଗାଁର ସୁକ୍ରୁ ଭୁଏ(୫୦), ଡାଲବର ବିଶ୍ୱଜିତ ଖମାରି(୪୫), ଲିମଛୋଡର ଦେବରାଜ ବଣିଆ(୩୮), ଡାଲବର ବାବୁଲାଲ ସେଟ(୩୪), କାଣ୍ଡପାଲିର ଧନେଶ୍ୱର ପୋଡ଼(୪୮), ସେହିପରି ଝାରସୁଗୁଡା ଦୁଲେସର ଗାଁର ଗବକ୍ଷୟ ଜଗତ(୪୨) ଓ ଜଗନ୍ନାଥ ଛାତ୍ରୀଆ(୫୦), କନକରାମୁଣ୍ଡାର ଲିଙ୍ଗରାଜ କର୍ତା(୪୯), ସୁଲେହିର ସୁନୁ ବେହେରା(୩୫), ଲାଇକେରାର ଗୌତମ ଗୁରୁ(୪୫) ଏବଂ ବିନକା ଚେରୁପାଲିର ପଞ୍ଚୁ ସାହୁ(୩୬) ଓ ହୁତମାର ସୁଦାମ କାଣ୍ଡ(୪୦) ବୋଲି ଜଣାପଡ଼ିଛି। ସମସ୍ତଙ୍କୁ ଗିରଫ କରି ଭେଡେନ ଥାନାରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

# ଏନ୍‌ଏସି ଘୋଷଣାରୁ ପାଇକମାଳ ବାଦ

ପାଇକମାଲ,୮।୯ (ସମିସ): ନିକଟରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ନେଇ ଘୋଷଣା କରିଛନ୍ତି। ଏଥିରେ ପାଇକମାଳକୁ ବାଦ୍ ଦିଆଯାଇଛି। ଏହାପରେ ପାଇକମାଳ ଅଞ୍ଚଳରେ ଅସନ୍ତୋଷ କୁହୁଳୁଥିବା ଦେଖିବାକୁ ମିଳିଛି। ଏନ୍‌ଏସି ଘୋଷଣା ଦାବି ନେଇ ଅଞ୍ଚଳବାସୀ ଅନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ବରଗଡ଼



**୧୦ ତାରିଖ ପାଇକମାଳ ବନ୍ଦ ଡାକରା**

ଜିଲ୍ଲାର ପାଇକମାଳ ବ୍ଲକ୍ ପୂର୍ବ ସରକାରଙ୍କ ସମୟରେ ଏନ୍‌ଏସି ଭାବେ ମାନ୍ୟତା ପାଇଥିଲା। ଏଠାରେ ବ୍ଲକ୍, ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ବନାଞ୍ଚଳ କାର୍ଯ୍ୟାଳୟ ସହ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଏବଂ ଅନ୍ୟ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାରୁ ରାଜ୍ୟର ପ୍ରମୁଖ ସହରମାନଙ୍କୁ ଗମନାଗମନର ବ୍ୟବସ୍ଥା ମଧ୍ୟ ରହିଛି। ସେହିଭଳି ପାଇକମାଳ ବରଗଡ଼ ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ବାଣିଜ୍ୟ କେନ୍ଦ୍ରସ୍ଥଳୀ। ଏଠାରେ ବହୁ ପୁରାତନ ମନ୍ଦିର ଓ ନିକଟରେ ପ୍ରସିଦ୍ଧ ନୃସିଂହନାଥ ମନ୍ଦିର ରହିଛି। ନୃସିଂହନାଥ ପୀଠକୁ ପାଇକମାଳ ଦେଇ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁମାନେ ଯାଇଥାନ୍ତି। ଦୈନିକ ହଜାର ହଜାର ସଂଖ୍ୟାରେ ଲୋକ ପାଇକମାଳ ଉପରେ ନିର୍ଭର କରୁଛନ୍ତି ଏଥିପାଇଁ ପାଇକମାଳ ଏନ୍‌ଏସି ମାନ୍ୟତା ପ୍ରଦାନ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ତେବେ ସରକାର ପାଇକମାଳକୁ ଏନଏସି ଘୋଷଣା ନ କରିବାରୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଆସନ୍ତା ୧୦ ତାରିଖ ଦିନ ପାଇକମାଳ ବନ୍ଦ ଡାକରା ଦେଇଛନ୍ତି। ପାଇକମାଳ ନାଗରିକ କମିଟି ମଧ୍ୟ ଏକ ବୈଠକ କରି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ପାଇକମାଳ କାହିଁକି ଏନଏସି ଘୋଷଣା ହେଲା ନାହିଁ ଏବଂ କଣ କରାଯିବ ବୋଲି ପଚାରିଥିଲେ। ଏ ନେଇ ସାଂସଦ ଶ୍ରୀ ପୁରୋହିତ ପାଇକମାଳରୁ କିଛି ନାଗରିକ କମିଟି ସଭ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ଏନେଇ ଆଲୋଚନା କରିବା ବୋଲି ଆଶ୍ୱାସନା ଦେଇଛନ୍ତି।

# ଭୋଲାନାଥ ଦାଶଙ୍କ ପରଲୋକ



ବରଗଡ଼,୮।୯ (ସମିସ): ବରଗଡ଼ ନାଏକ ପଡ଼ାର ଭୋଲାନାଥ ଦାଶ(୬୨)ଙ୍କ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଅତାବିରା ନିୟନ୍ତ୍ରିତ ବଜାର କମିଟି ଆକାଉଣ୍ଟାଣ୍ଟ ଭାବେ ଅବସର ଗ୍ରହଣ କରିଥିଲେ। ଏହା ପୂର୍ବରୁ ବରଗଡ଼ କଂଗ୍ରେସ ଯୁବ ସଭାପତି ଥିବା ସହ ବରଗଡ଼ ନାଏକ ପଡ଼ା ନବରାତ୍ର ଦୁର୍ଗାପୂଜା କମିଟିର ମୁଖ୍ୟ କର୍ତ୍ତା ଭାବେ ତଥା ବିଭିନ୍ନ ସାମାଜିକ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ। ବରଗଡ଼ ଜୀରାନଦୀ ନିକଟସ୍ଥ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ସନ୍ତାନ ଶାନ୍ତନୁ ଦାଶ ମୁଖାଗ୍ନି ଦେଇଥିଲେ।

# ଜୁହାର ପରିବାର ତରଫରୁ ଗୁଜରାଟରେ ନୂଆଁଖାଇ ଭେଟ୍‌ଘାଟ୍



ପଦ୍ମପୁର,୮।୯ (ସମିସ): ଗୁଜରାଟର ଭଡୋଦରା ସହରରେ ପ୍ରବାସୀ ଓଡ଼ିଆ ମହାନ ଗଣପର୍ବ ନୂଆଁଖାଇ ପର୍ବ ଖୁବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିଛନ୍ତି। ବଲାଙ୍ଗିରର ଖ୍ୟାତନାମା ସାଂସ୍କୃତିକ ଅନୁଷ୍ଠାନ କୋଶଳ ଫୋକ ଏକାଡେମୀର କଳାକାର ମାନଙ୍କର ସମ୍ବଲପୁରୀ ଗୀତ ବାଦ୍ୟ ଓ ନାଚରେ ସଭିଏଁ ଝୁମି ଉଠିଥିଲେ। କଳାକାର ମାନଙ୍କ ଦ୍ୱାରା ପରିବେଷିତ ପ୍ରସିଦ୍ଧ ଘୁଡକା ନାଚ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏହି ଅବସରରେ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ ତଥା ସମ୍ବଲପୁରୀ ଫ୍ୟାଶନ ସୋ କରିଥିଲେ। ଜୁହାର ପରିବାର ଭଡୋଦରା ପକ୍ଷରୁ ଗ୍ରୀନ ଇନିସିଏଟିଭ ଭାବେ 'ଆମର ମାଏଟ' ସ୍ମରଣିକାର ଇଲକ୍ଟ୍ରୋନିକ ପ୍ରତିଲିପି ପ୍ରକାଶିତ ହୋଇଥିଲା।

# ଜବରଦଖଲ ଉଚ୍ଛେଦରୁ ବଢୁଛି ଜନଅସନ୍ତୋଷ

ବରଗଡ଼,୮।୯ (ସମିସ)



ବିଗତ କିଛି ଦିନ ହେବ ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଭଟଲି ଛକ ଠୁଁ ଆରମ୍ଭ କରି ଗଣପତି ହୋଟେଲ ପର୍ଯ୍ୟନ୍ତ ଚାଲିଛି ଉଚ୍ଛେଦ ପ୍ରକ୍ରିୟା। କାହାକୁ ନୋଟିସ ନ ଦେଇ କେବଳ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଭଙ୍ଗା ଯାଉଥିବାରୁ ଦୋକାନୀ ମାନଙ୍କୁ ନିଜ ସାମଗ୍ରୀ ନେବାକୁ ସମୟ ମିଳୁ ନାହିଁ। ଫଳରେ କିଛି କରିବା ପୂର୍ବରୁ ବୁଲଡୋଜର ଆସି ଭାଙ୍ଗି ଦେଉଚି। ବିଗତ ୫୦ ବର୍ଷ ହେଲା ଥାନା ଛକ ପାଖେ ଥିବା କିଛି ବ୍ୟବସାୟୀ ଦୋକାନ କରି ପରିବାର ପୋଷଣ କରିଆସୁଥିଲେ। ହେଲେ ମାତ୍ର ୪୮ ଘଣ୍ଟାର ସମୟ ଦେଇ ରବିବାର ଦିନ ସମସ୍ତ ଦୋକାନକୁ ମାଟିରେ ମିଶାଇ ଦେଇଛି ଜିଲ୍ଲା ପ୍ରଶାସନ। ବହୁ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ଜିନିଷପତ୍ର ମାଟି ତଳେ ପୋତି ହୋଇ ଯାଇଚି। ଆଜି ସନ୍ଧ୍ୟାରେ ୫ ଶହରୁ ଊର୍ଦ୍ଧ୍ୱ ସଚେତନ ନାଗରିକ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରିଥିଲେ ସୁଦ୍ଧା କୌଣସି ପ୍ରକାର ସୁଫଳ ମିଳିନଥିଲା। ଯାହାକି ବ୍ୟବସାୟୀ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ନିପନ୍ ଦାଶ, ଲିପସିତ୍ ମିଶ୍ର, ହରଦିପ ସିଂ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ନିର୍ମଳ କର, ଜାପାନ ମହାପାତ୍ର, ଦିଲିପ ଅଗ୍ରୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବ୍ୟବସାୟୀ ଉପସ୍ଥିତ ଥିଲେ। ମଙ୍ଗଳବାର ସମସ୍ତ ବ୍ୟବସାୟୀ, ଜନସାଧାରଣଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ଆଉ ପରବର୍ତ୍ତୀ କାର୍ଯ୍ୟକ୍ରମ କଣ ନିଆଯିବ ସେ ଉପରେ ଆଲୋଚନା ହେବ ବୋଲି ଆଇନଜୀବୀ ଲିପ୍ସିତ ମିଶ୍ର କହିଛନ୍ତି।

## ଟାଟା ପାୱାର ପ୍ରତି ଜିଲ୍ଲା ପ୍ରଶାସନର ଅନୁକମ୍ପା କାହିଁକି

ବରଗଡ଼: ବରଗଡ଼ ସହରରେ ଏବେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଗାନ୍ଧୀ ଛକ ଠାରେ ଥିବା ଦୁଇ ମହଲା ବିଶିଷ୍ଟ ଟାଟା ପାୱାର ଅଫିସକୁ ଜିଲ୍ଲା ପ୍ରଶାସନର ଏତେ ଅନୁକମ୍ପା କାହିଁକି ବୋଲି ପ୍ରଶ୍ନ ଉଠିଛି। ଯୋଉଠି ୫୦ ବର୍ଷର ଦୋକାନ ଘରକୁ ୪୮ ଘଣ୍ଟା ଭିତରେ ଭାଙ୍ଗି ଦିଆଗଲା, ସେଠାରେ ଏକ ବର୍ଷ ମଧ୍ୟରେ ତିଆରି ହୋଇଥିବା ଟାଟା ପାୱାର ଅଫିସକୁ କେଉଁ ଆଧାରରେ ଏକ ମାସର ସମୟ ଦିଆଗଲା ବୋଲି ଲୋକେ କହିଛନ୍ତି। ଅଫିସ୍‌ର ଚାରିଆଡେ ଲାଲରଙ୍ଗରର ଚିହ୍ନ ଥିଲେ ବି ଜିଲ୍ଲା ପ୍ରଶାସନ ଛୁଇଁ ନ ଥିଲେ। ଏମିତି ପାତର ଅନ୍ତର ଯୋଗୁ ଜନ ସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।







# ପାର୍ବଣରେ ବାସି ଓ ଭେଜାଲ ଖାଦ୍ୟ ଚିନ୍ତା

**କଟକ, ୮।୯(ସମିସ)**

ଏବେ ଚାଲିଛି ପାର୍ବଣ ଋତୁ। ପାର୍ବଣ ପାଇଁ ସାରା ରାଜ୍ୟ ହେଲାଣି ଉତ୍ସବ ମୁଖର। ଗଣେଶ ପୂଜାରୁ ଆରମ୍ଭ ହୋଇ କାର୍ତ୍ତିକେଶ୍ୱର ପୂଜାରେ ସରୁଥିବା ପାର୍ବଣ ଋତୁରେ ରାସ୍ତା କଡରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ପସରା ଖୋଲିଥାଏ। ହେଲେ ଏହି ସମୟରେ ବିଭିନ୍ନ ସ୍ଥାନରେ ଭେଜାଲ ତଥା ଅପମିଶ୍ରିତ ଖାଦ୍ୟ ନମୂନା ଯାଞ୍ଚ ପାଇଁ ନାହିଁ ଆବଶ୍ୟକ ଭିତ୍ତିଭୂମି। ଖାଦ୍ୟ ସୁରକ୍ଷା ବିଭାଗର ଚଢଉ ବେଳେ ନମୂନାର ତ୍ୱରିତ ପରୀକ୍ଷା ନିମନ୍ତେ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରୋଟାରୀ (ଭ୍ରାମ୍ୟମାଣ ପରକ୍ଷାଗାର) ମାତ୍ର ଗୋଟିଏ ରହିଛି। ଫଳରେ ବିଭିନ୍ନ ସମୟରେ ଅପମିଶ୍ରିତ ଖାଦ୍ୟ ଯାଞ୍ଚ ପ୍ରକ୍ରିୟା ସଠିକ ଢଙ୍ଗରେ ସମ୍ପାଦନ ହୋଇପାରୁ ନାହିଁ। ହାଇକୋର୍ଟ ମଧ୍ୟ କଟକ ମହାନଗର ନିଗମ ପାଇଁ ସ୍ଥାୟୀ ଭ୍ରାମ୍ୟମାଣ ପରୀକ୍ଷାଗାରର ଉପଲବ୍ଧତା ଉପରେ ରିପୋର୍ଟ ତଲବ କରିଥିଲେ। ସମଗ୍ର ରାଜ୍ୟ ପାଇଁ କେବଳ ଗୋଟିଏ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ଭୁବନେଶ୍ୱର ମହାନଗର ନିଗମ ପାଇଁ ଉପଲବ୍ଧ ଥିବା ନେଇ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ମଧ୍ୟ ହାଇକୋର୍ଟରେ ଜବାବ ରଖିଥିବା ଜଣାପଡ଼ିଛି।

**ନମୂନା ଯାଞ୍ଚ ହେବ କେମିତି?**
**ରାଜ୍ୟର ୩୦ ଜିଲ୍ଲା ପାଇଁ ମାତ୍ର ଗୋଟିଏ ଭ୍ରାମ୍ୟମାଣ ପରୀକ୍ଷାଗାର**

ଯେଉଁ ପରୀକ୍ଷାଗାର ରାଜ୍ୟର ୩୦ଟି ଜିଲ୍ଲା ଏବଂ ୬ଟି ୟୁଏଲବି ପାଇଁ ପାର୍ବଣ ଋତୁରେ ସେବା ଯୋଗାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ଯେ, ଏଫଏସଏସଏଆଇ ନୂଆଦିଲ୍ଲୀ ସହଯୋଗରେ ୧୩ଟି ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର କ୍ରୟ ପାଇଁ ଏକ ପ୍ରସ୍ତାବ ଦିଆଯାଇଛି। ବୈଷୟିକ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ଏଗୁଡିକ କ୍ରୟ କରାଯିବା ପରେ ଏମଓୟୁ କାର୍ଯ୍ୟ ଯୋଜନା ଅଧୀନରେ ନିୟୋଜିତ କରାଯିବ। ତଦନୁସାରେ, କଟକ ମହାନଗର ନିଗମ ଏବଂ କଟକ ଜିଲ୍ଲା ପାଇଁ ଗୋଟିଏ ସ୍ଥାୟୀ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ଉପଲବ୍ଧ ହୋଇପାରିବ ବୋଲି ଜଣାପଡ଼ିଛି। ଅନ୍ୟପଟରେ ପୂଜା ଋତୁରେ ଏକ ସ୍ଥାୟୀ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ଉପଲବ୍ଧତା ସମ୍ପର୍କରେ ଖାଦ୍ୟ ସୁରକ୍ଷା କମିଶନରଙ୍କୁ ସିଏମସି ପକ୍ଷରୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଅନେକ ସମୟରେ ଉଠାଦୋକାନୀଙ୍କ ଉପରେ ମହାନଗର ନିଗମ ଓ ପୌରସଂସ୍ଥା ଗୁଡିକ ଚଢଉ କରୁଥିବା ବେଳେ ନାମୀଦାମୀ ହୋଟେଲ ଓ ରେଷ୍ଟୁରାଣ୍ଟରେ ଭେଜାଲ ତଥା ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ରାସ୍ତାଘାଟ କଡରେ ବସୁଥିବା ଉଠାଦୋକାନୀ ତଥା ଦହିବରା ଆଳୁଦମ, ଗୁପଚୁପ, ଚାଟ ଓ ଫାଷ୍ଟଫୁଡ ଦୋକାନ ଉପରେ ଦେଖାଣିଆ ଚଢଉ କରାଯାଉଥିଲା ବେଳେ ଏଥିରୁ କିନ୍ତୁ ବଡ ବଡ ପ୍ରତିଷ୍ଠାନ ଗୁଡିକ ବର୍ତ୍ତିଯାଉଛନ୍ତି। ବିଗତ ଦିନରେ ଫୁଡ ସେଫ୍ଟି ଅନ ହୁଇଲ ଅଭିଯାନ ଆରମ୍ଭ କରାଯାଇ ସହରାଞ୍ଚଳରେ ହୋଟେଲ ଓ ରେଷ୍ଟୁରାଣ୍ଟକୁ ନୋଟିସ ଜାରି କରାଯାଇଆସୁଥିଲା ହେଲେ ଏବେ ଏହା ସ୍ଥାଣୁ ପାଲଟିଯାଇଛି। ସବୁ ବ୍ୟବସାୟ ପ୍ରତିଷ୍ଠାନ ଫୁଡ ଲାଇସେନ୍ସ ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁସାରେ ଏହାକୁ କାର୍ଯ୍ୟକାରୀ କରାଯାଉଥିବା କୁହାଯାଉଛି।

# କମିଶନରଙ୍କ ସହ ଆଲୋଚନା କଲେ କର୍ପୋରେଟର



**କଟକ, ୮।୯(ସମିସ):** କଟକ ମହାନଗର ନିଗମର ୫୭ନଂ ୱାର୍ଡରେ ଥିବା ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ସିଏମସି ଆୟୁକ୍ତ କିରଣଦୀପ କୌର ସହୋତାଙ୍କ ସହ ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ଆଲୋଚନା କରିଛନ୍ତି। ୱାର୍ଡ ପରିଦର୍ଶନ ସମୟରେ ଅଞ୍ଚଳବାସୀଙ୍କ ସହ ଉପସ୍ଥିତ ରହି ୱାର୍ଡର ବିଭିନ୍ନ ମୌଳିକ ସମସ୍ୟା ଯଥା ବେଆଇନ୍ ଜବରଦଖଲ ଯୋଗୁଁ ଦୀର୍ଘ ଦିନ ବନ୍ଦ ହୋଇପଡ଼ି ରହିଥିବା ପାର୍କ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ କରିବାକୁ କମିଶନରଙ୍କୁ କହିଥିଲେ। ଗୋପାଳପୁର ଶ୍ମଶାନ କାର୍ଯ୍ୟ ସମୟ ସୀମା ଶେଷ ହୋଇଥିଲେ ମଧ୍ୟ ଶ୍ମଶାନ କାର୍ଯ୍ୟ ବିଳମ୍ବ ହେଉଥିବାର ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଏଥିସହ ୱାର୍ଡର ସବୁଠାରୁ ବଡ ସମସ୍ୟା ବର୍ଷାଜଳ ନିଷ୍କାସନର ସ୍ଥାୟୀ ସମାଧାନ ନିମନ୍ତେ ୱାର୍ଡର ଗୋପାଳପୁର ଏବଂ ଶ୍ରୀକୋରୁଆଁ ମୌଜାରେ ସ୍ଥାୟୀ ମୋଟର ପମ୍ପ ବ୍ୟବସ୍ଥା ସହ ପମ୍ପ ହାଉସ୍ ଘର ନିର୍ମାଣ କରିବା ଏବଂ ୱାର୍ଡରେ ଥିବା ଦୀର୍ଘ ଦିନ ବନ୍ଦ ହୋଇପଡ଼ି ରହିଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ୱାର୍ଡବାସୀଙ୍କ ହିତ ପାଇଁ ଚାଲୁ କରିବା ନିମନ୍ତେ ଅବଗତ କରାଇବା ସହ ଅନ୍ୟ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀଙ୍କ ସହ ୱାର୍ଡ ବରିଷ୍ଠ ନାଗରିକ ତଥା ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ତୁଷାରକାନ୍ତ ସ୍ୱାଇଁ, ରଞ୍ଜନ ପାଲ, ଦିନବନ୍ଧୁ ସ୍ୱାଇଁ, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ଆଦିକନ୍ଦ ଲେଙ୍କା, ଶିବସୁନ୍ଦର ଲେଙ୍କା, ଲଳିତ ଦାସ, ଦେବାଶିଷ ଦାସ, ସମେତ ଅନେକ ଉପସ୍ଥିତ ରହିଥିଲେ।

# ୧୦ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**କଟକ, ୮।୯(ସମିସ):** ଚଳିତ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସରସ ସୁନ୍ଦର ଭାବେ ପାଳନ କରିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୦ ତାରିଖ ବୁଧବାର ଦିନ ସହିଦ ଭବନଠାରେ ଜିଲ୍ଲାପାଳ ତଥା ମହାନଗର ପୂଜା କମିଟି ସଭାପତି ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ଅପରାହ୍ନ ୪ ଘଟିକା ସମୟରେ ସହରାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଗ୍ରାମାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ଅପରାହ୍ନ ୪ଟା ସମୟରେ ସହରାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶାସନିକ ପ୍ରସ୍ତୁତି ନେଇ ବୈଠକରେ ସମୀକ୍ଷା କରାଯିବ। ଏତଦ୍ବ୍ୟତୀତ ବିଭିନ୍ନ ପୂଜା କମିଟି ଦ୍ୱାରା ଅନୁଭୂତ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନେଇ କାର୍ଯ୍ୟସୂଚୀ ରହିଛି।

# ମାଲଗୋଦାମ ଥାନା ପୁଲିସର ଅପରେସନ 'ପ୍ରହାର'

**କଟକ, ୮।୯(ସମିସ):** ମାଲଗୋଦାମ ଥାନା ପକ୍ଷରୁ ଅପରେସନ ପ୍ରହାର ଅଭିଯାନରେ ବେଆଇନ ତମ୍ବାଖୁ ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜି ପୁଲିସ ଓ ସିଏମସିର ଏନଫୋର୍ସମେଣ୍ଟ ଟିମ ମିଳିତ ଭାବେ ଯୋବ୍ରା, କଲେଜଛକ, ସିଡିଏ ମାର୍କେଟ ଏବଂ ରେଳ ଷ୍ଟେସନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅତର୍କିତ ଚଢଉ କରିଥିଲା। ଯାଞ୍ଚ ସମୟରେ ଅନେକ ଦୋକାନରୁ ବିପୁଳ ପରିମାଣର ବିଭିନ୍ନ ପ୍ରକାର ସିଗାରେଟ, ଗୁଟଖା, ପାନ ମସଲା, ଖଇନି ଭଳି ତମ୍ବାଖୁଜାତ ଦ୍ରବ୍ୟ ଜବତ ହୋଇଛି। ଏହି ଘଟଣାରେ କେତେକ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ଧରପଗଡ଼ ଦେଖି କିଛି ଦୋକାନୀ ଆଗୁଆ ଦୋକାନ ବନ୍ଦ କରିଦେଇଥିଲେ। ତେବେ ପୁଲିସ ସମସ୍ତ ଦୋକାନୀଙ୍କୁ ବେଆଇନ କାର୍ଯ୍ୟକୁ ନେଇ ତାଗିଦ କରିଛି। ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଥାନା ଅଧିକାରୀ ରଜନୀକାନ୍ତ ଦାସ ଓ ଅନ୍ୟମାନେ ଚଢଉରେ ସାମିଲ ହୋଇଥିଲେ।

# ଦୁର୍ଗାପୂଜା ନିମନ୍ତେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆଉ ଗୋଟିଏ ଦିନ ବୃଦ୍ଧି

**କଟକ, ୮।୯(ସମିସ):** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ବିଭିନ୍ନ ପୂଜା କମିଟିର ଅନୁରୋଧ ଅନୁଯାୟୀ, ସିଙ୍ଗଲ୍ ୱିଣ୍ଡୋର କାର୍ଯ୍ୟକାଳ ଅତିରିକ୍ତ ଦୁଇ ଦିନ ପାଇଁ, ଅର୍ଥାତ୍ ୮ ଏବଂ ୯ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବାରବାଟୀ ଷ୍ଟାଡିୟମର ବାରବାଟୀ ପ୍ୟାଲେସରେ ମଙ୍ଗଳବାର ୯ ତାରିଖ ମଧ୍ୟ ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ। ଏହା ପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ପୂଜା ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ ସଂଯୋଗ, ବୈଦ୍ୟୁତିକ ଗେଟଗୁଡ଼ିକର ସଠିକ୍ ନିର୍ମାଣ, ପୂଜା ମଣ୍ଡପ ଏବଂ ତୋରଣ ନିର୍ମାଣ ଆଦି ନିମନ୍ତେ ଜିଲ୍ଲାର ସମସ୍ତ ପୂଜାମଣ୍ଡପ ଏନଓସି ହାସଲ କରିବା ବାଧ୍ୟତାମୂଳକ କରାଯାଇଛି।

# ରାସନ କାର୍ଡ ଇ-କେୱାଇସି କରିନାହାନ୍ତି ଜିଲ୍ଲାର ୯୩ ହଜାର ଉପଭୋକ୍ତା

**କଟକ, ୮।୯(ସମିସ):** ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକରେ ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟା ୯ମାସ ଧରି ଚାଲିଥିବା ବେଳେ ଏବେ ବି ପ୍ରାୟ ୯୩ ହଜାର ୩୬୫ ଜଣ ଉପଭୋକ୍ତା ସେମାନଙ୍କ ଅଞ୍ଚଳରେ ନିଯୁକ୍ତି ଥିବା ଡିଲରଙ୍କ ମାଧ୍ୟମରେ ଇକେୱାଇସି ଦାଖଲ କରି ପାରିନାହାନ୍ତି। ଅନେକ ପଡ଼ିକାର୍ଡଧାରୀ ପରିବାର ସଦସ୍ୟ ବାହାରେ ରହିଥିବା ହେତୁ ସେମାନଙ୍କ ଇ-କେୱାଇସି ସମ୍ଭବ ହୋଇନାହିଁ। ପ୍ରଥମେ ୩ ମାସ ପରେ ୬ ମାସ ଓ ୯ ମାସ ଅବଧି ବୃଦ୍ଧି କରିଥିଲେ ହେଁ ବହୁ ହିତାଧିକାରୀ କାର୍ଡରୁ ବାଦ ପଡ଼ିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଯୋଗାଣ ବିଭାଗ ପକ୍ଷରୁ ୫ ଲକ୍ଷ ୧୧ ହଜାର ୫୫୮ ଟି ରେସନ କାର୍ଡ ଦିଆଯାଇ ୧୭ ଲକ୍ଷ ୫୩ ହଜାର ୪୯ ଜଣଙ୍କୁ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ହେଲେ କାର୍ଡ ଯାଞ୍ଚ ପରେ ବହୁ ହିତାଧିକାରୀ କାର୍ଡରୁ କଟିଥିବାବେଳେ ଏବେ ସୁଦ୍ଧା ୯୩ ହଜାର ହିତାଧିକାରୀ ସେମାନଙ୍କର ଇ-କେୱାଇସି ଦାଖଲ କରି ନ ଥିବା ଜଣାପଡ଼ିଛି।

# ଓଡ଼ିଶା ତୀରନ୍ଦାଜ ସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ




**କଟକ, ୮।୯(ସମିସ):** ଓଡ଼ିଶା ତୀରନ୍ଦାଜ ସଂଘର ବାର୍ଷିକ ଅଧିବେଶନ ଆଜି ବାରବାଟୀ ଷ୍ଟାଡିୟମ୍ ସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଂଘର ଉପସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ୨୦୨୫-୨୯ ତଥା ଚାରି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ପୁନର୍ବାର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ନବୀନ ଚନ୍ଦ୍ର ନାରାୟଣ ଦାସ, ରବି ପଟ୍ଟନାୟକ, ବଟକୃଷ୍ଣ ମିଶ୍ର, ଡାକ୍ତର ଜନାର୍ଦ୍ଦନ ଦାସ ଓ ସୁନିଲ କୁମାର ବେହେରା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପୂର୍ଣ୍ଣାନନ୍ଦ ଦାସ ସମ୍ପାଦକ ଭାବରେ, ଆଶିଷ କୁମାର ଦୀପ, ରୁଦ୍ରକେଷ ଜେନା, ଅର୍ଜୁନ କୁଅଁର, କିଶୋର ଦେହୁରୀ ଯୁଗ୍ମ ସମ୍ପାଦକ, ସୁରଜିତ ସିଂ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ଶ୍ରଦ୍ଧାନନ୍ଦ ଦାସ, ସରୋଜ କୁମାର ସିଂ, ଅକ୍ଷୟ ପ୍ରସାଦ ମହାନ୍ତି, ଦୁର୍ଗାପ୍ରସାଦ ପଟ୍ଟନାୟକ, ଜିତେନ୍ଦ୍ର ନାଥ, ଟିକିଲି ମହାକୁଡ ଏବଂ ସମୀକ୍ଷାନନ୍ଦ ଦାସ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଜେଠି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଅଧିବେଶନରେ ସଂଘର ସାଂଗଠନିକ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ ଏବଂ ଓଡ଼ିଶା ସରକାରଙ୍କର କ୍ରୀଡା ବିଭାଗର ଅଧିକାରୀ ଅଜୟ ବେହେରା ସଂଘର ସଦସ୍ୟ ଭାବେ ଯୋଗଦେଇଥିଲେ।

# ୭୫ କୋଟି ଟଙ୍କାରେ ନିର୍ମାଣ ହେବ ୩ଟି ନୂଆ ବ୍ରିଜ୍ ଓ ୬ଟି ରାସ୍ତା

**କଟକ, ୮।୯(ସମିସ):** ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗକୁ ଚଳିତ ଆର୍ଥିକ ବର୍ଷରେ ସରକାର ୭୫ କୋଟି ୩୦ ଲକ୍ଷ ଟଙ୍କା ଆର୍ଥିକ ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିନିଯୋଗରେ କଟକ ଜିଲ୍ଲାରେ ତିନିଟି ସେତୁ ଓ ୬ଟି ରାସ୍ତା ନିର୍ମାଣ କରାଯିବ। ବାରାହୀପୁର -ଛେଡା ରାସ୍ତାରେ ତେଲଯୋଡ ନାଳରେ ଏକ ନୂତନ ବ୍ରିଜ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଏଥିପାଇଁ ବିଭାଗକୁ ୩୧ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର ମିଳିଛି। ସେହିପରି କଟକ ଡିଭିଜନ -୨ ଅଧୀନରେ ଜାନତରିଆ-ଗୋପାଳପୁର ରାସ୍ତାର ନାଳରେ ଗୋଟିଏ ଓ ମାଣପୁର ରାସ୍ତାର କଜଳଗଣ୍ଡା ନାଳରେ ଆଉ ଏକ ବ୍ରିଜ ନିର୍ମାଣ କରାଯିବ। ୪ଟି ନୂଆ ରାସ୍ତା ଓ ଏକ ଜୁଡ଼ିସିଆଲ କୋଠାର ନିର୍ମାଣ ଯୋଜନା ରହିଛି। ଅପରପକ୍ଷେ କଟକ ସର୍କଲ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାରେ ମଧ୍ୟ ୨ଟି ନୂତନ ରାସ୍ତା ସହିତ ୩ଟି ନୂଆ ପୋଲ ସେତୁବନ୍ଧ ଯୋଜନାରେ ନିର୍ମାଣ କରାଯିବ। ଏଥିପାଇଁ ୧୬ କୋଟି ୮୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

# ଏସ୍‌ସିବିରେ ନବଦୀକ୍ଷା କାର୍ଯ୍ୟକ୍ରମ

**କଟକ, ୮।୯(ସମିସ):** ଏସସିବି ମେଡିକାଲ କଲେଜର ଡାକ୍ତରମାନେ ରୋଗୀ ଚିକିତ୍ସା ପ୍ରଣାଳୀ ସହ ନୂତନ ଗବେଷଣା କରି ରାଜ୍ୟ ପାଇଁ ଗର୍ବ ଆଣନ୍ତୁ। ଭଗବାନଙ୍କ ଦ୍ୱିତୀୟ ସ୍ୱରୂପ ଭାବେ ଜୀବନ ରକ୍ଷା କରିବା ଦିଗରେ ଡାକ୍ତରମାନଙ୍କ ଅବଦାନ ଅନ୍ୟମାନଙ୍କ ପାଇଁ ନୂଆ ଉଦାହରଣ ସୃଷ୍ଟି କରୁ। ଏସ୍‌ସିବି ମେଡିକାଲ କଲେଜର ଜୁନିଅର ଡାକ୍ତର ଆସୋସିଏସନ, ଆଇଏମ୍ଏ ଓ ଜେଡିଏନ୍‌ର ମିଳିତ ଆନୁକୂଲ୍ୟରେ ଆଜି ନୂତନ ଅଡିଟୋରିଆମଠାରେ ଆୟୋଜିତ ନୂତନ ପିଜି ଛାତ୍ରଛାତ୍ରୀଙ୍କ ସ୍ୱାଗତୋତ୍ସବ 'ନବଦୀକ୍ଷା' କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହା କହିଛନ୍ତି। ନୂତନ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଶ୍ରୀମତୀ ପାଢ଼ୀ ଶତାବ୍ଦୀରେ ଶ୍ରେଷ୍ଠ ଓଡ଼ିଶା ଓ ଭାରତ ଗଠନ ପାଇଁ ମନରେ ଥିବା ଉତ୍ସାହକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନେ ମିଳିତ ଉଦ୍ୟମରେ ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ଗବେଷଣା ପାଇଁ ନିଜକୁ ପ୍ରେରିତ କରିବାକୁ ସେ କହିଥିଲେ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ନୂତନ ପିଜି ଛାତ୍ରଛାତ୍ରୀଙ୍କୁ ଚରକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା. ମନୋରଞ୍ଜନ ଦାସ, ଡା. ଜୟନ୍ତ କୁମାର ପଣ୍ଡା, ଡା. ଜ୍ୟୋତିର୍ମୟ ନାୟକ ଯୋଗ ଦେଇଥିଲେ। ମେଡିକାଲ କଲେଜର ଅଧକ୍ଷା ପ୍ରଫେସର ଡା. ଲୁସି ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଚସ୍ପତି ସହକାରୀ ପ୍ରଧାପକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜେଡିଏ ସଭାପତି ଡା. ଚିନ୍ମୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦୋକାନୀଙ୍କ ମଧ୍ୟରେ ମାର୍‌ପିଟ୍

**କଟକ, ୮।୯(ସମିସ):** ଦରଘାବଜାର ଥାନା ଅଞ୍ଚଳରେ ସାମାନ୍ୟ କଥାକୁ କେନ୍ଦ୍ର କରି ୨ ଦୋକାନୀଙ୍କ ଭିତରେ ମାର୍‌ପିଟ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଘଟଣା ନେଇ ଥାନାରେ ଏତଲା ହୋଇଛି।

ସୂଚନା ଅନୁସାରେ, ଦରଘାବଜାର ଥାନା ନିକଟ ମାର୍କେଟରେ ରାଜରାଜ ବେହେରା ଏକ ଚାହା ଦୋକାନ କରିଛନ୍ତି। ତାଙ୍କ ଦୋକାନ ପାଖକୁ ଏକ ଫୁଲ ଦୋକାନ ରହିଛି। ରବିବାର ରାତି ପ୍ରାୟ ୯ଟା ବେଳେ ଉଭୟ ଦୋକାନୀଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ଯୁକ୍ତିତର୍କ ବଢ଼ିବା ପରେ ଉଭୟ ହାତାହାତି ହୋଇଥିଲେ। ଏହି ସମୟରେ ଫୁଲ ଦୋକାନୀ ଓ ତାଙ୍କର ଭାଇମାନେ ମିଶି ରାଜଙ୍କୁ ମାଡ ମାରିଥିଲେ। ଏଥିରେ ରାଜଙ୍କ ମୁଣ୍ଡରେ ଆଘାତ ଲାଗିଛି। ଘଟଣା ପରେ ତାଙ୍କୁ ସଂଗେ ସଂଗେ ମେଡିକାଲ ପଠାଯାଇଥିଲା। ଏନେଇ ରାଜଙ୍କ ପକ୍ଷରୁ ତାଙ୍କ ମାଆ ନମିତା ବେହେରା ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଆଧାରରେ ପୁଲିସ ରାକେଶ ବେହେରା, ରାଜେଶ ବେହେରା, ରମେଶ ବେହେରା ଓ ପବନ ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

ଆସୁଛନ୍ତି ମାଆ



# ଆକର୍ଷଣ ପାଲଟିବ 'ହାଇଦ୍ରାବାଦ ପ୍ୟାଲେସ୍'

## ମାଲଗୋଦାମ ପୂଜା କମିଟି




**କଟକ, ୮।୯(ସମିସ)**

ରୌପ୍ୟ ନଗରୀରେ ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡ଼ିର ଉତ୍ତାଳ ଜଳରାଶିରେ ଖେଳିଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକା ଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ମା'ଙ୍କ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ହୋଇ ସାରିଛି। ଏପଟେ ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ।

ରାଜ୍ୟର ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକର ମାଲଗୋଦାମ। ପ୍ରାୟ ଛଅ ଦଶନ୍ଧି ଧରି ଏଠାରେ ଦୁର୍ଗା ପୂଜା ପାଳନ ହୋଇଆସୁଛି। ଚଳିତଥର ମାଲଗୋଦାମ ପୂଜା କମିଟି ହାଇଦ୍ରାବାଦ ପ୍ୟାଲେସ ଆକୃତିର ତୋରଣ ନିର୍ମାଣ କରିବ। କଟକି କାରୀଗରଙ୍କ ଦ୍ୱାରା ୪୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ଆକର୍ଷଣୀୟ ତୋରଣ ନିର୍ମାଣ ଆରମ୍ଭ ହୋଇସାରିଲାଣି। ଦଶହରା ପାଇଁ ପ୍ରସ୍ତୁତି ଏକରକମର ଜୋରଦାର ଚାଲିଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

ଦୁର୍ଗାପୂଜାକୁ ଆଉ ହାତଗଣତି ଦିନ ବାକି। ଏଥିପାଇଁ ଏବେ ଠାରୁ ଚଳଚଞ୍ଚଳ ହୋଇ ଉଠିଲାଣି କଟକନଗରୀ। ପୂଜା ମଣ୍ଡପରେ ପୂଜା ପାଇବେ ଜଗତଜନନୀ ମା'ଦୁର୍ଗା। ଦଶହରାରେ ମା'ଦୁର୍ଗାଙ୍କ ସହ କେତୋଟି ପୂଜା ମଣ୍ଡପରେ ମହାଦେବ ପୂଜା ପାଇଥାନ୍ତି। ମାଲଗୋଦାମ ପୂଜା ମଣ୍ଡପରେ ଦୈତ ଜଳନ୍ଧରକୁ ବଧ କରୁଥିବା ରୂପରେ ମହାଦେବଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେଉଛି। ବିଡାନାସୀର ଶିଳ୍ପୀ ସୁବାଷ ବେହେରା ମୂର୍ତ୍ତି କାର୍ଯ୍ୟ କରୁଥିବା ବେଳେ କାଠଗଡ଼ା ସାହିର କାରୀଗର ସୂର୍ଯ୍ୟ ନାରାୟଣ ପରିଡ଼ା ମେଢ଼ ତିଆରି କରୁଛନ୍ତି। ରବି ଆଡଭାଟାଇଜରକୁ ତୋରଣ ଏବଂ ସୁବୋଧ ସିଂହଙ୍କୁ ଇଲେକ୍ଟ୍ରି ଗେଟ୍ ସାଜସଜ୍ଜା ଦାୟିତ୍ୱ ଦିଆଯାଇଛି। ତେବେ ପ୍ରତ୍ୟେକବର୍ଷ କିଛି ନୂତନତ୍ୱ ଆଣିବା ପ୍ରକ୍ରିୟା ଭିତରେ ଏଥର ମାଲଗୋଦାମ ପୂଜା କମିଟି ହାଇଦ୍ରାବାଦ ପ୍ୟାଲେସ ଭଳି ଦିଶୁଥିବା ତୋରଣ ନିର୍ମାଣ କରିବ। ଚଳିତଥର ପୂଜା ବଜେଟ ୨୫ଲକ୍ଷ ଟଙ୍କା ରଖାଯାଇଛି। ମହାସପ୍ତମୀ ତିଥୀରେ ପ୍ରାୟ ୧୦ କ୍ୱିଣ୍ଟାଲ ଲଡୁ ଭୋଗ ପ୍ରସ୍ତୁତ କରାଯାଇ ବଣ୍ଟନ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଦିନ ସମୟରେ ମହାଦେବଙ୍କୁ ଭସାଣି ଶୋଭାଯାତ୍ରାରେ ନେଇ ପାଣିରେ ବିସର୍ଜନ କରାଯାଇଥାଏ। ଏକାଦଶୀ ଦିନ ପ୍ରାୟ ୩ଟାରେ ଶୋଭାଯାତ୍ରା ଶେଷ ହେବ। ପୁଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବ।

-ଧର୍ମାନନ୍ଦ ପାତ୍ର, ସଭାପତି

### ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବ ନାହିଁ



ପୂଜା କମିଟି ପକ୍ଷରୁ ପୂଜାକୁ ସମ୍ପୂର୍ଣ୍ଣ ଭାବେ ଶୃଙ୍ଖଳିତ ଢ଼ଙ୍ଗରେ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକବର୍ଷ ଏଠାରେ ବେଶ ଭିଡ଼ ଜମିଥାଏ। ତାହାକୁ ନଜରରେ ରଖି ସମସ୍ତ କର୍ମକର୍ତ୍ତା ଭିଡ଼ ନିୟନ୍ତ୍ରଣ କରିବା ନେଇ ସଜାଗ ରହିବେ। କୌଣସି ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବା ନାହିଁ।

-ପ୍ରଫୁଲ୍ଲ କୁମାର ଛାଟୋଇ, ସାଧାରଣ ସମ୍ପାଦକ